# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୭/୨୦୧୮ (୨୦ ପୃଷ୍ଠା) | Balasore, Friday, September 7 / 2018 | ★★★★

୪୪ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ**

ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ସର୍ବୋତ୍ତମ ଦକ୍ଷତା ଲାଗି ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ।

୦୭

୧୯

**ବିଶ୍ୱରେକର୍ଡ କଲେ ସୌରଭ**

ଭାରତର ସୌରଭ ଚୌଧାରୀ ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ବିଶ୍ୱ ରେକର୍ଡ କରିଛନ୍ତି।



■ ଆଗୁଆ ନିର୍ବାଚନ ପାଇଁ ବାଟ ଫିଟାଇଲେ କେସିଆର୍

## ଭଙ୍ଗହେଲା ତେଲେଙ୍ଗାନା ବିଧାନସଭା

ହାଇଦ୍ରାବାଦ,୬।୯(ପି.ଟି.)

ଯାହା ଅନୁମାନ କରାଯାଉଥିଲା ଶେଷରେ ତାହା ହେଲା। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ରାଜ୍ୟ ବିଧାନସଭାକୁ ଭଙ୍ଗ କରାଇବା ପାଇଁ ସୁପାରିସ କରିଛନ୍ତି। ସେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହନଙ୍କୁ ଭେଟି କ୍ୟାବିନେଟର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟପାଳ ଉକ୍ତ ସୁପାରିସକୁ ଗ୍ରହଣ କରିବା ପରେ ତେଲେଙ୍ଗାନାରେ ଆଗୁଆ ନିର୍ବାଚନର ପଥ ଉନ୍ମୁକ୍ତ ହୋଇଛି। ପୁନଃ କ୍ଷମତାସୀନ ହେବା ପାଇଁ କେସିଆର୍‌ଙ୍କ ଏହି ପଦକ୍ଷେପକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୭ ମାସ ବାକି ଥିବାବେଳେ ଦେଶରେ ନିର୍ବାଚନୀ ମାହୋଲ ସୃଷ୍ଟି କରିଛି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ କେସିଆର୍‌ଙ୍କ ମାଷ୍ଟରଷ୍ଟ୍ରୋକ୍। ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡ଼ିକୁ ନେଇ ସଂଘୀୟ ସାମ୍ମୁଖ୍ୟ ଗଠନର ମଙ୍ଗ ଧରିଥିବା କେସିଆର୍ ଗୁରୁବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟରେ ଅଧ୍ୟକ୍ଷତା କରି ନେଇଛନ୍ତି ବଡ଼ ନିଷ୍ପତ୍ତି। ତେଲେଙ୍ଗାନରେ ଲୋକ ସଭା ନିର୍ବାଚନ ସହ ବିଧାନସଭା ଭୋଟ ହେବାକୁ ଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ କରାଇବାକୁ କ୍ୟାବିନେଟରେ ଏକ ସଂକଳ୍ପନାମା ଗୃହୀତ ହୋଇଛି।



ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗୁରୁବାର ରାଜ୍ୟପାଳ ଇଏସ୍ଏଲ୍ ନରସିଂହନ୍‌ଙ୍କୁ ଭେଟି ସଂକଳ୍ପନାମା ପ୍ରଦାନ କରୁଛନ୍ତି।

ଏହାର କିଛି ସମୟ ପରେ ମୁଖ୍ୟମନ୍ତ୍ରୀ କେସିଆର୍ ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ସଂକଳ୍ପନାମା ପ୍ରଦାନ କରିଛନ୍ତି। ରାଜ୍ୟପାଳ କ୍ୟାବିନେଟ ସୁପାରିସ ଗ୍ରହଣ କରିବା ସହ ବିଧାନସଭାକୁ ଭଙ୍ଗ କରିଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସଦସ୍ୟଙ୍କୁ କାମଚଳା ସରକାର ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କେସିଆର୍ ଏଥିରେ ସହମତି ପ୍ରକାଶ କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ☞ପୃଷ୍ଠା–୪

## ବିପଦସଙ୍କେତ ଉପରେ ବୈତରଣୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

**ବର୍ଷା ବିପ୍ଳାବ**

- ଫୁଲୁଛି ସୁବର୍ଣ୍ଣରେଖା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଅବପାତ ରୂପ ନେଲା ଲଘୁଚାପ
- ୨୪ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

ଲଘୁଚାପ ଯୋଗୁ ଗୁରୁବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଏହି ନଦୀର ଆଖୁଆପଦାଠାରେ ବନ୍ୟାଜଳ ବିପଦସଙ୍କେତ ଉପରକୁ ଉଠି ଯାଇଛି। ଏଠାରେ ବିପଦସଙ୍କେତ ସ୍ତର ୧୭.୯୩ ମିଟର ଥିବା ବେଳେ ଗୁରୁବାର ରାତି ସୁଦ୍ଧା ଏହା ୧୭.୯୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରକୁ ବନ୍ୟା ପାଣି ଅତିକ୍ରମ କରି ନ ଥିଲେ ମଧ୍ୟ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ☞ପୃଷ୍ଠା–୪

■ ଦଫା ୩୭୭: ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଅପରାଧ ନୁହେଁ ସମଲିଙ୍ଗୀ ସମ୍ପର୍କ

ନୂଆଦିଲ୍ଲୀ,୬।୯(ପି.ଟି.)

**ସ୍ପଷ୍ଟକଲେ ସାମ୍ବିଧାନିକ ପୀଠ**



- ଯୌନ ଆକାଂକ୍ଷା ଏକ ପ୍ରାକୃତିକ 'ଜୈବିକ ଆଗ୍ରହ'
- ସମାନତା ଅଧିକାରକୁ ଉଲ୍ଲଂଘନ କରୁଛି ଦଫା ୩୭୭
- ଅନ୍ୟ ନାଗରିକମାନଙ୍କ ଭଳି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ
- ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାର ପୂର୍ବଭଳି ଅପରାଧ ବିବେଚିତ ହେବ

ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ଭାବେ ପରିଗଣିତ ହେବନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ଏଥିସହ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ର ଦଫା ୩୭୭କୁ ସର୍ବୋଚ୍ଚ ଅଦାଲତ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ଭାବେ ଅଭିହିତ କରି ଅପରାଧମୁକ୍ତ କରିଛନ୍ତି। ଏହି ୧୫୮ ବର୍ଷ ପୁରୁଣା ଆଇନ ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଯୁଗାନ୍ତକାରୀ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାକୁ ନେଇ ସମଲିଙ୍ଗୀ ଗୋଷ୍ଠୀ ଦେଶର ବିଭିନ୍ନ ସ୍ଥାନରେ ଉତ୍ସବ ମନାଇବାରେ ଲାଗିଛନ୍ତି। ଏଥିସହ ଦଫା ୩୭୭କୁ ନେଇ ଚାଲିଥିବା ବିବାଦ ଓ ବିତର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

୧୮୬୦ ମସିହାରେ ପ୍ରଣୀତ ଆଇପିସିର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ ବୋଲି ବିବେଚନା କରାଯାଉଥିଲା। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡାଦେଶ ଓ ଜରିମାନାର ବିଧାନ କରାଯାଉଥିଲା। ଭିକ୍ଟୋରିଆ ଯୁଗୀୟ ଏହି ଆଇନକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିରୋଧ କରି ଦୀର୍ଘବର୍ଷ ଧରି ଆଇନଗତ ଲଢ଼େଇ ଜାରି ରଖିଥିଲେ। ଦଫା ୩୭୭କୁ ଚ୍ୟାଲେଞ୍ଜ କରି ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୧୭ରେ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହି ବହୁପ୍ରତୀକ୍ଷିତ ରାୟ ଗୁରୁବାର ପ୍ରକାଶ ପାଇଛି। ସାମ୍ବିଧାନିକ ପୀଠ ୪୯୩ ପୃଷ୍ଠାର ରାୟରେ କହିଛନ୍ତି, ଦେଶର ଅନ୍ୟ ନାଗରିକମାନଙ୍କ ଭଳି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ମଧ୍ୟ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ। ଯୌନ ଆକାଂକ୍ଷା ଏକ 'ଜୈବିକ ଆଗ୍ରହ' ଓ 'ପ୍ରାକୃତିକ'। ଏହି ପୃଷ୍ଠଭୂମିରେ କୌଣସି ପ୍ରକାର ଭେଦଭାବ ହେଉଛି ମୌଳିକ ଅଧିକାରର ଉଲ୍ଲଂଘନ। ଏକାନ୍ତରେ ବୟସ୍କଙ୍କ ସମ୍ପର୍କକୁ ଅପରାଧର ପର୍ଯ୍ୟାୟଭୁକ୍ତ କରୁଥିବା ଦଫା ୩୭୭ ସମ୍ବିଧାନର ଧାରା ୧୪,୧୫, ୧୯ ଓ ୨୧ର ବିରୁଦ୍ଧାଚରଣ। ତେବେ ଏଭଳି ସହମତି ନିଶ୍ଚିତ ଭାବେ ମୁକ୍ତ ଓ ସ୍ୱେଚ୍ଛାକୃତ ହେବା ଜରୁରୀ। ଚାପ ବା ବଳପ୍ରୟୋଗ ଯୋଗୁ ପ୍ରକାଶ ପାଇଥିବା ଇଚ୍ଛା ସହମତିର ପଦବାଚ୍ୟ ହେବନାହିଁ ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଅଦାଲତ ଆହୁରି କହିଛନ୍ତି ଯେ, ସାମାଜିକ ନୈତିକତା ଆଳରେ ନୈତିକତାକୁ ବଳି ପକାଯାଇପାରିବ ନାହିଁ। ପ୍ରଚଳିତ ଆଇନାନୁସାରେ କେବଳ ସାମ୍ବିଧାନିକ ନୈତିକତା ଗ୍ରହଣୀୟ। ଏଯାଏ ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀକୁ ହଇରାଣ କରିବା ପାଇଁ ଦଫା ୩୭୭କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ଏହି ଗୋଷ୍ଠୀର ସଦସ୍ୟ ଓ ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ବିଳମ୍ବ ହୋଇଛି। ସଦ୍ୟ ରାୟକୁ ନେଇ ପୁରୁଣା ମାମଲାଗୁଡ଼ିକ ପ୍ରଭାବିତ ହେବନାହିଁ। କିନ୍ତୁ ଅଦାଲତଗୁଡ଼ିକରେ ଗଡୁଥିବା ମାମଲାଗୁଡ଼ିକର ଅଭିଯୁକ୍ତମାନେ ଏହାଦ୍ୱାରା ଆଶ୍ୱସ୍ତି ପାଇବେ ବୋଲି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା କହିଛନ୍ତି। ସେହିପରି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଦଫା ୩୭୭ ଯୋଗୁ ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀର ସଦସ୍ୟମାନେ ଲୁଚିଛପି ଜୀବନ ବିତାଇବାକୁ ବାଧ୍ୟ ହେଉଥିଲେ। ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରାଯାଉଥିଲା, ଅଥଚ ଅନ୍ୟମାନେ ଯୌନ ଆଗ୍ରହ ଚରିତାର୍ଥ କରିବା ଅଧିକାରକୁ ଉପଭୋଗ କରୁଥିଲେ। ରାୟ ପରେ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଛି। ତେବେ ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାରକୁ ପୂର୍ବଭଳି ଅପରାଧ ବିବେଚନା କରାଯିବ। କେହି ମହିଳା କିମ୍ବା ପୁରୁଷ ଶିଶୁ ବା ଜୀବଜନ୍ତୁଙ୍କ ସହ ଅପ୍ରାକୃତିକ ଯୌନ ସମ୍ବନ୍ଧ ରକ୍ଷା କଲେ ଆଇନାନୁଯାୟୀ ଦଣ୍ଡିତ ହେବେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏ.ଏମ୍. ଖାନୱିଲକର ସଦସ୍ୟତା କରୁଥିବା ଏହି ସାମ୍ବିଧାନିକ ପୀଠ କହିଛନ୍ତି, ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ଏକ ପ୍ରାକୃତିକ ଆବେଗ। ତେଣୁ କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମା ସରହଦ ଟାଣିପାରିବ ନାହିଁ। ସେହିପରି ଏଭଳି ଯୌନ ସମ୍ପର୍କକୁ ନେଇ ରାଷ୍ଟ୍ର କାହାକୁ ଦଣ୍ଡିତ କରିପାରିବ ନାହିଁ। ୨୦୧୩ରେ ସୁରେଶ କୌଶଲ ମାମଲାରେ 'ସହମତି ଭିତ୍ତିରେ ଅପ୍ରାକୃତିକ ଯୌନ ସମ୍ପର୍କ'କୁ ଅପରାଧର ପୁନଃ ପର୍ଯ୍ୟାୟଭୁକ୍ତ କରିଥିବା ରାୟକୁ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ରଦ୍ଦ କରିଦେଇଛନ୍ତି।




■ ଆନ୍ଦୋଳନରତ ଶିକ୍ଷକଙ୍କୁ ଡରାଇଲେ ସରକାର

## ସ୍କୁଲରେ ଅନୁପସ୍ଥିତ ରହିଲେ ଦରମା କଟିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ପ୍ରଭାବ ପଡ଼ିବନି: ମିଳିତ ମଞ୍ଚ
- ସୋମବାରଠାରୁ ବ୍ଲକ ଅଫିସ ଆଗରେ ଧାରଣା

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ସ୍କୁଲ, କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷକମାନେ ଦାବି ହାସଲ ପାଇଁ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଫଳରେ ରାଜ୍ୟର ଅନେକ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜରେ ଶିକ୍ଷକ ଏବଂ ଅଧ୍ୟାପକ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରିସ୍ଥିତିରେ ସରକାର ଶିକ୍ଷକଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କୁ ଡରାଇବାକୁ ଉଦ୍ୟମ କରିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକଙ୍କ ବିନା ଅନୁମତିରେ କୌଣସି ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ) ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ ସେମାନଙ୍କ ବିରୋଧରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସ୍କୁଲରେ ☞ପୃଷ୍ଠା–୪

### ଆଜିର ମନ୍ତବ୍ୟ

"ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଭାଜପା ହାତର କଣ୍ଢେଇ ପାଲଟି ଯାଇଛନ୍ତି।

–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

**ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ**

୩

### ଆଜିର ସମ୍ପାଦକୀୟ

**ଟାଳଟୁଳ ନୀତି ଛାଡ଼**

### କିଛି ତଥ୍ୟ

ଦେଶରେ ବର୍ତ୍ତମାନ ଫୁଏଲ୍ ଷ୍ଟେଶନ ସଂଖ୍ୟା ପ୍ରାୟ ୬୦,୦୦୦ରୁ ଅଧିକ ଥିବା ବେଳେ ଗତ ୬ ବର୍ଷ ମଧ୍ୟରେ ଏଥିରେ ୪୫% ବୃଦ୍ଧି ଘଟିଛି।

–ତୈଳ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 06.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 58 | 103 | 113 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers



## ଆଜି ବନ୍ଦ ରହିବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର, ୬।୯(ବ୍ୟୁରୋ)

**ଲଘୁଚାପ ବର୍ଷା**

- ଭୁବନେଶ୍ୱରର ସବୁ ସ୍କୁଲ ଛୁଟି
- ଅନ୍ୟ ଜିଲାରେ ସ୍ଥିତି ଦେଖି ନିଷ୍ପତ୍ତି ନେବେ ଜିଲାପାଳ

ସାରା ରାଜ୍ୟରେ ବୁଧବାର ସକାଳୁ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି। ଛୋଟ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ☞ପୃଷ୍ଠା–୪





"ଏହା ଏକ ଉତ୍ସବମୁଖୀ ରାୟ ବୋଲି ବିବେଚନା କରିଛନ୍ତି । ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯିବା ଅନୁଚିତ । କୌଣସି ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ଯୌନ ଅଭିଳାଷା ଅପରାଧ ନୁହେଁ ।

-ସୋଲି ସୋରାବ୍‌ଜୀ, ପୂର୍ବତନ ଆଟର୍ନି ଜେନେରାଲ



# ପ୍ରେମର ନାହିଁ ସରହଦ

**ଏକାନ୍ତରେ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମଲିଙ୍ଗୀ ସମ୍ପର୍କ ଅପରାଧର ପଦବାଚ୍ୟ କି ନୁହେଁ ବୋଲି ଚାଲିଥିଲା ବିବାଦ ଓ ବିତର୍କ । ଏଭଳି ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିବା ପାଇଁ ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ଲଢ଼ିଥିଲା ଆଇନର ଲମ୍ବା ଲଢ଼େଇ । ଆଇପିସି ଦଫା ୩୭୭ ଅନୁସାରେ ସହମତି ଭିତ୍ତିରେ ରଖାଯାଉଥିବା ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ପୂର୍ବରୁ ବିବେଚନା କରାଯାଉଥିବାବେଳେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଯୌନ ସଂଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା ଏକାଧିକ ପିଟିଶନ । ଶେଷରେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଶୁଣାଇଛନ୍ତି ଯୁଗାନ୍ତକାରୀ ରାୟ । ଯୌନ ଆକାଂକ୍ଷା ଏକ ପ୍ରାକୃତିକ ଆବେଗ ହୋଇଥିବାରୁ ଏଲ୍‌ଜିବିଟିମାନେ ଅନ୍ୟ ନାଗରିକଙ୍କ ଭଳି ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ । କାରଣ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି । ଏଥିସହ ୧୫୮ ବର୍ଷ ଧରି ପ୍ରଚଳିତ ବ୍ରିଟିଶ୍ ଅମଳର ଆଇନ ଆଂଶିକ ଭାବେ ଅକାମୀ ହୋଇଯାଇଛି ।**

ନୂଆଦିଲ୍ଲୀ, ୬।୯(ପି.ଟି.)

ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ଏକ ପ୍ରାକୃତିକ ଆବେଗ । କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମାରେଖା ଟାଣିପାରିବ ନାହିଁ । କାହିଁକି ନା ଲୋକଙ୍କ ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ ଦେବା ହେଉଛି ସ୍ୱାଧୀନତାର ପ୍ରକୃତ ନିଦର୍ଶନ । ଗୁରୁବାର ଦଫା ୩୭୭ ସମ୍ପର୍କିତ ମାମଲାର ରାୟ ପ୍ରକାଶବେଳେ ଏହା କହିଛନ୍ତି ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ବିଶ୍ୱସ୍ତରର ଚର୍ଚ୍ଚିତ ତଥା ଐତିହାସିକ ରାୟ ଦେବା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି, ପ୍ରେମର ସରହଦ ନାହିଁ । ଜଣେ ଜଣଙ୍କୁ ପସନ୍ଦ କରୁଥିଲେ ଏବଂ ତାଙ୍କ ସାଥୀ ହୋଇ ରହିବାକୁ ଚାହିଁଲେ ଆଇନ ମଧ୍ୟ ସେମାନଙ୍କୁ ଅପରାଧୀ ଦର୍ଶାଇ ଦଣ୍ଡିତ କରିପାରିବ ନାହିଁ । ସମଲିଙ୍ଗୀ ମଧ୍ୟ ସମାଜରେ ସମ୍ମାନର ସହ ବଞ୍ଚିପାରିବେ ।

ସହମତି ଭିତ୍ତିରେ ପ୍ରାପ୍ତବୟସ୍କ ସମଲିଙ୍ଗୀ ସମ୍ପର୍କ ସ୍ଥାପନ କଲେ ଏଥିରେ ଆଇନଗତ ହସ୍ତକ୍ଷେପ କରାଯାଇପାରିବ ନାହିଁ । ଦେଶବାସୀଙ୍କୁ ଏଭଳି ଏକ ସନ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । "ମୁଁ ହେଉଛି ମୁଁ, ତେଣୁ ମୋତେ ମୋ ଭଳି ଗ୍ରହଣ କର । କାରଣ ବ୍ୟକ୍ତିଗତ ମୌଳିକତାକୁ କେହି ବଦଳାଇପାରିବେ ନାହିଁ...ପ୍ରତିଟି ବାଦଲରୁ ଇନ୍ଦ୍ରଧନୁକୁ ଦେଖ" ବୋଲି ରାୟ ପ୍ରକାଶ ବେଳେ ଜଷ୍ଟିସ୍ ଦୀପକ ମିଶ୍ର କହିଛନ୍ତି । ଦଫା ୩୭୭ରେ ପକ୍ଷପାତ ରହିଥିବା ସେ ଦର୍ଶାଇଛନ୍ତି । ଅକ୍ଟୋବର ୨ରେ ଅବସର ଗ୍ରହଣ ପୂର୍ବରୁ ଯୁଗାନ୍ତକାରୀ ରାୟ ଦେଇ ପ୍ରଧାନ ବିଚାରପତି ଆହୁରି କହିଛନ୍ତି, ଲୋକଙ୍କୁ ଆତ୍ମଅଭିବ୍ୟକ୍ତି ପାଇଁ ଅନୁମତି ନ ଦେବା ମୃତ୍ୟୁ ସଙ୍ଗେ ସମାନ । ତେଣୁ ପୂର୍ବ ଧାରଣାକୁ ଆମେ ସବୁଦିନ ପାଇଁ ମନରୁ ହଟାଇବା ସହ ନାଗରିକଙ୍କୁ ସଶକ୍ତ କରିବା ଉଚିତ । ସର୍ବୋଚ୍ଚ ଅଦାଲତ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିବା ଭଳି ନିଷ୍ପତ୍ତି ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । 'ପ୍ରେମରେ ନାହିଁ ଲିଙ୍ଗଭେଦ', 'ଏକ ଦେଶ, ପ୍ରେମରେ ସମାନତା'.....ଲେଖାଥିବା ପ୍ଲାକାର୍ଡ ଧରି ସଭିଏଁ ଖୁସି ମନାଇଛନ୍ତି ।

ଦଫା ୩୭୭ ଏକପ୍ରକାର ଅକାମୀ ହୋଇଯିବା ପରେ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଦୀର୍ଘବର୍ଷର ନ୍ୟାୟିକ ଲଢ଼େଇର ଅନ୍ତ ଘଟିଛି । ଅନେକ ସଂଘର୍ଷ ପରେ ସେମାନେ ବିଜୟୀ ହୋଇଛନ୍ତି । କୋର୍ଟଙ୍କ ରାୟ ଶୁଣି ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟର ଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି । ପରସ୍ପରକୁ କୋଳାଗ୍ରତ କରିବା ସହ ସେମାନେ କେକ୍ କାଟିଛନ୍ତି, ଇନ୍ଦ୍ରଧନୁ ପତାକା ଉଡ଼ାଇ ନାଚଗୀତରେ ମସ୍‌ଗୁଲ ହୋଇଛନ୍ତି । ଅନ୍ୟ ନାଗରିକଙ୍କ ଭଳି ମୌଳିକ ମାନବିକ ଅଧିକାର ଲାଭ କରିଥିବାରୁ କେତେଜଣଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଛି । ରାସ୍ତା, ହୋଟେଲ ଏବଂ ଅନ୍ୟାନ୍ୟ ସ୍ଥାନରେ ସମଲିଙ୍ଗୀମାନେ ପାଳୁଛନ୍ତି ଖୁସିର ପର୍ବ । କାହିଁକି ନା, ସୁପ୍ରିମକୋର୍ଟ ଆଜି ସେମାନଙ୍କୁ ଜିଇଁବାର ରାହା ଦେଖାଇଛନ୍ତି । ବଲିଉଡ୍ ସେଲିବ୍ରିଟି, ଲେଖକ, ଆଇନଜୀବୀ, ଶିକ୍ଷକ,

ରାଜନେତା ଏବଂ ବିଭିନ୍ନ ବର୍ଗର ଲୋକେ ମଧ୍ୟ ସମଲିଙ୍ଗୀ ଅଧିକାର କର୍ମୀଙ୍କ ସହ ମିଶି ଉତ୍ସବ ମନାଇଛନ୍ତି । ଏଲ୍‌ଜିବିଟି ସମ୍ପ୍ରଦାୟର ଲୋକେ ଆଉ ନିଜକୁ ଅପରାଧୀ ଏବଂ ଦ୍ୱିତୀୟ ଶ୍ରେଣୀ ନାଗରିକ ଭଳି ମନେକରିବେ ନାହିଁ ବୋଲି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବା ହମ୍‌ସଫର ଟ୍ରଷ୍ଟର ଜଣେ କର୍ମୀ କହିଛନ୍ତି ।

ବ୍ରିଟିଶ୍ ଅମଳର ଆଇନ ଉଚ୍ଛେଦ ହୋଇଥିବାରୁ ଗୋଟିଏ ପଟେ ଖୁସିର ବାତାବରଣ ଚାଲିଥିଲାବେଳେ କେତେଜଣଙ୍କ ମନରେ ଆଶଙ୍କା ରହିଛି । ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଭିଡ଼ହିଂସାର ଶିକାର ହୋଇପାରନ୍ତି ବୋଲି ଅନେକେ ପ୍ରକାଶ କରିଛନ୍ତି । ଖାଲି ସେତିକି ନୁହେଁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ପୁରୁଷ ସମଲିଙ୍ଗୀଙ୍କ ବିବାହକୁ ଏବେ ମଧ୍ୟ ଆଇନ ସ୍ୱୀକୃତି ମିଳି ନାହିଁ । ତେଣୁ ସମ୍ପୂର୍ଣ୍ଣ ଭାବେ ସମାନତା ଅଧିକାର ପ୍ରାପ୍ତ ହୋଇ ନ ଥିବା ସେମାନେ ହୃଦ୍‌ବୋଧ କରୁଛନ୍ତି । ତଥାପି ସେମାନେ ଆଶାବାଦୀ ଅଛନ୍ତି । ଅଧିକାର କର୍ମୀ ଅଞ୍ଜଳି ନାଜିଆ କହିଛନ୍ତି ଯେ, ବଡ଼ ବଡ଼ ଶୁଣାଣି ଲାଗି ଏବେ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଛନ୍ତି । ଭଲ ଦିନ ଆସିବା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିବା ଅନେକ ସାମାଜିକ ଓ ସମଲିଙ୍ଗୀ ଅଧିକାର କର୍ମୀ ମତବ୍ୟକ୍ତ କରିଛନ୍ତି । ଏହା ପ୍ରେମ ଓ ଆଇନ ପାଇଁ ବିଜୟ ଦିବସ ବୋଲି ଆଲାଏନ୍ସ ଇଣ୍ଡିଆ ସିଇଓ ସୋନାଲ ମେହଟା କହିଛନ୍ତି ।



ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ନୂଆଦିଲ୍ଲୀରେ ଏଲ୍‌ଜିବିଟି କର୍ମୀମାନେ ଉତ୍ସବ ମନାଉଛନ୍ତି ।

## ଦଫା ୩୭୭: ୨୫ ରାଷ୍ଟ୍ର ପରେ ଭାରତ

୧୮୬୦ ମସିହାରେ ପ୍ରଣୀତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ । ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡ ଦେଶ ଓ ଜରିମାନାର ବିଧାନ କରାଯାଇଥିଲା ।

ନୂଆଦିଲ୍ଲୀ, ୬।୯ (ପି.ଟି.): ଦଫା ୩୭୭ ପରେ ଗୁରୁବାର ଇତିହାସ ରଚିଛି ଭାରତ । ଅନୁମତି ପ୍ରଦାନ କରିସାରିଛନ୍ତି ୨୫ ରାଷ୍ଟ୍ର । ହୋଇଯାଇଛି । ତେବେ ବିଶ୍ୱର ୭୨ ଦେଶ ଓ ଯୌନ ସମ୍ପର୍କ ସ୍ଥାପନକୁ ଅପରାଧ ଭାବେ ୪୫ ଦେଶ ଓ ଭୂଖଣ୍ଡରେ ମହିଳା ସମଲିଙ୍ଗୀଙ୍କ ହୋଇଛି । ଇଣ୍ଟରନ୍ୟାଶନାଲ ଲେସ୍‌ବିଆନ, ଆଣ୍ଡ ଇଣ୍ଟରସେକ୍ସ ଆସୋସିଏଶନ ନିକଟରେ ଏକ ରିପୋର୍ଟ ପ୍ରକାଶ ରାଷ୍ଟ୍ରରେ ସମଲିଙ୍ଗୀ ଯୌନ ସମ୍ପର୍କ ରଖିଲେ



ମାମଲାରେ ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଏବେ ଏଥିରେ ଭାରତ ସାମିଲ ଭୂଖଣ୍ଡରେ ଏବେ ମଧ୍ୟ ସମଲିଙ୍ଗୀଙ୍କ ପରିଗଣିତ କରାଯାଉଛି । ତନ୍ମଧ୍ୟରୁ ସମ୍ପର୍କ ବେଆଇନ ଘୋଷିତ ଗେ, ବାଇସେକ୍ସୁଆଲ, ଟ୍ରାନ୍ସ (ଆଇଏଲ୍‌ଜିଏ) ପକ୍ଷରୁ ପାଇଥିଲା । ଏଥି ଅନୁଯାୟୀ ୮ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି ।

ଆହୁରି ୧୨ରୁ ଅଧିକ ଦେଶରେ ଏମାନଙ୍କୁ ଅପରାଧୀ ଦର୍ଶାଯାଇ ଜେଲ୍ ପଠାଇଦିଆଯାଉଛି । ତେବେ ଭାରତରେ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯାଉ ନ ଥିବାରୁ ଅନେକେ ଦୁର୍ବିଷହ ଜୀବନ ବିତାଉଛନ୍ତି । ସେମାନଙ୍କୁ ଏଥିରୁ ମୁକ୍ତି ଦେବା ଲାଗି ଭାରତୀୟ ସମାନତା ଅଧିକାର କର୍ମୀମାନେ ଦଶନ୍ଧି ଦଶନ୍ଧି ହେଲା ସ୍ୱର ଉତ୍ତୋଳନ କରିଆସୁଛନ୍ତି । ଶେଷରେ ସେମାନଙ୍କର ବିଜୟ ହୋଇଛି । ଭାରତ ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ସ୍ୱୀକୃତି ପ୍ରଦାନ କରିଥିବା ଦେଶଗୁଡ଼ିକ ହେଲେ ଅଷ୍ଟ୍ରେଲିଆ (୨୦୧୭), ୟୁନାଇଟେଡ ଷ୍ଟେଟ୍ସ (୨୦୧୫), ଆୟର୍ଲାଣ୍ଡ (୨୦୧୫), ଗ୍ରୀନ୍‌ଲାଣ୍ଡ (୨୦୧୫), ଲକ୍ସେମ୍‌ବର୍ଗ (୨୦୧୪), ବ୍ରାଜିଲ୍ (୨୦୧୩), ଆର୍ଜେଣ୍ଟିନା (୨୦୧୦), ଆଇସ୍‌ଲାଣ୍ଡ (୨୦୧୦), ସ୍ୱିଡେନ୍ (୨୦୦୯), ଦକ୍ଷିଣ ଆଫ୍ରିକା (୨୦୦୬), ସ୍ପେନ୍ (୨୦୦୫), କାନାଡା (୨୦୦୫), ବେଲ୍‌ଜିୟମ୍ (୨୦୦୩) ।

### ଆବେଦନକାରୀ

ଆଇପିସି ଦଫା ୩୭୭ ବିରୋଧରେ ମୋଟ ୩୨ ଜଣ ବ୍ୟକ୍ତି ଓ ସେଲିବ୍ରିଟି ରିଟ୍ ପିଟିଶନ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରେ ଅଛନ୍ତି ଆଇଆଇଟି ଛାତ୍ରଛାତ୍ରୀ, ଏଲ୍‌ଜିବିଟି କର୍ମୀ, ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ନଭତେଜ୍ ଜୋହର, ସଂସ୍କୃତି ବିଶେଷଜ୍ଞ ଅମନ୍‌ନାଥ, ରେଷ୍ଟୁରାଣ୍ଟ ମାଲିକ ରିତୁ ଡାଲମିଆ ଓ ଆୟେଶା କପୁର । ସେହିପରି ଗଣମାଧ୍ୟମ କର୍ମୀ ସୁନୀଲ ମେହରା, ବ୍ୟବସାୟୀ କେଶବ ସୁରି ଓ ନାଜ୍ ଫାଉଣ୍ଡେଶନ ଭଳି ସଙ୍ଗଠନ ମଧ୍ୟ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସଦ୍ୟ ରାୟକୁ ଏମାନେ ସ୍ୱାଗତ କରିଛନ୍ତି ।

## ଦଫା ୩୭୭: ଘଟଣାକ୍ରମ



*ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିଛନ୍ତି ସୁପ୍ରିମକୋର୍ଟ । ଆଇପିସିର ଦଫା ୩୭୭କୁ ନେଇ ଚାଲିଥିବା ନ୍ୟାୟିକ ବିଚାରର ଘଟଣାକ୍ରମ ....*

**୨୦୦୧:** ସମଲିଙ୍ଗୀଙ୍କ ଅଧିକାର ପାଇଁ ଲଢୁଥିବା ନାଜ୍ ଫାଉଣ୍ଡେଶନ ନାମକ ଏନ୍‌ଜିଓ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) କରିଥିଲେ । ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ସ୍ଥାପନକୁ ଆଇନଗତ ଅନୁମତି ମିଳୁ ବୋଲି ଏହା ଦାବି କରିଥିଲା ।
**୨୦୦୪ ସେପ୍ଟେମ୍ବର:** ପିଆଇଏଲ୍ ଖାରଜ କଲେ ହାଇକୋର୍ଟ । ସମଲିଙ୍ଗୀ ଅଧିକାର କର୍ମୀମାନେ କଲେ ସମୀକ୍ଷା ଆବେଦନ ।
**୨୦୦୪ ନଭେମ୍ବର ୩:** ସମୀକ୍ଷା ଆବେଦନ ଖାରଜ ।
**୨୦୦୪ ଡିସେମ୍ବର:** ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସମଲିଙ୍ଗୀ ଅଧିକାର କର୍ମୀ ।
**୨୦୦୬ ଏପ୍ରିଲ ୩:** ହାଇକୋର୍ଟଙ୍କୁ ପୁଣି ମାମଲା ହସ୍ତାନ୍ତର କଲେ ସୁପ୍ରିମକୋର୍ଟ ।
**୨୦୦୬ ଅକ୍ଟୋବର ୪:** ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇ ଆବେଦନ କଲେ ବରିଷ୍ଠ ଭାଜପା ନେତା ବି.ପି. ସିଂଘଲ । ହାଇକୋର୍ଟ ତାଙ୍କ ପିଟିଶନ ଗ୍ରହଣ କଲେ ।
**୨୦୦୮ ସେପ୍ଟେମ୍ବର ୧୮:** ଏ ପ୍ରସଙ୍ଗରେ ସ୍ୱରାଷ୍ଟ୍ର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁକ୍ତି ସମାନ ନ ରହିବାରୁ କେନ୍ଦ୍ର ସରକାର ପକ୍ଷ ରଖିବା ଲାଗି ଅଧିକ ସମୟ ମାଗିଲେ । ହାଇକୋର୍ଟ କେନ୍ଦ୍ରର ଆବେଦନକୁ ଖାରଜ କରିଦେଲେ ଏବଂ ଏହା ପରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ ହୋଇଗଲା ।
**ସେପ୍ଟେମ୍ବର ୨୫:** ନୈତିକତାର ଦୁହାଇ ଦେଇ ସରକାର ସମାନ ଢଙ୍ଗରେ ବଞ୍ଚିବା ପାଇଁ ସେମାନଙ୍କ ମୌଳିକ ଅଧିକାରକୁ ଛଡ଼ାଇନେଇପାରିବେ ନାହିଁ ବୋଲି ସମଲିଙ୍ଗୀ ଅଧିକାର କର୍ମୀମାନେ ଯୁକ୍ତି ଉପସ୍ଥାପନ କଲେ ।
**ସେପ୍ଟେମ୍ବର ୨୬:** ସମଲିଙ୍ଗୀ ଯୌନ ସମ୍ପର୍କ ଏକ ଅନୈତିକ କାର୍ଯ୍ୟ । ଏହା ବିକୃତ ମାନସିକତାର ପ୍ରତିଫଳନ ବୋଲି କହିଲେ କେନ୍ଦ୍ର ସରକାର ।
**ଅକ୍ଟୋବର ୧୫:** ଧର୍ମୀୟ ପୁସ୍ତକ ଆଧାରରେ କେନ୍ଦ୍ର ଯୁକ୍ତି ଦର୍ଶାଇ ବିରୋଧ କରିବାରୁ ହାଇକୋର୍ଟ ଭର୍ତ୍ସନା କଲେ । ସମଲିଙ୍ଗୀ ଯୌନ ସମ୍ପର୍କର ନକାରାତ୍ମକ ପ୍ରଭାବ ବିଷୟରେ ବୈଜ୍ଞାନିକ କାରଣ ଦର୍ଶାଇବାକୁ କୋର୍ଟ ନିର୍ଦ୍ଦେଶ ଦେଲେ ।
**ନଭେମ୍ବର:** ଏ ବିଷୟ ଉପରେ ନ୍ୟାୟପାଳିକାର ହସ୍ତକ୍ଷେପ ଲୋଡ଼ା ନାହିଁ । ଏନେଇ ନିଷ୍ପତ୍ତି ଗ୍ରହଣ ଲାଗି ପାର୍ଲାମେଣ୍ଟ ଉପରେ ଛାଡ଼ିଦିଆଯାଉ ବୋଲି ବୋଲି ଉଚ୍ଚ ନ୍ୟାୟାଳୟଙ୍କୁ ଲିଖିତ ଆକାରରେ କହିଲା କେନ୍ଦ୍ର ।
**୨୦୦୯ ଜୁଲାଇ ୨:** ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ହାଇକୋର୍ଟ ରାୟ ଦେଲେ ।
**୨୦୦୯ ଜୁଲାଇ ୯:** ଦିଲ୍ଲୀର ଜ୍ୟୋତିର୍ବିଜ୍ଞାନୀ ଏହି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ । ସମାନ ଧରଣର ଅନେକ ଆବେଦନ ହେଲା ।
**୨୦୧୨ ଫେବୃୟାରୀ ୧୫:** ସୁପ୍ରିମକୋର୍ଟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ନିତିଦିନିଆ ଶୁଣାଣି ଆରମ୍ଭ ।
**୨୦୧୩ ଡିସେମ୍ବର ୧୧:** ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରି ହାଇକୋର୍ଟ ୨୦୦୯ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଲେ ।
**୨୦୧୩ ଡିସେମ୍ବର ୨୦:** ରାୟ ସମୀକ୍ଷା ଲାଗି କେନ୍ଦ୍ରର ଆବେଦନ ।
**୨୦୧୪ ଜାନୁୟାରୀ ୨୮:** ରାୟ ସମୀକ୍ଷା ହେବ ନାହିଁ ବୋଲି ସ୍ପଷ୍ଟ କରିବା ସହ କେନ୍ଦ୍ର ଓ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ ।
**୨୦୧୪ ଏପ୍ରିଲ ୩:** ସମଲିଙ୍ଗୀ ଅଧିକାର କର୍ମୀଙ୍କ କ୍ୟୁରେଟିଭ ପିଟିଶନର ଶୁଣାଣି ଖୋଲା କୋର୍ଟରେ ହେବା ସପକ୍ଷରେ ମତ ଦେଲେ ସର୍ବୋଚ୍ଚ ଅଦାଲତ ।
**୨୦୧୬ ଫେବୃୟାରୀ ୨:** କ୍ୟୁରେଟିଭ ପିଟିଶନଗୁଡ଼ିକର ବିଚାର ଲାଗି ପାଞ୍ଚ ବିଚାରପତି ବିଶିଷ୍ଟ ଖଣ୍ଡପୀଠକୁ ହସ୍ତାନ୍ତର କଲେ ସୁପ୍ରିମକୋର୍ଟ ।
**୨୦୧୬ ଜୁନ୍ ୨୯:** ଆଇପିସିର ଦଫା ୩୭୭ ଉଚ୍ଛେଦ ଲାଗି ସେଲିବ୍ରିଟି ଏନ୍.ଏସ୍. ଜୁହାର, ଶେଫ୍ ରିତୁ ଡାଲ୍‌ମିଆ ଏବଂ ହୋଟେଲ ମାଲିକ ଅମନ ନାଥଙ୍କ ଆବେଦନକୁ ଖଣ୍ଡପୀଠଙ୍କ ନିକଟକୁ ପଠାଇଦେଲେ କୋର୍ଟ ।
**୨୦୧୭ ଅଗଷ୍ଟ ୨୪:** ଗୋପନୀୟତା ସମ୍ବିଧାନର ଏକ ମୌଳିକ ଅଧିକାର । ତେଣୁ ଜଣେ ବ୍ୟକ୍ତିଙ୍କ ଲିଙ୍ଗଗତ ପରିଚୟ ମଧ୍ୟ ଏହା ଅନ୍ତର୍ଗତ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଲେ ।
**୨୦୧୮ ଜାନୁୟାରୀ ୮:** ୨୦୧୩ ରାୟର ସମୀକ୍ଷା ଲାଗି ରାଜି ହେଲେ ସୁପ୍ରିମକୋର୍ଟ । ଦଫା ୩୭୭ ଉପରେ ବିଚାର ଲାଗି ବୃହତ୍ତର ଖଣ୍ଡପୀଠକୁ ମାମଲା ହସ୍ତାନ୍ତର ।
**ଜୁଲାଇ ୧୦:** ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଆରମ୍ଭ କଲେ ଶୁଣାଣି ।
**ଜୁଲାଇ ୧୧:** ଦଫା ୩୭୭ର ବୈଧତା ଉପରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟଙ୍କୁ ଛାଡ଼ିଦେଲେ କେନ୍ଦ୍ର ସରକାର ।
**ଜୁଲାଇ ୧୨:** ଗଣଭୋଟ ଦାବି ପ୍ରତ୍ୟାଖ୍ୟାନ କଲେ କୋର୍ଟ ।
**ଜୁଲାଇ ୧୭:** ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ ।
**ସେପ୍ଟେମ୍ବର ୬:** ଅପ୍ରାକୃତିକ ଯୌନ ସମ୍ପର୍କକୁ ଅପରାଧ ଦର୍ଶାଯାଇଥିବା ଦଫା ୩୭୭ର ଅଂଶକୁ ଉଚ୍ଛେଦ କରାଗଲା । ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ ରାୟ ଦେଇଛନ୍ତି ।

# ପ୍ରଗତିଶୀଳ ଚିନ୍ତାଧାରାକୁ ସ୍ୱାଗତ

ନୂଆଦିଲ୍ଲୀ/ୱାଶିଂଟନ୍/ଲଣ୍ଡନ,୬।୯(ପି.ଟି.)

ଉପନିବେଶୀୟ ଆଇନ ବିରୋଧରେ ଯାଇ ଏଲ୍‌ଜିବିଟିଙ୍କ ଅଧିକାର ସମର୍ଥରେ ଭାରତୀୟ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟକୁ ବିଶ୍ୱବ୍ୟାପୀ ସ୍ୱାଗତ କରାଯାଇଛି । ଦେଶର ରାଜନୈତିକ ଦଳଠୁ ଆରମ୍ଭ କରି ଅନ୍ତର୍ଜାତୀୟ ଗଣମାଧ୍ୟମ, ମିଳିତ ଜାତିସଂଘ, ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ପର୍ଯ୍ୟନ୍ତ ଭାରତର ପ୍ରଗତିଶୀଳ ପଦକ୍ଷେପକୁ ଅଭିନନ୍ଦନ ଜଣାଇଛନ୍ତି । ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ସମଲିଙ୍ଗୀଙ୍କ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ଉପରେ ବିଶେଷଜ୍ଞମାନେ ମଧ୍ୟ ସନ୍ତୋଷବ୍ୟକ୍ତ କରିଛନ୍ତି ।

### ଜାତିସଂଘରୁ ଅଭିନନ୍ଦନ

ସୁପ୍ରିମକୋର୍ଟଙ୍କ ରାୟକୁ ଜାତିସଂଘର ନୂଆଦିଲ୍ଲୀ ଶାଖା ଏବଂ ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ପକ୍ଷରୁ ସ୍ୱାଗତ କରାଯାଇଛି । ବର୍ତ୍ତମାନ ଏହାର ପ୍ରତିକାର ସମେତ ନ୍ୟାୟ ପ୍ରଦାନ, ଭେଦଭାବ ହିଂସା ଘଟଣାର ଉଚିତ ତଦନ୍ତ, ସମଲିଙ୍ଗୀଙ୍କୁ ଯଥାର୍ଥ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ପ୍ରଦାନ ଉପରେ ଧ୍ୟାନ ଦେବାକୁ ହେବ ବୋଲି ଜାତିସଂଘ ଶାଖା ପ୍ରକାଶ କରିଛି । ଏହି ରାୟ ସମାନତା ଏବଂ ନ୍ୟାୟର ଲଢ଼େଇ ଲାଗି ସମସ୍ତଙ୍କ ପାଇଁ ଏକ ଆଶାର ଆଲୋକ ପାଲଟିଛି ବୋଲି ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ କହିଛି । ଏହା ଭାରତୀୟ ଇତିହାସର ଏକ ଅନ୍ଧକାର ପୃଷ୍ଠାକୁ ବନ୍ଦ କରିବା ସହ କୋଟି କୋଟି ଭାରତୀୟଙ୍କ ପାଇଁ ସମାନତାର ଏକ ନୂଆ ଯୁଗ ସୃଷ୍ଟିକରିଛି ବୋଲି ଏହାର ପ୍ରୋଗ୍ରାମ ନିର୍ଦ୍ଦେଶକ ଅସ୍ମିତା ବସୁ ପ୍ରକାଶ କରିଛନ୍ତି ।



### ବିଶ୍ୱ ଗଣମାଧ୍ୟମର ସ୍ୱାଗତ

ବିଶ୍ୱ ଗଣମାଧ୍ୟମ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇଛି । ଏହି ରାୟ କେବଳ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ସମଲିଙ୍ଗୀଙ୍କ ଅଧିକାର ସୁରକ୍ଷିତ କରିବ ନାହିଁ, ବରଂ ସମଗ୍ର ବିଶ୍ୱରେ ସେମାନଙ୍କୁ ସଶକ୍ତ କରିବ ବୋଲି ପ୍ରମୁଖ ଆମେରିକୀୟ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ' ପ୍ରକାଶ କରିଛି । 'ଦି ନ୍ୟୁୟର୍କ ଟାଇମ୍ସ' ଏହି ରାୟକୁ ଭାରତରେ ଗେ' ଅଧିକାର ପାଇଁ ଗ୍ରାଉଣ୍ଡ ବ୍ରେକିଂ ବିଜୟ ବୋଲି ଉଲ୍ଲେଖ କରିଛି । ଦୀର୍ଘବର୍ଷ ଧରି ଚାଲିଥିବା ଆଇନ ଲଢ଼େଇକୁ ଏବେ ସାମାନ୍ୟ ଆଶ୍ୱସ୍ତି ମିଳିଛି । 'ସିଏନ୍‌ଏନ୍'ର ମତ ହେଲା ସୁପ୍ରିମକୋର୍ଟଙ୍କ ରାୟ ଭାରତରେ ଏଲ୍‌ଜିବିଟିଙ୍କ ଅଧିକାର ଲାଗି ଲଢ଼େଇ କରୁଥିବା କର୍ମୀ ଏବଂ ସମର୍ଥକଙ୍କ ପାଇଁ ଏକ ବୃହତ୍ ବିଜୟ । ସମଲିଙ୍ଗୀଙ୍କୁ ସାମାଜିକ ପ୍ରତିବନ୍ଧକ ଭାବେ ଦେଖାଯାଉଥିବା ଭାରତରେ ଅଧିକାର ପାଇଁ ଚାଲିଥିବା ଦୀର୍ଘଦିନର ଆଇନ ଲଢ଼େଇର ଏବେ ଅନ୍ତ ଘଟିଛି ବୋଲି ସିଏନ୍‌ଏନ୍ କହିଛି । ଭାରତୀୟ କୋର୍ଟଙ୍କ ଏହି ରାୟ ଉପନିବେଶୀୟ ଆଇନ ଉଚ୍ଛେଦକରି ସମାନତା ଅଧିକାର ପ୍ରଦାନ କରିବା ପାଇଁ ଅନ୍ୟଦେଶଗୁଡ଼ିକୁ ମଧ୍ୟ ପ୍ରେରଣା ଦେବ ବୋଲି ଦକ୍ଷିଣ ଏସିଆ ମାନବାଧିକାର ଶାଖା ନିର୍ଦ୍ଦେଶିକା ମୀନାକ୍ଷୀ ଗାଙ୍ଗୁଲୀ ପ୍ରକାଶ କରିଛନ୍ତି । ସେହିପରି ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିବା ଲାଗି ଆଧୁନିକ ଭାରତରେ ଦୀର୍ଘଦିନ ଧରି ଚାଲିଥିବା ଲଢ଼େଇକୁ ଏହା ଶେଷ ପରିଣାମ ଆଣିଦେବ ବୋଲି ବ୍ରିଟିଶ ଖବରକାଗଜ 'ଦି ଗାର୍ଡିଆନ୍' ମତ ରଖିଛି । ବିବିସି କହିଛି, ଏହି ରାୟ ଐତିହାସିକ । ରକ୍ଷଣଶୀଳ ଭାରତରେ ସବୁ ଧର୍ମର ନେତାମାନେ ସମଲିଙ୍ଗୀ ସମ୍ପର୍କକୁ ବିରୋଧ କରନ୍ତି । ଏବେ ବି ସମଲିଙ୍ଗୀ ସମ୍ପର୍କକୁ ସାମାଜିକ ସ୍ୱୀକୃତି ମିଳିପାରିବ କି ନାହିଁ ତାହା ସନ୍ଦେହଜନକ । ଟେଲିଗ୍ରାଫ୍, ଦି ଇଣ୍ଡିପେଣ୍ଡେଣ୍ଟ ମଧ୍ୟ ରାୟକୁ ସ୍ୱାଗତ ଜଣାଇଛନ୍ତି ।

### ଦେଶ ଆଜି ଅମ୍ଳଜାନ ଫେରିପାଇଛି

ଭାରତୀୟ ଚଳଚ୍ଚିତ୍ର ଜଗତରେ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରାଯାଇଛି । ସୁପ୍ରିମକୋର୍ଟଙ୍କ ରାୟ ସହ ଦେଶ ଆଜି ଅମ୍ଳଜାନ ଫେରିପାଇଛି ବୋଲି ଫିଲ୍ମ ନିର୍ମାତା କରନ ଜୋହର କହିଛନ୍ତି । ନିର୍ଦ୍ଦେଶକ ହଂସଲ ମେହେଟା, ଅର୍ଜୁନ କପୁର, ସୋନମ କପୁର, ସ୍ୱରା ଭାସ୍କର, ଅପୂର୍ବ ଅନ୍‌ସାରୀ, ନିମ୍‌ରତ୍ କୌର୍, ଫର୍‌ହାନ ଅଖ୍‌ତର, ଆୟୁଷ୍ମାନ ଖୁରାନା, କଲ୍‌କୀ କୋଚ୍‌ଲିନ୍ ପ୍ରମୁଖ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇବା ସହ ଏକ ନୂଆ ଯୁଗର ଆରମ୍ଭ ହୋଇଛି ବୋଲି କହିଛନ୍ତି । ଦଫା ୩୭୭କୁ ବିଦାୟ କହିବା ସହ ନୂଆ ଆଇନର ଜନ୍ମଦିନ ଆଜି ବୋଲି ସେମାନେ ପ୍ରକାଶ କରିଛନ୍ତି ।



### ମୌଳିକ ଅଧିକାର ସୁରକ୍ଷିତ କରିବ: କଂଗ୍ରେସ


ସ୍ୱାଧୀନତା ଏବଂ ସହିଷ୍ଣୁ ସମାଜ ଦିଗକୁ ଆଗେଇବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାୟପରେ କଂଗ୍ରେସ କହିଛି । ଦଳର ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଶତାବ୍ଦୀ ପୁରୁଣା ଉପନିବେଶୀୟ ଆଇନ ଆଧୁନିକ ସମାଜ ପାଇଁ କାଳଭ୍ରମ ହୋଇ ରହିଥିଲା । ଏହି ରାୟ ମୌଳିକ ଅଧିକାର ସୁରକ୍ଷିତ ରଖିବା ସହ ଯୌନ ଅଭିଳାଷାକୁ ନେଇ ରହିଥିବା ଭେଦଭାବ ଦୂର କରିବ ।




## ସମଲିଙ୍ଗୀଙ୍କ ବିବାହ ଅପ୍ରାକୃତିକ: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ,୬।୯(ପି.ଟି.)

ସମଲିଙ୍ଗୀ ହେବା ଅପରାଧ ନୁହେଁ, କିନ୍ତୁ ସମଲିଙ୍ଗୀଙ୍କ ମଧ୍ୟରେ ବିବାହ ଅପ୍ରାକୃତିକ । ଏଣୁ ସମଲିଙ୍ଗୀ ବିବାହକୁ ସମର୍ଥନ କରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଗୁରୁବାର କହିଛି । ସଂଘର ପ୍ରଚାର ପ୍ରମୁଖ (ମୁଖପାତ୍ର) ଅରୁଣ କୁମାର ଏକ ବିବୃତିରେ କହିଛନ୍ତି, ସମଲିଙ୍ଗୀଙ୍କୁ ସଂଘର କୌଣସି ଆପତ୍ତି ନାହିଁ । କିନ୍ତୁ ସେମାନଙ୍କ ବିବାହକୁ ପାରମ୍ପରିକ ଭାରତୀୟ ସମାଜ ଗ୍ରହଣ କରେନାହିଁ ।



କାରଣ ଏହା ଅପ୍ରାକୃତିକ । ଏଭଳି ସମ୍ପର୍କ ପ୍ରକୃତି ଅନୁକୂଳ ନୁହେଁ । ମଣିଷ ଅନୁଭୂତିରୁ ଶିଖିଥାଏ । ଏଣୁ ଏହି ପ୍ରସଙ୍ଗକୁ ସମାଜ ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ଆଲୋଚନା କରାଯିବା ଉଚିତ ବୋଲି କୁମାର କହିଛନ୍ତି ।




## ସଂକ୍ଷେପରେ

### ଜଟଣୀ ଥାନା ଅଧିକାରୀ ନିଲମ୍ବିତ

**କଟକ ଅଫିସ, ୬।୯:** ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା। ନିଲମ୍ବନ ଅବଧି ମଧରେ ସେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରହିବେ। ଏଥିସହିତ ଏହି ଘଟଣାର ତଦନ୍ତ ଦାୟିତ୍ୱ କମିଶନର ମହାନ୍ତିଙ୍କୁ ଦିଆଯାଇଛି। ଯଦି ଏହି ଘଟଣାରେ ଥାନାର ଅନ୍ୟ କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନାରେ କୁଦିଆରି ଅଞ୍ଚଳର ସୁମିତ୍ କୁମାର ମଙ୍ଗରାଜଙ୍କ ନାମରେ ଏକ ମାମଲା ରହିଥିଲା। ଏଥିରେ ସୁମିତଙ୍କ ବିରୋଧରେ ଲାଗିଥିବା ଆଇପିସି ଦଫା ୧୧୦ ଉଠାଇ ଦେବାକୁ ଥାନାଧିକାରୀ ମହାନ୍ତି ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଏନେଇ ସୁମିତ୍ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

### ଚାରା ପରେ ଦାମଙ୍କ ଓମ୍‌ଫେଡ୍ ଉପାଖ୍ୟାନ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ଡା. ଦାମୋଦର ରାଉତଙ୍କ ଚାରା ଦୁର୍ନୀତି ଉପାଖ୍ୟାନ ନେଇ ଚର୍ଚ୍ଚା ଥମିନାହିଁ। ତା' ସାଙ୍ଗକୁ ଯୋଡି ହୋଇଯାଇଛି ଓମ୍‌ଫେଡ୍ ସମ୍ପର୍କିତ ଏକ ଦୁର୍ନୀତି। ବିଧାନସଭା ବାହାରେ ଗୁରୁବାର ଦାମ ଏନେଇ ବକ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ଓମ୍‌ଫେଡ୍ ମିଲ୍କ ପାଉଚ ପଲିଥିନ୍ କିଣାରେ ୩୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତତ୍କାଳୀନ ଓମ୍‌ପେଡ୍ ଏମ୍‌ଡି ଉକ୍ତ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସକୁ ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତଦନ୍ତ ହେବା ଦ୍ୱାରା ସରକାର ବଦ୍‌ନାମ ହୋଇପାରନ୍ତି ବୋଲି ଅନୁଭବ କରି ବିଭାଗୀୟ ତଦନ୍ତ କରାଯାଇଥିବା ଦାମ କହିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ମନ୍ତ୍ରୀପଦ ଯିବାରେ ବର୍ତ୍ତମାନର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଭାଗୀଦାରି ଥାଇପାରେ ବୋଲି ସେ ଇଙ୍ଗିତ କରିଛନ୍ତି। ଦାମଙ୍କ ଇଙ୍ଗିତକୁ ନେଇ ମନ୍ତ୍ରୀ ମହାରଥୀ ମଧ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦାମବାବୁ ଏପରି କହିଥିବେ, ମୋର ମନେ ହେଉନାହିଁ। ମୁଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦାୟିତ୍ୱରେ ଥିଲି। ମୋ କାର୍ଯ୍ୟକାଳ ସମୟରେ ଦୁର୍ନୀତି ହୋଇନାହିଁ। କ'ଣ ପାଇଁ ଦାମବାବୁ ଏପରି ଇଙ୍ଗିତ କରୁଛନ୍ତି, ତାହା ତାଙ୍କୁ ଜଣା ନ ଥିବା ମହାରଥୀ କହିଛନ୍ତି।




## ବିଧାୟକଙ୍କ ବାସଗୃହ ଭତ୍ତା ଦିନକୁ ହଜାରେ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ଅଧିନିୟମ-୧୯୫୨ରେ ସଂଶୋଧନ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଛି। ଧାରା ୫ରେ ଥିବା ମାସିକ ୧୦୦ ଟଙ୍କା ବଦଳରେ ଏବେ ଦୈନିକ ୧୦୦୦ ଟଙ୍କା ବାସଗୃହ ଭତ୍ତା ମନ୍ତ୍ରୀମାନେ ପାଇବେ। ସେହିପରି ବାସଗୃହ ଆବଣ୍ଟିତ ହେବା ପର୍ଯ୍ୟନ୍ତ ବିଧାୟକମାନେ ଦୈନିକ ୧୦୦୦ ଟଙ୍କା ପାଇବେ। ପୂର୍ବରୁ ମନ୍ତ୍ରୀମାନେ ମାସକୁ ୧୦୦ ଟଙ୍କା ପାଉଥିଲେ, ଉକ୍ତ ଅସଙ୍ଗତିକୁ ଦୂର କରାଯାଇଛି। ସେହିପରି ବିଧାନସଭାର ପ୍ରତ୍ୟେକ ପୂର୍ବତନ ସଦସ୍ୟଙ୍କୁ ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ପ୍ରଦାନ କରାଯିବ।

## ଏଟିଏମ୍ ଭାଙ୍ଗି ନେଇଗଲେ ୧୨.୬୯ ଲକ୍ଷ

**ଢେଙ୍କାନାଳ ଅଫିସ, ୬।୯**



ଅପରାଧୀପ୍ରବଣ ହେଉଛି ଢେଙ୍କାନାଳ ସହର। ସ୍ପଷ୍ଟ ଦିବାଲୋକରେ ଘଟୁଛି ଅପରାଧ। ପୋଲିସ ଅଭିଯୋଗକୁ ଅପେକ୍ଷା କରି ରହୁଥିବାବେଳେ ଚମ୍ପଟ ମାରୁଛନ୍ତି ଅଭିଯୁକ୍ତ। ବୁଧବାର ବିଳମ୍ବିତ ରାତିରେ ୩ଟି ଏଟିଏମ୍‌ରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହିତ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁବାର ସକାଳେ ଘଟଣା ଜଣାପଡ଼ିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ବୁଧବାର ରାତିରେ କୈବଲ୍ୟ ବଜାରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍, କାଲଟାକ୍ସସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଏବଂ ଷ୍ଟାଡିୟମ ନିକଟ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭିତରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। କାଲଟାକ୍ସ ଏଟିଏମ୍‌ରୁ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟ୍ ହୋଇଥିବା ବ୍ୟାଙ୍କ ଅଧିକାରୀ କହିଛନ୍ତି। ହେଲେ ଟାଉନ ଥାନାଧିକାରୀ ଅଭିନବ ଡାଲୁଆ ଟଙ୍କା ଲୁଟ୍ ହୋଇ ନ ଥିବା କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ପୋଲିସ କଥାରେ ତାଳମେଳ ରହୁ ନ ଥିବାରୁ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି।

ସେହିପରି ଷ୍ଟାଡିୟମ ନିକଟରେ ଅଭିଯୁକ୍ତମାନେ ଏଟିଏମ୍ ଲୁଟ୍ କରିବାକୁ ମସୁଧା କରୁଥିବାବେଳେ ଏସ୍‌ପିଙ୍କ ବାସଭବନ ଫାଟକ ନିକଟରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଜଣଙ୍କୁ ଧରି ଆଣି ପୋଲିସ ଜେରା କରୁଛି। ସେହିପରି ଆଇସିଆଇସିଆଇ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପାରିପାର୍ଶ୍ୱିକସ୍ଥିତିକୁ ଅନୁଧାନକରିପୋଲିସତଦନ୍ତଚଳାଇଛି।

# ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ

**ଭୁବନେଶ୍ୱର,୬।୯(ବ୍ୟୁରୋ)**



- ସଂକଳ୍ପ ସପକ୍ଷରେ ୧୦୪ ଭୋଟ
- ବିପକ୍ଷରେ ଶୂନ୍, ବିରୋଧୀଙ୍କ କକ୍ଷତ୍ୟାଗ
- ବ୍ୟାପକ ଚିନ୍ତନ ଦିଗରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ବିଧାନ ପରିଷଦ ଗଠନ ସମ୍ପର୍କିତ ସଂକଳ୍ପ ଓଡ଼ିଶା ବିଧାନସଭାରେ ଗୁରୁବାର ଗୃହୀତ ହୋଇଛି। ଗୃହର ୧୦୪ ଜଣ ସଦସ୍ୟଙ୍କ ସମର୍ଥନରେ ଏହି ସଂକଳ୍ପ ଗୃହୀତ ହୋଇଥିବା ବାଚସ୍ପତି ପ୍ରଦୀପ ଅମାତ ସୂଚନା ଦେଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ତେଣୁ ଆଗତ ହୋଇଥିବା ସଂକଳ୍ପ ବିରୋଧରେ ଖଣ୍ଡିଏ ବି ଭୋଟ ପଡ଼ି ନ ଥିଲା। ପ୍ରାୟ ଅଢ଼େଇ ଘଣ୍ଟାର ଆଲୋଚନା ପରେ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୃହରେ ଉପସ୍ଥିତ ଥିବା ଶାସକ ଦଳର ସମସ୍ତ ଓ ଜଣେ ସ୍ୱାଧୀନ ସଦସ୍ୟ ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ସପକ୍ଷରେ ମତଦାନ କରିଥିଲେ। ଶାସକ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ପ୍ରଥମେ ମତଦାନ କରିଥିଲେ।

ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବିକାଶଧାରାରେ ଅଗ୍ରସର ହେଉଛି। ଏହି ବିକାଶଧାରାର ଅଗ୍ରଗତି ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ଚିନ୍ତନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବିଧାନ ପରିଷଦ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ହୋଇଥିବା ଭୋଟଦାନରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସଂକଳ୍ପ ପ୍ରସ୍ତାବ ବିପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ସେହିପରି ଚମ୍ପୁଆ ବିଧାୟକ ସନାତନ ମହାକୁଡ ସଂକଳ୍ପ ପ୍ରସ୍ତାବ ସପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ଅପରାହ୍ଣ ପ୍ରାୟ ୪ଟା ୪୮ରୁ ଆରମ୍ଭ ହୋଇଥିବା ଆଲୋଚନାରେ ସମସ୍ତ ଦଳର ଏକାଧିକ ସଦସ୍ୟ ଭାଗ ନେଇଥିଲେ। ଶାସକ ଦଳର ସମସ୍ତ ସଭ୍ୟ ସଂକଳ୍ପ ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିରୋଧ କରିଥିଲେ।

ଆଲୋଚନାରେ ଭାଗନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ରାଜରାସ୍ତାରେ ଶିକ୍ଷକ ଆନ୍ଦୋଳନ କରୁଛନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସେସବୁର ସମାଧାନ ଦିଗରେ ଦୃଷ୍ଟି ନ ଦେଇ ବିଧାନ ପରିଷଦ ଗଠନ କରି ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ କରାଯିବାକୁ ଚେଷ୍ଟା କରାଯାଉଛି। ଯୁବକଙ୍କୁ ନିଯୁକ୍ତି ନ ଦେଇ ବିଜୁ ଯୁବ ବାହିନୀ ପ୍ରତିଷ୍ଠା କରାଯାଇଛି। ରାଜ୍ୟର ଋଣଭାର ବୃଦ୍ଧି ପାଇବାରେ ଲାଗିଛି। ସବୁ ବିଭାଗରେ ପଦବୀ ଖାଲି। ନିଯୁକ୍ତି ନ ଥିବାବେଳେ ବିଧାନ ପରିଷଦ ଗଠନ ହେବାର ଆବଶ୍ୟକତା ନ ଥିବା ତାରାପ୍ରସାଦ କହିଛନ୍ତି। ସେହିପରି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ କହିଛନ୍ତି ଯେ, ଅନେକ ବଡ଼ ବଡ଼ ରାଜ୍ୟରେ ଏହା ହୋଇନାହିଁ। ବିଧାନସଭାରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନାହାନ୍ତି। ରାଜ୍ୟର ଋଣଭାର ପ୍ରାୟ ୯୧,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ତେଣୁ ବିଧାନ ପରିଷଦ ନିଷ୍ପତ୍ତିର ପୁନର୍ବିଚାର ଆବଶ୍ୟକ ବୋଲି କେ.ଭି. କହିଛନ୍ତି। ଶାସକ ଦଳ ପକ୍ଷରୁ ଅରୁଣ ସାହୁ ବକ୍ତବ୍ୟ ରଖି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସମସ୍ତେ ଭୋଟ ରାଜନୀତିରେ ନିର୍ବାଚିତ ହୋଇପାରିବେ ନାହିଁ। ବିଭିନ୍ନ କ୍ଷେତ୍ରରୁ ଦକ୍ଷ ଲୋକ ବିଧାନ ପରିଷଦକୁ ଆସିପାରିବେ। ଗଣତନ୍ତ୍ରରେ ଥିବା ବିତର୍କ ସ୍ତର ଉନ୍ନତ ହେବ। ବିଧାନ ପରିଷଦ ଗଠନ ପରେ ବିରୋଧ କରୁଥିବା ଦଳଗୁଡିକ ନିଜ ସଭ୍ୟମାନଙ୍କୁ ସେଠାକୁ ପଠାଇବେ ନାହିଁ କି ବୋଲି ଅରୁଣ ପ୍ରଶ୍ନ କରିଥିଲେ। ଆଲୋଚନାରେ ମନ୍ତ୍ରୀ ଶଶିଭୂଷଣ ବେହେରା, କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ମାଝି, ଜାକବ ପ୍ରଧାନ, ଭାଜପା ସଦସ୍ୟ ରବି ନାଏକ, ପ୍ରଦୀପ ପୁରୋହିତ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ସଭ୍ୟ ରାସେଶ୍ୱରୀ ପାଣିଗ୍ରାହୀ, ସମୀର ରଞ୍ଜନ ଦାସ, ସୁଦାମ ମାର୍ଣ୍ଡି ଏବଂ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଆଲୋଚନାରେ ଭାଗ ନେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରସ୍ତାବ ଆଲୋଚନା ପୂର୍ବରୁ ଗୃହରେ ଆଗତ କରିଥିଲେ।

ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୧୬୯(୧)ର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ସଂକଳ୍ପ ଗୃହୀତ ହେବାର ନିୟମ ରହିଛି। ସେହିପରି ଓଡ଼ିଶାରେ ପ୍ରସ୍ତାବିତ ବିଧାନ ପରିଷଦ କାର୍ଯ୍ୟକାରୀ ହେଲେ ସେଥିରେ ୪୯ ସଦସ୍ୟ ରହିବେ। ବିଧାନସଭାରେ ସଂକଳ୍ପ ଗୃହୀତ ହେବା ପରେ ଏହା କେନ୍ଦ୍ର ସରକାର ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡିଛି।




# ଫେରିଲେ ଲୋମଶ ବାଳକ କାହ୍ନା

## ୩ ମାସ ପରେ ୨ୟ ଅସ୍ତ୍ରୋପଚାର ପାଇଁ ଡାକ୍ତରଙ୍କ ପରାମର୍ଶ

**ବ୍ରହ୍ମପୁର ଅଫିସ, ୬।୯**



ଅସ୍ତ୍ରୋପଚାର ପରେ କାହ୍ନା ସାଇକେଲ ଚଳାଉଛନ୍ତି।

ଲୋମଶ ବାଳକ କାହ୍ନାଙ୍କୁ ଗୁରୁବାର ବ୍ରହ୍ମପୁର ବଡ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ଲାଷ୍ଟିକ୍ ସର୍ଜରୀ ସଫଳ ହୋଇଥିବା ବେଳେ ପିତାମାତାଙ୍କ ସହମତି ରହିଲେ ୩ ମାସ ପରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତରମାନେ କହିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ବାଘୁଆ ଗାଁ ରାମଚନ୍ଦ୍ର ନାଇକଙ୍କ ୬ ବର୍ଷର ପୁଅ ହେଉଛନ୍ତି କାହ୍ନା । ତାଙ୍କ ଜନ୍ମ ପରେ ଦେହରେ ଅସ୍ୱାଭାବିକ ଭାବେ ଲୋମ ଏବଂ ମାଂସ ପିଣ୍ଡୁଳା ବଢ଼ିଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନକୁ ଚିକିତ୍ସା ପାଇଁ ନେଇଥିଲେ। ୩ ବର୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା । ବର୍ତ୍ତମାନ କାହ୍ନାଙ୍କୁ ୬ ବର୍ଷ । ପଢିବା ପାଇଁ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ତାଙ୍କ ବିଷୟ ଖବର ପ୍ରକାଶିତ ହେବା ପରେ ଜଗନ୍ନାଥପ୍ରସାଦ ବ୍ଲକ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମେଡିକାଲ୍ ଅଫିସର ଡାକ୍ତର ଗଜାନନ ସେଠୀ ଏବଂ ଆଲୋକ କୁମାର ସେଠ୍‌ଙ୍କ ଜରିଆରେ ଜୁଲାଇ ୧୮ରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସମସ୍ତ ପରୀକ୍ଷା ନିରୀକ୍ଷା ପରେ ଜୁଲାଇ ୨୬ରେ ପ୍ରଫେସର ଡାକ୍ତର ରାଜୁ ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ୧୨ ଜଣିଆ ଡାକ୍ତରୀ ଦଳ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜଙ୍ଘରୁ ମାଂସ ନେଇ ମୁହଁରେ ପକାଇଥିଲେ। ଦୀର୍ଘ ୫୦ ଦିନର ଚିକିତ୍ସା ପରେ କାହ୍ନା ଗୁରୁବାର ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଡାକ୍ତର ଜଣାଇଥିଲେ। ସେହିପରି କେତେକ ସାମାଜିକକର୍ମୀଙ୍କ ପକ୍ଷରୁ କାହ୍ନାଙ୍କୁ ଏକ ସାଇକେଲ ଯୋଗାଇ ଦିଆଯାଇଛି। ନିଜେ ସାଇକେଲ ଚଲାଇ କାହ୍ନା ଆନ୍ତଃ ବିଭାଗ ନିଜ ବେଡ୍ ନଂ. ୩୨୮ରୁ ତଳକୁ ଆସିଥିଲେ। ପ୍ରଫେସର୍ ଡାକ୍ତର ରାଜୁ ଦାସ କୁହନ୍ତି, ୧୨ ଜଣିଆ ଡାକ୍ତରୀ ଦଳଙ୍କୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିବା ପରେ ସଫଳ ଅସ୍ତ୍ରୋପଚାର ହୋଇଥିଲା। ମାଗଣାରେ କାହ୍ନାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ସେ ସୁସ୍ଥ ଥିବାରୁ ସୁଷମ ଖାଦ୍ୟ ଗ୍ରହଣ କରୁଛନ୍ତି। ଡାକ୍ତର ଗଜାନନ ସେଠୀ, ମେଡିକାଲ୍ ଅଫିସର୍ (ଆର୍‌ବିଏସ୍‌କେ), ଜଗନ୍ନାଥ ପ୍ରସାଦ, କାହ୍ନାଙ୍କୁ ମେଲାନୋସାଇଟିସ୍ ନର୍ଭସ୍ ରୋଗ ହୋଇଛି। ଯେଉଁ ରୋଗ ଏକ ବିରଳ ଏବଂ ଜନ୍ମଗତ। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଅଛନ୍ତି। ବର୍ତ୍ତମାନ ମଲମ ଦିଆଯାଇଛି, ତାକୁ ସେ ନିୟମିତ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଧାନୀ
ପରିବାରବର୍ଗ


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

**HIRE**

ଭାଡିକାମରେ ଦଶଚକିଆ/ ଛଅଚକିଆ/ 1109/ ଟ୍ରକ/ (ଟ୍ରାକ୍ଟର ଲୋଡର) ଆବଶ୍ୟକ। 9348100744, 9938732257. D-63488

real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

Jatani gate ପାଖରେ NHକୁ ଲାଗି ପାଚେରି ହୋଇଥିବା plot ମିଳୁଅଛି। 9439864322. D-64303

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

**Any plot, flat, duplex, simplex sale & purchase in Bhubaneswar. Contact only owner. 9178031478.** D-63087

Chakeisianiରେ yellow-zone ଘରବାରି corner, boundary plot ମିଳୁଛି। 8480447967. D-63088

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

to-let

Space for medicine store Clinic, Patholab Vivekananda marg, Bhubaneswar. 8018595307, 9861066949. D-60813

**Furnished office space 2000 sqft. at Nalco Square, Chandrasekharpur, Bhubaneswar. 9776021815.** D-64305

healthcare

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

business

Earn huge income become channel partner, networker, stockist, distributor of India's biggest herbal co. offering products herbal drops, medicines & cosmetics. 09868021369. D-8250

### ୧୯ତମ ଜନ୍ମଦିନ ଶୁଭେଚ୍ଛା

**ବର୍ଷାରାଣୀ ବେହେରା (ମିକି)**
**କାକଟପୁର, ପୁରୀ**
ଶୁଭ ଜନ୍ମଦିନରେ ମା' ମଙ୍ଗଳାଙ୍କ କୃପାରୁ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମା, ଲିକୁ, ଜିକୁ, ବାବୁ, ସାଇ, ପରିବାରବର୍ଗ। ଧ–୮୧୯୦


## ୩୩ ନାବାଳିକା ଶ୍ରମିକ ଉଦ୍ଧାର

ବୋରିଗୁମ୍ମା,୬।୯(ଡି.ଏନ୍.ଏ)–ଆଇପିଏସ୍ ଅଧିକାରୀ ସାଗରିକା ନାଥଙ୍କ ନେତୃତ୍ୱରେ କୋରାପୁଟ ଜିଲାର ବିଭିନ୍ନ କାଜୁ ମିଲ୍‌ରେ ଚଢ଼ାଉ କରାଯାଇ ୩୩ ଜଣ ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ପାଇଁ 'ପରି' କାର୍ଯ୍ୟକ୍ରମରେ ଏହି ଚଢ଼ାଉ କରାଯାଇଛି। କୋରାପୁଟ ଜିଲାରେ ନାବାଳିକା ଶ୍ରମିକମାନେ ବିଭିନ୍ନ ସଂସ୍ଥାରେ ନିୟୋଜିତ ରହିଥିବା ସୂଚନା ପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୋରିଗୁମ୍ମା ଥାନା ଅନ୍ତର୍ଗତ ଜୟନ୍ତଗିରି ପୂଜାରିପୁଟ ରୋଡ଼ ସ୍ଥିତ କାଜୁ ମିଲ୍‌ରେ ଚଢ଼ାଉବେଳେ ୯ ଜଣ ଏବଂ ରାଣୀଗଡ଼ କୁମ୍ଭାରୀଗୁଡ଼ା କାଜୁ ମିଲ୍‌ରୁ ୨୪ ଜଣ ଏପରି ମୋଟ ୩୩ ଜଣ ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**✓ଜ୍ୟୋତ୍ସ୍ନା ସାହୁ**
**ସ୍ୱା : ଆନନ୍ଦ କୁମାର ସାହୁ**
ଏଲ୍.ପି-୨୫୧, ନିକଟସ୍ଥ ବିଡ଼ିଏ ନର୍ସରୀ ରାମ ମନ୍ଦିର ରୋଡ୍, ବିଡ଼ିଏ କଲୋନୀ ଲକ୍ଷ୍ମୀସାଗର, ଭୁବନେଶ୍ୱର-୦୬
ଆବିର୍ଭାବ : ୧୬.୦୭.୧୯୫୭
ତିରୋଧାନ : ୨୮.୦୮.୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ
ସୂର୍ଯ୍ୟ, ବେବି
ବିରେନ୍ଦ୍ର, ସାବି, ଅରୁଣ, ସୋନୀ
ଶୋକ ସନ୍ତପ୍ତ ପରିବାର ବର୍ଗ। ଧ–୮୨୨୧

### ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ**
**ଘାଟିକିଆ, ଭୁବନେଶ୍ୱର**
ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟପରାୟଣତା, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପାଥେୟ ହୋଇ ରହୁ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ - ବାସନ୍ତୀ, ପୁତ୍ର ଓ ପୁତ୍ରବଧୂ, ନାତୁଣୀ- ଟୁଲୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ। ଧ–୬୪୧୪୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୋମନାଥ ବିଶ୍ୱାଳ**
ଦୁର୍ଗାବାଡି ରୋଡ, ପୁରୀ
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୨୯।୦୮।୨୦୧୬
ତୁମର ସ୍ନେହ, ସତ୍ୟନିଷ୍ଠତା ଏବଂ ପରୋପକାରିତା ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରିବ। ତୁମ୍ଭେ ସ୍ୱର୍ଗରେ ରହି ସ୍ନେହ ପ୍ରେରଣା ଆମ୍ଭମାନଙ୍କୁ ଦେଉଥାଅ। ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ–୬୪୦୧୦

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା**
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ବନ୍ଧୁ ଓ ପରିବାରବର୍ଗ। ଧ–୬୩୪୮୯

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ଧାନୀ ସାହୁ**
**ବଲାଙ୍ଗୀର, ସୁଦପଡା**
ସପ୍ତମ ଜନ୍ମଦିନ ଅବସରରେ ମା' ସମଲେଶ୍ୱରୀ ତୋର ଚଲାପଥ କୁସୁମିତ ଓ ମଧୁମୟ କରିବା ସହ ଦୀର୍ଘାୟୁ କରନ୍ତୁ। ଏତିକି ଆମ ପ୍ରାର୍ଥନା। ଶୁଭେଚ୍ଛା: ମା– ସଙ୍ଗୀତା, ବାପା– ଜିନୁ, ମାମା– ସୁରେଖା, ଦାଦା– ମେଘନାଦ ସାହୁ, ବରପାଲି। ଧ–୬୨୪୩୯

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ପ୍ରିନ୍ସ)
**ରୁଦ୍ରନାରାୟଣ**
**ନରେନ୍ଦ୍ରପୁର, କଟକ**
ପିତା– **ଶ୍ରୀଯୁକ୍ତ କାଳନ୍ଦୀ ନାୟକ,**
ମାତା– **ଜ୍ୟୋତିର୍ମୟୀ ନାୟକ**
ମାଆ– **ଚିନ୍ମୟୀ ନାୟକ**
ଶୁଭେଚ୍ଛା ସହ: ବଡ ବାପା, ବଡ ବୋଉ, ପପୁନା, ମିଲି, ଭାଇ, ଭଉଣୀ, ମାମୁନି, ସାଇ। ଧ–୮୨୪୭


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ଆନ୍ଦୋଳନ, ସରକାରୀ କାମ ଅଚଳ

ସମ୍ବଲପୁର,୬।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଗୁରୁବାର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ କଚେରି ଛକଠାରେ ଜିଲା ଓକିଲ ସଂଘ ପିକେଟିଂ କରିଥିଲା। ଓକିଲମାନେ ଆରଡିସି ଅଫିସ, ଜିଲାପାଳ ଅଫିସ, ଉପଜିଲାପାଳ ଅଫିସ, ତହସିଲ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଥିଲେ। ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଓକିଲମାନେ ନିଜସ୍ୱ ମତ ରଖିଥିଲେ। ପୂର୍ବ ଘୋଷଣା ଅନୁଯାୟୀ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଦାବି ସମ୍ପର୍କିତ ଦେଇଥିବା ଚିଠିକୁ ସ୍ୱାଗତ କରାଯାଇଥିଲା। ହେଲେ ଏହା କେତେଦୂର ଫଳପ୍ରଦ ହେବ ଆଲୋଚନାର ବିଷୟ ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୦୧୩ ମସିହାରୁ ୩ ଥର କେନ୍ଦ୍ର ସରକାରଙ୍କୁ ଚିଠି କରିଛନ୍ତି। ଫଳାଫଳ ଶୂନ। ଏଣୁ ପୁନର୍ବାର ଚିଠିରୁ ସନ୍ତୋଷଜନକ ପରିଣାମ ଆଶା କରିବା ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା। ଉଭୟ ସରକାର ପରସ୍ପର ଉପରେ ଦୋଷ ଲଦି ଦିନ ଗଡ଼ାଇ ଚାଲିଛନ୍ତି। ଏପରି ସ୍ଥଳେ ଆସନ୍ତା ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଝାରସୁଗୁଡା ଆସିବାର କାର୍ଯ୍ୟକ୍ରମ ରହିଛି । ଏହା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଉପରେ ବିଚାରବିମର୍ଶ କରି ଅଧ୍ୟାଦେଶ ଘୋଷଣା କରନ୍ତୁ। ଏପରି ହେଲେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଆଶା ଯେ ସାକାର ହେବ ସଭାରେ ମତପ୍ରକାଶ ପାଇଥିଲା।

ଜିଲା ଓକିଲ ସଂଘ ଉପସଭାପତି ବେଦବ୍ୟାସ ସାଥୁଆ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବହିଦାର, ବିପିନ ବିହାରୀ ନାୟକ, ଆର୍ତ୍ତତ୍ରାଣ ମିଶ୍ର, ସୁରେଶ୍ୱର ମିଶ୍ର, ରବୀନ୍ଦ୍ର ନାଥ ଦେବତା, ପ୍ରଫୁଲ୍ଲ କୁମାର ହୋତା, ନବୀନ ଶତପଥୀ, ରବି ରଞ୍ଜନ ପୂଜାରୀ, ଅରବିନ୍ଦ ନାୟକ, ସୁରଜ ବିଶ୍ୱାଳ, ସତ୍ୟ ନାରାୟଣ ପଣ୍ଡା, ସୁନୀଲ କୁମାର ମିଶ୍ର, ଚନ୍ଦ୍ରକାନ୍ତ ମହାନ୍ତି, ଦିଲୀପ କୁମାର ବିଶି, ଅକ୍ଷୟ କୁମାର ଦାଶ, ଚନ୍ଦ୍ର କୁମାର ପୁରୋହିତ, ପ୍ରମୋଦ କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


## ପ୍ରଥମ ପୃଷ୍ଠାରୁ...


### ସ୍କୁଲରେ ଅନୁପସ୍ଥିତ...

ପହଞ୍ଚି ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିବେ। ବିନା ଅନୁମତିରେ ଯେଉଁ ଶିକ୍ଷକ ଧାରଣାସ୍ଥଳକୁ ଆସିଥିବେ ସେମାନଙ୍କ ଦୈନିକ ଦରମା କଟାଯିବ। ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଡିଇଓ ଏବଂ ବିଇଓଙ୍କୁ ଏ ନେଇ ଚିଠି ଲେଖି ଜଣାଇଛନ୍ତି।

ତେବେ ସରକାରଙ୍କ ଏଭଳି ଚେତାବନୀକୁ ଆନ୍ଦୋଳନରତ ଶିକ୍ଷକମାନେ ଖାତିର କରିନାହାନ୍ତି। ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କୁହନ୍ତି, ଶିକ୍ଷକଙ୍କ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। କାରଣ ଶିକ୍ଷକମାନେ ବିଭାଗ ଅଧୀନକୁ ଆସିନାହାନ୍ତି। ବିଭାଗ ଅଧୀନକୁ ସମ୍ପୂର୍ଣ୍ଣ ଭାବେ ଆସିବାକୁ ଏହି ଆନ୍ଦୋଳନ କରାଯାଉଛି। ସ୍କୁଲ ଛାଡି ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କ ଉପରେ ସ୍କୁଲ ପରିଚାଳନା କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କମିଟି ଅଧୀନରେ ଶିକ୍ଷକମାନେ ସ୍କୁଲରେ କାର୍ଯ୍ୟ କରୁଛନ୍ତି। ପରିଚାଳନା କମିଟି ଶିକ୍ଷକମାନଙ୍କୁ କହିଛି, ଆନ୍ଦୋଳନ କରି ସରକାରଙ୍କ ପାଖରୁ ନିଜର ଦାବି ହାସଲ କରିବାକୁ। ତେଣୁ ସଚିବ ଯେଉଁ ଚିଠି ଜାରି କରିଛନ୍ତି ତାହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମହାନ୍ତି କହିଛନ୍ତି।

ସଚିବ ଚିଠିରେ କହିଛନ୍ତି ଯେ, ନୂଆ କରି ନିଯୁକ୍ତି ପାଇଥିବା କୌଣସି ଚୁକ୍ତିଭିତ୍ତିକ ଶିକ୍ଷକ ସ୍କୁଲରେ ଅନୁପସ୍ଥିତ ଥିଲେ ସେମାନଙ୍କ ବାର୍ଷିକ ଚୁକ୍ତିକୁ ଆସନ୍ତା ବର୍ଷ ମାର୍ଚ୍ଚରେ ନବୀକରଣ କରାଯିବ ନାହିଁ। ଆନ୍ଦୋଳନ ଯୋଗୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି ସେଠାରେ କିପରି ଠିକ୍‌ରେ ପଢା ଜାରି ରହିବ ସେନେଇ ବ୍ୟବସ୍ଥା କରିବାକୁ ବିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପଟେ ମିଳିତ ମଞ୍ଚର ଆନ୍ଦୋଳନ ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ଦୁଇଦିନ ହେଲା ବିରୋଧୀ କଂଗ୍ରେସ ଏବଂ ଭାଜପା ଗୃହରେ ସରକାରଙ୍କୁ ଘେରି ହଙ୍ଗାମା କରୁଛନ୍ତି। ସେପଟେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଞ୍ଚ ନିଷ୍ପତ୍ତି ନେଇଛି। ଆସନ୍ତା ସୋମବାରଠାରୁ ମିଳିତ ମଞ୍ଚର ଶିକ୍ଷକମାନେ ଲୋୟର ପିଏମ୍‌ଜି ସହିତ ବ୍ଲକ ଅଫିସ୍ ଆଗରେ ଧାରଣାରେ ବସିବେ। ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆବାହକ ପ୍ରକାଶ ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି।

ଶିକ୍ଷକଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା ପାଇଁ ଗୁରୁବାର ଅପରାହ୍ନରେ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ହେଲେ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିବା ଜଣାପଡିଛି। ବୈଠକରେ ସରକାରଙ୍କ ପକ୍ଷରୁ କ'ଣ ନିଷ୍ପତ୍ତି ନିଆଗଲା ସେନେଇ ମିଳିତ ମଞ୍ଚକୁ ଅବଗତ କରାଯାଇ ନାହିଁ ବୋଲି ଆବାହକ ମହାନ୍ତି କହିଛନ୍ତି।

### ଭଙ୍ଗହେଲା ତେଲେଙ୍ଗାନା ...

ଲୋକ ସଭା ସହ ବିଧାନସଭା ନିର୍ବାଚନ କରାଗଲେ ପ୍ରଚାର ବେଳେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ 'କେସିଆର୍ ବନାମ ମୋଦି' ସ୍ଥିତିକୁ ଏଡାଇବା ପାଇଁ ଟିଆର୍‌ଏସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ରାଜ୍ୟପାଳଙ୍କୁ ଭେଟିବା ପରେ କେସିଆର୍ ୧୧୯ ସଦସ୍ୟତା ବିଶିଷ୍ଟ ବିଧାନସଭା ପାଇଁ ୧୦୫ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସକୁ ତେଲଙ୍ଗାନାର ୧ ନମ୍ବର ଶତ୍ରୁ ଓ ରାହୁଲଙ୍କୁ ଦେଶର ସବୁଠୁ ବଡ଼ ହାସ୍ୟାସ୍ପଦ ବ୍ୟକ୍ତି ଭାବେ ଅଭିହିତ କରିଛନ୍ତି। ହେଲେ କେସିଆର୍ ଭାଜପା ବିରୋଧରେ ମୁହଁ ଖୋଲି ନାହାନ୍ତି। ଏହାକୁ ନେଇ କେସିଆର୍‌ଙ୍କୁ ଭାଜପାର କ୍ରୀଡ଼ନକ ବୋଲି ସମାଲୋଚନା କରିଛି କଂଗ୍ରେସ।

ଏହି ରାଜନୈତିକ ଘଟଣାକ୍ରମ ପରେ ତେଲେଙ୍ଗାନାର ପ୍ରଥମ ନିର୍ବାଚିତ ବିଧାନସଭା ଭଙ୍ଗ ହୋଇଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପ୍ରତିଷ୍ଠା ହେବା ସହିତ କେସିଆର୍‌ଙ୍କ କ୍ୟାବିନେଟ ଦାୟିତ୍ୱ ଗ୍ରହଣ କରିଥିଲା। ଟିଆର୍‌ଏସ୍ ସରକାର ନିଜ ସପକ୍ଷରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବା ଅନୁଭବ କରିବା ପରେ ଏହାର ଫାଇଦା ନେବାକୁ ଚିନ୍ତାକରି ପ୍ରସ୍ତୁତି ଆରମ୍ଭ କରିଥିଲେ। ନିକଟରେ 'ପ୍ରଗତି ନିବେଦନ ସଭା'ର ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଥିଲେ। ଫଳରେ ରାଜ୍ୟରେ ଆଗୁଆ ନିର୍ବାଚନ କରାଇବା ପାଇଁ କେସିଆର୍ ନିଷ୍ପତ୍ତି ନେଇପାରନ୍ତି ବୋଲି ବେଶ୍ କିଛିଦିନ ଧରି କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା।

### ବିପଦସଙ୍କେତ ଉପରେ ...

ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଛି। କେନ୍ଦ୍ରାପଡାରେ ୨୭୧.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁର ୨୩୬.୧, ଯାଜପୁର ୧୩୭, କଟକ ୧୧୩.୫ ଏବଂ ଭଦ୍ରକ ଜିଲାରେ ୧୦୫.୭ ମିଲିମିଟର ବର୍ଷା ହୋଇଛି। ପୁରୀ ଜିଲାରେ ୭୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା, ୬୪.୯ ଏବଂ କନ୍ଧମାଳ ଜିଲାରେ ୫୪.୧ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଅନ୍ୟ ୧୨ଟି ଜିଲାରେ ୨୫ରୁ ୫୦ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ୪୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୁଜଙ୍ଗ ବ୍ଲକରେ ୩୭୦, କେନ୍ଦ୍ରାପଡା ଜିଲାର କେନ୍ଦ୍ରାପଡା ବ୍ଲକରେ ୩୪୦, ମାର୍ଶାଘାଇରେ ୩୩୬, ମହାକାଳପଡାରେ ୩୨୦ ଓ ଡେରାବିଶ ବ୍ଲକରେ ୨୯୮, ଯାଜପୁର ଜିଲାର ବରିରେ ୨୭୧, ତିର୍ତ୍ତୋଲରେ ୨୬୦ ଏବଂ ରଘୁନାଥପୁର ବ୍ଲକରେ ୨୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୩୨ଟି ବ୍ଲକରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଅବପାତ ବା ଡିପ୍ରେସନରେ ପରିଣତ ହୋଇଛି । ଏହା ପଶ୍ଚିମ, ଉତ୍ତର ଓଡ଼ିଶା ଓ ଏହାର ଆଖପାଖରେ ରହିଛି। ଘଣ୍ଟାକୁ ୧୮ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା, ଖୋର୍ଦ୍ଧା, ପୁରୀ, କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର କୂଳରେ ପବନର ଗତି ୨୫ରୁ ୩୫ ଓ ବେଳେ ବେଳେ ୪୫ କି.ମି. ବେଗରେ ବହିବ । କେତେକ ସ୍ଥାନରେ ୪୫ରୁ ୫୫ ଓ ୬୫ କି.ମି. ପର୍ଯ୍ୟନ୍ତ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏଥିସହିତ ପୁରୀ, ଗୋପାଳପୁର, ଚାନ୍ଦବାଲି ଓ ପାରାଦୀପ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି।

### ଆଜି ବନ୍ଦ ରହିବ ...

ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଦିନକ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ଛୁଟି ରହିବ। ସହରରେ ପ୍ରବଳ ବର୍ଷା ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଅନ୍ୟ ଜିଲାରେ ସ୍କୁଲ ଛୁଟି ଘୋଷଣା କରି ନ ଥିଲେ ମଧ୍ୟ ଜିଲାରେ ବୃଷ୍ଟିପାତର ସ୍ଥିତି ଦେଖି ଜିଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାହୁ ଓ ଚନ୍ଦ୍ରଙ୍କ ଚତୁର୍ଥସ୍ଥିତି କାରଣରୁ ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ** ଷଷ୍ଠସ୍ଥ ଶୁକ୍ର ଆପଣଙ୍କୁ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇବ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି କାମ କରିବା ଠିକ୍ ହେବନାହିଁ। ଜମିଜମା ସମ୍ପର୍କିତ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** ସ୍ୱାସ୍ଥ୍ୟ କ୍ରମଶଃ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତବୋଧ କରିପାରନ୍ତି। କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜି କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି ।

**ସିଂହ** ଦ୍ୱାଦଶରେ ପାପଗ୍ରହ ପ୍ରଭାବରୁ କାମ ହାସଲ ପାଇଁ ସୀମାତିରିକ୍ତ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବାରୁ ମାନସିକ ଭାରସାମ୍ୟ ରକ୍ଷାକରି ଚଳିବାକୁ ବାଧ୍ୟ ହେବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ କିନ୍ତୁ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** କର୍ମ ସ୍ଥାନରେ ପାପଗ୍ରହ ହେତୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥାନେଇ ସ୍ୱାମୀଙ୍କ ସହ ଆଲୋଚନା କରିବେ।

**ବିଛା** ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମାଜିକ ସ୍ତରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଠିକ୍ ହେବନାହିଁ। ଅର୍ଥ ଲାଭ କାରଣରୁ ସାମୟିକ ମନ ପ୍ରଫୁଲ୍ଲ ରହିବ।

**ଧନୁ** ବିନମ୍ରତାପୂର୍ବକ ଅନୁରୋଧ କଲେ ବନ୍ଧୁଙ୍କ ଜରିଆରେ ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହୋଇ ପାରିବ। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ସାମାଜିକ ସ୍ତରରେ ପ୍ରତିଯୋଗିତାରେ ସଫଳତା ପାଇବେ। କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** କର୍ମସ୍ଥାନରେ ଶୁଭଗ୍ରହ ହେତୁ ଜଣାଶୁଣା ବ୍ୟକ୍ତିଙ୍କ ସହାୟତାରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ** କର୍ମାଧିପତିଙ୍କ ବଳବାନତ୍ୱ କାରଣରୁ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡଜଷ୍ଟ କରି ନେବାରେ କୌଣସି ଅସୁବିଧା ରହିବ ନାହିଁ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯାଇପାରନ୍ତି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ଭାଦ୍ରବ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଳମ୍ବାସୁର ବଧ ବେଶ, ସେପ୍ଟେମ୍ବର ୭ ତାରିଖ, ରାଶି ନକ୍ଷତ୍ର ଦିବା ଘ୧ ।୪୧ମି. ପର୍ଯ୍ୟନ୍ତ–ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬ ।୫୨ମି. ମଧ୍ୟେ ଘ୪ ।୪୬ମି. ଗତେ, ଘ୬ ।୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୬ ।୫୨ମି. ଗତେ ଘ୮ ।୨୩ମି. ମଧ୍ୟେ, ଘ୧୧ ।୪୫ମି. ଗତେ ଘ୧ ।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦ ।୧୨ମି. ଗତେ, ଘ୧୧ ।୪୫ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ପୂରଣ ହେବ ସିପାହୀ, ଏପିପି ପଦବୀ

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ରାଜ୍ୟରେ ୩୪୧ ସିପାହି ଓ କନଷ୍ଟେବଲ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ପଦବୀ ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୬୮୦ଟି ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିଲା। ଏହାଛଡା ଅଧିକ ୩୪୧ ପଦବୀ ପୂରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସମୁଦାୟ ୨୦୨୧ ସିପାହି ଓ କନଷ୍ଟେବଲ ପଦବୀ ପୂରଣ କରାଯିବ। ସେହିପରି ୪୬ଟି ନୂଆ ଏପିପି(ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର) ପଦବୀ ପୂରଣ ପାଇଁ ମଧ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଗୁରୁବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏପିପି କ୍ୟାଡରରେ ୨୦୯ଟି ପଦବୀ ରହିଛି। ନିକଟରେ ୧୪୮ଟି ଏପିପି ପଦବୀ ପୂରଣ ହୋଇଛି। ବର୍ତ୍ତମାନ ଏହି ପଦବୀରେ ୧୬୩ଜଣ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ବାକି ୩୪୧ ପଦବୀ ଓପିଏସ୍‌ସି ଜରିଆରେ ପୂରଣ କରିବାକୁ ଅନୁମୋଦନ କରାଯାଇଛି। ସେହିଭଳି ସ୍ନାତକୋତ୍ତର ଶିକ୍ଷକ ପଦବୀ ପାଇଁ ୧୫୪ଜଣ ଯୋଗ୍ୟ ପ୍ରାର୍ଥୀ ବିବେଚିତ ହୋଇଛନ୍ତି। ଓପିଏସ୍‌ସି ଜରିଆରେ ୨୩୦ଟି ଗ୍ରୁପ-ବି ପାହ୍ୟାର ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅନୁମୋଦନ କରାଯାଇଥିବା ବେଳେ ଏହା ୧୫୪ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଅଧ ମିନିଟରେ ଘଣ୍ଟାଏ ବରବାଦ



■ ବିରୋଧୀ ଦୁଇଫାଳ

■ ବିଧାନସଭା ହୁଲସ୍ଥୂଲ, ଗୃହ ମୁଲତବୀ

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ଚଳିତ ଅଧିବେଶନରେ ବିରୋଧୀ ଦଳ ଦୁଇଫାଳ ହୋଇଯାଇଛନ୍ତି। ପ୍ରସଙ୍ଗ ଆଉ ଗୋଟିଏ ହୋଇ ନାହିଁ। ଉଭୟ କଂଗ୍ରେସ ଓ ଭାଜପା ଭିନ୍ନ ଇସ୍ୟୁକୁ ନେଇ ପ୍ରତିବାଦ କରୁଛନ୍ତି। ଗତ ଦୁଇଦିନ ହେବ ବିଧାନସଭାରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ବୁଧବାର କଂଗ୍ରେସ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ସରକାରଙ୍କୁ ହରଡ଼ଘଣାରେ ପକାଇଥିବା ବେଳେ ଭାଜପା ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲ। ଗୁରୁବାର ମଧ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। କଂଗ୍ରେସ ଶିକ୍ଷକମାନଙ୍କ ଆନ୍ଦୋଳନକୁ ମୁଖ୍ୟ ଅସ୍ତ୍ର କରିଥିବା ବେଳେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଉଠାଇଥିବା ଚାରା ଦୁର୍ନୀତିକୁ ନେଇ ଭାଜପା ସରକାରଙ୍କୁ ଘେରିଥିଲା। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ବିଧାନସଭାର ଗୃହକାର୍ଯ୍ୟ ବାଏଁ ବାଏଁ ଉଡିଯାଇଥିଲା। ମାତ୍ର ଗୁରୁବାର ପୂର୍ବାହ୍ନରେ ଅଧ ମିନିଟ୍ ପରେ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ କରିଥିଲେ ବାଚସ୍ପତି ପ୍ରଦୀପ ଅମାତ।

୧୦ଟା ୩୦ ମିନିଟରେ ସଭା ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଶିକ୍ଷକ ଓ କୃଷି ବିଭାଗ ଦୁର୍ନୀତି ପ୍ରସଙ୍ଗ ନେଇ ବିରୋଧୀ ଗୃହକୁ ମାଡ଼ିଆସିଥିଲେ। ନାରାବାଜି ଓ ହଟ୍ଟଗୋଳରେ ଗୃହ କମ୍ପି ଉଠିଲା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା, ନବକିଶୋର ଦାସ, କେ. ସୂର୍ଯ୍ୟ ରାଓ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଶିକ୍ଷକ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ଶିକ୍ଷକଙ୍କ ଦାବି ପୂରଣ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ନୀତିଶ ଗଙ୍ଗଦେବ ପ୍ରମୁଖ ଗୃହକୁ ଆସି ଚାରା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଦାବି କରି ଗୃହରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ମୌକା ପାଇ ନ ଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ମାତ୍ର ଅଧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।



ନିଖିଳ ଓଡ଼ିଶା ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ପିଏମ୍‌ଜିଠାରେ ବିକ୍ଷୋଭ।

### ତୈଳଦର ବୃଦ୍ଧି ପ୍ରସଙ୍ଗ
### ଆଜିଠୁ ବିଜେଡିର ୩ଦିନିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ବାରମ୍ବାର ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ କରିବାକୁ ଦଳ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ୭ରୁ ୯ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟାୟକ୍ରମେ ପୂର୍ବାହ୍ନ ୧୦ଟା ରୁ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଜେଡି ପକ୍ଷରୁ ଲିଫ୍‌ଲେଟ୍ ବଣ୍ଟନ କରାଯିବ।

■ ଶୂନ୍ୟକାଳରେ ଶିକ୍ଷକ ପ୍ରସଙ୍ଗ

# ବାଚସ୍ପତିଙ୍କ ହସ୍ତକ୍ଷେପ ବିରୋଧୀ ଲୋଡ଼ିଲେ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଗତ ୨୧ ଦିନ ଧରି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ରାଜଧାନୀରେ ଖରା ଓ ବର୍ଷାରେ ଭିଜି ଦାବି ପୂରଣ ନେଇ ରାତିଦିନ ଆନ୍ଦୋଳନ ଚଳାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଗତ ଦୁଇଦିନ ହେବ ବିଧାନସଭା ଉଠୁଛି ପଡୁଛି। ତେବେ ଗୁରୁବାର ଶୂନ୍ୟକାଳରେ ମଧ ବିରୋଧୀ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶିକ୍ଷକ ଆନ୍ଦୋଳନ ସମସ୍ୟା ଉଠାଇ କହିଲେ, ରାଜ୍ୟରେ ଶିକ୍ଷକଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ସରକାରୀ କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି। ମାତ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଶିକ୍ଷକମାନେ ଦୀର୍ଘଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। ସରକାର ସେମାନଙ୍କ ସହିତ ଆଲୋଚନା କରୁନାହାନ୍ତି। ଫଳରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ଗତକାଲି ଆମେ ଆନ୍ଦୋଳନ ସ୍ଥଳରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲୁ। ସେମାନଙ୍କ ଦାବି ଯଥାର୍ଥ ଅଟେ। ଏହି ବିଷୟକୁ ଆମେ ବିରୋଧୀ ଦଳ ବିଧାନସଭାରେ ଉଠାଉଛୁ। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷା ଏକ ମୌଳିକ ଅଧିକାର। ଉତ୍ତମ ଶିକ୍ଷା ଦେବା ସରକାରଙ୍କ ପ୍ରଥମ କାର୍ଯ୍ୟ। ଗରିବୀ ଦୂର କରିବାରେ ଶିକ୍ଷା ସହାୟକ ହୋଇଥାଏ। ସମାଧାନ କରିବା ପରିବର୍ତ୍ତେ ଶିକ୍ଷକମାନଙ୍କୁ ଧମକାଇବା ଆରମ୍ଭ କରିଛନ୍ତି ସରକାର। ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦରମା ବନ୍ଦ କରିବାକୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ସରକାର କିଛି ପଦକ୍ଷେପ ନ ନେଲେ ବାଚସ୍ପତି ଏଥିରେ ହସ୍ତକ୍ଷେପ କରିବା ଦରକାର। ସବୁ ଦଳର ସଦସ୍ୟଙ୍କୁ ଡାକି ଏହାର ସମାଧାନ ବାହାର କରିବାକୁ ସେ ଦାବି କରିଥିଲେ। ନରସିଂହଙ୍କ ସହ ସ୍ୱର ମିଳାଇଥିଲେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ସଭ୍ୟ ବିଭୂତି ଭୂଷଣ ହରିଚନ୍ଦନ, ପ୍ରଦୀପ ପୁରୋହିତ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି। ଶିକ୍ଷକମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରି ଅଚଳ ହୋଇପଡିଥିବା ଶିକ୍ଷା ବ୍ୟବସ୍ଥାକୁ ଫେରାଇ ଆଣିବାକୁ ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିମାନ ଉଡ଼ାଣ ପାଇଁ ପ୍ରସ୍ତୁତ ଝାରସୁଗୁଡ଼ା ବିମାନବନ୍ଦର

### ସମସ୍ତ ପ୍ରକାର ଭିତ୍ତିଭୂମି ଓ ସେବା ସହାୟତା ନିଶ୍ଚିତ କର: ପାଢ଼ୀ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ ଲାଗି ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସିବେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳୀ ଝାରସୁଗୁଡା ଗସ୍ତରେ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ବିମାନବନ୍ଦର କାର୍ଯ୍ୟର ସମୀକ୍ଷା ଜୋର୍‌ଦାର କରାଯାଇଛି। ରାଜ୍ୟ ସରକାର ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ୨୦୧୪ରେ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ଲାଗି ଭିତ୍ତିଭୂମି ମୂଳକ ବ୍ୟବସ୍ଥାକୁ ଚୂଡାନ୍ତରୂପ ଦିଆଯାଇଛି। ଏବେ ଝାରସୁଗୁଡା ବିମାନବନ୍ଦରରୁ ବିମାନ ଉଡାଣ ହୋଇପାରିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି।

ବନ୍ଦର ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ସୁବିଧା ସୁଯୋଗ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଶ୍ଚିତ କରାଇବା ଲାଗି ପାଢୀ ଝାରସୁଗୁଡା ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଯୋଗାଯୋଗକୁ ସୁଗମ ଓ ସୁବିଧାଜନକ କରିବା ପାଇଁ ଆବଶ୍ୟକୀୟ ଆନୁଷଙ୍ଗିକ ସହାୟତା ଓ ସହଯୋଗ ତୁରନ୍ତ ଯୋଗାଇବା ପାଇଁ ମଧ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଝାରସୁଗୁଡା ବିମାନବନ୍ଦରରୁ ପ୍ରଥମ ପର୍ଯ୍ୟାୟ ଉଡାଣ ଆରମ୍ଭ ଲାଗି ଝାରସୁଗୁଡା ବିମାନବନ୍ଦରର ଭିତ୍ତିଭୂମି କାର୍ଯ୍ୟ ଚୂଡାନ୍ତ ହୋଇଛି। ଏହି ବିମାନବନ୍ଦର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ୧୧୮.୭୫ଏକର ଜମି ଯୋଗାଇ ଦିଆଯାଇଛି। ଏହାର ଭିତ୍ତିଭୂମି ନିର୍ମାଣ ପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୭୫କୋଟି ଟଙ୍କା ଦିଆଯାଇଛି। ବିମାନବନ୍ଦରର ସୁରକ୍ଷା ଓ ଉଡାଣ ସହାୟତା ପାଇଁ ୫୨ଜଣ ପୋଲିସ୍ ଓ ଅଗ୍ନିଶମ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିମାନବନ୍ଦରରେ ବିଦ୍ୟୁତ ଓ ଜଳଯୋଗାଣ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ଯୋଗାଯାଇଛି। ଏହି ବିମାନବନ୍ଦରରୁ ଭୁବନେଶ୍ୱର ଓ ରାଞ୍ଚିକୁ ବିମାନ ଯୋଗାଯୋଗ ହେବ। ସପ୍ତାହକ ମଧ୍ୟରେ ଏକ ପରୀକ୍ଷାମୂଳକ ଭାବେ ଉଡାଣ ହେବ। ଖୁବ୍‌ଶୀଘ୍ର ଆର୍‌.ସି.ଏସ୍‌. ଉଡାଣ ଯୋଜନାର ବିମାନ ସେବା ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଫସଲ ବୀମାକୁ ନେଇ ହଙ୍ଗାମା

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଚାଷୀ ପାଉନାହାନ୍ତି ଫସଲ ବୀମା। ୨୦୧୬ରୁ ବୀମା ରାଶି ମିଳିନାହିଁ। ଦୂବଘାସ ନ ଥିଲା। କେମିତି ଫଟୋ ନେଲେ ଯେ, ଚାଷୀଙ୍କୁ ବୀମା ମିଳିଲା ନାହିଁ। ଚାଷୀ ପ୍ରକୃତରେ ପାଉଛନ୍ତି କି ନାହିଁ ସେ ବିଷୟରେ ମନ୍ତ୍ରୀ କିଛି ବୁଝନ୍ତି ନାହିଁ। ଅଫିସର ଯାହା ଲେଖିଦେଲେ ତାକୁ ପଢ଼ିଦେଉଛନ୍ତି। ଚାଷୀ ଅମଳ କରୁଛି ବୋଲି ଆମେ ଏଠି ଭାଷଣ ମାରୁଛୁ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ଆମେ ଚାଷୀଙ୍କ ପାଇଁ ଛିଡ଼ା ନ ହେଲେ ସେମାନେ ଆମକୁ କାହିଁକି ଭୋଟ ଦେବେ। ବୀମା କମ୍ପାନୀ ଧରାଛୁଆଁ ଦେଉନାହାନ୍ତି। ବୀମା ଅର୍ଥ ଚାଷୀଙ୍କୁ ମିଳୁନାହିଁ। କୋ-ଅପରେଶନ ବିଭାଗ କରପ୍‌ଶନ ବିଭାଗରେ ପରିଣତ ହୋଇଗଲାଣି। ଫସଲ କଟିଂ କିଏ କରୁଛି ସେ ବିଷୟରେ କେହି ଜାଣୁନାହାନ୍ତି। ରିପୋର୍ଟ କେଉଁଠି ରହିଛି ତାହା ମଧ କାହାରିକୁ ଜଣାନାହିଁ। ରାଜ୍ୟରେ ଏଭଳି ଅନ୍ଧାରି ଶାସନ ଚାଲିଛି। ଏଭଳି ଅଭିଯୋଗ ଆଣି ମୁଲତବୀ ଆଲୋଚନା ବେଳେ ବିରୋଧୀ ଓ ଶାସକ ସଦସ୍ୟମାନେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ହଲାପଟା କରିଥିଲେ। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଇ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲେ। ବୀମା ପ୍ରଦାନ ଉପରେ ମନ୍ତ୍ରୀ ଦେଉଥିବା ଉତ୍ତରକୁ ବିରୋଧ କରି କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲିଯାଇଥିଲେ।

କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କୃଷି ବୀମା ରାଶି ପାଇବାରୁ ବଞ୍ଚିତ ଓଡ଼ିଶା କୃଷକ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହାକୁ ସମର୍ଥନ କରି କଂଗ୍ରେସ ସଦସ୍ୟ ନବ କିଶୋର ଦାସ ଚାଷୀ ବୀମା ନ ପାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ଦାୟୀ ବୋଲି କହିଥିଲେ। ରାଜ୍ୟ ସରକାର କିନ୍ତୁ କେନ୍ଦ୍ରକୁ ଘଣ୍ଟ ଘୋଡ଼ାଉଛନ୍ତି। ଯଦି ଚାଷୀଙ୍କୁ ବୀମା ଦେଇପାରୁନାହଁ, ତେବେ ଗୃହରେ ଏ ନେଇ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି ଦାବି କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଚାଷୀଙ୍କୁ ବୀମା ଅର୍ଥ ମିଳୁ ନ ଥିବା ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀ ଯେଉଁ ଲିଖିତ ଉତ୍ତର ଦେଉଛନ୍ତି ତାହା ଅତ୍ୟନ୍ତ ନୈରାଶ୍ୟଜନକ ଓ ଅନଭିଜ୍ଞ। ମନ୍ତ୍ରୀ ବିଭାଗ କଥା ଜାଣିନାହାନ୍ତି। ପଦରେ ରହିବା ମନ୍ତ୍ରୀଙ୍କର ନୈତିକ ଅଧିକାର ନାହିଁ। ଶସ୍ୟକଟା ରିପୋର୍ଟ ଅନେକ ଜିଲାରେ ହଜିଯାଇଛି। ବଲାଙ୍ଗୀର ଜିଲାର ନ'ଗାଁ ପଞ୍ଚାୟତରେ ୯୦ ପ୍ରତିଶତ ଶସ୍ୟ କ୍ଷତି ହୋଇଥିବା ବେଳେ ସେହି ପଞ୍ଚାୟତର ୩ଟି ଗାଁକୁ କିପରି ବାଦ୍ ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅଫିସର ଯାହା ଲେଖିଦେଲେ ମନ୍ତ୍ରୀ ସେଥିରେ ଦସ୍ତଖତ କରିଦେଲେ। ସରକାର କେତେଦିନ ଭିତରେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବେ, ସେ ବିଷୟରେ ଜଣାଇବାକୁ ନରସିଂହ ଦାବି କରିଥିଲେ। ଯୋଗେନ୍ଦ୍ର ବେହେରା କହିଲେ, ଚାଷୀଙ୍କ ପାଇଁ ସବୁ ନାଟ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ୨୦୧୬ ମସିହାରୁ ଲୋଇସିଙ୍ଗା ବ୍ଲକର ୪ଟି ଗ୍ରାମ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ଏତେ ଯୋଜନା କରୁଛନ୍ତି, ମାତ୍ର କେତେଜଣ ଚାଷୀଙ୍କୁ ବୀମା ରାଶି ଦେଇପାରିବେ ନାହିଁ। ତୁରନ୍ତ ବୀମା ଅର୍ଥ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

କଂଗ୍ରେସ ସଭ୍ୟ ପ୍ରଫୁଲ୍ଲ ମାଝି, ତାରା ପ୍ରସାଦ ବାହିନୀପତି, ଭାଜପା ସଦସ୍ୟ ରବି ନାଏକ, ପ୍ରଦୀପ ପୁରୋହିତ, ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ, ଜୀବନ ପ୍ରଦୀପ ଦାଶ, ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ଚାଷୀମାନେ ବୀମା ପାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବୀମା ରାଶି ତୁରନ୍ତ ଦେବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ୩ ଦିନ ତଳେ ବଲାଙ୍ଗୀର ଯାଇ ୨୨ଟି ଜାଗା ବୁଲିଲି। ସେଠାରେ ବୀମା ପାଇ ନ ଥିବା ନେଇ ବହୁ ଅଭିଯୋଗ ଆସିଛି। ଚଳିତ ମାସ ୮ ତାରିଖରେ କେନ୍ଦ୍ର ସରକାରଙ୍କର ଦୁଇଜଣ ଅଧିକାରୀ ଆସିବେ। ସେମାନେ ରାଜ୍ୟ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସମସ୍ୟାର ସମାଧାନ କରାଯିବ। କେନ୍ଦ୍ର ସରକାର ୨୨ଟି ବୀମା କମ୍ପାନୀଙ୍କ ନାମ ଦେଇଛନ୍ତି। ସେମାନଙ୍କୁ ଟେଣ୍ଡର ମାଧ୍ୟମରେ ୩/୪ଟି ଜିଲାର ଦାୟିତ୍ୱ ଦିଆଯାଉଛି। ରାଜ୍ୟର ୩ ହଜାର ଜାଗାରେ କ୍ରପ୍ କଟିଂ ହେଉଛି। ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ହେଉଛି। ଧାନ ପାଇଁ ପଞ୍ଚାୟତକୁ ୟୁନିଟ୍ ଭାବେ ଧରାଯାଉଥିବା ବେଳେ ଅନ୍ୟ ଫସଲ ପାଇଁ ବ୍ଲକକୁ ୟୁନିଟ୍ ରୂପେ ନିଆଯାଉଛି। ୨୦୧୭ ଖରିଫ ପାଇଁ ୪ଟି ବୀମା କମ୍ପାନୀ ୧୬୩୭.୪୫ କୋଟି ଆକଳନ କରିଥିବା ବେଳେ ୨୦୧୮ ସେପ୍ଟେମ୍ବର ୪ ସୁଦ୍ଧା ବୀମା ରାଶି ବାବଦରେ ୧୫୯୪.୦୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଉଥିବା ବେଳେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀଙ୍କୁ ଲକ୍ଷ୍ୟକରି କହିଲେ, ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ। ବୀମା ଅର୍ଥ କେବେ ସୁଦ୍ଧା ଚାଷୀଙ୍କୁ ଦେବେ ସେ କଥା କୁହନ୍ତୁ । ମନ୍ତ୍ରୀଙ୍କ ଉତ୍ତର ଠିକ୍ ନାହିଁ କହି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିବା ସହ ବିଧାନସଭା କକ୍ଷ ଛାଡି ଚାଲିଯାଇଥିଲେ। ସେହିପରି ଭାଜପା ସଦସ୍ୟମାନେ ମଧ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବାହାରକୁ ଯାଇଥିଲେ।

### ମୁଲତବୀ ଆଲୋଚନା

■ ଆମେ ଚାଷୀ ପରିବାରରୁ ଆସିଛୁ, ଲଙ୍ଗଳ ଧରୁନା: ଶାସକ

■ ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ: ବିରୋଧୀ

■ ୧୫୯୪ କୋଟି ଦେଇଛନ୍ତି ବୀମା କମ୍ପାନୀ: ମନ୍ତ୍ରୀ

■ ବିରୋଧୀଙ୍କ କକ୍ଷ ତ୍ୟାଗ






କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆତ୍ମ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ- ସେତିକି ବେଳେ। -ଶ୍ରୀଅରବିନ୍ଦ

# ଟାଳଟୁଳ ନୀତି ଛାଡ଼

ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଡଲାର ତୁଳନାରେ ନାଇନ୍‌ପିନ୍ସ ଖେଳର ବୋଲିଂ ବଲ୍ ଗଡ଼ିବା ପରି ପ୍ରତିଦିନ ଖସି ଖସି ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଲାଣି। ବିଶ୍ୱ ଅର୍ଥନୈତିକ ପ୍ରତିକୂଳ ହାୱାରେ ଗୁରୁବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୨ ସ୍ତର ପର୍ଯ୍ୟନ୍ତ ପ୍ରଥମଥର ପାଇଁ ଖସି ଆସିଛି। ଏକ ଡଲାରର ମୂଲ୍ୟ ପାଖାପାଖି ଟ୭୧.୯୯ ହୋଇଛି। ଏହା ପୂର୍ବରୁ ଟଙ୍କାର ଏପରି ଶୋଚନୀୟ ଅବମୂଲ୍ୟାୟନ କେବେ ଘଟି ନ ଥିଲା। ଗୋଟିଏ ମାସ ଭିତରେ ଟଙ୍କାର ମୂଲ୍ୟ ପ୍ରାୟ ଟ୩.୫୦ ଖସିଛି, ଯେଉଁଥିରୁ ପ୍ରାୟ ଟ୨.୦୦ ସାତଟି ବାଣିଜ୍ୟିକ ଦିବସରେ ଖସିଛି। ତୁର୍କୀ ଓ ଆର୍ଜେଣ୍ଟିନାର ଆର୍ଥିକ ବଜାରରେ ମାନ୍ଦାବସ୍ଥାକୁ ନେଇ ସର୍ବତ୍ର ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଗତ କିଛି ସପ୍ତାହ ତଳୁ ଟଙ୍କାର ଯେପରି ଅବମୂଲ୍ୟାୟନ ଘଟିଛି, ଅନ୍ୟ ବିକାଶଶୀଳ ଦେଶର ମୁଦ୍ରା କ୍ଷେତ୍ରରେ ମଧ୍ୟ ସେପରି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି, ଯାହା ଟଙ୍କାର ମୂଲ୍ୟ ଉପରେ ଆହୁରି ପ୍ରତିକୂଳ ପ୍ରଭାବ ପକାଉଛି। ଇରାନ ଉପରେ ଆମେରିକୀୟ କଟକଣା ଅଶୋଧିତ ତୈଳର ଅଭାବଜନିତ ପରିସ୍ଥିତିକୁ ଆହୁରି ଖରାପ କରିବା ଆଶଙ୍କାରେ ୧୫ ଦିନ ଭିତରେ ଏହାର ମୂଲ୍ୟ ବ୍ୟାରେଲ ପିଛା ୭ ଡଲାର ବୃଦ୍ଧି ପାଇଛି। ଯେଉଁ ହାରରେ ଟଙ୍କାର ଅବମୂଲ୍ୟାୟନ ଘଟିଚାଲିଛି, ତାହା ବିଦେଶୀ ବ୍ୟାଙ୍କରୁ ଋଣ ଆଣିଥିବା କର୍ପୋରେଟ୍‌ଗୁଡ଼ିକୁ ଦେବାଳିଆ କରିଦେଇପାରେ ଏବଂ ସେମାନଙ୍କର ରେଟିଂ ବିଯୁକ୍ତାତ୍ମକ ହୋଇପାରେ। କାରଣ ସେମାନେ ତାଙ୍କର ଅଧିକାଂଶ ବୈଦେଶିକ ମୁଦ୍ରା (ଡଲାର)କୁ ସୁରକ୍ଷିତ ରଖିବାର ବିକଳ୍ପ ବ୍ୟବସ୍ଥା କରିନାହାନ୍ତି। ଯଦି ଏପରି ଅନିଶ୍ଚିତତା ଜାରି ରହେ, ତେବେ ଭାରତରୁ ବହୁ ପରିମାଣରେ ପୁଞ୍ଜି ପ୍ରତ୍ୟାହାର ହେବାର ଆଶଙ୍କା ରହିଛି। ଆମେରିକା ତଥା ଅନ୍ୟ ବିକଶିତ ଦେଶରେ ସୁଧହାର ବୃଦ୍ଧି ପାଉଥିବାରୁ ନିବେଶକମାନେ ସେସବୁ ଦେଶମୁହାଁ ହେବେ। କିନ୍ତୁ ସରକାର ଏପରି ସଂକଟ ସମୟରେ ଆଦୌ ଚିନ୍ତିତ ଥିବା ପରି ଜଣାପଡୁନାହାନ୍ତି। ପ୍ରତିଦିନ ଟଙ୍କାର ଅବମୂଲ୍ୟାୟନ ଘଟୁଥିବା ବେଳେ ସରକାର ନିଦାବିଷ୍ଟୁ ପାଳଟିଛନ୍ତି। ତାଙ୍କର ଯୁକ୍ତି ହେଉଛି, ବିନା ବିଶେଷ ଚେଷ୍ଟାରେ ଟଙ୍କା ଆପଣାଛାଏଁ ଉଠି ଠିଆହେବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ବୁଧବାର କହିଲେ ଯେ, ଟଙ୍କାର ଅବମୂଲ୍ୟାୟନକୁ ରୋକିବା ପାଇଁ ସରକାର କିଛି କରିପାରିବେ ନାହିଁ।

## ଆଜିର ଅର୍ଥନୀତି

ଟଙ୍କାର ଅବମୂଲ୍ୟାୟନ ଅପେକ୍ଷା ମାତ୍ରାଧିକ ତୈଳଦର ବୃଦ୍ଧି ସାଧାରଣ ଲୋକଙ୍କୁ ଖୁବ୍ ବାଧୁଛି। ତୈଳଦର ବୃଦ୍ଧି ଯୋଗୁ ଅନ୍ୟାନ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଉଛି। ଏହି ଦରଦାମ୍ ବୃଦ୍ଧି ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। ମୁଦ୍ରାସ୍ଫୀତି ବଢ଼ିବା ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିବାକୁ ବାଧ୍ୟହେବ, ଯାହା ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଭିଶାପ। ଏ ସରକାରର ପ୍ରଥମ ତିନିବର୍ଷରେ, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କମୁଥିଲା, ସେତେବେଳେ ତା'ର ଲାଭ ଲୋକଙ୍କୁ ନ ଦେଇ ସରକାର ନିଜର ପାଣ୍ଠି ବୃଦ୍ଧି କରିଥିଲେ। ଏବେ ଦରଦାମ୍ ବୃଦ୍ଧି ସହ ଅଗଷ୍ଟ ମାସ ଓ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମାତ୍ରାଧିକ ବର୍ଷା ହେବା ଫଳରେ ବିଭିନ୍ନ ରାଜ୍ୟରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବୁଧବାର ପେଟ୍ରୋଲ ଓ ଡିଜେଲ ଦର କମାଇବା ପାଇଁ ଉତ୍ପାଦନ ଶୁଳ୍କ ହ୍ରାସ କରିବାକୁ ରୋକ୍‌ଠୋକ୍ ମନା କରିଦେବା ଦୁର୍ଭାଗ୍ୟଜନକ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦରର ପ୍ରାୟ ଅଧା ହେଉଛି କେନ୍ଦ୍ର ଓ ରାଜ୍ୟ ଟିକସ। ଟଙ୍କାର ଅବମୂଲ୍ୟାୟନ ସହ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଅଗଷ୍ଟ ମଧ୍ୟଭାଗରୁ ଖୁଚୁରା ତୈଳ ଦର ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏହିପରି କମିବାରେ ଲାଗେ ତେବେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବୃଦ୍ଧି ପାଇବ। ତେଣୁ ସରକାର ଏବେ ଟାଳଟୁଳ ନୀତି ଛାଡ଼ି ତୁରନ୍ତ ପଦକ୍ଷେପ ନେବା ଉଚିତ। ସରକାର ଟଙ୍କାର ଅବମୂଲ୍ୟାୟନ ରୋକିବା ଲାଗି ବିହିତ ପଦକ୍ଷେପ ନେବା ସହ ଖୁଚୁରା ବଜାରରେ ତୈଳଦର ହ୍ରାସ କରିବା ଲାଗି ଉତ୍ପାଦନ ଶୁଳ୍କ କମାଇବା ଦରକାର। ସାଧାରଣ ନିର୍ବାଚନ ଆଉ ବର୍ଷକରୁ କମ୍ ଥିବା ବେଳେ ସରକାର ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବା ଆଶ୍ଚର୍ଯ୍ୟଜନକ।

# ଏମ୍‌ଏସ୍‌ପି ଓ ଚାଷୀ ଆତ୍ମହତ୍ୟା



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଆଜି ଦେଶରେ ପ୍ରତି ଘଣ୍ଟାରେ ୨ ଜଣ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ବର୍ଷକୁ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି। ଚାଷୀ ଆତ୍ମହତ୍ୟାର ବହୁ କାରଣ ଥାଇପାରେ, କିନ୍ତୁ ମୁଁ ଚାଷୀମାନଙ୍କ ସହିତ ମିଶି ଯାହା ଅନୁଭବ କରୁଛି, ତାହା ହେଉଛି ଚାଷୀଙ୍କ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ଅବସ୍ଥା। ଚାଷୀଭାଇ ଗୋଟିଏ ଫସଲର ଅମଳ ସମୟରେ ଯାହା ରୋଜଗାର କରେ, ତାହାକୁ ପୁଣି ପରବର୍ତ୍ତୀ ଚାଷରେ ଖର୍ଚ୍ଚ କରିଦେଇଥାଏ। ଚାଷ ପାଇଁ ଋଣ, ଘର ଚଳାଇବା ପାଇଁ ଋଣ ଚାଷୀର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଦେଇଥାଏ। ପୁଣି ପିଲାଙ୍କ ପାଠପଢ଼ା, ଚିକିତ୍ସା ପାଇଁ ଅର୍ଥ ନ ଥିବାବେଳେ ସେମାନଙ୍କ ବିବାହବ୍ରତ ପାଇଁ ଚାଷୀଭାଇ ଋଣଗ୍ରସ୍ତ ହେଉଛି। ଚାଷରୁ ଉତ୍ପନ୍ନ କୃଷିଜାତ ଦ୍ରବ୍ୟର ବିକ୍ରି ମୂଲ୍ୟ ଉତ୍ପାଦନ ଖର୍ଚ୍ଚଠାରୁ କମ୍ ହୋଇଥିବାରୁ ଚାଷୀ ଋଣ ଶୁଝିପାରୁ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ତା'ର ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଦେଉଛି। ଖରାପ ଆର୍ଥିକ ଅବସ୍ଥା ଚାଷୀ ଆତ୍ମହତ୍ୟାର ପ୍ରମୁଖ କାରଣ। ଆମ ରାଜ୍ୟରେ ଚାଷୀର ଅର୍ଥନୀତି ଧାନଚାଷ ଉପରେ ନିର୍ଭର କରିଥାଏ। ୨୦୧୭-୨୦୧୮ ବର୍ଷରେ ଚାଷୀ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୩୪୪ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ହିସାବରେ ମାତ୍ର ୧୫୫୦ଟଙ୍କା ମିଳିଥିଲା।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶ୍ରମିକ ମଜୁରିକୁ ୨୦୦ଟଙ୍କା ହିସାବରେ ନେଇ ୨୦୧୫ ମସିହାରେ ଏମ୍‌ଏସ୍‌ପି ହିସାବ କରିଥିଲା। ଏବେ ଓଡ଼ିଶାରେ ଅଣକୁଶଳୀ କୃଷି ଶ୍ରମିକର ଦୈନିକ ମଜୁରି ସରକାରୀ ଭାବେ ଟ୨୨୪.୩୦ ହୋଇଥିଲେ ହେଁ ପ୍ରକୃତରେ ଚାଷୀକୁ ଶ୍ରମିକ ମଜୁରି ବାବଦରେ ୨୫୦ରୁ ୩୦୦ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥାଏ। ସୁତରାଂ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀକୁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରି ସ୍ଥଳେ ୨୦୧୮-୧୯ ଖରିଫ ଏବଂ ରବି ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ୧୭୫୦ଟଙ୍କା ଧାର୍ଯ୍ୟ କରିବା କେତେଦୂର ଗ୍ରହଣୀୟ ? ଧାନ ଉତ୍ପାଦନ ଖର୍ଚ୍ଚ ଏବଂ ଏମ୍‌ଏସ୍‌ପିକୁ ଦେଖିଲେ ଏଥିରୁ ସ୍ପଷ୍ଟ ଯେ ଚାଷୀଭାଇ ୧ କୁଇଣ୍ଟାଲ ଧାନ ଉତ୍ପାଦନ କରି ପ୍ରାୟ ୧୦୦୦ଟଙ୍କା କ୍ଷତି ସହୁଛି, ଯେଉଁଥିପାଇଁ ଚାଷୀର ଆର୍ଥିକ ଅବସ୍ଥା ଦିନକୁ ଦିନ ଦୁର୍ବଳ ହୋଇଯାଉଛି।

ଚାଷୀମାନଙ୍କଠାରୁ ସଂଗୃହୀତ ତଥ୍ୟ ଅନୁସାରେ, ୧ ଏକର ଧାନଚାଷ କରିବା ପାଇଁ ପ୍ରାୟ ୮୪ଟି ମଜୁରି ଆବଶ୍ୟକ ପଡ଼ିଥାଏ। ଶ୍ରମିକ ମଜୁରି ଯଦି ଦୈନିକ ୨୫୦ଟଙ୍କା ଲେଖାଏଁ ହିସାବ କରାଯାଏ ତେବେ ଏକ ଏକର ଧାନଚାଷ ପାଇଁ ଚାଷୀଭାଇକୁ ୨୧,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ସରକାରଙ୍କ ହିସାବ ଅନୁସାରେ ୧ ଏକର ଜମିରୁ ହାରାହାରି ୧୪ କୁଇଣ୍ଟାଲ ଧାନ ଅମଳ ହୁଏ। ତେବେ ଚାଷୀକୁ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଆପଣ ଭାବୁଥିବେ ଏବେ ଚାଷୀଭାଇମାନେ ଯାନ୍ତ୍ରିକ ପଦ୍ଧତିରେ ଚାଷ କଲେଣି। ଚାଷୀଭାଇମାନେ ଟ୍ରାକ୍ଟର, ପାୱାରଟିଲର୍, କମ୍ବାଇନ୍ ହାର୍ଭେଷ୍ଟର, ଟ୍ରାନ୍ସପ୍ଲାଣ୍ଟର ବ୍ୟବହାର କରୁଛନ୍ତି, ହେଲେ ଶ୍ରମିକ ମଜୁରି ବାବଦରେ ଏତେ ଖର୍ଚ୍ଚ ହେଉଛି କିପରି ?

ଆଜ୍ଞା! ଆମ ଦେଶରେ ଯାନ୍ତ୍ରିକ କୃଷି ମାତ୍ର ୪୦ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟରେ ଏହା ୨୦ ପ୍ରତିଶତରୁ କମ୍। ଆଉ ସବୁଠାରୁ ବଡ଼ କଥା ହେଉଛି ଯାନ୍ତ୍ରିକ କୃଷିରେ ଦେଶର ସବୁଠାରୁ ଆଗୁଆ ପଞ୍ଜାବରେ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୪୯୦ଟଙ୍କା ଖର୍ଚ୍ଚ ହେଉଛି ବୋଲି ପଞ୍ଜାବ ସରକାର ସିଏସିପିକୁ ଜଣାଇଥିଲେ। ଏହାଛଡ଼ା ବିହନ, ସାର, କୀଟନାଶକ, ଜୈବିକ ଖତ, ଜଳକର, ଖଜଣା, କୃଷିଋଣ ପାଇଁ ସୁଧ ବାବଦ ଖର୍ଚ୍ଚ ହିସାବକୁ ନେଲେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ ହେଉଛି। ଏ ପରିସ୍ଥିତିରେ ଭାଗଚାଷୀଙ୍କ କଥା ନ କହିଲେ ଭଲ। ଭାଗଚାଷୀକୁ ଉତ୍ପାଦିତ ଧାନର ଏକ ତୃତୀୟାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ।

ଗତବର୍ଷ ଆମ ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ଟଙ୍କା (ଉତ୍ପାଦନ ଖର୍ଚ୍ଚ ୨୩୪୪ଟଙ୍କା+ଉତ୍ପାଦନ ଖର୍ଚ୍ଚର ୨୫%) କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଧାନର ଏମ୍‌ଏସ୍‌ପି ୨୯୩୦ଟଙ୍କା କରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା, ହେଲେ ଏହାକୁ ଅଣଦେଖା କରାଯାଇ ଧାନର ଏମ୍‌ଏସ୍‌ପି ଚଳିତ ବର୍ଷ ଅପେକ୍ଷା କୁଇଣ୍ଟାଲ ପ୍ରତି ୨୦୦ଟଙ୍କା ବୃଦ୍ଧିକରି ଚାଷୀଭାଇଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଇଛି।

ଭାଜପା ଚାଷୀଭାଇଙ୍କୁ ଭରସା ଦେଇଥିଲା ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଏମ୍.ଏସ୍. ସ୍ୱାମୀନାଥନ୍ ସୁପାରିସକୁ କାର୍ଯ୍ୟକାରୀ କରି ଧାନର ଏମ୍‌ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚଠାରୁ ୫୦ପ୍ରତିଶତ ଅଧିକ କରିବେ। ଜାତୀୟ କୃଷକ କମିଶନ ଅଧ୍ୟକ୍ଷ ସ୍ୱାମୀନାଥନ୍ ୨୦୦୬ ମସିହାରେ ସୁପାରିସ କରିଥିଲେ ଖାଦ୍ୟଶସ୍ୟର ଏମ୍‌ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରିବା ପାଇଁ। ତତ୍କାଳୀନ ଉପା ସରକାର ଏହି ସୁପାରିସକୁ କାର୍ଯ୍ୟକାରୀ କରି ନ ଥିଲେ। ଭାଜପା କ୍ଷମତାକୁ ଆସିବା ପରେ ଚାଷୀଭାଇଙ୍କୁ ଦେଇଥିବା ପ୍ରତିଶ୍ରୁତି ୪ବର୍ଷ କାଳ ଭୁଲିଯାଇଥିଲେ। ୨୦୧୯ ନିର୍ବାଚନ ପାଖେଇ ଆସିବାରୁ ଭୋଟ୍‌କୁ ଆଖି ଆଗରେ ରଖି ଧାନ ଉତ୍ପାଦନ ଖର୍ଚ୍ଚର ଭୁଲ୍ ହିସାବ ଦେଇ ସରକାର କହୁଛନ୍ତି ଯେ, ଧାନର ଏମ୍‌ଏସ୍‌ପି ସ୍ୱାମୀନାଥନ୍ କମିଟିର ସୁପାରିସ ଅନୁସାରେ ବୃଦ୍ଧି କରାଯାଇଛି। ଅର୍ଥାତ୍ ଧାନର ଏମ୍‌ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ହୋଇଛି, ଯାହା ସମ୍ପୂର୍ଣ୍ଣ ଭୁଲ୍। ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦ ଚାଷୀଭାଇଙ୍କୁ ପ୍ରାୟ ୧୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ କେନ୍ଦ୍ର ସରକାର କିପରି କହୁଛନ୍ତି କୃଷି ବ୍ୟୟ ଓ ମୂଲ୍ୟ ଆୟୋଗ (ସିଏସିପି)ର ଧାନର C2 ଫର୍ମୁଲା ଅନୁସାରେ ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପ୍ରତି ୧୧୬୬ ଟଙ୍କା ହେଉଛି।

C2 ଫର୍ମୁଲା ହେଲା ସିଏସିପି କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ହିସାବ ପାଇଁ ଯେଉଁ ୩ଟି ଫର୍ମୁଲା ବ୍ୟବହାର କରନ୍ତି ସେଥିମଧ୍ୟରୁ ଗୋଟିଏ। ଅନ୍ୟ ଦୁଇଟି ଫର୍ମୁଲା ହେଉଛି A2 ଏବଂ A2+FL। A2 ହେଉଛି ସେହି ଉତ୍ପାଦନ ଖର୍ଚ୍ଚ ଯାହାକୁ ଚାଷୀ ନିଜେ ଅନ୍ୟକୁ ପ୍ରଦାନ କରିଥାଏ, ଯଥା- ଜମି ବେଉଷଣ ପାଇଁ ଖର୍ଚ୍ଚ, ଜଳକର, ସାର, ବିହନ, କୀଟନାଶକ, ଧାନବୁଣାଠାରୁ ଆରମ୍ଭକରି ଧାନ ଅମଳ ପର୍ଯ୍ୟନ୍ତ ମଜୁରି ଖର୍ଚ୍ଚ ଇତ୍ୟାଦି। A2+FL ହେଉଛି A2 ଖର୍ଚ୍ଚ ସହିତ ପରିବାର ଲୋକଙ୍କ ଶ୍ରମ। C2 ହେଉଛି A2+FL ସହିତ ଚାଷଜମିର ଭଡ଼ା ଏବଂ ଚାଷ ପାଇଁ ବ୍ୟବହୃତ ଅର୍ଥର ସୁଧ। ପ୍ରକୃତରେ C2 ଫର୍ମୁଲା ହେଉଛି ଉତ୍ପାଦନ ଖର୍ଚ୍ଚ ନିର୍ଦ୍ଧାରଣର ପ୍ରକୃଷ୍ଟ ଉପାୟ, ଯାହାକୁ ସ୍ୱାମୀନାଥନ୍ ସୁପାରିସ କରିଥିଲେ। ହେଲେ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି C2 ଫର୍ମୁଲା ଅନୁସାରେ ନିର୍ଦ୍ଧାରଣ ହୋଇଛି ବୋଲି ଯାହା କହୁଛନ୍ତି ତାହା ଭୁଲ୍। ଯଦି ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ ହେଉଛି ତେବେ C2 ଫର୍ମୁଲା ଅନୁସାରେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କିପରି ୧୧୬୬ଟଙ୍କା ଖର୍ଚ୍ଚ ହେଉଛି ତାହା ବୁଝାପଡୁନାହିଁ। ଧାନର ଏମ୍‌ଏସ୍‌ପି A2 ଫର୍ମୁଲା ଅନୁସାରେ ମଧ୍ୟ ନିର୍ଦ୍ଧାରଣ ହୋଇନାହିଁ। ଧାନ ଉତ୍ପାଦନ ଖର୍ଚ୍ଚର ନ୍ୟୂନ ମୂଲ୍ୟ ସ୍ଥିର ହୋଇଛି।

ଦେଶର ୬୦ଭାଗ ଜନସାଧାରଣ ସମ୍ପୂର୍ଣ୍ଣ ଚାଷ ଉପରେ ନିର୍ଭର କରୁଥିବାବେଳେ ୫୦ଭାଗ ଲୋକ କୃଷି କ୍ଷେତ୍ରରେ ନିୟୋଜିତ। ଚାଷୀମାନେ ଭାବିଥିଲେ ଭାଜପା କ୍ଷମତାକୁ ଆସିଲେ ତାଙ୍କ ଦୁଃଖ ଦୂର ହେବ। ହେଲେ ଫଳ ଓଲଟା ହେଲା। ଆର୍ଥିକ ଅନଟନରେ ଚାଷୀ ବୁଡ଼ି ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ଦେଶର ପ୍ରାୟ ୪୮ହଜାର ଚାଷୀ ଆତ୍ମହତ୍ୟା କଲେଣି। ଗତବର୍ଷ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ଦେଶରେ ଚାଷୀଙ୍କ ସ୍ଥିତି ଏବଂ ଏମ୍‌ଏସ୍‌ପି ବାବଦରେ ପଚାରିବାରୁ କେନ୍ଦ୍ର ସରକାର କୋର୍ଟକୁ ଜଣାଇଥିଲେ ଯେ, ଦେଶରେ ପ୍ରତିବର୍ଷ ପ୍ରାୟ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି, ୨୦୨୨ ସୁଦ୍ଧା ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରାଯିବ। ଅର୍ଥାତ୍ ଆଗାମୀ ୪ବର୍ଷରେ ଆର୍ଥିକ ଦୁର୍ଦ୍ଦିନ ପାଇଁ ଆଉ ୪୮ ହଜାର ଚାଷୀ ଆତ୍ମହତ୍ୟା କରିବେ। ଯେତିକି ଲୋକ ଆମ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇ ନ ଥିଲେ କିମ୍ବା କୌଣସି ଯୁଦ୍ଧରେ ମରି ନ ଥିଲେ ତା'ଠାରୁ ଅଧିକ ଚାଷୀ ଆମ ଦେଶରେ ଆତ୍ମହତ୍ୟା କଲେଣି। ଏଣୁ କେନ୍ଦ୍ର ସରକାର ବିଳମ୍ବ ନ କରି ଚାଷୀମାନଙ୍କୁ ଧାନର ଉପଯୁକ୍ତ ଏମ୍‌ଏସ୍‌ପି ପ୍ରଦାନ କରନ୍ତୁ ଏବଂ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତୁ । ନଚେତ୍ ଆଗାମୀ ନିର୍ବାଚନରେ ଚାଷୀ ସରକାରଙ୍କୁ ଠିକଣା ଜବାବ ଦେବେ, ଯାହାର ଫଳ କଂଗ୍ରେସ ଭୋଗୁଛି।

ବିଧାୟକ, ଆଠଗଡ଼,
rpswain124@yahoo.com

# ଶିକ୍ଷା ଓ ସାକ୍ଷରତା



ଡ. ଉଦ୍ଧବ ଚରଣ ନାୟକ

ନିରକ୍ଷରତା ଏକ ଜଟିଳ ସାମାଜିକ ବ୍ୟାଧି। କୌଣସି ରାଷ୍ଟ୍ରର ଆର୍ଥିକ, ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ପ୍ରଗତି ଶିକ୍ଷା ଓ ସାକ୍ଷରତା ବିନା ସମ୍ଭବ ନୁହେଁ। ଜଣେ ବ୍ୟକ୍ତି ଶିକ୍ଷା ଲାଭ କଲେ ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ହେବା ସହ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇପାରିବ। ତେଣୁ ସାକ୍ଷରତା ହାର ବୃଦ୍ଧି ନିମନ୍ତେ ଅହରହ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି।

୧୮୮୭ ମସିହାରେ ବଡମ୍ବା ଗଡଜାତ ରାଜ୍ୟର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଥିଲେ ନୀଳମଣି ମିଶ୍ର। ପରେ ସେ 'ନୀଳମଣି ବିଦ୍ୟାରତ୍ନ' ନାମରେ ହେଲେ ପରିଚିତ। ସେ ହୃଦୟଙ୍ଗମ କଲେ ସାରାଦେଶଟା ଶିକ୍ଷିତ ନ ହେଲେ ଦେଶ ଆଗେଇବ ନାହିଁ। କେବଳ ସ୍କୁଲ ଖୋଲିଦେଇ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କଲେ ଚଳିବ ନାହିଁ। ଗାଁଗଣ୍ଡାର ଗରିବ, ଚାଷୀମୂଲିଆ, ମିସ୍ତ୍ରି, କମାର, କୁମ୍ଭାର, ବୁଣାକାର, ବଢେଇ ଆଦି ଗ୍ରାମୀଣ କାରିଗରମାନେ ଶିକ୍ଷାଲାଭ କରିବା ଉଚିତ। ଫଳରେ ସେମାନେ ନିଜ ନିଜ ଧନ୍ଦାରେ କୁଶଳୀ ହେବା ସହ ଅଧିକ ଉପାର୍ଜନ କରିପାରିବେ।

ନୀଳମଣି ବାବୁଙ୍କ ଉଦ୍ୟମରେ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେଲା ନୈଶ ବିଦ୍ୟାଳୟ। ଗାଁର କାରିଗର, କୃଷକ, ମୂଲିଆ ଦିନରେ କାର୍ଯ୍ୟ ସମ୍ପାଦନ କରି ସନ୍ଧ୍ୟାବେଳେ ଏକାଠି ହେଲେ ଶିକ୍ଷାଲାଭ କରିବା ପାଇଁ। ଗାଁର ବୟସ୍କ ନିରକ୍ଷର ଲୋକେ ଶିକ୍ଷାଲାଭର ସୁବିଧା ପାଇଲେ। ଗୋପୀନାଥପୁର ଥିଲା ଓଡିଶାର ପ୍ରଥମ ନୈଶ ବିଦ୍ୟାଳୟ ଓ ନୀଳମଣି ମିଶ୍ର ହେଲେ ଓଡିଶାରେ ପ୍ରୌଢଶିକ୍ଷାର ଜନକ। କେବଳ ସେତିକି ନୁହେଁ, ସଂସ୍କାରକ ବୈରାଗୀ ମିଶ୍ର (୧୮୮୫-୧୯୬୬) ଓଡିଶାରେ ନାନାବିଧ ସଂସ୍କାରପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରି ମହିଳାମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କଲେ। ସେ ପ୍ରତ୍ୟେକ ଗ୍ରାମରେ ପ୍ରୌଢଶିକ୍ଷା କେନ୍ଦ୍ର ଖୋଲି ବୟସ୍କା ନାରୀମାନଙ୍କୁ ଶିକ୍ଷାଦେବା ପାଇଁ ଯୋଜନା କରିଥିଲେ।

ଉତ୍କଳଗୌରବ ମଧୁସୂଦନ ୧୮୭୨ ମସିହାରେ କଲିକତା ମିଶନାରୀ ହାଇସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ଓଡିଆ ନିରକ୍ଷରମାନଙ୍କ ନିମନ୍ତେ ଖିଦିରିପୁରଠାରେ ଏକ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ବିଦ୍ୟାଳୟରେ ବଢେଇ, କମାର, ପାଣିକଳ ମିସ୍ତ୍ରି ଆଦି ବୟସ୍କ ବ୍ୟକ୍ତିମାନେ ଶିକ୍ଷାଲାଭ କରିବା ସହ ସେମାନଙ୍କ ପିଲାମାନେ ମଧ୍ୟ ପାଠ ପଢିବାର ସୁବିଧା ପାଇଲେ। ମଧୁବାବୁଙ୍କ ପରେ କଟକ ମନମୋହନ ପ୍ରେସ ଓ ପୁସ୍ତକାଳୟ ପ୍ରତିଷ୍ଠାତା ମୋହନ ଚରଣ ଦାସ ବ୍ୟବସାୟ ସୂତ୍ରରେ ଓଡିଆ ବହି ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରବାସୀ ଓଡିଆ ନିରକ୍ଷରମାନଙ୍କୁ ସାକ୍ଷର କରିବାରେ ସହାୟକ ହୋଇଥିଲେ। ଆଣ୍ଠୁ ଲୁଚୁ ନ ଥିବା ଖଦି ପିନ୍ଧି ମୁଣ୍ଡରେ ଓଡିଆ ଗାମୁଛା ବାନ୍ଧି କାନ୍ଧରେ ବହି ବୁଜୁଳା ଧରି ବୁଲିଲେ କଲିକତାର ଗଳିକନ୍ଦି, ଯେଉଁ ସ୍ଥାନରେ କି ବାସ କରୁଥିଲେ ପ୍ରବାସୀ ଓଡିଆମାନେ। ବହି ପଢିବା ପାଇଁ ସେ ସମସ୍ତଙ୍କୁ ବୁଝାଇଲେ, ରାମାୟଣ, ମହାଭାରତ ପାଠକଲେ କି ସୁଫଳ ମିଳେ ଶୁଣାଇଲେ। ସାଙ୍ଗରେ ଧରିଥିବା ପୁରାଣ, ସୁଆଙ୍ଗ, ଗୀତା, ଭାଗବତ, ଅକ୍ଷର ପରିଚୟ, ବର୍ଣ୍ଣବୋଧ ଓ ଚାଟଶାଳୀ ପାଠ ଆଦି ସବୁ ବିକ୍ରି କଲେ। ନିରକ୍ଷରମାନେ ପାଠ ପଢ଼ିବାର ସୁଯୋଗ ପାଇ ସାକ୍ଷର ହେଲେ ଆଉ ସାକ୍ଷରମାନେ ଅନ୍ୟାନ୍ୟ ପୁସ୍ତକ ପାଠ କରିବାରେ ଲାଗିଲେ। ଏହା ମୋହନ ଚରଣ ଦାସ ସ୍ୱରଚିତ ବାଲ୍ମୀକି ରାମାୟଣ ଗ୍ରନ୍ଥର ଭଣିତାରେ ଉଲ୍ଲେଖ କରିଯାଇଛନ୍ତି- ମୁହିଁ ଯେ ଓଡିଆ ମୋର ଜନ୍ମ ଓଡିଶାରେ। କଟକ ଚାନ୍ଦିନୀଚୌକ ଡଗରପଡାରେ। ପ୍ରବାସୀ ଓଡିଆଙ୍କ ସେବାରେ ମୋ ମନ, ଶିକ୍ଷାର ବିସ୍ତାର ସଙ୍ଗେ ଧନ ଉପାର୍ଜନ।

## ୮/୯ ବିଶ୍ୱ ସାକ୍ଷରତା ଦିବସ ଉପଲକ୍ଷେ

ଏହିପରି ଭାବରେ ଓଡିଶାର ବିଶିଷ୍ଟ ବ୍ୟକ୍ତିମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳି ଦେଇଥିଲେ। ନୀଳମଣି ମିଶ୍ରଙ୍କ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭର ଅଶୀ ବର୍ଷ ପରେ ଏହା ୧୯୬୫ ମସିହାରେ ବିଶ୍ୱଚିନ୍ତାର କାରଣ ଭାବରେ ପ୍ରତିଫଳିତ ହେଲା। ନିରକ୍ଷରତାର ମୂଳୋତ୍ପାଟନ ନିମନ୍ତେ ୧୯୬୦ ମସିହାରେ ମଣ୍ଟିଲଠାରେ ଏକ ବିଶ୍ୱସ୍ତରୀୟ ଅଧିବେଶନରେ ସାକ୍ଷରତା କାର୍ଯ୍ୟକ୍ରମକୁ ବିଶ୍ୱାଭିମୁଖୀ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ଶିକ୍ଷାମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ। ନିରକ୍ଷରତା-ବ୍ୟାଧିକୁ ସମୂଳେ ବିଶ୍ୱରୁ ହଟାଇବା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜାତିସଂଘ ଏହି ପ୍ରସ୍ତାବକୁ ଗ୍ରହଣ କରିନେଇ ସେପ୍ଟେମ୍ବର ୮ ତାରିଖକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବରେ ପାଳନ କରିବାକୁ ଘୋଷଣା କଲେ। ସେହିବର୍ଷଠାରୁ ତାହା ପାଳିତ ହୋଇ ଆସୁଛି। ସାକ୍ଷରତା କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷାର୍ଥୀ, ସମାଜସେବୀ, ସର୍ବୋପରି ସମସ୍ତ ଶିକ୍ଷିତ ବ୍ୟକ୍ତି ଜଡିତ ହେଲେ ଅବିଳମ୍ବେ ଭାରତ ପୂର୍ଣ୍ଣ ସାକ୍ଷର ଦେଶ ଭାବରେ ବିବେଚିତ ହେବ। ଦେଶର ବିକାଶରେ ପ୍ରତ୍ୟେକ ନାଗରିକ ସାମିଲ ହୋଇପାରିବେ।

ଭୁବନେଶ୍ୱର, ମୋ-୯୪୩୮୨୯୯୧୭୪


## ଏଇ ଭାରତରେ

ଛୋଟ ପିଲା। ଯେ କୌଣସି ସମୟ ଓ ସ୍ଥାନରେ ପରିସ୍ରା କରିଦେବା ସ୍ୱାଭାବିକ। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରର ଜଣେ ୩ ବର୍ଷର ବାଳକକୁ ଏଥିପାଇଁ ଚିଆଁ ଦେବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏପରି ଏକ ଘଟଣା ମହୀଶୂରରେ ଘଟିଛି। ଶ୍ରୀରାମପୁର ଷ୍ଟେଜ୍-୨ରେ ଥିବା ଦେବାୟନହୁଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ଏହି ୩ ବର୍ଷର ବାଳକ ପରିସ୍ରା କରିଦେବାରୁ ଜଣେ ସହାୟିକା ଏକ ଛୁରି ତତାଇ ତା' ଗୋଡରେ ମାଡିଦେଇଥିଲେ। ଉକ୍ତ ପରିବାର ଅଙ୍ଗନୱାଡି କେନ୍ଦ୍ର ଆଗରେ ଧାରଣା ଦେବା ସହିତ ସମ୍ପୃକ୍ତ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଉପନିର୍ଦ୍ଦେଶିକା ଏବଂ ଜିଲା ପଞ୍ଚାୟତ ସ୍ଥାୟୀ କମିଟିର ଅଧ୍ୟକ୍ଷ କେନ୍ଦ୍ରକୁ ଯାଇ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ନିଲମ୍ବିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ସହାୟିକାଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରିବାକୁ ପିଲାର ମାତାପିତା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ପିଲାଙ୍କୁ ସମ୍ପୃକ୍ତ ସହାୟିକା ଭାରି ରୁକ୍ଷ ବ୍ୟବହାର କରନ୍ତି ବୋଲି ଅନ୍ୟ ମାତାପିତା ଅଭିଯୋଗ କରିଛନ୍ତି। ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଅନ୍ୟ ପିଲାଙ୍କ ମାତାପିତାଙ୍କୁ ସାକ୍ଷାତ କରି ନିଜ ଫୋନ ନମ୍ବର ଦେଇଛନ୍ତି। ପିଲାଙ୍କର କୌଣସି ସମସ୍ୟା ହେଲେ ତାଙ୍କ ସହିତ ଯୋଗାଯୋଗ କରିବାକୁ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୩

- କାବୁଲରେ ମୁଜାହିଦ୍ଦିନଙ୍କ ଆକ୍ରମଣରେ ୧୭ ଜଣଙ୍କ ମୃତ୍ୟୁ।
- ପାରାଦୀପ ବନ୍ଦରରେ କୋଲ୍ ହ୍ୟାଣ୍ଡଲିଙ୍ଗ ପ୍ରୋଜେକ୍ଟ ପାଇଁ ୫୮୭.୮୧ କୋଟି ଟଙ୍କା ମଞ୍ଜୁର କରାଗଲା।



## ଜିଲା ଡାଏରୀ
## କଟକ

### କାହାଣୀ ଲାଗୁଛି ପୁରୁଣା

ଜିଲା ପାଇଛି ନୂଆ ମୁଖିଆ। ନୂଆ ମୁଖିଆ ଯୋଗଦେବା ପରେ ସବୁକିଛି ନୂଆ ନୂଆ ଲାଗିବା କଥା। କିନ୍ତୁ କଟକରେ କଥା ଉଠିଛି କାହାଣୀ ଲାଗୁଛି ପୁରୁଣା ପୁରୁଣା। ଜଳବନ୍ଦୀ ସମସ୍ୟାରୁ ସହର ମୁକ୍ତ ହେବ। ସହରବାସୀଙ୍କ ଘରେ ଡ୍ରେନ ପାଣି ପଶିବନି। ଜାଇକା କାମ ତ୍ୱରାନ୍ୱିତ କରାଯିବ। ସହରକୁ ଜବରଦଖଲମୁକ୍ତ କରାଯିବ। ଟ୍ରାଫିକ ସମସ୍ୟା ଖୋଜିଲେ ବି ସହରରେ ମିଳିବନି ଇତ୍ୟାଦିକୁ ନେଇ ମୁଖିଆଙ୍କ ଜୋରଦାର ପ୍ରସ୍ତୁତି। ଏଭଳି ପ୍ରସ୍ତୁତିକୁ ଦେଖି ସହରବାସୀ କାହାଣୀକୁ ପୁରୁଣା ଭାବେ ଅଭିବ୍ୟକ୍ତ କରୁଛନ୍ତି। କାରଣ ଏ ସବୁ କାହାଣୀ ସବୁଥର ନୂଆ ମୁଖିଆମାନେ ଯୋଗଦେବା ପରେ ଶୁଣିବାକୁ ମିଳିଥାଏ, ଯାହା ବାସ୍ତବରେ ପରିଣତ ହୋଇ ନ ଥାଏ। ତେଣୁ ନୂଆ ମୁଖିଆ ପୁଣି ଥରେ ସେହି ପୁରୁଣା କାହାଣୀକୁ ନେଇ ଯେଉଁ ବଳିଷ୍ଠ ଉପସ୍ଥାପନା ସହରବାସୀଙ୍କ ଆଗରେ ରଖିଛନ୍ତି ତାହାକୁ କଟିକିଆ ସହଜରେ ଗ୍ରହଣ କରୁନାହାନ୍ତି। ମୁଖିଆ କୁଆଡେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନେ ଆଦେଶ ଅନୁପାଳନରେ ହେଳା କରିବେ ସେମାନଙ୍କୁ କଳାପାଣି ସଜା ଭଳି ଦଣ୍ଡ ଭୋଗିବାକୁ ପଡ଼ିବ। ତେବେ କଥା ଆଉ କାମ ଭିତରେ କେତେ ଫରକ ରହୁଛି ତାହା ଦେଖିବାକୁ ସହରବାସୀ ନୀରବରେ ଅପେକ୍ଷା କରିଛନ୍ତି।

- ନିର୍ମଳ ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି କର୍ମୀଙ୍କୁ ଅବସରକାଳୀନ ଅର୍ଥ ମିଳୁ

ମହାଶୟ,

ରାଜ୍ୟରେ ୭୨ ହଜାର ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ସହାୟିକାମାନେ କାର୍ଯ୍ୟରତ। ୬୨ ବର୍ଷ ବୟସରେ ସେମାନେ ଅବସର ନେବେ। ଦୀର୍ଘ ୩୫/୪୦ ବର୍ଷ ସରକାରଙ୍କର ବିଭିନ୍ନ ଯୋଜନାକୁ ସଫଳ ରୂପାୟନ ଦେଉଥିବା କର୍ମୀ ଓ ସହାୟିକାମାନଙ୍କୁ ଅବସର ସମୟରେ ଯଥାକ୍ରମେ ଏକ ଲକ୍ଷ ଟଙ୍କା ଓ ପଚାଶ ହଜାର ଟଙ୍କା ପ୍ରଦାନ କଲେ ସେମାନେ ଅବଶିଷ୍ଟ ସମୟ ଦୁଃଖେକଷ୍ଟେ କାଟିପାରନ୍ତେ। ସେମାନଙ୍କ ମଧ୍ୟରୁ ୮୦ ଭାଗ ଆର୍ଥିକ ଅନଗ୍ରସର ତଥା ଅସହାୟ ମହିଳା। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅନୁରୋଧ।

ପ୍ରିୟଙ୍କା ସାମଲ, ଦଶରଥପୁର, ଯାଜପୁର

### ନୀତି ସ୍ପଷ୍ଟ ହେଉ

୨୦୧୪ ମସିହାଠାରୁ ମାଟ୍ରିକ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ୫୦ ନମ୍ବର MCQ (ବହୁ ବୈକଳ୍ପିକ ପ୍ରଶ୍ନ) ରହୁଥିଲା, ଫଳରେ ପିଲାମାନେ ସହଜରେ ପାସ୍ କରିଯାଉଥିଲେ। ଏବେ ସରକାର ସ୍ଥିର କରିଛନ୍ତି ଏଣିକି MCQ ପରିବର୍ତ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ଓ ସ୍ତମ୍ଭ ମିଳନ ରହିବ। ଏହି ପଦ୍ଧତି କେବେଠାରୁ କାର୍ଯ୍ୟକାରୀ ହେବ ଜାଣିହେଲା ନାହିଁ। ଯଦି ଚଳିତବର୍ଷ ଏହା ଲାଗୁ କରାଯାଏ ସେଥିପାଇଁ ଗଣଶିକ୍ଷା ବିଭାଗ ପ୍ରତି ବିଷୟ ପାଇଁ ନମୁନା ପୁସ୍ତିକା (sample paper) ସହିତ ନୀତି ସ୍ପଷ୍ଟ କରିବା ଉଚିତ, ଯଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନେ ନିଜକୁ ପ୍ରସ୍ତୁତ କରିପାରିବେ।

ମହେନ୍ଦ୍ରନାଥ ରାଉତ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ। (କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | D | | 7 | | | 6 | | A | 5 | 2 | | |
| 9 | | | | B | | | | 4 | 6 | | E | | | |
| | 8 | | | | 4 | | 1 | | | | C | | | 3 |
| | 2 | 5 | | E | | B | | | | | | | | 6 |
| | | | | | | D | | | | 8 | 0 | | | 4 |
| C | | | 7 | | | 2 | E | | | | 1 | | | 0 |
| | 9 | | 6 | | 2 | | | | | | | 8 | 7 | |
| | D | | | 8 | | | | | E | 4 | 7 | | | |
| | | | 3 | | 9 | | | 7 | 8 | | | | 5 | B |
| | | | 5 | 0 | | | | | | 3 | | | D | |
| | | | | 9 | | | | | 7 | | 8 | 3 | | |
| | | 0 | B | 3 | | | 2 | | 4 | 5 | | 9 | | |
| | B | | 2 | | | | 0 | | | D | | 4 | | |
| 1 | | | E | | | | B | | | 9 | | | | C |
| 6 | | 4 | | | 8 | | 9 | D | | | | A | 0 | |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 1 | 9 | A | 2 | 0 | D | 8 | C | B | 3 | 5 | 7 | 6 |
| 5 | 3 | D | B | 7 | C | 6 | 1 | 9 | A | 4 | 0 | 2 | 8 | E |
| 8 | C | 2 | 3 | 6 | 4 | B | A | 5 | 1 | 7 | E | 0 | D | 9 |
| 9 | A | 6 | D | E | 0 | 7 | 3 | C | 5 | 2 | 8 | 1 | B | 4 |
| 0 | 7 | B | 8 | 5 | 1 | E | 2 | 4 | 6 | D | 9 | C | 3 | A |
| B | 1 | 4 | A | C | E | 9 | 8 | D | 2 | 3 | 6 | 7 | 0 | 5 |
| 6 | 0 | 9 | 4 | 3 | 7 | A | C | 1 | E | 5 | B | D | 2 | 8 |
| E | 2 | A | 5 | 8 | D | 3 | 6 | 7 | 0 | C | 1 | 4 | 9 | B |
| 7 | 5 | C | 2 | 0 | 6 | 4 | B | E | 9 | 8 | D | 3 | A | 1 |
| 3 | D | 8 | 1 | 9 | B | 5 | 0 | 2 | 4 | A | 7 | E | 6 | C |
| A | 6 | E | 0 | 4 | 3 | 8 | 5 | B | 7 | 1 | 2 | 9 | C | D |
| C | 9 | 0 | 6 | 1 | 8 | D | 7 | A | 3 | E | 4 | B | 5 | 2 |
| 1 | 4 | 5 | 7 | B | A | 2 | 9 | 6 | D | 0 | C | 8 | E | 3 |
| D | 8 | 7 | E | 2 | 9 | C | 4 | 3 | B | 6 | 5 | A | 1 | 0 |
| 2 | B | 3 | C | D | 5 | 1 | E | 0 | 8 | 9 | A | 6 | 4 | 7 |

ଗତକାଲିର ଉତ୍ତର

# ଶନିର ଉତ୍ତର ମେରୁରେ ବିସ୍ମୟକର କ୍ଷେତ୍ର



**ଲଣ୍ଡନ:** ବୈଜ୍ଞାନିକମାନେ ଶନିର ଉତ୍ତରମେରୁରେ ଏକ ଷଡ଼୍‌ଭୁଜାକାର କ୍ଷେତ୍ର ଦେଖିବାକୁ ପାଇଛନ୍ତି। ଏହା ଅତ୍ୟନ୍ତ ବିସ୍ମୟଜନକ। ଏହାର ଉଚ୍ଚତା ଶହ ଶହ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏଥିରେ ଥିବା ଫ୍ଲୁଇଡ୍ (ଗ୍ୟାସ କିମ୍ବା ତରଳ ପଦାର୍ଥ) ଘୂର୍ଣ୍ଣନ ଅବସ୍ଥାରେ ଦୃଶ୍ୟମାନ ହେଉଛି। ଗତବର୍ଷ ଶନିର ବାୟୁମଣ୍ଡଳରେ ଧ୍ୱଂସପ୍ରାପ୍ତ ହେବା ପୂର୍ବରୁ କାସିନି ମିଶନ୍ ଏହି ଫଟୋ ପଠାଇଥିଲା। ବଳୟ ଗ୍ରହ ଶନିର ଉତ୍ତରମେରୁରେ ଏଭଳି ଦୃଶ୍ୟ ଦେଖାଯାଉଛି ଯାହା ଅତ୍ୟନ୍ତ ବିରଳ। କାସିନି ଗ୍ରୀଷ୍ମଋତୁରେ ଶନିର ନିକଟବର୍ତ୍ତୀ ହେବାବେଳକୁ ଏଭଳି ଦୃଶ୍ୟର ଫଟୋଚିତ୍ର ଉତ୍ତୋଳନ କରିଥିଲା। ଏହି ଷଡଭୁଜାକାର କ୍ଷେତ୍ର ମେଘଖଣ୍ଡ ଉପରେ ଶହ ଶହ କିଲୋମିଟର ଊର୍ଦ୍ଧ୍ୱକୁ ଲମ୍ବି ରହିଛି। ଏହା ଷ୍ଟ୍ରାଟୋସ୍ଫିୟର ସ୍ତରରେ ରହିଛି ଏବଂ ଏହାର ଦୃଶ୍ୟ ଅତ୍ୟନ୍ତ ବିସ୍ମୟକର ବୋଲି ବ୍ରିଟେନ୍‌ସ୍ଥିତ ଲିସେଷ୍ଟର ୟୁନିଭର୍ସିଟିର ଲେଫ୍ ଫ୍ଲେଚର ପ୍ରକାଶ କରିଛନ୍ତି। ଶନିର ଏହି ବିରଳ ଦୃଶ୍ୟ ୧୯୮୦ରେ ନାସାର ଭଏଜର ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଆବିଷ୍କାର ହୋଇଥିଲା। କିନ୍ତୁ କାସିନି ୨୦୧୭ରେ ଏହାର ସ୍ପଷ୍ଟ ଫଟୋଚିତ୍ର ପଠାଇ ପାରିଥିଲା। ଶନିର ଆବର୍ତ୍ତନ ସହିତ ଏହି ଷଡଭୁଜାକାର ବାୟୁମଣ୍ଡଳ ଘୂର୍ଣ୍ଣାୟମାନ ହେଉଛି। ଏପରି ସ୍ୱାଭାବିକ ଅବସ୍ଥା ପୃଥିବୀରେ ମଧ୍ୟ ଦେଖିବାକୁ ମିଳେ। ଏହାକୁ ପୋଲାର ଜେଟ୍‌ଷ୍ଟ୍ରିମ୍ କୁହାଯାଏ।

ଏହାର ପ୍ରାକୃତିକ ଧର୍ମ ବିସ୍ତୃତ ଭାବରେ କାସିନି ଉପଗ୍ରହ ଦ୍ୱାରା ପ୍ରକଟିତ ହୋଇଛି। କମ୍ପୋଜିଟ୍ ଇନ୍‌ଫ୍ରାରେଡ ସ୍ପେକ୍ଟ୍ରୋମିଟର (ସିଆଇଆରଏସ୍) ଯନ୍ତ୍ରାଂଶ ବ୍ୟବହାର କରି ବିଭିନ୍ନ ୱେଭ୍‌ଲେଙ୍ଥରେ କାସିନି ଏହା ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥିଲା।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୭ରେ ପ୍ରମୁଖ ଘଟଣା

ବ୍ରିଟେନ ଉପରେ ଜର୍ମାନର ବୋମାମାଡ଼ ୧୯୪୦ ସେପ୍ଟେମ୍ବର ୭ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ବ୍ରିଟେନ୍ ସହ ଲଢ଼ିବାର ରଣନୀତିରେ ପରିବର୍ତ୍ତନ କରିଥିଲା। ଲଣ୍ଡନ ସହିତ ବ୍ରିଟେନର ବିଭିନ୍ନ ସହର ଉପରେ ୫୭ ଦିନ ପର୍ଯ୍ୟନ୍ତ ବୋମା ମାଡ଼ ହୋଇଥିଲା। ବିଶେଷ କରି ଏହି ଆକ୍ରମଣରେ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷାଧିକ ଘର ଧ୍ୱଂସ ହୋଇଯାଇଥିଲା।

୧୯୨୩ ସେପ୍ଟେମ୍ବର ୭ରେ ଅନ୍ତର୍ଜାତୀୟ ଅପରାଧ ପୋଲିସ ସଂସ୍ଥା(ଇଣ୍ଟରପୋଲ)ର ଗଠନ ହୋଇଥିଲା। ଏହା ବିଭିନ୍ନ ଦେଶର ପୋଲିସ ସହିତ ସହଯୋଗ ରକ୍ଷା କରି ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିଥାଏ। ଏହାର ପ୍ରଥମ ମୁଖ୍ୟାଳୟ ଭିଏନା (ଅଷ୍ଟ୍ରିଆ)ରେ ରହିଥିଲା। ୧୯୨ ଟି ଦେଶ ଏହାର ସଦସ୍ୟ ରହିଛନ୍ତି। ତେବେ ୧୯୮୯ ରେ ଲିୟୋନ (ଫ୍ରାନ୍ସ)କୁ ସ୍ଥାନାନ୍ତରଣ କରିଦିଆଯାଇଥିଲା। ଏହାର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ମଧ୍ୟରେ ଅଷ୍ଟ୍ରିଆ, ଜର୍ମାନୀ, ବେଲଜିୟମ, ପୋଲାଣ୍ଡ, ଚାଇନା, ଇଜିପ୍ଟ, ଫ୍ରାନ୍ସ, ଗ୍ରୀସ୍, ହଙ୍ଗେରି, ନେଦରଲାଣ୍ଡ ଏବଂ ରୋମାନିଆ ଭଳି ପ୍ରମୁଖ ରାଷ୍ଟ୍ର ରହିଛି।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ
**ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା**
୭ ସେପ୍ଟେମ୍ବର, ୨୦୧୮ ଶୁକ୍ରବାର, ସନ୍ଧ୍ୟା ୬.୩୦ ଘଟିକା
କଳିଙ୍ଗ କନଭେନସନ୍ ହଲ୍, ପାନ୍ଥନିବାସ, ଭୁବନେଶ୍ୱର
ସ୍ମାରକୀ ବକ୍ତୃତା ପ୍ରଦାନ କରିବେ:
**ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ**
ବିଷୟ: ପଣ୍ଡିତ ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ ଓ ସଂସ୍କୃତି
ମୁଖ୍ୟଅତିଥି : **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନନୀୟ ବକ୍ତା : **ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ**
ସଭାମୁଖ୍ୟ : **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ, ସଚିବ

# ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ



**ୱାଶିଂଟନ୍:** ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ତାଙ୍କର ସର୍ବୋତ୍ତମ ଦକ୍ଷତା ଲାଗି ଉଦ୍‌ଘାଟନୀ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ। ଓମେନ୍ ଇନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ (ଡବ୍ଲ୍ୟୁଆଇଏଫ୍‌ଟି) ଇଣ୍ଡିଆ ଆୱାର୍ଡସ ପାଇବାରେ ସେ ହେଉଛନ୍ତି ପ୍ରଥମ ଅଭିନେତ୍ରୀ। ୧୯୯୪ ବିଶ୍ୱସୁନ୍ଦରୀ ମାନ୍ୟତାପ୍ରାପ୍ତ ଐଶ୍ୱର୍ଯ୍ୟା ଶନିବାର ହଲିଉଡ୍‌ର ହୟାତ୍ ରିଜେନ୍ସିରେ ଏହି ପୁରସ୍କାର ପାଇବେ। ୱିଫ୍ଟ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫିଲ୍ମ ଶିଳ୍ପରେ ଅଭିନୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କଳା ପ୍ରଦର୍ଶନ ପାଇଁ ଐଶ୍ୱର୍ଯ୍ୟାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ଜୋୟା ଅଖତର ନିର୍ଦ୍ଦେଶନା ଦକ୍ଷତା ପାଇଁ ୱାଇଲର ଆୱାର୍ଡ ଏବଂ 'ଧଡକ୍'ରେ ଅଭିନୟ ପାଇଁ ଜାହ୍ନବୀ କପୁର ୱିଫ୍ଟ ଇମରଲାଡ ଆୱାର୍ଡ ପାଇବେ। ବଲିଉଡ୍ ଏବଂ ହଲିଉଡ୍‌ରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କଳାକାରଙ୍କୁ ସମ୍ମାନିତ କରିବା ପାଇଁ ୱିଫ୍ଟ ପ୍ରତିଷ୍ଠା କରାଯାଇଛି।

# ବର୍ଜ୍ୟ ପ୍ଲାଷ୍ଟିକରୁ ଇନ୍ଧନ

**ଲଣ୍ଡନ:** ବୈଜ୍ଞାନିକମାନେ ବର୍ଜିତ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଇନ୍ଧନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ଏହା ଦ୍ୱାରା କାର ଚାଲିପାରିବ। ବୈଜ୍ଞାନିକ ପଦ୍ଧତିରେ ନଷ୍ଟ ପ୍ଲାଷ୍ଟିକ୍ ସହିତ ଆଲୋକ ଅବଶୋଷଣକାରୀ ପଦାର୍ଥ ମିଶାଇ ଏହାକୁ ଆଲ୍‌କାଲାଇନ୍ ଦ୍ରବଣରେ ବୁଡାଇଲେ ଏଥିରୁ ଉଦ୍‌ଯାନ ସୃଷ୍ଟି ହୋଇପାରିବ ବୋଲି ବ୍ରିଟେନ୍‌ର ସ୍ୱାନ୍‌ସି ୟୁନିଭର୍ସିଟିର ବୈଜ୍ଞାନିକମାନେ ମତ ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ, ପ୍ଲାଷ୍ଟିକ୍ ରିସାଇକ୍ଲିଂ ଅପେକ୍ଷା ଏହି ପ୍ରକ୍ରିୟା ଅପେକ୍ଷାକୃତ ଶସ୍ତା। ପ୍ରତିବର୍ଷ କୋଟି କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଆକାରରେ ପରିବେଶରେ ପଡିରହୁଛି। ଏଥିରୁ ଅଳ୍ପ କିଛି ରିସାଇକ୍ଲିଂ କରାଯାଉଛି। କିନ୍ତୁ ରିସାଇକ୍ଲିଂ ହୋଇପାରୁ ନ ଥିବା ପ୍ଲାଷ୍ଟିକ୍‌ର ସଦୁପଯୋଗ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସ୍ୱାନ୍‌ସି ୟୁନିଭର୍ସିଟି ଗବେଷକ ମୋରିଜ୍ କୁଏନେଲ୍ ପ୍ରକାଶ କରିଛନ୍ତି।

ଅଧିକାଂଶ ପ୍ଲାଷ୍ଟିକ୍ ବୋତଲ ପିଇଟି (ପଲିଥିଲିନ୍ ଟେରିଫ୍‌ଥାଲେଟ୍)ରୁ ତିଆରି ହୋଇଥିବାରୁ ସେଗୁଡିକୁ ରିସାଇକ୍ଲିଂ କରାଯାଇପାରିବ। କିନ୍ତୁ ସେଗୁଡିକୁ ପୋଡିଦିଆଯିବା କିମ୍ବା ଫିଙ୍ଗିଦିଆଯିବାରୁ ପରିବେଶ ପ୍ରଦୂଷଣର କାରଣ ହେଉଛି। ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ସବୁ ପ୍ରକାର ନଷ୍ଟ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଗ୍ୟାସ୍ ସୃଷ୍ଟି କରାଯାଇ ପାରିବ। ଏହାଦ୍ୱାରା କାର୍ ଇଞ୍ଜିନ୍‌କୁ ଶକ୍ତିକ୍ଷମ କରାଯାଇ ପାରିବ। ଏହି ଇନ୍ଧନକୁ ଶିଳ୍ପସଂସ୍ଥାରେ ବ୍ୟବହାର କରିବା ପାଇଁ ଆଉ କିଛିବର୍ଷ ଲାଗିପାରେ ବୋଲି କୁଏନେଲ୍ ପ୍ରକାଶ କରିଛନ୍ତି।

## ଓଡ଼ିଶା ସରକାର
## ଜଙ୍ଗଲ ଓ ପରିବେଶ ବିଭାଗ
# ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର

## କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ନିମନ୍ତେ ସହାୟତା

ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ଅଧୀନରେ ଥିବା କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାମୟିକ କର୍ମଚାରୀଙ୍କ ପାଇଁ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି କଲ୍ୟାଣ ଟ୍ରଷ୍ଟ / ସାମୟିକ କର୍ମଚାରୀ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ସରକାର ନିମ୍ନଲିଖିତ ସୁବିଧାସୁଯୋଗ ପ୍ରଦାନ କରିଛନ୍ତି।

| କର୍ମଚାରୀ | କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି | ସାମୟିକ |
|---|---|---|
| ୧. **ଅନୁକମ୍ପାମୂଳକ ସହାୟତା** (ମୃତ୍ୟୁ ତଥା ସମ୍ପୂର୍ଣ୍ଣ ଅକର୍ମଣ୍ୟ ନିମନ୍ତେ) (୦୧।୧୨।୨୦୧୬ରୁ କାର୍ଯ୍ୟକାରୀ) | ୧,୦୦,୦୦୦/- | ୧,୦୦,୦୦୦/- |
| ୨. **କନ୍ୟା ବିବାହ ସହାୟତା** (କେବଳ ୨ଟି କନ୍ୟା ନିମନ୍ତେ) | ୨୫,୦୦୦/- | - |
| ୩. **ଚିକିତ୍ସା ସହାୟତା** (ହୃଦ୍‌ରୋଗ ଚିକିତ୍ସା ତଥା ଅସ୍ତ୍ରୋପଚାର / କର୍କଟ ରୋଗ ଚିକିତ୍ସା/ ବୃକକ୍ ଅକାମୀ / ପିତ୍ତକୋଷ ଚିକିତ୍ସା ନିମନ୍ତେ | ୨,୦୦,୦୦୦/- ପର୍ଯ୍ୟନ୍ତ | ୨,୦୦,୦୦୦/- ପର୍ଯ୍ୟନ୍ତ |

୪. ଶିକ୍ଷାବୃତ୍ତି (ପ୍ରତ୍ୟେକ ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ଦୁଇଟି ସନ୍ତାନ ପାଇଁ ୨୦୧୮ ଶିକ୍ଷାବର୍ଷଠାରୁ ଉଦ୍ଦିଷ୍ଟ)

| କ୍ରମିକ ସଂଖ୍ୟା | ଶ୍ରେଣୀ (ପାଠ୍ୟକ୍ରମ) | ଶିକ୍ଷାବୃତ୍ତି (ଟଙ୍କା/ବାର୍ଷିକ) | |
|---|---|---|---|
| | | ଛାତ୍ର | ଛାତ୍ରୀ |
| ୧ | +୨ (କଳା/ବିଜ୍ଞାନ/ବାଣିଜ୍ୟ/ITI Course) | ୭୦୦୦/- | ୧୦,୫୦୦/- |
| ୨ | +୩ (କଳା/ବିଜ୍ଞାନ/ବାଣିଜ୍ୟ/C.T./Diploma in Engineering) | ୧୫,୦୦୦/- | ୨୨,୫୦୦/- |
| ୩ | Post Graduate / B.Ed. | ୨୦,୦୦୦/- | ୩୦,୦୦୦/- |
| ୪ | B.Tech / MBBS | ୨୫,୦୦୦/- | ୩୫,୦୦୦/- |
| ୫ | Nursing Course | ୦ | ୨୫,୦୦୦/- |

୨୦୧୭ ବର୍ଷରେ ନିୟୋଜିତ ତୋଳାଳି, ବନ୍ଧାଳିମାନଙ୍କ ନିମନ୍ତେ ସହାୟତା ଆବେଦନ କରିବାର ଶେଷ ତାରିଖ : ଅକ୍ଟୋବର ୩୧ ତାରିଖ ଅଟେ।

ଏହି ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ପାଣ୍ଠିର ସଦସ୍ୟ ହେବା ନିହାତି ଜରୁରୀ। ଏଥିପାଇଁ ସମ୍ପୃକ୍ତ ବନପାଳଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନ ପତ୍ର ସହିତ ସଦସ୍ୟ ପାଉଣା ପଇଠକରି ରସିଦ ସଂଗ୍ରହ କରିବା ପାଇଁ ଅନୁରୋଧ।

ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ତଥା ସାମୟିକ କର୍ମଚାରୀ ଏହାର ସୁବିଧା ନେଇପାରିବେ।

ସ୍ୱା./- ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
(କେନ୍ଦୁପତ୍ର) ଓଡ଼ିଶା

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ହୃଦ୍‌ଘାତ
ଯେ କୌଣସି ମୂହୁର୍ତ୍ତରେ, ଯେ କୌଣସି ଠାରେ ଆସିପାରେ। ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍। ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର୍, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) | OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

APOLLO HOSPITALS HYDERABAD
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass surgeries, lymphedema, abdominal aortic aneurysm, leg artery diseases neuro stroke, thoracic aneurysm,pulmonary embolism, peripheral artery diseases etc.
Apollo Speciality Clinic, 11A, BJB Nagar, BBSR Date:-08.09.2018, Contact -8480902909
Super Speciality Hospital, Civil Township, Rourkela Date:-09.09.2018, Contact - 9861016907, 8480902909
Dr. Nihar Ranjan Pradhan
MS. DNB (Vascular surgery), FVES(UK)
Consultant vascular & endovascular surgeon

## ସଂକ୍ଷେପରେ

### ରିଲିଜ୍ ହେଲା ନୀଳମାଧବ ପଣ୍ଡାଙ୍କ 'ହାଲ୍କା'



ଭୁବନେଶ୍ୱର,୬।୯(ବ୍ୟୁରୋ): ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଓ ପ୍ରଶଂସା ସାଉଣ୍ଟିଥିବା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଲ୍କା' ଗୁରୁବାର ରିଲିଜ୍ ହୋଇଛି। ଭୁବନେଶ୍ୱରର ମହାରାଜା ହଲ୍‌ରେ ଫିଲ୍ମର ପ୍ରିମିୟର ତଥା ସ୍ପେଶାଲ ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଫିଲ୍ମ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ସହ କଳାକାର, ଟେକ୍ନିସିଆନ, ପ୍ରଯୋଜକ ଅକ୍ଷୟ ପରିଜା, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଭୁବନେଶ୍ୱର ସ୍ମାର୍ଟ ସିଟି ସିଇଓ ଆର୍. ଭିନିଲ୍ କ୍ରିଷ୍ଣା, ଓପେପାର ସ୍ପେଶାଲ ଡାଇରେକ୍ଟର ଶାଲିନି ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ। ଏକ ଭିନ୍ନସ୍ୱାଦର କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରହିଛି ଜଣେ ୮ବର୍ଷ ବାଳକର କଥା ଓ ଜୀବନଚିତ୍ର। ଦିଲ୍ଲୀର ଏକ ପୁରୁଣା ବସ୍ତିରେ ବଢ଼ିଥିବା ଏହି ବାଳକ ହଠାତ୍ ନିଜକୁ ବଡ଼ ହୋଇଯାଇଥିବା ଅନୁଭବ କରେ। ଜୀବନ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବେ। ବସ୍ତିର ଅନ୍ୟପିଲାଙ୍କଠାରୁ ଭିନ୍ନ ହୋଇଥିବାରୁ କାହା ସହ ନ ମିଶି ଏକା ଏକା ରହିବାକୁ ଚେଷ୍ଟା କରେ। ଜୀବନକୁ ବଦଳାଇବାକୁ କୌଣସି ବିସ୍ମୟର ଆଶା ନ କରି ନିଜ ପ୍ରଚେଷ୍ଟାରେ କିଛି କରିବାକୁ ଚେଷ୍ଟା କରେ, ଯାହାକି କେବଳ ତା' ଜୀବନ ନୁହେଁ, ପୂରା ବସ୍ତିବାସିନ୍ଦାଙ୍କ ଜୀବନକୁ ବଦଳାଇଦିଏ। ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଚରିତ୍ରରେ ପାଓଲି ଦମ୍ ଓ ରଣବୀର ଶୋରେ ଅଭିନୟ କରିଛନ୍ତି। ସେହିଭଳି ମୁଖ୍ୟଚରିତ୍ର ପିଚ୍‌କୁ ତଥା ଶିଶୁ କଳାକାର ଭୂମିକାରେ ଅଭିନୟ କରିଛନ୍ତି ତଥାସ୍ତୁ। ବଲିଉଡ୍‌ର ଖ୍ୟାତନାମା ସଙ୍ଗୀତଜ୍ଞ ଶଙ୍କର-ଏହଶାନ-ଲୟ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସିନେମାଟୋଗ୍ରାଫିରେ ପ୍ରତାପ ରାଉତ, ସାଉଣ୍ଡ୍‌ରେ ନୀହାର ରଞ୍ଜନ ସାମଲ ଏବଂ ସମ୍ପାଦନାରେ ଅର୍ଚ୍ଚିତ ଡି. ରସ୍ତୋଗୀ କାମ କରିଛନ୍ତି।

# ସିବିଏସ୍‌ଇ ବହିରେ ଉଲ୍ଲେଖ କରାଗଲାନି ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

ଭୁବନେଶ୍ୱର,୬।୯(ବ୍ୟୁରୋ)

ସିବିଏସ୍‌ଇ ପାଠ୍ୟପୁସ୍ତକରେ ସ୍ଥାନ ପାଇବ ପାଇକ ବିଦ୍ରୋହ। ଏହା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପିଲାମାନେ ପାଠବହିରେ ପଢ଼ିବେ। ୧୮୧୭ରେ ଖୋର୍ଦ୍ଧାଗଡ଼ରେ ଜନ୍ମ ନେଇଥିବା ପାଇକ ବିଦ୍ରୋହ ବିଷୟରେ ସମଗ୍ର ଦେଶ ଜାଣିବ। ଓଡ଼ିଆ ବୀରଙ୍କ ବୀରତ୍ୱ ବିଶ୍ୱବିଦିତ ହେବ। ଗତ ଅକ୍ଟୋବରରେ ଓଡ଼ିଶା ଆସିଥିବା ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ରାଜ୍ୟବାସୀଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସିବିଏସ୍‌ଇର ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇ ନୂଆ ପୁସ୍ତକ ପ୍ରକାଶ ପାଇଛି। ହେଲେ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା ବୋଲି କେଉଁଠାରେ ବି ଉଲ୍ଲେଖ ହୋଇନି। ସିବିଏସ୍‌ଇ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ 'ଆୱାର୍ ପାଷ୍ଟ'ରେ ପାଇକ ବିଦ୍ରୋହ ଉପରେ ଏକ ଛୋଟ ବିଷୟ ରହିଥିଲେ ମଧ୍ୟ କେଉଁଠି ଏହାକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି ଉଲ୍ଲେଖ କରାଯାଇନି। ବରଂ ଓଲଟା ବେଶ୍ ଚତୁରତାର ସହ ଓଡ଼ିଶାବାସୀଙ୍କୁ ଠକିବାକୁ ଉଦ୍ୟମ ହୋଇଛି। ଦେଶ ପରିବର୍ତ୍ତେ ଏହା ଓଡ଼ିଶାର ପ୍ରଥମ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମ ବୋଲି ଲେଖାଯାଇ ଓଡ଼ିଶାବାସୀଙ୍କୁ ଭୁଆଁ

## ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଇଲା କେନ୍ଦ୍ର

ବୁଲାଇବାକୁ ପ୍ରୟାସ କରାଯାଇଛି।

ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଅବସରରେ ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ଦାବି କରିଥିଲେ। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଏହାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଉଲ୍ଲେଖ କରାଯିବ ବୋଲି କହିଥିଲେ। ୨୦୧୭ ଅକ୍ଟୋବର ୨୨ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବରେ ଯୋଗଦେଇ ଜାଭଡେକର କହିଥିଲେ, ଇତିହାସ ଲେଖାରେ ଥିବା ତ୍ରୁଟିକୁ ସୁଧାରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ହେବ। ୨୦୧୮-୧୯ ଶିକ୍ଷାବର୍ଷରେ ସିବିଏସ୍‌ଇ ଇତିହାସ ପୁସ୍ତକରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଉଲ୍ଲେଖ କରାଯିବ। ସେ ଆହୁରି କହିଥିଲେ, ବ୍ରିଟିଶମାନଙ୍କ ନଜରରେ ଏହା ବିଦ୍ରୋହ ଥିଲା। କିନ୍ତୁ ବାସ୍ତବରେ ଭାରତକୁ ସ୍ୱାଧୀନତା ଦେବାରେ ଏହା ଥିଲା ପ୍ରଥମ ଲଢ଼େଇ। ଇତିହାସକୁ ସବୁବେଳେ ବ୍ରିଟିଶ ନଜରରେ ଦେଖାଯାଇଛି, ଯେଉଁଥିପାଇଁ ୧୮୧୭ରେ ସଙ୍ଗଠିତ ହୋଇଥିବା ଏହି ସଂଗ୍ରାମକୁ ଇତିହାସରେ ରେବେଲିୟନ୍ ବୋଲି ଲେଖାଯାଇଛି। ଏହି ତ୍ରୁଟିକୁ ସୁଧାରି ଦେଶକୁ ଠିକ୍ ଇତିହାସ ପଢ଼ାଇବାର ସମୟ ଆସିଛି। ଏହି ଗୌରବଶାଳୀ ଇତିହାସ ବିଷୟରେ ସମସ୍ତଙ୍କୁ ଅବଗତ କରାଇବାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ଏହାକୁ କେବଳ ସାମିଲ କରାଯିବନି, ବରଂ ବିସ୍ତୃତ ଭାବେ ବର୍ଣ୍ଣନା କରାଯିବ। ପ୍ରଜାତନ୍ତ୍ର ବିରୋଧରେ ବ୍ରିଟିଶମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ସମ୍ମୁଖରେ ପାଇକମାନେ କିଭଳି ଦୀର୍ଘବର୍ଷ ଧରି ଲଢ଼େଇ କରିଥିଲେ, ତାହାକୁ ସମସ୍ତଙ୍କ ସାମ୍ନାକୁ ଅଣାଯିବ ବୋଲି କହି କେନ୍ଦ୍ରମନ୍ତ୍ରୀ ଜାଭଡେକର ରାଜ୍ୟବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ମାତ୍ର ପ୍ରତିଶ୍ରୁତି ଦେଇ ଶେଷରେ ଭୁଆଁ ବୁଲାଇଛି କେନ୍ଦ୍ର। ବହିରେ ପାଇକ ବିଦ୍ରୋହ ସମ୍ପର୍କରେ ମାତ୍ର ଦେଢ଼ପୃଷ୍ଠାର ବିବରଣୀ ସ୍ଥାନ ପାଇଛି, ଯେଉଁଥିରେ ଦେଶର ନୁହେଁ, ଏହା ରାଜ୍ୟର ପ୍ରଥମ ସଶସ୍ତ୍ର ସଂଗ୍ରାମ ବୋଲି ତାଚ୍ଛଲ୍ୟ କରାଯାଇ ଲେଖାଯାଇଛି। ସେହିଭଳି ଚଞ୍ଚକତାର ସହ ଏହା ୧୮୫୭ ମସିହାରେ ସଙ୍ଗଠିତ ସିପାହୀ ବିଦ୍ରୋହ ପୂର୍ବର ଘଟଣା ବୋଲି ଲେଖାଯାଇଛି। ଏହାକୁ ନେଇ ଏବେ ପୁଣିଥରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି**
**ସବୁ ଦାନ୍ତକାଠି ମୋହର**
**ଏଇବାଟେ ଯାଉ କଥା ତୁ ନ କହୁ**
**ଛାତି ଫାଟିଯାଏ ମୋହର।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରିବସେ, ସେତେବେଳେ ତାକୁ ସହିବା ଯେ କେତେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୁଆ, ନାରୀ, ଚୋରି,**
**ନାଶେ ମଣିଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁ ନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

### ଅଟୋମୋବାଇଲ ନିର୍ମାତାଙ୍କର ୫୮ତମ ସର୍ବଭାରତୀୟ ସମ୍ମିଳନୀ

# ଓଡ଼ିଶାରେ ଅଟୋମୋବାଇଲ ଶିଳ୍ପ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଅଟୋମୋବାଇଲ ନିର୍ମାତାଙ୍କ ୫୮ତମ ସର୍ବଭାରତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପୂର୍ବଭାରତର ଓଡିଶା ଓ ଝାଡଖଣ୍ଡ ଭଳି ରାଜ୍ୟରେ ବିଶେଷଭାବେ ଅଟୋମୋବାଇଲ ବିନିର୍ମାଣ ଶିଳ୍ପ ତଥା ଏହି କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶ ପାଇଁ ପ୍ରକଳ୍ପ କରିବା ଆବଶ୍ୟକ। ଦେଶରେ ଶିଳ୍ପ ନିଯୁକ୍ତି ଓ ଆର୍ଥିକ ବିକାଶ ପାଇଁ ଅଟୋମୋବାଇଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଶିଳ୍ପ ସହ ଜଡିତ ଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ସେ ପ୍ରଶଂସା କରିଛନ୍ତି। ଅଟୋମୋବାଇଲ ଶିଳ୍ପ ଭାରତର ଜିଡିପି ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ପୂର୍ବଭାରତ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଆସିଛନ୍ତି। ସେଥିଲାଗି ପୂର୍ବଭାରତର ରାଜ୍ୟ ସମୂହର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଗତ ୪ବର୍ଷରେ ପୂର୍ବଭାରତ ରାଜ୍ୟଗୁଡିକର ଭିତ୍ତିଭୂମି, ଲଜିଷ୍ଟିକ୍ ଓ ଦକ୍ଷତାସମ୍ପନ୍ନ ମାନବସମ୍ବଳରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଅଟୋମୋବାଇଲ ଶିଳ୍ପରେ ସ୍କିଲ ଇକୋ ସିଷ୍ଟମକୁ ମଜଭୁତ କରିବା ପାଇଁ ମେକାନିକ ଓ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ସହ ଉତ୍ପାଦନରେ ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ କରିବାକୁ ଅଟୋମୋବାଇଲ ଶିଳ୍ପୋଦ୍ୟୋଗୀମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

# ଜଟଣୀ ଆଇଆଇସିଙ୍କୁ ରିମାଣ୍ଡରେ ଆଣିପାରେ ଏସ୍‌ଟିଏଫ୍

ଭୁବନେଶ୍ୱର, ୬।୯(ବ୍ୟୁରୋ)

୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଲା। ଗୁରୁବାର ଢେଙ୍କାନାଳ ଜିଲାରେ ଥିବା ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ବହୁ ସମ୍ପତ୍ତିର କାଗଜପତ୍ର ସହିତ ସୁନା ଗହଣା ଜବତ କରିଛନ୍ତି। ଏସବୁର ମାଲିକାନା ଥାନା ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋଙ୍କ ସହ ଆଇଆଇସି ସଞ୍ଜୀବଙ୍କ ଲିଙ୍କ୍ ଥିବା ଟିଟୋଙ୍କ ଭାଇ ସପୋ ପୂର୍ବରୁ କହିଥିଲେ। ସଞ୍ଜୀବ କେନ୍ଦ୍ରାପଡାରେ ଥିବାବେଳେ କିଭଳି ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ

## ଟିଟୋ ଲିଙ୍କ୍

ସେନେଇ ସପୋ ବୟାନ ଦେଇଥିଲେ। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ଏବେ ସଞ୍ଜୀବ ଗିରଫ ହେବା ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି। ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି, ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରୁଛନ୍ତି। ଆବଶ୍ୟକ ପଡିଲେ ସଞ୍ଜୀବଙ୍କୁ ରିମାଣ୍ଡରେ ଅଣାଯାଇପାରେ। ସୂଚନାଯୋଗ୍ୟ, ଟିଟୋ ଏବଂ ଥାନା ଅଧିକାରୀ ଗୋଆ ଯାଇ ହୋଟେଲରେ ରହି ମଉଜମସ୍ତି କରୁଥିବା ଟିଟୋଙ୍କ ଭାଇ ସାପୋ କହିଥିଲେ। ଏହାସତ୍ତ୍ୱେ ସଞ୍ଜୀବଙ୍କ ବିରୋଧରେ କୌଣସି ତଦନ୍ତ ହୋଇ ନ ଥିଲା। ଜଟଣୀ ଥାନାରେ ରହିବା ପରେ ଥାନା ବାବୁ ଟିଟୋଙ୍କୁ ସହଯୋଗ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଜଟଣୀ ଥାନା ଦେଇ ଯାଉଥିବା ଏକାଧିକ ଗୋରୁ ବୋଝେଇ ଗାଡିକୁ ଥାନା ବାବୁ ନିଜେ ଦାୟିତ୍ୱ ନେଇ ପଠାଉଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜଟଣୀ ଅଞ୍ଚଳବାସୀ କହିଛନ୍ତି ଯେ, ଜଟଣୀ ଥାନାରେ କେବଳ ଥାନା ଅଧିକାରୀ ଲାଞ୍ଚୁଆ ନ ଥିଲେ ଅନ୍ୟ କେତେଜଣ କର୍ମଚାରୀ ମଧ୍ୟ ଲାଞ୍ଚଖୋର ମନୋବୃତ୍ତିର ଅଛନ୍ତି। ତେଣୁ ଥାନାର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯାଉ ବୋଲି ସ୍ଥାନୀୟଲୋକେ କହିଛନ୍ତି। ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସମସ୍ତ କର୍ମଚାରୀଙ୍କୁ ବଦଳାଇବା ନେଇ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା କରୁଛି। ଶୁକ୍ରବାର ପୋଲିସ ଏଷ୍ଟାବ୍ଲିଶ ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145


Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

9911436726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM
ANM
OT. Tech
DMLT
ICU
X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now:
07078315986

DEEPAWALI DHAMAKA
KHARCHA LOAN MANJUR HONE PAR CAPITAL SMALL FINANCE LIMITED. REG. NO. KA76108CH8928
MARKSHEET, PERSONAL, PROPERTY, BUSINESS SABHI LOAN 24 SE 48 GANTO MEA GAR BETHE 2% BAYAJ, 40% CHOOT
Kiran Bhai Vaghela
D-244, Tejendra Nagar, Zundal, Zundal- 382421
Tal.-Gandhinagar, Dist - Gandhinagar
Mob : +91 8126993527
+91 8126673652
Dokhebajo Se Sawdhan


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଧରିତ୍ରୀ
DHARITRI
ଶୁକ୍ରବାର, ୭ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### କୋର୍ଟ ପ୍ରୋଗ୍ରେସିଭ୍ ବାର୍‌ର କାର୍ଯ୍ୟବନ୍ଦ ଜାରି

**ସୋର, ୬।୯(ଡି.ଏନ.ଏ.):** ସୋର କୋର୍ଟ ପ୍ରୋଗ୍ରେସିଭ୍ ବାର ପକ୍ଷରୁ ଗତ ୨୮ ତାରିଖରେ ଉଚ୍ଚ ନ୍ୟାୟାଳୟର ଆଇନ୍‌ଜୀବୀଙ୍କୁ ପୋଲିସର ମାଡ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ରାଜ୍ୟ ବାର ନିଷ୍ପତ୍ତିକ୍ରମରେ କୋର୍ଟ କାର୍ଯ୍ୟ ବର୍ଜନ କରାଯାଇଛି। ଏହି ଅମାନୁଷିକ ମାଡ ନେଇ ସୋର ସିଭିଲ କୋର୍ଟ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ବର୍ଜନ କରାଯାଇଛି ବୋଲି ବାର ସମ୍ପାଦକ ଗିରିଧାରୀ ଦାସ ଜଣାଇଛନ୍ତି। ଏଥି ସହ ଆସନ୍ତା ୮ ତାରିଖରେ ହାଇକୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଆହୁତ ବୈଠକରେ ଏହି ବାରର କର୍ମକର୍ତ୍ତା ଯୋଗ ଦେବେ ବୋଲି ମଧ୍ୟ ସୂଚନା ଦିଆଯାଇଛି।

### ଜୀବନବିନ୍ଦୁ ପକ୍ଷରୁ ୮୮ ୟୁନିଟ୍ ରକ୍ତ ସଂଗ୍ରହ



**ବାଲେଶ୍ୱର ଅଫିସ,୬।୯:** ଜୀବନବିନ୍ଦୁ ଆନୁକୂଲ୍ୟରେ ଗୁରୁବାର ବାଲେଶ୍ୱର ବ୍ଲଡ୍ ବ୍ୟାଙ୍କ ଅଫିସରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସଂଯୋଜକ ସଲିମ୍ ରଜା, ଜିଲା ସଂଯୋଜକ ଆଶିଷ ଘୋଷ, ଜାଭେଦ ଖାଁ, ସାହିରୁଦ୍ଦିନ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୮୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ବସନ୍ତ ଉପାଧ୍ୟାୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ନ୍ୟୁ ଲାଇଫ୍ ଏବଂ ଲାୟନ୍ସ ଏମ୍ପାୱାରର କର୍ମକର୍ତ୍ତା ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୦ ତାରିଖରେ ଟାଉନ୍ ହଲ୍‌ରେ ପୁଣି ଏକ ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି କୁହାଯାଇଛି।

### ପୋଲ ତଳକୁ ଖସିଲା ଭ୍ୟାନ୍: ୨ ଆହତ

**ଜଳେଶ୍ୱର,୬।୯(ସ୍ୱ.ପ୍ର.):** ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ସୁଗୋ ନିକଟରେ ଗୁରୁବାର ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସିପଡ଼ିବା ଯୋଗୁ ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱର ଜି.କେ. ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଭ୍ୟାନ୍ ଜଳେଶ୍ୱର ଷ୍ଟେଶନରେ ପାସେଞ୍ଜର ଛାଡ଼ି ଚନ୍ଦନେଶ୍ୱର ଅଭିମୁଖେ ଯାଉଥିଲା। ପଶ୍ଚିମବଙ୍ଗ ରାମନଗର ଥାନା ଦେଉଳି ଅଞ୍ଚଳର ଡ୍ରାଇଭର ସୁମନ୍ତ ମହୁରୀ ଓ ହେଲପର ରତନ ପାଲ ଭ୍ୟାନ୍ ସହ ପୋଲ ତଳକୁ ଖସି ପଡ଼ିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଛନ୍ତି।

### ସଂସ୍କୃତ ଦିବସ ପାଳିତ



**ଜଳେଶ୍ୱର,୬।୯(ଡି.ଏନ.ଏ.):** ବୁଧବାର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠାସ୍ଥିତ ବହୁ ପୁରାତନ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ଡ. ବିଜୟ କୁମାର ଘୋଷ ସଂସ୍କୃତ ଭାଷା ସମଗ୍ର ବିଶ୍ୱରେ କିଭଳି ଆଦର ଲାଭ କରିଛି ସେ ବିଷୟରେ ପର୍ଯ୍ୟାଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସଂସ୍କୃତ ଦିବସ ଭାବେ ପାଳନ କରାଯିବାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିପିନ ବିହାରୀ ବିଶ୍ୱାଳ ଭାରତୀୟ ସଂସ୍କୃତିରେ ସଂସ୍କୃତ ଭାଷାର ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ବକ୍ତା ଭାବେ ଡ. ଗୁରୁପ୍ରସାଦ ରାଉଳ, ପଣ୍ଡିତ ଦେବେନ୍ଦ୍ରନାଥ ଭୂୟାଁ, ଚିତ୍ତରଞ୍ଜନ ମହାପାତ୍ର, ପଦ୍ମନାଭ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ସଂସ୍କୃତରେ ସ୍ୱାଗତ ଭାଷଣ ରଖିଥିଲେ। ଛାତ୍ରୀ ସୁପ୍ରଭା ଦାସ, ସୁସ୍ମିତା ପ୍ରଧାନ, ପୂଜା ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ କାଳିଙ୍କିକର ଧର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଜାତାରାଣୀ ଦାସ, ଅଶୋକ କୁମାର ପାଣିଗ୍ରାହୀ, ରାମକୃଷ୍ଣ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୁର୍ଗାତାଣ୍ଡବ ଅଭିନୟ କରାଯାଇଥିଲା।

## ଉତ୍ତର ବାଲେଶ୍ୱରରେ ଅବିଶ୍ରାନ୍ତ ବର୍ଷା

# ଫୁଲୁଛି ସୁବର୍ଣ୍ଣରେଖା, ପର୍ଯ୍ୟଟକଙ୍କୁ ସମୁଦ୍ର ମନା

**ଭୋଗରାଇ, ୬।୯(ଡି.ଏନ.ଏ.)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବଂ ପଶ୍ଚିମବଙ୍ଗ-ଓଡ଼ିଶା ଗାଙ୍ଗେୟ ଉପତ୍ୟକାରେ ଘୂର୍ଣ୍ଣିବଳୟ ଯୋଗୁ ଗୁରୁବାର ସକାଳୁ ଉତ୍ତର ବାଲେଶ୍ୱରରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଡୁହାକୁ ଡୁହା ବର୍ଷା ହେବାରୁ ଜୀବନଯାତ୍ରା ବ୍ୟାହତ ହୋଇଛି। ଅପରାହ୍ନରୁ ବର୍ଷାରୁ ପରିମାଣ ବଢୁଛି। ୪୦ରୁ ୬୦ କି.ମି. ବେଗରେ ପବନ ବହୁଛି। ଭୋଗରାଇରେ ସାରାଦିନ ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ଲୋକେ ବେହାଲ ହୋଇଛନ୍ତି। ସମୁଦ୍ର କୂଳରେ ବତାସର ବେଗ ଅଧିକ ଥିବାରୁ ସମୁଦ୍ର ଉତ୍ତାଳ ହୋଇଛି। ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଦୀଘା, ଶଙ୍କରପୁର, ମନ୍ଦାରମଣି, ଉଦୟପୁର, ତାଳସାରୀଠାରେ ଥିବା



ସୁରକ୍ଷାବନ୍ଧରେ ଜୁଆର ମାଡ ହେଉଛି।

ପର୍ଯ୍ୟଟକମାନଙ୍କୁ ସମୁଦ୍ରକୁ ନ ଯିବା ପାଇଁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଉଛି। ଦୀଘା-ଉଦୟପୁର-ତାଳସାରୀଠାରେ ସମୁଦ୍ରର ଢେଉ ୪ ଫୁଟରୁ ୫ ଫୁଟ ଉଚ୍ଚରେ ମାଡ଼ି ଆସି ସୁରକ୍ଷା ପଥର ବନ୍ଧରେ ମାଡ଼ ହେଉଛି। ଗୁରୁବାର ସକାଳ ୮ଟା ସୁଦ୍ଧା ଭୋଗରାଇରେ ୧୪.୩ ମି.ମି., ଜଳେଶ୍ୱରରେ ୧୦ ମି.ମି., ବସ୍ତାରେ ୧୩ ମି.ମି. ଏବଂ ବାଲିଆପାଳରେ ସର୍ବାଧିକ ୪୬ ମି.ମି. ସହ ଜିଲାରେ ୩୪୨ ମି.ମି. ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଲଘୁଚାପ ଏବଂ ଘୂର୍ଣ୍ଣିବଳୟ ପ୍ରଭାବରେ ଝାଡ଼ଖଣ୍ଡ ମାଳ ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ଗାଲୁଡ଼ିହି, ଖଡ଼ଖାଇ ଜଳଧାରାରୁ ଉଦ୍‌ବୃତ୍ତ ବର୍ଷା ପାଣି ସୁବର୍ଣ୍ଣରେଖାକୁ ଛଡ଼ାଯାଇଥିବା କେନ୍ଦ୍ରୀୟ ଜଳ ଆୟୋଗ ଦପ୍ତର ସୂଚନା ଦେଇଛି। ସୁବର୍ଣ୍ଣରେଖା ଉପର ମୁଣ୍ଡରେ ସନ୍ଧ୍ୟା ସାଢ଼େ ୬ଟାରେ ଜାମସେଦ୍‌ପୁରଠାରେ ୧୫.୨ ମି.ମି., ଫେକଘାଟରେ ୧୭.୬ ମି.ମି., ଘାଟଶିଳାରେ ୫.୮ ମି.ମି., ଜାମଶୂଳାରେ ୧୧.୬ ମି.ମି., ରାଜଘାଟଠାରେ ୫.୦ ମି.ମି. ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜ୍‌ଠାରେ ଜଳପତ୍ତନ ବୃଦ୍ଧି ପାଇ ସତର୍କ ସୂଚନା ୯.୪୫ ମିଟର ଥିବା ବେଳେ ୬.୮୪ ମିଟରରେ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଉପରମୁଣ୍ଡରେ ବର୍ଷା ଲାଗି ରହିଲେ ପୁଣି ବନ୍ୟା ଆଶଙ୍କା ଦେଖାଦେଇପାରେ ବୋଲି ସେଚ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ୧୦ ଚୋରା ମଦ ବେପାରୀ ଗିରଫ

**ରୂପସା/ନୀଳଗିରି, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୃଥକ୍ ପୃଥକ୍ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇ ୧୦ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସଦର ବ୍ଲକ ରୂପସା ଥାନା ଅଞ୍ଚଳରେ ବସ୍ତା ସବ୍‌ଇନ୍ସପେକ୍ଟର ଅର୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୪ ମଦ ବେପାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ବିପୁଳ ପରିମାଣରେ ଦେଶୀ ରନ୍ଧାମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଲଛମନଖୁଣ୍ଟା ଗ୍ରାମର ସୁବାସ ମଡୁଆଲ, ଶ୍ୟାମସୁନ୍ଦର ସିଂ ଓ ଝୁନୁ ଦାସ, ବାରାପାଳ ଗ୍ରାମର ଅମୂଲ୍ୟ ଗିରି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ୍ ମାମଲା ରୁଜୁ ହୋଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ସଦର ବ୍ଲକ ରସଲପୁର ପଞ୍ଚାୟତରେ ବସ୍ତା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବଡ଼ଧନାଡ଼ି ଗ୍ରାମର ମଦ ବେପାରୀ ବିଶ୍ୱନାଥ ଜେନା ଓ ଗୟାଧର ମହାଳିକଙ୍କୁ ଗିରଫ କରାଯାଇଛି।

ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ୪ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରହମ୍ପୁର ଥାନା ପିଠାହତା ଗ୍ରାମର ରାମ ଶଙ୍ଖୁଆଳ, ବ୍ରହ୍ମାନନ୍ଦ ବେହେରା, କାହାଳିଆ ଗ୍ରାମର ବାଇଧର ସିଂ ଓ ଟିମିନିଭାଟି ବସ୍ତିର ବାସ ହାଁସ୍‌ଦା। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେମାନଙ୍କଠାରୁ ୩୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

**ସୋର, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଷ୍ଟେସନ ନିକଟରେ ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକ ଟ୍ରେନ୍‌ରୁ ଖସି ପଡି ଗୁରୁତର ହୋଇଛନ୍ତି। ଏହି ଯୁବକ ଜଣକ ଇଷ୍ଟକୋଷ୍ଟରେ ହାୱଡ଼ାକୁ ଯାଉଥିବା ବେଳେ ଷ୍ଟେସନରୁ କିଛି ଦୂରରେ ଅସାବଧାନତା କାରଣରୁ ଖସି ପଡିଥିଲେ। ତାଙ୍କର ପରିଚୟ ଜଣାପଡ଼ି ନ ଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ବିରୋଧ

**ବସ୍ତା, ୬।୯(ସ୍ୱ.ପ୍ର.)**

**୧୦ରେ ଭାଜପାର ଆନ୍ଦୋଳନ ଚେତାବନୀ**

ବସ୍ତା ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତକାଟ୍ ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଶକ୍ତିମନ୍ତ୍ରୀ ଅଧିକ ବିଜୁଳି ଉତ୍ପାଦନ ହେଉଥିବା ସହିତ ବିଜୁଳି କାଟ୍ ବନ୍ଦ କରିବାକୁ କହୁଥିଲେ ମଧ୍ୟ ଏହା ବାସ୍ତବ କ୍ଷେତ୍ରରେ ଓଲଟା ସାବ୍ୟସ୍ତ ହୋଇଛି। କୌଣସି କାରଣ ନ ଥାଇ ବିଦ୍ୟୁତ ବିଭାଗ ଅଫିସରମାନେ ମନଇଚ୍ଛା ବିଦ୍ୟୁତକାଟ୍ କରି ନିଜ କମ୍ପାନୀଠାରେ ନିଜର ପାରିବାପଣିଆ ସାବ୍ୟସ୍ତ କରୁଥିବା ବେଳେ ଜନସାଧାରଣଙ୍କ ସୁବିଧା ସୁଯୋଗ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଘନ ଘନ ବିଦ୍ୟୁତକାଟ୍ ସାଙ୍ଗକୁ ଲୋ-ଭୋଲଟେଜ ସମସ୍ୟା ଲାଗିରହୁଛି। ଏବେ ପୁଣି ମରାମତି ଆଳରେ ମନଇଚ୍ଛା ବିଦ୍ୟୁତକାଟ୍ କରାଯାଉଛି। କୌଣସି ଗ୍ରାହକ ଅଭିଯୋଗ କଲେ ସେମାନଙ୍କ ମୁହଁ ବନ୍ଦ କରିବା ପାଇଁ ନିଜେ ତିଆରି କରିଥିବା ବିଦ୍ୟୁତ ସ୍କ୍ୱାର୍ଡ ଦ୍ୱାରା କିଛି ତ୍ରୁଟି ନ ଥାଇ ମଧ୍ୟ ହଜାର ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରି ଉପଭୋକ୍ତାଙ୍କ ମନରେ ଭୟ ସଞ୍ଚାର କରୁଛନ୍ତି। ବିଦ୍ୟୁତ ବିଭାଗର ମନଇଚ୍ଛା ଶୋଷଣର ବିରୋଧ କରି ବସ୍ତା ଭାଜପା ପକ୍ଷରୁ ଆସନ୍ତା ୧୦ତାରିଖ ସୋମବାର ବାହାର୍ଦ୍ଧା ସ୍ଥିତ ଇଲେକ୍ଟ୍ରିକ୍ ଡିଭିଜନ ଅଫିସ ଘେରାଉ କରାଯିବାର ନିଷ୍ପତ୍ତି ନିଆଯାଇଥିବା ଭାଜପା ନେତା ଶ୍ୟାମାପ୍ରସାଦ ବେହେରା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ମୁକାବିଲା ଲାଗି ମକ୍‌ଡ୍ରିଲ

**ବାହାନଗା, ୬।୯(ଡି.ଏନ.ଏ.)**

ବାହାନଗା ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଓସ୍‌ଡୋମା ତରଫରୁ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା ଓ ସୁନାମୀରେ ଲୋକମାନେ ସୁରକ୍ଷିତ ରହିବା ପାଇଁ ଓସଡୋମା ତରଫରୁ ବରିପଦା ଅଞ୍ଚଳର ବିଭିନ୍ନ ଗ୍ରାମ ସମେତ ବରିପଦା ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଖରାସାହାପୁରର ବାଉଁଶଆଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀ ସମେତ ବଳରାମପୁର ବାତ୍ୟା ଆଶ୍ରୟସ୍ଥଳୀ, ଦ୍ୱାରିକା ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ, ବାସୁବରହମପୁର ବାତ୍ୟା ଆଶ୍ରୟସ୍ଥଳୀରେ ସୁନାମୀ ସମ୍ପର୍କରେ ଆଗୁଆ ସତର୍କ ସୂଚନା ପାଇବା ଓ କିପରି ସୁରକ୍ଷିତ ରହିପାରିବେ ତାହା ଉପରେ ମକଡ୍ରିଲ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା । ସୁନାମୀରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ୨ଶହ ମିଟର ଭିତରେ



ବରିପଦା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଗ୍ରାମବାସୀ।

ଥିବା ଲୋକମାନେ କିପରି ସୁରକ୍ଷିତ ସ୍ଥାନକୁ ଯାଇପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ବରିପଦା ବାତ୍ୟା ଆଶ୍ରୟସ୍ଥଳୀରେ ଏକ ସୁନାମି ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମଙ୍ଗଳ ମଳିକ, ସୁରେନ୍ଦ୍ର ସେଠୀ, ରଜନୀକାନ୍ତ ସାହୁ, ଶରତ ପାଢୀ, ୱାର୍ଡସଭ୍ୟା ସତ୍ୟଭାମା ମଳିକ, ଗେଡି ମଳିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ଯୋଗଦେଇ ଲୋକମାନଙ୍କୁ ବୁଝାଇଥିଲେ।

# ପ୍ଲାଷ୍ଟିକ, ପଲିଥିନ୍‌କୁ ନା

**ବାଲେଶ୍ୱର ଅଫିସ,୬।୯**

ବାଲେଶ୍ୱର ଲାୟନ୍ସ କ୍ଲବର ନ୍ୟୁହରାଇଜନ୍ ସଂଗଠନ ଏବଂ ଖବରଦାତାଙ୍କ ପକ୍ଷରୁ ଗୁରୁବାର ମେଘଡ଼ମ୍ବରୁ ସ୍ଥିତ ମର୍ଡ଼ର୍ନ ପବ୍ଲିକ ସ୍କୁଲରେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ବ୍ୟବହାର ଉପରେ ସରକାର ଲଗାଇଥିବା କଟକଣାକୁ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ସୁସ୍ଥ ପରିବେଶ ପାଇଁ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଛନ୍ତି। ଏଥିସହ ସମସ୍ତଙ୍କୁ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର ନ କରିବାକୁ ସଚେତନ କରାଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ କାଗଜବ୍ୟାଗ୍ ବଣ୍ଟନ କରାଯାଇଛି। ବିଦ୍ୟାଳୟର ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି, ନ୍ୟୁହରାଇଜନ୍ ସଙ୍ଗଠନର ଜୋନାଲ ଚେୟାରପର୍ସନ ସଂଘମିତ୍ରା ମହାନ୍ତି, ସଭାପତି ସନ୍ଦୀପ୍ତ ଦାସ, ସମ୍ପାଦକ ପ୍ରଶାନ୍ତି ପଣ୍ଡା, କୋଷାଧ୍ୟକ୍ଷ ସୁଦେଷ୍ଣା ମହାନ୍ତି, ଖବରଦାତା ହାଇଦର ଖାଁ, ରତିକାନ୍ତ ପାତ୍ର, ତାରିଣୀ ପାଢ଼ୀ, ଉଜ୍ଜ୍ୱଳ କର, ଅର୍ଦ୍ଧେନ୍ଦୁ ମିଶ୍ର, ଶେଖ ନଜିମ୍, ବଂଶୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।




ନ୍ୟୁ ହରାଇଜନ୍ ସଙ୍ଗଠନ ଏବଂ ଖବରଦାତାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ।

## ସାପ କାମୁଡ଼ାରେ ଭଉଣୀ ମୃତ, ଭାଇ ଗୁରୁତର

**ଖଇରା,୬।୯(ଡି.ଏନ.ଏ.)**

ଖଇରା ଥାନା ଜଳଦା ପଞ୍ଚାୟତ ଅଧୀନ ସାଦିକପୁର ଗ୍ରାମରେ ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ଭଞ୍ଜ ମହାନ୍ତିଙ୍କ ପୁଅ ହରେକୃଷ୍ଣ (୧୨) ଓ ଝିଅ କରିସ୍ମା (୧୫) ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଭଉଣୀ କରିସ୍ମା ମୃତ୍ୟୁବରଣ କରିଥିବା ବେଳେ ହରେକୃଷ୍ଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ହରେକୃଷ୍ଣଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ତାଙ୍କ ପରିବାରବର୍ଗ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ନୀଳଗିରି,୬।୯(ଡି.ଏନ.ଏ.)-** ନୀଳଗିରି ବନାଞ୍ଚଳ ଅଧୀନ ବୁଦୁସାହି ଗାଁରେ ଗୁରୁବାର ଭାଲୁ ଆକ୍ରମଣରେ ହରିଶ୍ଚନ୍ଦ୍ର ଦେହୁରୀ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅପରାହ୍ନରେ ହରିଶ୍ଚନ୍ଦ୍ର ନିଜ ଘର ନିକଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ହଠାତ୍ ପଛ ପଟୁ ତାଙ୍କୁ ଭାଲୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଗ୍ରାମ ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇ ଥିଲା।

# 'ଠିକ ମାର୍ଗ ଦେଖାଇବା ଶିକ୍ଷକଙ୍କ ଦାୟିତ୍ୱ'

**ଖଇରା,୬।୯(ଡି.ଏନ.ଏ)**

ଖଇରା ପ୍ରାଥମିକ ଶିକ୍ଷକ ସଂଘର ଦ୍ୱାଦଶ ବାର୍ଷୀକ ଉତ୍ସବ ଖଇରା ଶିକ୍ଷକ ସଂଘ ଭବନ ପରିସରରେ ସଭା ଓ ସମ୍ବର୍ଦ୍ଧନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ସଭାପତି କମଳଲୋଚନ ଜେନାଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ମହେଶ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅବସରପ୍ରାପ୍ତ ଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି କିଛି ଲୁକ୍କାୟିତ ପ୍ରତିଭା ରହିଛି । ସେହି ପ୍ରତିଭାର ବିକାଶ ପାଇଁ ପିଲାଙ୍କୁ ସଠିକ ରାସ୍ତା ଦେଖାଇବା ପ୍ରକୃତ ଶିକ୍ଷକଙ୍କର କାର୍ଯ୍ୟ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଗୋଷ୍ଠୀ ଶିକ୍ଷାଧୀକାରୀ ଧରଣୀଧର ପାତ୍ର, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଏବିଇଓ ବାସୁଦେବ ରାଉତ, ଗୋଲକ ବିହାରୀ ପାଢୀ ଓ ସୁଦର୍ଶନ ରାଉତ, ଉପଦେଷ୍ଟା ଦାମୋଦର ନାୟକ ଓ




ଦ୍ୱାଦଶ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ନାରାୟଣ ପ୍ରସାଦ ପେଡା, କନିଷ୍ଠ ଶିକ୍ଷକ ସଂଘ ସଭାପତି ରଞ୍ଜନ ମହଲା, ସମ୍ପାଦକ ସନ୍ତୋଷ ବାରିକ, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ଲମ୍ବୋଦର ଦାସ, ସମ୍ପାଦକ ସୁଦର୍ଶନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁର୍ଗାମାଧବ ଜେନା ଅତିଥି ପରିଚୟ, କୈଳାସ ଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ । ମୁଖପତ୍ର ପ୍ରଜ୍ଞାଶ୍ରୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ରୀତାରାଣୀ ଦାସଙ୍କୁ ସରସ୍ୱତୀ ସ୍ମୃତି ଶିକ୍ଷକ ସୌରଭ ସମ୍ମାନ ତଥା ୨୦୧୮ମସିହାରେ ଅବସର ଗ୍ରହଣ କରିଥିବା ରମେଶ ଚନ୍ଦ୍ର ସାମଲ, କୁନ୍ତଳା ମହାରଥା, ସାବିତ୍ରୀ ମଣି ପାତ୍ର, ଅନସୂୟା ବେହେରା, କିରଣବାଳା ଦାସ, ସୁପ୍ରଭା ଦାସ, ସରୋଜିନୀ ପାଣିଗ୍ରାହୀ, ଦାମୋଦର ପଣ୍ଡା, ଦିବାକର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଫଗୁଣା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ବିରୋଧ

**ଖଇରା, ୬।୯(ଡି.ଏନ.ଏ.)-** ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଫଗୁଣା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ, ଅଭିଭାବକ ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଗତ ୧ତାରିଖରେ ଲିଖିତ ଭାବେ ଜଣାଇଛନ୍ତି। ଏହି ପ୍ରାଥମିକ ବିଦ୍ୟାଳୟକୁ ସେହି ଗ୍ରାମର ଶିବପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଅଭିଭାବକମାନେ ବିରୋଧ କରିଛନ୍ତି। ଯଦି ଦୁଇଟି ବିଦ୍ୟାଳୟକୁ ମିଶ୍ରଣ କରାଯାଏ, ତେବେ ପିଲାମାନଙ୍କ ପାଠପଢ଼ା ବନ୍ଦ କରିଦେବେ ବୋଲି ନିରଞ୍ଜନ ରାଉତ, ଅନ୍ନପୂର୍ଣ୍ଣା ଲେଙ୍କା, ପାର୍ବତୀ ଲେଙ୍କା, ଲମ୍ବୋଦର ଲେଙ୍କା ଓ ଭାସ୍କର ଚନ୍ଦ୍ର ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟ ପାଇଁ ଗ୍ରାମରେ ଜାଗା ଚିହ୍ନଟ ହୋଇ ସାରିଛି। ପ୍ରଶାସନର ସହଯୋଗ ମିଳିଲେ ଖୁବ୍‌ଶୀଘ୍ର ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହା କରା ନ ଯାଇ ସିଆର୍‌ସିସିଙ୍କ ବିଭ୍ରାନ୍ତିକର ତଥ୍ୟକୁ ଆଧାର କରି ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ କରାଯିବା ଉଦ୍ୟମ ଦୁଃଖଦାୟକ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଖେଳପଡ଼ିଆ ଓ ବିଜ୍ଞାନାଗାର ଭଳି କୌଣସି ଆନୁଷଙ୍ଗିକ ସୁବିଧା ନାହିଁ। ଏ ସମ୍ପର୍କରେ ବିଆର୍‌ସିସି ବାସୁଦେବ ରାଉତ କହିଛନ୍ତି ଯେ, ୧୮ଟି ସ୍କୁଲର ମିଶ୍ରଣ ପାଇଁ ପ୍ରସ୍ତାବ ରହିଛି। ପ୍ରାଥମିକ ବିଦ୍ୟାଳୟ ମାଟିଘରେ ଚାଲିଛି। ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କୁ ଡକାଯାଇଛି। ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# 'ଲିଙ୍ଗ ନିରୂପଣ ନିଷେଧ ଆଇନ କଡାକଡ଼ି କର'

**ବାଲେଶ୍ୱର ଅଫିସ, ୬।୯**

ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣ ଅଧିନିୟମ ଅନୁଯାୟୀ ଗଠିତ ଜିଲା ଉପଦେଷ୍ଟା କମିଟିର ଏକ ବୈଠକ ଗୁରୁବାର ସ୍ଥାନୀୟ ଜିଲା ମୁଖ୍ୟଚିକିତ୍ସାଳୟର ତାଲିମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ସମ୍ପର୍କରେ ସମୀକ୍ଷା, ସମ୍ପ୍ରତି କାର୍ଯ୍ୟକ୍ଷମ ଥିବା କ୍ଲିନିକଗୁଡ଼ିକର ପୁନଃ ପରିଦର୍ଶନ ଓ ନବୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଲଟ୍ରାସାଉଣ୍ଡ କ୍ଲିନିକ ସବୁର ନିୟମିତ ପରିଦର୍ଶନ ବେଳେ ମିଳିଥିବା ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେହିପରି ଲିଙ୍ଗ ନିରୂପଣ ଅଧିନିୟମର ଖିଲାପ କରୁଥିବା




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

କ୍ଲିନିକମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ସେଗୁଡ଼ିକର ଅଚାନକ ପରିଦର୍ଶନ, ଆବଶ୍ୟକ ସ୍ଥଳେ ଜରିମାନା ଏବଂ କ୍ଲିନିକ କର୍ତ୍ତୃପକ୍ଷ ତଥା ଡାକ୍ତରଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଲାଗି ଜିଲାପାଳ ରାଉତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ରାଉତ ଗୁରୁତ୍ୱାରୋପ କରିବା ସହ କନ୍ୟା ସନ୍ତାନର ସୁରକ୍ଷା ପାଇଁ ସମସ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାତୃ ଓ ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଜିଲାର ସାମ୍ପ୍ରତିକ ସ୍ଥିତି ଏବଂ ନିକଟରେ ବିଭିନ୍ନ ବ୍ଲକରେ ଘଟିଥିବା ଶିଶୁ ଓ ମାତୃମୃତ୍ୟୁର କାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭବିଷ୍ୟତରେ ଯେପରି ଏ ସବୁର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ଉପସ୍ଥିତ ଡାକ୍ତର, ନର୍ସ ଏବଂ ଆଶାକର୍ମୀମାନଙ୍କୁ କହିଥିଲେ । ଏତଦ୍‌ବ୍ୟତୀତ ବନ୍ଧ୍ୟାକରଣର ଗୁଣବତ୍ତାକୁ ନିଶ୍ଚିତ କରିବା ଲାଗି ନିଆଯାଇଥିବା ପଦକ୍ଷେପ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ ହୋଇଥିବା ବ୍ଲକୱାରୀ ଲକ୍ଷ୍ୟ ହାସଲ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଏଡିଏମଓ (ପରିବାର କଲ୍ୟାଣ) ଡା. ପରେଶ ଚନ୍ଦ୍ର ନନ୍ଦୀ, ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. ମିନାକ୍ଷୀ ରାଏ, ଆରସିଏଚ ଡେପୁଟି ମ୍ୟାନେଜର ଏଲିନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଡିପିଏମ ପ୍ରଭୁ ପ୍ରତ୍ୟନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଚୂଡ଼ାମଣି ମୁହାଣରେ ବୁଡ଼ିଲା ବୋଟ୍
■ ୯ ମତ୍ସ୍ୟଜୀବୀ ଉଦ୍ଧାର

**ବାସୁଦେବପୁର,୬।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁରର ଚୂଡ଼ାମଣି ସମୁଦ୍ର ମୁହାଣରେ ଗୁରୁବାର ସକାଳେ ଏକ ବୋଟ୍ ଜୁଆର ମାଡରେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀ ସମୁଦ୍ରଙ୍କୁ ଡେଇଁ ପଡି ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଅନ୍ୟ ଏକ ବୋଟ୍‌ରେ ଥିବା ମତ୍ସ୍ୟଜୀବୀ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥଲେ। ସମୁଦ୍ରରୁ ମାଛ ଧରି ଫେରିବା ବେଳେ ଏହି ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉକ୍ତ ବୋଟ୍ ସ୍ଥାନୀୟ ଚୂଡ଼ାମଣି ଅଞ୍ଚଳର ଜୟନ୍ତ ମଳିକଙ୍କର ବୋଲି ଜଣାପଡ଼ିଛି।

### କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ଭଦ୍ରକ ଅଫିସ,୬।୯:** ଭଦ୍ରକ କଲେଜ ରୋଡସ୍ଥିତ ମହାପାତ୍ର ମେସ୍‌ରେ ଜଣେ କଲେଜ ପଢୁଆ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ହେଲେ ତିହିଡ଼ି ଦହପଣିଆ ଗ୍ରାମର ସନ୍ତୋଷ ମଲିକ। ସେ ମେସ୍‌ରେ ରହି ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢୁଥିଲେ। ବୁଧବାର ରାତିରେ ଖାଇ ସାରି ଶୋଇଥିଲେ। ଗୁରୁବାର ସକାଳେ ସେ ନ ଉଠିବାରୁ ପୋଲିସକୁ ଖବର ଦିଆଯାଇଥିଲା। ଭଦ୍ରକ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶିଶୁକନ୍ୟା ନିଖୋଜ

**ଭଦ୍ରକ ଅଫିସ,୬।୯(ଡି.ଏନ.ଏ.):** ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିମାହାଲା ଅଞ୍ଚଳର ଜଣେ ୩ ବର୍ଷର ଶିଶୁକନ୍ୟା ଗତ ଦୁଇଦିନ ଧରି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେ ତାଙ୍କ ବଡ଼ ଭାଇ ସହ ସ୍କୁଲକୁ ମଧ୍ୟାହ୍ନଭୋଜନ ଖାଇବାକୁ ଯାଇ ଘରକୁ ଫେରି ନ ଥିବା ପରିବାର ଲୋକେ କହିଛନ୍ତି। ଗାଁ ନିକଟସ୍ଥ ସାଳନ୍ଦୀ ନଦୀରେ ନିଖୋଜ ହୋଇଯାଇଥିବା ସନ୍ଦେହ କରି ଭଦ୍ରକ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନାହିଁ। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ନିଖୋଜ ମାମଲା ଦାଏର କରାଯାଇଛି।

### ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଧାମନଗର,୬।୯(ଡି.ଏନ.ଏ.):** ଧାମନଗର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୧ ତମ ଜୟନ୍ତୀ ଅବସରରେ ବିଶେଷ ସମାରୋହ ସହିତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଭଦ୍ରକ ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ମଞ୍ଜୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଡ. ବଳରାମ ମିଶ୍ର, ମୁଖ୍ୟବକ୍ତା ଭାବେ ଧାମନଗର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଅଧକ୍ଷା ମଧୁସ୍ମିତା, ଆଗରପଡାର ସାରଥୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ଅବସରପ୍ରାପ୍ତ ଶିକ୍ଷକ ଦଧିବାମନ ମିଶ୍ର, ଅବସରପ୍ରାପ୍ତ ବ୍ଲକ ଉପ ଶିକ୍ଷାଧିକାରୀ ରାମ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶୋଭାରାଣୀ ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ।

### ଶହୀଦ ଦିବସ ପାଇଁ ତତ୍ପରତା

**ବାସୁଦେବପୁର,୬।୯(ଡି.ଏନ.ଏ.):** ବାସୁଦେବପୁରର ରକ୍ତତୀର୍ଥ ଇରମରେ ଆସନ୍ତା ୨୮ ତାରିଖରେ ଶହୀଦ ଦିବସ ପାଳନ ପାଇଁ ପ୍ରଶାସନ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଶହୀଦ ଦିବସ ପାଳନ ପାଇଁ ୩ ସପ୍ତାହ ସମୟ ବାକି ଥିଲା ବେଳେ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଶହୀଦ ପୀଠ ଓ ସମାଧିସ୍ଥଳ ବୁଲି ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି, ଇନ୍ସପେକ୍ଟର କମଳ ଲୋଚନ ଭୂୟାଁ, ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ପ୍ରମୁଖ ଶହୀଦ ପୀଠରେ ପହଞ୍ଚି କେତେକ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏକ ସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ଶହୀଦ ଦିବସରେ ରାଜ୍ୟପାଳ ଯୋଗଦେବାର ସମ୍ଭାବ୍ୟ କାର୍ଯ୍ୟକ୍ରମ ଥିବାରୁ ଆଗୁଆ ପୋଲିସ ଶହୀଦ ପୀଠରେ ପହଞ୍ଚି ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଗୁଆ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି।





ଭଣ୍ଡାରିପୋଖରୀ ଅଞ୍ଚଳରେ ବର୍ଷା ଓ ବନ୍ୟା ଏକାକାର। ପାଣିରେ ବୁଡିଛି ରାସ୍ତା(ବାମ)। ବର୍ଷାରେ ବାସୁଦେବପୁର ଓ ଆରଡି ଅଞ୍ଚଳରେ ଭୁଶୁଡି ପଡିଛି ଘର କାନ୍ଥ।

# ଲଗାଣ ବର୍ଷା ସାଙ୍ଗକୁ ବନ୍ୟା ସ୍ଥିତି

**ଭଦ୍ରକ ଜିଲା**
- ଶତାଧିକ ଗାଁଗଣ୍ଡା ପାଣି ଘେରରେ, ବହୁ ଚାଷ ଜମି ଜଳମଗ୍ନ
- ରାସ୍ତାରେ ଛୁଟିଛି ପାଣି ସୁଅ, ଯୋଗାଯୋଗ ବିଚ୍ଛିନ୍ନ
- ବିଭିନ୍ନ ସ୍ଥାନରେ ଭୁଶୁଡି ପଡିଛି ଘର, ବହୁ ପରିବାର ନିରାଶ୍ରୟ
- ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଘରେ ଜଳିନି ଚୁଲି

## ଧାମନଗର

ଧାମନଗର/ଭଣ୍ଡାରିପୋଖରୀ/ବାସୁଦେବପୁର/ତିହିଡ଼ି/ଆରଡି,୬।୯ (ଡି.ଏନ.ଏ.)

ମଙ୍ଗଳବାର ରାତିଠାରୁ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିବାରୁ ଭଦ୍ରକ ଜିଲାରେ ବହୁ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ବୈତରଣୀ ସମେତ ଅନ୍ୟ ନଦୀରେ ପୂର୍ବରୁ ବନ୍ୟା ଜଳ ଆସିଥିବାରୁ ପ୍ରଭାବିତ ଅଞ୍ଚଳର ସ୍ଥିତି ଅଧିକ ଗୁରୁତର ହୋଇଛି। ଧାମନଗର ବନ୍ୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଥିବା ବେଳେ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ବୈତରଣୀ ସମେତ କୋଚିଲା,ଗେଙ୍ଗୁଟି, ଜଅ,କଣ୍ଡିଅ,ରେବ, କପାଳି ନଦୀ ଉଛୁଳି ପଡିଛି। ନଦୀତଟବର୍ତ୍ତୀର ବ୍ୟାପକ ଅଞ୍ଚଳ ଓ ଚାଷ ଜମି ଜଳମଗ୍ନ ହୋଇଛି। ଉପର ମୁଣ୍ଡରେ ବର୍ଷା ଯୋଗୁ ବୈତରଣୀ ବିପଦ ସଂକେତ ଟପି ଲୋକଙ୍କ ଆଖିରୁ ନିଦ ହଜାଇଛି । ଚଳିତ ବନ୍ୟାରେ ଧାମନଗର ବ୍ଲକରେ ୩୦ ପଞ୍ଚାୟତ ପ୍ରଭାବିତ ହୋଇଛି । ଧାମନଗର ପୌରାଞ୍ଚଳ ଜୟନଗର,ମୁନିସି ପାଟଣା,କଣ୍ଟାବଣିଆ,ହବିବ ନଗର ଆଦି ତଳିଆ ଗ୍ରାମରେ ପାଣି ପଶିଛି। ବିପନ୍ନଙ୍କ ପାଖରେ ରିଲିଫ ସହାୟତା ପହଞ୍ଚି ନ ଥିବାରୁ ଗୁରୁବାର ଲୋକେ ତହସିଲ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରି ଫେରି ଫେରିଛନ୍ତି ବୟାଙ୍ଗଡିହି ପଞ୍ଚାୟତରେ ବନ୍ୟାଜଳ ପଶିଥିଲେ ମଧ ବିପନ୍ନଙ୍କୁ ଏଯାଏ ଖଣ୍ଡେ ପଲିଥିନ ମିଳିନାହିଁ । ଏଭଳି ସ୍ଥିତିରେ ବିଜୁଳି ବିଭ୍ରାଟ ଲୋକଙ୍କୁ ଅତିଷ୍ଠ କରିଛି।

## ଭଣ୍ଡାରିପୋଖରୀ

ଆମ ଭଣ୍ଡାରିପୋଖରୀ ପ୍ରତିନିଧି ଜଣାଇଛନ୍ତି ଯେ, ଲଗାଣ ବର୍ଷା ଯୋଗୁ ଭଣ୍ଡାରିପୋଖରୀ ବ୍ଲକର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ବିଭିନ୍ନ ସ୍ଥାନରେ କଚା ଘର ଭାଙ୍ଗିପଡିଛି। ବୁଧବାର ରାତିରେ ମଣିନାଥପୁର ଗ୍ରାମର ଗୋପାଳ ସାହିର ଅନାଦି ଦାସଙ୍କ ଗୁହାଳ ଘର ଭୁଶୁଡ଼ି ପଡ଼ିବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଅନ୍ୟ ୩ ଗାଈ ଆହତ ହୋଇଛନ୍ତି। ଭଣ୍ଡାରିପୋଖରୀ ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱଜିତ ରାୟ ମୃତ ଗାଈର ବ୍ୟବଚ୍ଛେଦ କରାଇଛନ୍ତି। ଏହି ଗ୍ରାମର ବଢେଇସାହିର ଆଶାକର୍ମୀ ଜାନକୀ ମହାରଣାଙ୍କ ଘର ବର୍ଷାରେ ଭାଙ୍ଗି ଯାଇଛି। ପରିବାର ଲୋକେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଏହି ବ୍ଲକର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବା ସହ ଗ୍ରାମ୍ୟ ରାସ୍ତା ସବୁପାଣିରେ ବୁଡ଼ି ରହିଛି। ପ୍ରାକୃତିକ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ତେସିଙ୍ଗା, ରାମଚନ୍ଦ୍ରପୁର ଓ ସାନଶାସନ ପଞ୍ଚାୟତରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବାସୁଦେବପୁର

ଆମ ବାସୁଦେବପୁର ପ୍ରତିନିଧି ଜଣାଇଛନ୍ତି ଯେ, ଲଗାଣ ବର୍ଷା ଯୋଗୁ ଏହି ବ୍ଲକରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି। ସ୍ଥାନୀୟ ପୌରପାଳିକା ଅଧୀନ ୨ ନମ୍ବର ୱାର୍ଡର ମଳିକ ସାହି ବସ୍ତିରେ ୧୦ରୁ ଉର୍ଦ୍ଧ୍ୱ ମାଟିଘର ପାଣି ଘେରରେ ରହିଛି। ଗୁରୁବାର ପୂର୍ବାହ୍ନରେ ଭୀମ ମଳିକଙ୍କର ଘରର କାନ୍ଥଟି ଭୁଷୁଡି ପଡିଛି। ଏହି ପରିବାରର ୬ ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନ ନହେଲ ସବୁ ମାଟି ଘର ଭଶୁଡି ପଡିବ ବୋଲି ଗ୍ରାମର ପୟର ମଳିକ, ମଞ୍ଜୁଳା ମଳିକ, ଘନଶ୍ୟାମ ମଳିକ, ରଙ୍ଗଲତା ମଳିକ, ସୁମତୀ ମଳିକ, ଗୋବିନ୍ଦ ମଳିକ ପ୍ରମୁଖ ଅଭିଯୋଗ କରି ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ତିହିଡି

ଆମ ତିହିଡ଼ି ପ୍ରତିନିଧି ଜଣାଇଛନ୍ତି ଯେ, ଲଘୁଚାପ ଜନିତ ଅତ୍ୟଧିକ ବର୍ଷା ଯୋଗୁ ଦଶମୌଜା କେନାଲ ବନ୍ଧ ଦବିଯିବାରୁ ତାଳପଦା ପଞ୍ଚାୟତରେ ଗୁରୁବାର କେନାଲପାଣି ପ୍ରବେଶ କରିଥିଲା। ୪୦ରୁ ଉର୍ଦ୍ଧ୍ୱ ପରିବାର ଏବେ ପାଣି ଘେରରେ ରହିଛନ୍ତି । ତ୍ରିଲୋଚନ ଜେନା, ଧ୍ରୁବଜେନା ଓ ମକର ଜେନାଙ୍କ ପରିବାର ଲୋକେ ଘର ଛାଡ଼ି ଅନ୍ୟତ୍ର ଚାଲି ଯାଇଛନ୍ତି । ଦଶମୌଜା କେନାଲରେ ପୂର୍ବରୁ ପାଣି ଆସି ୭ ପଞ୍ଚାୟତର ଚାଷଜମିକୁ ଜଳମଗ୍ନ କରିଥିଲା । ଏହି ଅଞ୍ଚଳରେ ୫ହଜାର ହେକ୍ଟର ଜମିରେ ଧାନ ଫସଲ ଉଜୁଡ଼ି ଯିବା ଆଶଙ୍କା ଉପୁଜିଛି। ସେହିପରି ବିଲଣା, ତଳଗୋପବିନ୍ଧା, ବୋଡ଼କ, ବାରୋ, କାଁପଡ଼ା, କୁବେରା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୁଡ଼ିକରେ ଧାନଚାଷ ପ୍ରଭାବିତ ହୋଇଛି । ମଙ୍ଗରାଜପୁର କାଁପଡ଼ା ରାସ୍ତା ଉପରେ ବର୍ଷାପାଣିର ସୁଅ ଛୁଟିଛି।

## ଚାନ୍ଦବାଲି

ଆମ ଆରଡି ପ୍ରତିନିଧି ଜଣାଇଛନ୍ତି ଯେ, ଲଗାଣ ବର୍ଷା ଯୋଗୁ ଚାନ୍ଦବାଲି ବ୍ଲକର ଆରଡ଼ି ସମେତ ଆଖପାଖ ୧୦ ପଞ୍ଚାୟତରେ ବନ୍ୟା ସ୍ଥିତି ଉପୁଜିଛି। ଭଦ୍ରକ- ଆରଡି ବସ୍ ଚଳାଚଳରେ ବାଧା ଉପୁଜିଛି। ଆଖଣ୍ଡଳମଣିଙ୍କ ପୀଠ ଆରଡି, ମଠଡିହ, ଦୋହରାପାଟଣା, ସୁନ୍ଦରପୁର, ବେତାଳିଗାଁ, ବାଙ୍କ ସାହି ବଜାରର ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି । ବିଦ୍ୟାଳୟ ଖୋଲା ରହିଥିଲେ ମଧ ଛାତ୍ରୀଛାତ୍ର ପ୍ରାୟ ଆସି ନାହାନ୍ତି କହିଲେ ଚଳେ। ସାଳନ୍ଦୀ ଓ ବୈତରଣୀର ବନ୍ୟାଜଳରେ ଚାଷଜମି ବୁଡି ରହିଥିଲେ ମଧ ନିଷ୍କାସିତ ହୋଇପାରୁ ନାହିଁ। ଚାନ୍ଦବାଲି ବ୍ଲକ ସୁନ୍ଦରପୁର, ନାନ୍ଦପୁର, ଆରଡ଼ି , ଓଳଗ ପଞ୍ଚାୟତ ସମେତ ନିକଟସ୍ଥ ଧାମନଗର ବ୍ଲକର ପାଳସାହି, ରଇପୁର ପଞ୍ଚାୟତ ଓ ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ବହୁ ଗାଁ ଗଣ୍ଡା ଲଗାଣ ବର୍ଷାରେ ଜଳମଗ୍ନ ହୋଇଛି। ବହୁ ପରିବାରରେ ୨ ଦିନ ହେଲା ଚୁଲି ଜଳିନି। ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସୁନ୍ଦରପୁର ଗାଁର ମହନି ଚରଣ ପଣ୍ଡାଙ୍କ ୨ ବଖରା କାନ୍ଥ ପଡ଼ିଯାଇଛି। ଅନେକ ପରିବାର ଏବେ ଅସହାୟ ସ୍ଥିତିରେ ରହିଛନ୍ତି। ପ୍ରଶାସନ ରିଲିଫ ସହାୟତା ଯୋଗାଇବାରେ ଫେଲ୍ ମାରିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ହଦ୍‌ଗଡ଼ ପାଣିରେ ଉଛୁଳିଲା ସାଳନ୍ଦୀ

**ଭଦ୍ରକ ଅଫିସ,୬।୯**

ଲଗାଣ ବର୍ଷା ସାଙ୍ଗକୁ ହଦ୍‌ଗଡ ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ଯୋଗୁ ସାଳନ୍ଦୀରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଭଦ୍ରକ ସହର ସମେତ ନଦୀତଟବର୍ତ୍ତୀ ତଳିଆ ଅଞ୍ଚଳରେ ବନ୍ୟାପାଣିରେ ଉବୁଟୁବୁ ହେଉଛି। ବିଶେଷତଃ ପୌରପାଳିକାର ୬, ୧୦, ୧୨, ୨୬, ୨୯ ଓ ୩୦ ନମ୍ବର ୱାର୍ଡର ୨୫ ରୁ ଉର୍ଦ୍ଧ୍ୱ ଗାଁ ଏବେ ବନ୍ୟାପାଣି ଘେରରେ ରହିଛି। ୬ୱାର୍ଡରେ ବନ୍ୟା ଜଳ ପଶି ରାସ୍ତାରେ ଲହଡି ଭାଙ୍ଗୁଛି। ଭଦ୍ରକ ବ୍ଲକ ଅଧୀନ ଅନ୍ନପାଳ, ହରିପୁର, ବିଷ୍ଣୁପୁରବିନ୍ଧା, ଗୁଜିଦରଡା, ଖଣ୍ଡତଡା, ବେନ୍ତାଳ, ଜଗନ୍ନାଥପୁର ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ହଦଗଡରୁ ଛଡାଯାଇଥିବା ପାଣି ଗୁରୁବାର ବିଳମ୍ବିତ ରାତିରେ ଏଠାରେ ପହଞ୍ଚିଲେ ସ୍ଥିତି ଅଧିକ ଗମ୍ଭୀର ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉଦ୍ଧାର ଓ ରିଲିଫ ଯୋଗାଣ ସମେତ ବନ୍ୟା ଓ ବର୍ଷାଜଳ ନିଷ୍କାସନ ଲାଗି ପ୍ରଶାସନିକ ସ୍ତରରେ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରଭାବିତ ଲୋକେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବନ୍ୟା ପରିସ୍ଥିତି ନେଇ ଆତଙ୍କିତ ନ ହେବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି ।



ଗୁଜିଦରଡା ସ୍କୁଲ ନିକଟରେ ପ୍ରବାହିତ ବନ୍ୟାଜଳ।

- ଭଦ୍ରକ ସହର ସମେତ ତଳିଆ ଅଞ୍ଚଳ ଉବୁଟୁବୁ
- ପୌରାଞ୍ଚଳର ୨୫ରୁ ଉର୍ଦ୍ଧ୍ୱ ଗାଁରେ ବନ୍ୟା ସ୍ଥିତି

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୩୯ ପଞ୍ଜୀକୃତ



ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମମାନେ ଧାଡ଼ିରେ ଠିଆ ହୋଇଛନ୍ତି।

**ବାସୁଦେବପୁର,୬।୯(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତର ଶହୀଦ ସ୍ମୃତି ହାଇସ୍କୁଲ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୬୩୯ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ୬ଟି ବିଭାଗରେ ୨୧ ପ୍ରକାର ରୋଗକୁ ନେଇ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ସର୍ବଶିକ୍ଷା ଅଭିଯାନରେ ୧ରୁ ୧୮ବର୍ଷ ମଧ୍ୟରେ ୧୫୪ ଛାତ୍ରୀଛାତ୍ର, ଅସ୍ଥିଶଲ୍ୟ ବିଭାଗରେ ୨୨୫, ଚକ୍ଷୁବାଧିତ ୬୫, ଶ୍ରବଣ ବାଧିତ ୧୦୦, ମାନସିକ ଅନଗ୍ରସର ୮୫ ଓ ୧୦ ଜଣ ସ୍ନାୟୁବାଧିତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ପୂର୍ବାହ୍ନରେ ଉପଜିଲାପାଳ ସୁଚାରୁ ବଳ, ତହସିଲଦାର ପ୍ରକାଶ ରାଉଳ, ବିଡିଓ ବୀରକିଶୋର ପାଣିଗ୍ରାହୀ, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ସମିତିସଭ୍ୟ ଉମାକାନ୍ତ ରଣା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବିଇଓ ରବୀନ୍ଦ୍ର ନାରାୟଣ ମଲିକଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶିବିରରେ ପହଞ୍ଚି କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ନାଥ ଦେହୁରୀଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

## ସୁରକ୍ଷା ଦାବିକଲେ କନିଷ୍ଠ ଯନ୍ତ୍ରୀ

**ଭଦ୍ରକ ଅଫିସ,୬।୯**

ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ତଥା ବିକାଶ କାର୍ଯ୍ୟରେ ନିୟୋଜିତ କନିଷ୍ଠ ଯନ୍ତ୍ରୀ, ଜିପିଟିଏଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ସେମାନେ କେତେକ କ୍ଷେତ୍ରରେ ଅସାମାଜିକ ଲୋକଙ୍କ ରୋଷର ଶିକାର ହେଉଛନ୍ତି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ଭଦ୍ରକ ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ, ଜିପିଟିଏଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବାକୁ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆକ୍ରମଣ ଘଟଣାରେ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଡ଼େଶା ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତରେ ମିଥ୍ୟା ବିଲ୍ କରିବାକୁ ଦାୟିତ୍ୱରେ ଥିବା ଜିପିଟିଏ ପ୍ରଜ୍ଞା ପରମିତା ମହାନ୍ତିଙ୍କୁ ବାଧ କରାଯାଇଥିଲା। ସେ ରାଜି ନ ହେବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦିଆଯାଇଥିଲା। ସେ ତିହିଡ଼ି ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଜିପିଟିଏ ମହାନ୍ତି ଏହି ସଂଘ ନିକଟରେ ଏନେଇ ଅଭିଯୋଗ ଆଗତ କରିବା ପରେ ପ୍ରତିନିଧି ଦଳ ଜିଲାପାଳ, ଏସ୍‌ପି ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ସୁରକ୍ଷା ଦାବି କରିଛନ୍ତି।

## ବେସରକାରୀ ବିଦ୍ୟାଳୟକୁ ସରକାରୀ ସ୍ୱୀକୃତି

**ଭଣ୍ଡାରିପୋଖରୀ,୬।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବେସରକାରୀ ଭାବେ ଶିକ୍ଷାନୁଷ୍ଠାନ ଖୋଲି ପ୍ରତିଷ୍ଠା ଅର୍ଜନ କରିଥିବା ୧୫ ବେସରକାରୀ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ଅନୁମତି ବିନା ଏସବୁ ଅନୁଷ୍ଠାନ ଚଳାଇବା ବେଆଇନ ବୋଲି ଖବର ପ୍ରକାଶ ପାଇବା ପରେ ବ୍ଲକର ସମସ୍ତ ବେସରକାରୀ ଶିକ୍ଷାଳୟ ଅନୁମତି ପାଇଁ ଆବେଦନ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ର ସଂଖ୍ୟା ଅନୁଯାୟୀ ଭଣ୍ଡାରିପୋଖରୀ ସ୍ଥିତ ଶାରଦା ବିଦ୍ୟା ମନ୍ଦିର, ଷୋଳମପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରହଣିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଳଦା, ବାଘମରା, ରାଜେନ୍ଦ୍ରପୁର ଶିଶୁମନ୍ଦିର, ଚିଙ୍ଗୁଡିପୁର ଆଞ୍ଚଳିକ ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ, କୁରିଗାଁ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କୁଲଣା ବିବେକାନନ୍ଦ ବିଦ୍ୟାମନ୍ଦିର, କଣ୍ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବନ୍ଧାଲୋ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବେଲମଳା ଗଙ୍ଗାମାଧବୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଓମ ସାଇ ଶାନ୍ତି ଆବାସିକ ଉଚ୍ଚ ବିଦ୍ୟାପୀଠ ବାଘମରା, ନୀଳାଚଳ ନୟନମଣୀ ବିଦ୍ୟାନିକେତନ ଭଗିବିନ୍ଧା ବିଦ୍ୟାଳୟକୁ ୨୦୧୭-୧୮ ରୁ ୨୦୨୧-୨୨ ପର୍ଯ୍ୟନ୍ତ ପାଞ୍ଚ ବର୍ଷିଆ ସିଓଆର (ସରକାରୀ ସ୍ୱିକୃତୀ ପତ୍ର) ପ୍ରଦାନ କରାଯାଇଛି।

## ଭାସମାନ ଜେଟି, ଟିକେଟ୍ ଗୃହ ଉଦ୍‌ଘାଟିତ

**ଚାନ୍ଦବାଲି,୬।୯(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚାନ୍ଦବାଲି ସନ୍ନିକଟ ବୈତରଣୀ ନଦୀର ଏକ ଭାସମାନ ଜେଟି ଏବଂ ଭିତରକନିକା ଯିବା ପାଇଁ ପ୍ରବେଶପତ୍ର ମଞ୍ଜୁର ନିମନ୍ତେ ଏକ ଟିକେଟ୍ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ଡିଏଫ୍‌ଓ ଅମ୍ଳାନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଧୀର ମହାନ୍ତି, ରେଞ୍ଜ ଅଫିସର ଅରୁଣ ବେହେରା, ବନପାଳ ପ୍ରଦୀପ ନାୟକ, ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ବୁଲିବା ପାଇଁ ଚାନ୍ଦବାଲିରୁ ପର୍ଯ୍ୟଟକଙ୍କୁ ପ୍ରବେଶପତ୍ର ପ୍ରଦାନ କରାଯିବ। ଭଦ୍ରକ ରେଳ ଷ୍ଟେଶନରୁ ସଡ଼କ ପଥରେ ପର୍ଯ୍ୟଟକମାନେ ଚାନ୍ଦବାଲିକୁ ଆସି ଏଠାରୁ ପ୍ରବେଶପତ୍ର ନେଇ ବୋଟ୍ ସହାୟତାରେ ଭିତରକନିକାକୁ ସିଧାସଳଖ ଯାଇପାରିବେ।



ଟିକେଟ ଗୃହ ଓ ଭାସମାନ ଜେଟି ଉଦ୍‌ଘାଟନ କରାଯାଉଛି।



ଜୀବନର ପ୍ରାଚୁର୍ଯ୍ୟ ଯେଉଁଠାରେ ନାହିଁ, ସେଠାରେ ଆଧାତ୍ମିକ ଜ୍ଞାନ ସମ୍ଭବ ହେବ ନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଚାଷୀଙ୍କୁ ଘାରିଛି ହାତୀ ଚିନ୍ତା

**ବିଶୋଇ, ୬।୯ :** ବିଶୋଇ ଅଞ୍ଚଳର ଚାଷୀଙ୍କୁ ଏବେ ହାତୀ ଚିନ୍ତା ଘାରିଛି। ହାତୀପଲ କେତେବେଳେ ଗ୍ରାମଗୁଡ଼ିକରେ ପଶି ଘର ଭାଙ୍ଗୁଛନ୍ତି ତ ଆଉ କେତେବେଳେ ଚାଷଜମିକୁ ଆସି ଧାନ ଖାଇବା ସହିତ ଦଳିଚକଟି ନଷ୍ଟ କରିପକାଉଛନ୍ତି। ଗତ କିଛିଦିନ ଧରି ଖଡମବେଡା ପଞ୍ଚାୟତ ଅଞ୍ଚଳରେ ବୁଲୁଥିବା ଏକ ହାତୀ ବାଢୁଣିଆ ଗ୍ରାମର ଚୁନୁରାମ କିସ୍କୁଙ୍କ ଚାଷଜମିରେ ପଶି ପାଚିଲା ଧାନ ଖାଇବା ସହିତ ଦଳିଚକଟି ନଷ୍ଟ କରିପକାଇଛି। ବିଶୋଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସଙ୍ଗେସଙ୍ଗେ ଯଥାଶୀଘ୍ର ଆର୍ଥିକ ସାହାଯ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

### ମଦ ଜବତ, ୧ଗିରଫ

**ବଡ଼ସାହି,୬।୯(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ଛେଲିଆ(ବି) ଗ୍ରାମର କାଳିଚରଣ ସିଂ(୪୦)ଙ୍କ ଠାରୁ ପୋଲିସ ୧୦ଲିଟର ଦେଶୀ ମଦ ଜବତ କରିଛି । ବେଆଇନ ମଦ କାରବାର କରୁଥିବା ଖବର ପାଇ ପୋଲିସ ଚଢଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ ୧୩୩/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। କରିଛି ।

### ୮ରେ ଶାରଦୀୟ କ୍ରୀଡା ପ୍ରତିଯୋଗିତା

**ବଡ଼ସାହି,୬।୯(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ୩ଦିନ ଧରି ଜିଲା ସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ସ୍ଥାନୀୟ ଖେଳ ପଡିଆରେ ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ୨୬ଟି ବ୍ଲକର କୃତି ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ । ପାଖାପାଖି ୮ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ଖୋ-ଖୋ, କବାଡି ଓ ଫୁଟବଲ ଖେଳ ଅନୁଷ୍ଠିତ ହେବ । ୧୭ବର୍ଷ ଓ ୧୪ବର୍ଷରୁ କମ୍ ବାଳିକାବାଳକମାନେ ଏଥିରେ ଅଂଶ ଗ୍ରହଣ କରିବେ । ଜିଲାସ୍ତରରେ ମନୋନୀତ ହୋଇଥିବା କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରିବେ।

### ମହିଳାଙ୍କୁ ମିଳିଲା ଗ୍ୟାସ୍ ଓ ଚୁଲା



**ବାଙ୍ଗିରିପୋଷି, ୬।୯(ଡି.ଏନ.ଏ.):** ବାଙ୍ଗିରିପୋଷି ବନାଞ୍ଚଳ ଅନ୍ତର୍ଗତ କୁସୁମବନ୍ଧ ଗ୍ରାମପଞ୍ଚାୟତର ବସନ୍ତପୁର, ହିଜିଳି ଏବଂ ଅସନବଣି ଗ୍ରାମରେ ଥିବା ବନ ସୁରକ୍ଷା ସମିତିର ୧୦ ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଜରିଆରେ ମାଗଣା ଗ୍ୟାସ୍ ଓ ଚୁଲା ବଣ୍ଟନ କରାଯାଇଥିଲା । ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ତପନ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁସୁମବନ୍ଧ ସରପଞ୍ଚ ବିଶ୍ୱନାଥ ହେମ୍ବ୍ରମ, ବନରକ୍ଷୀ ସମାୟ ସୋରେନ, ଜାଇକା ପ୍ରକଳ୍ପ ସଂଯୋଜକ ଆଶିଷ କୁମାର ସାହୁ, ଶମ୍ଭୁଦତ୍ତ ମହାପାତ୍ର ଏବଂ କସ୍ତୁରୀ ଗ୍ୟାସ୍ ଏଜେନ୍ସିର କର୍ମକର୍ତ୍ତା ନୀଳକଣ୍ଠ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ମହିଳାଙ୍କୁ ରୋଷେଇର ଉପକାରିତା, ସତର୍କତା ଓ ବ୍ୟବହାର ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଶିମିଳିପାଳ ପାଦଦେଶରେ ଥିବା ସମସ୍ତ ଗ୍ରାମକୁ ଉକ୍ତ ଯୋଜନାରେ ସାମିଲ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି ।

### ସୁଦର୍ଶନ ମେଧାବୃତ୍ତି ପ୍ରଦାନ

**ବଡ଼ସାହି,୬।୯(ସ୍ୱ.ପ୍ର):** ଗୁରୁ ଦିବସ ଅବସରରେ ସ୍ଥାନୀୟ ସରକାରୀ ମଇ ବିଦ୍ୟାଳୟ ପରିସରରେ ସୁଦର୍ଶନ ମେଧାବୃତ୍ତି ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ସମବାୟ ସମିତିର ସଭାପତି ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୫ମ ଶ୍ରେଣୀର ଛାତ୍ରୀ ଅର୍ଚ୍ଚିତା ସୋନାଲିକା ରାଉତ, ତନିସା ବେହେରା ଓ ୭ମ ଶ୍ରେଣୀର ଛାତ୍ର ଠାକୁରା ହେମ୍ବ୍ରମ ଓ ଜସ୍ମିନ ରାଉତଙ୍କୁ ସୁଦର୍ଶନ ମେଧାବୃତ୍ତି ପ୍ରଦାନ କରାଯାଇଛି । ଶେଷରେ ଶିକ୍ଷୟିତ୍ରୀ କିରଣବାଳା ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ରେଳସେବା ଐତିହ୍ୟକୁ ଅଣଦେଖା

**ବାରିପଦା ଅଫିସ,୬।୯**



ସର୍ବ ପୁରାତନ ବାଷ୍ପ ଚାଳିତ ଇଞ୍ଜିନ।

- ପରିତ୍ୟକ୍ତ ହୋଇ ପଡିଛି ଅତୀତର ମୂକସାକ୍ଷୀ ବାଷ୍ପଚାଳିତ ଇଞ୍ଜିନ
- ଖତ ଖାଉଛି ସୁନ୍ଦର କାଠ ଓ ଲୁହାରେ ନିର୍ମିତ ରେଳ ଡବା
- ପୁନରୁଦ୍ଧାର ପାଇଁ ନାହିଁ ତତ୍ପରତା

ଗଡଜାତ ଶାସନ ସମୟରୁ ମୟୂରଭଞ୍ଜ ଜିଲାରେ ଆରମ୍ଭ ହୋଇଥିଲା ରେଳ ସେବା। ଏଭଳି ଐତିହ୍ୟକୁ ନେଇ ଜିଲାବାସୀ ଗର୍ବ ଅନୁଭବ କରିଥାନ୍ତି। ରେଳସେବା ଆରମ୍ଭ ବେଳେ ବ୍ୟବହୃତ ଏକ ବାଷ୍ପଚାଳିତ ଇଞ୍ଜିନ ଅତୀତର ମୂକସାକ୍ଷୀ ହୋଇ ବର୍ତ୍ତମାନ ବାରିପଦା ରେଳ ଷ୍ଟେଶନ ପଛପଟେ ପଡି ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ରେଳ ଇଞ୍ଜିନ ସମେତ କେତେକ ଡବା ଖତ ଖାଉଛି। ଇତିହାସର ବାର୍ତ୍ତାବହ ଏହି ରେଳ ଇଞ୍ଜିନ ଓ ଡବାର ସୁରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ଭାରତବର୍ଷରେ କାଁ ଭାଁ ରେଳପଥ ଥିବା ବେଳେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଏଠାରେ ୧୯୦୪ ମସିହାରେ ପ୍ରଥମ ରେଳସେବା ଆରମ୍ଭ କରିଥିଲେ। ଜିଲାବାସୀ ଟ୍ରେନରେ ଯିବା ଆସିବା କରୁଥିଲେ। ବାରିପଦା ଷ୍ଟେଶନ ପଛ ପଟେପଡିରହିଥିବା ବାଷ୍ପଚାଳିତ ଇଞ୍ଜିନକୁ ୧୯୦୫ ମସିହାରେ ସ୍କଟଲାଣ୍ଡର ନର୍ଥ ବ୍ରିଟିଶ ଲୋକୋମୋଟିଭ କମ୍ପାନୀଠାରୁ ଅଣାଯାଇଥିଲା। ସୁନ୍ଦର କାଠ ଓ ଲୁହାରେ ରେଳ ଡବା ତିଆରି କରାଯାଇ ଏହା ସହ ସଂଲଗ୍ନ କରାଯାଇଥିଲା। ଭାରତର ଅନେକ ମହାନ୍ ବ୍ୟକ୍ତି, ରାଜ ପରିବାର ସଦସ୍ୟ, ବ୍ରିଟିଶ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ସମେତ ମୟୂରଭଞ୍ଜ ଜିଲାର ସାଧାରଣ ଲୋକେ ଏଥିରେ ଯାତ୍ରା କରିଥିଲେ। ପରବର୍ତ୍ତୀ ସମୟରେ ଡିଜେଲ ଏବଂ ବିଦ୍ୟୁତ୍‌ଚାଳିତ ଟ୍ରେନ ଭଳି ଉନ୍ନତ ଇଞ୍ଜିନ ବ୍ୟବହାର କରାଯାଇ ଲୋକଙ୍କୁ ରେଳସେବା ଯୋଗାଇ ଦିଆଯିବାରୁ ଏହି ଇଞ୍ଜିନ ଓ ଡବା ଅଲୋଡା ହୋଇପଡିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ନଷ୍ଟ ହୋଇଯାଉଛି। ଏ ସମ୍ପର୍କରେ ଗବେଷକ କିଶୋର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁ ଦେଶର ଲୋକେ ଇତିହାସକୁ ଭୁଲି ଯାଆନ୍ତି ସେ ଦେଶର ଉନ୍ନତି ହୋଇପାରେ ନାହିଁ। ପରିତ୍ୟକ୍ତ ହୋଇ ପଡି ରହିଥିବା ପୁରୁଣା ରେଳ ଇଞ୍ଜିନକୁ ସୁରକ୍ଷିତ ରଖି ଏହାକୁ ଏକ ଦର୍ଶନୀୟ ସ୍ଥାନରେ ପରିଣତ କରାଯିବା ଉଚିତ। କଲେଜ ଛାତ୍ର ସେହିଜାନ ଖାଁ କହିଛନ୍ତି, ବାଷ୍ପଚାଳିତ ରେଳ ଇଞ୍ଜିନର ଇତିହାସ ସମ୍ପର୍କରେ ଏକ ସୂଚନା ଫଳକ ଲଗାଯିବା ଦରକାର। ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ଏହା ପ୍ରେରଣାଦାୟକ ହୋଇପାରନ୍ତା।

ଶହେରୁ ଊର୍ଦ୍ଧ୍ୱ ବର୍ଷର ଐତିହ୍ୟ ବହନ କରୁଥିବା ବାରିପଦାର ଏହି ପୁରାତନ ରେଳପଥ ବର୍ତ୍ତମାନ ଖଡଗପୁର ଡିଭିଜନ ଅଧୀନରେ ରହିଛି। ରେଳପଥର ବିକାଶ ଦିଗରେ କେନ୍ଦ୍ର ସରକାର କ୍ରମାଗତ ଅବହେଳା କରିଆସୁଥିବାରୁ ରେଳପଥ ସମ୍ପ୍ରସାରଣ ଭଳି କାର୍ଯ୍ୟ ଯୋଜନାରେ ଅଟକିରହିଛି। ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ, ଭଞ୍ଜପୁର-ଶାଲିମାର ଇଣ୍ଟରସିଟି ଏକ୍ସପ୍ରେସ ଓ ଅନ୍ୟ ୬ଟି ଡିଏମୟୁ ଚଳାଚଳ କରୁଥିଲେ ମଧ୍ୟ ବାରିପଦା ଷ୍ଟେଶନ ଡି ଗ୍ରେଡ ମାନ୍ୟତାରେ ଅଟକି ରହିଛି । ଏହି ସହରର ବାରିପଦା ଓ ଭଞ୍ଜପୁରଠାରେ ଥିବା ଦୁଇଟି ଷ୍ଟେଶନ ଯାତ୍ରୀଙ୍କୁ ନାମକୁମାତ୍ର ସେବା ଯୋଗାଉଛି।

## ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଖୁଣ୍ଟା, ୬।୯(ଡି.ଏନ.ଏ.)**

ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ସଭାକକ୍ଷରେ ଅଧକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପୂର୍ବତନ ତଥା ପ୍ରଥମ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ରଥ ଯୋଗଦେଇ ସଭାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଞ୍ଜୁଲତା ମହାନ୍ତି, ଖୁଣ୍ଟା ବ୍ଲକ ଅଧକ୍ଷା ପୁଷ୍ପଲତା ମାଣ୍ଡି ଓ ମହାବିଦ୍ୟାଳୟ ଅଧ୍ୟାପକ ସରୋଜ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମହାବିଦ୍ୟାଳୟର ସ୍ୱତନ୍ତ୍ରତା ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଉକ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ମହାନ୍ତି ନିଜ ପିତା ତଥା ମହାବିଦ୍ୟାଳୟର ପ୍ରଥମ ଉଦ୍ୟୋକ୍ତା ସ୍ୱର୍ଗତ ସନ୍ନ୍ୟାସୀ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାବିଦ୍ୟାଳୟକୁ ୫୦ ହଜାର ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଉକ୍ତ ଟଙ୍କାରେ ମହାବିଦ୍ୟାଳୟର ପ୍ରତ୍ୟେକ ବର୍ଷ ଶ୍ରେଷ୍ଠ ବିବେଚିତ ହେଉଥିବା ସ୍ନାତକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଶେଷରେ ଅଧ୍ୟାପିକା ମଧୁସ୍ମିତା ପାଇନ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ଜୋନ ସଭାପତିଙ୍କ ବୈଠକ

**ବାରିପଦା ଅଫିସ,୬।୯**

ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଜୋନ ସଭାପତିମାନଙ୍କ ବୈଠକ ଗୁରୁବାର ରୋଟାରି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବଭାରତୀୟ ସମ୍ପାଦକ ଶେଖ ମସ୍ତାନ ଭଲି ଯୋଗ ଦେଇ କର୍ମୀଙ୍କୁ ନିର୍ବାଚନୀ ମନ୍ତ୍ର ଦେଇଥିଲେ। କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ସମ୍ପାଦକ ଭଲିଙ୍କୁ ପାଲବଣିଠାରୁ ଏକ ବାଇକ୍ ରାଲିରେ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ପିସିସି ସମ୍ପାଦକ ଭାବେ ପଦବୀ ପାଇଥିବା ଯୋଗେଶ ଅଗ୍ରୱାଲ ଓ ନିରୋଜ ଲୋଚନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ପାଦକ ଭଲି ଜୋନ ସଭାପତିଙ୍କୁ ଜୋନ ଓ ପଞ୍ଚାୟତରେ ସଙ୍ଗଠନ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୧୯ ତାରିଖରେ ରାଫେଲ ଦୁର୍ନିତୀ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ସୂଚନା ଦିଆଯାଇଥିଲା। ବୈଠକରେ ପୂର୍ବତନ ସାଂସଦ ଶୁଶିଳା ତିରିଆ, ଏସଟି ସେଲ ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ହାଁସଦା, ଲକ୍ଷ୍ମଣ ମାଝୀ, ଭୁବନ ବିହାରି ସାହୁ, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରସ୍ୱତି ହେମ୍ବ୍ରମ, ସୁକୁମାର ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ

**କପ୍ତିପଦା,୬।୯(ଡି.ଏନ୍.ଏ)**



ଭୂମିପୂଜନ ସମୟରେ ଉପବାଚସ୍ପତିଙ୍କ ଗହଣରେ ଅତିଥିମାନେ।

କପ୍ତିପଦା ବ୍ଲକ୍ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଅଧିନ କଳମଗଡିଆ ବଦ୍ରା ଛକଠାରେ ୱାରାଂଚିତ ସ୍ରଷ୍ଟା ଅଲଗୁରୁ ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଚନ୍ଦନ ସିଂ ସଭାପତିତ୍ୱ କରିଛନ୍ତି। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗ ଦେଇ ୱାରାଂଚିତ ଭାଷା ପାଇଁ ଲାକୋ ବଦ୍ରାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ବ୍ଲକ୍ ଅଧକ୍ଷା ସୁଶିଳା ବାନରା, ୯ ନମ୍ବର ଜୋନ ଜିଲା ପରିଷଦ ସସ୍ମିତା ପତି, ୱରାଂଚିତ ପ୍ରଚାରକ ଅଜୟ କାଲୁଣ୍ଡିଆ, ଯୁବ ନେତା ଶୈଳେନ୍ଦ୍ର ହେମ୍ବ୍ରମ, ବୈଦ୍ୟନାଥ ସିଂ, ଲାବଣ୍ୟଦେଇପୁର ସମିତିସଭ୍ୟ କାଇରା ସିଂ ବାନ୍ଦିଆ, ଶରତ, ସରଡିହା ଓ କଳମଗଡିଆର ସରପଞ୍ଚମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଛନ୍ତି ।

## ୩ ଜୁଆଡି ଗିରଫ

**ବଡ଼ସାହି,୬।୯(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମରେ ଜୁଆ ଖେଳୁଥିବା ୩ ଯୁବକଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ସୁଧୀର ବଧୂକ, ଅକ୍ଷୟ କୁମାର ଓଝା ଓ ସୁଶାନ୍ତ ଓଝା । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ ୧୨୯/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

# ବନ୍ଦ ଡାକରାକୁ ନେଇ ଟଣାଓଟରା

**ବାରିପଦା ଅଫିସ,୬।୯**

**ମୁହାଁମୁହିଁ ସ୍ଥିତିରେ ଭାଜପା- ଜେଏମଏମ**

- ଆଜି ମୋରଡ଼ା ବନ୍ଦ, ଡାକରା ଦେଲା ଭାଜପା
- ପଦାରେ ପଡିଲା ଦଳୀୟ ଗୋଷ୍ଠୀ କନ୍ଦଳ

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବା ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ମୋରଡା ବନ୍ଦ କରାଯିବ। ଜିଲା ପ୍ରଶାସନକୁ ପୂର୍ବରୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏହି ଡାକରା ଦିଆଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ତେବେ ଏହି ବନ୍ଦ ଡାକରା ଜିଲା ସଙ୍ଗଠନ ପକ୍ଷରୁ ଦିଆ ଯାଇ ନ ଥିବା କୁହାଯାଇଛି। ଫଳରେ ଜିଲାରେ ଥିବା ଦଳୀୟ କନ୍ଦଳ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ଦୀର୍ଘ ଦିନ ହେବ ଜେଏମଏମ ଏହି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ସୁଦ୍ଧା ଭାଜପା ଏହି ଦାବିକୁ ନିଜର ବୋଲି କହି ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଥିବା ଜେଏମଏମ ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ରାଜ୍ୟ ଉପସଭାପତି ରାଜ କିଶୋର ଦାସଙ୍କ କହିବା ମୁତାବକ ମୋରଡା ନିର୍ବାଚନ ମଣ୍ଡଳୀର କିଷାନତାଣ୍ଡି, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକରେ ଥିବା ୩ ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୫ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ମୁତାବ ଡାକ୍ତର ଓ ବହୁ କର୍ମଚାରୀ ପଦବୀ ଖାଲି ପଡିଛି। ଏନେଇ ଜିଲା ପ୍ରଶାସନ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ବାରିପଦା କିମ୍ବା ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି। ତେବେ ଏହି ସମସ୍ୟାର ସମାଧାନ ନିମନ୍ତେ ବନ୍ଦ ଡାକାରା ଦିଆଯାଇଥିବା ସେ କହିଛନ୍ତି। ତେବେ ଏହି ଡାକାରା ଜିଲା ଭାଜପା ପକ୍ଷରୁ ଦିଆଯାଇ ନ ଥିବା ଜିଲା ଭାଜପା ସଭାପତି ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଏହି ଦାବିକୁ ସେ ତଥା ଜିଲା ସଙ୍ଗଠନ ବିରୋଧ କରୁ ନ ଥିବା କହିଛନ୍ତି। ସେହିପରି ଜେଏମଏମର ଦାବିକୁ ଭାଜପା କାର୍ଯ୍ୟକାରୀ କରୁଥିବା ଜେଏମଏମ ନେତା କଳିଙ୍ଗ କେଶରୀ ଜେନା ଅଭିଯୋଗ କରିଛନ୍ତି। ପୂର୍ବରୁ ୧୭ ଅଗଷ୍ଟରେ ଏହି ଦାବି ନେଇ ମୋରଡାରେ ହରତାଳ ଡକାରା ଦିଆଯାଇଥିଲା। ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରି ବାଜୋପୟୀଙ୍କ ଅକାଳ ବିୟୋଗ ଯୋଗୁଁ ଏହାକୁ ବାତିଲ କରାଯାଇଥିଲା। ତେବେ ହଠାତ ଭାଜପା ରାଜନୈତିକ ଉଦ୍ଦେଶ୍ୟ ନେଇ ଲୋକଙ୍କ ସହାନୁଭୂତି ଜୁଟାଇବା ପାଇଁ ଜେଏମଏମର ଦାବିକୁ କାର୍ଯ୍ୟକାରୀ କରୁଥିବା ସେ କହିଛନ୍ତି।

ତେବେ ଏହାର ଉତ୍ତର ରଖି ଭାଜପାର ରାଜ୍ୟ ଉପସଭାପତି ରାଜକିଶୋର ଦାସ କହିଛନ୍ତି ଭାଜପା ପକ୍ଷରୁ ଏହି ବନ୍ଦ କରାଯାଉଛି। ଯେଉଁ ନେତା ଏହାକୁ ସମର୍ଥନ କରୁ ନାହାନ୍ତି, ସେ ଲୋକଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି। ବହୁ ପୂର୍ବରୁ ସେ ମୋରଡା ପାଇଁ ଲଢ଼େଇ ଜାରି ରଖିଛନ୍ତି। ସେ ସବୁବେଳେ ଲୋକଙ୍କ ସହିତ ଅଛନ୍ତି ବୋଲି କହିଛନ୍ତି। ସେହିପରି ଜେଏମଏମର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ପ୍ରାୟ ୫ ମାସ ପୂର୍ବରୁ ଏ ସମ୍ବନ୍ଧୀୟ ଦାବିପତ୍ର ଭାଜପା ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଛି। କିଛି ପଦକ୍ଷେପ ନିଆ ନ ଯିବାରୁ ଏହି ବନ୍ଦ ଡକାରା ଦିଆଯାଇଥିବା ସେ କହିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ କୈଳାଶ



@ ପ୍ରକାଶ



@ ସନ୍ତୋଷ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ୧୫ରେ ମୟୂରଭଞ୍ଜ ବନ୍ଦ ଡାକରା
### ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

**ବାରିପଦା ଅଫିସ, ୬।୯**

ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ଜିଲା ଜେଏମ୍‌ଏମ୍ ପକ୍ଷରୁ ଆସନ୍ତା ୧୫ ତାରିଖରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଏ ନେଇ ଜିଲା ସଭାପତି ଫାଗୁ ହାଁସ୍‌ଦା ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଜିଲାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ଅର୍ବାନ ବ୍ୟାଙ୍କ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ଏବଂ ଜିଲାରେ ରେଳ ଲାଇନର ବିକାଶ ଆଦି ୩ ଦଫା ଦାବି ଜେଏମ୍‌ଏମ୍ ପକ୍ଷରୁ ଉପସ୍ଥାପିତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପଶ୍ଚିମ, ଦକ୍ଷିଣ ଓଡିଶାରେ ସ୍ଥାୟୀ ହାଇକୋର୍ଟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ହେଲେ ଉତ୍ତର ଓଡିଶାର ଅବହେଳିତ ଜିଲା ଭାବେ ମୟୂରଭଞ୍ଜ ପରିଗଣିତ ହେଉଥିବା ସତ୍ତ୍ୱେ ଜିଲାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ସରକାର ଚିନ୍ତା କରିନାହାନ୍ତି। ଏହାସହିତ ବିଭିନ୍ନ ସମୟରେ ଜିଲାକୁ ସରକାର ଉପେକ୍ଷା କରୁଥିବା ଜିଲା ସଭାପତି ହାଁସ୍‌ଦା ଅଭିଯୋଗ କରିଛନ୍ତି।

## କପ୍ତିପଦା କଲେଜରେ ନିର୍ବାଚନ ଦାବି



କପ୍ତିପଦା କଲେଜ ଛାତ୍ରମାନେ କଲେଜ ଅଧକ୍ଷଙ୍କୁ ଦାବିପତ୍ର ଦେଉଛନ୍ତି।

**କପ୍ତିପଦା,୬।୯(ଡି.ଏନ୍.ଏ)**

କପ୍ତିପଦା କଲେଜରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଛାତ୍ରଙ୍କର ଏକ ପ୍ରତିନିଧି ଦଳ କଲେଜ ଅଧକ୍ଷ ଦିଲୀପ କୁମାର ସିଂହଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ମଧ୍ୟ ଜିଲାପାଳ ଓ ଉପଜିଲାପାଳ, କପ୍ତିପଦାଙ୍କୁ ପ୍ରଦାନ କରାଯାଇଛି। ୧୯୭୮ ମସିହାରେ ଏହି କଲେଜ ପ୍ରତିଷ୍ଠା ହୋଇଥିବା ବେଳେ ଚଳିତ ବର୍ଷ ୟୁଜିସି ମାନ୍ୟତା ପାଇଛି । ହେଲେ ଇତିମଧ୍ୟରେ କଲେଜ ଭିତ୍ତିଭୂମିର ବିକାଶ ହୋଇପାରିନାହିଁ । କଲେଜର ବହୁ ମୌଳିକ ସମସ୍ୟାର ସମାଧାନ ମଧ୍ୟ ଅଦ୍ୟାବଧି ହୋଇପାରିନାହିଁ । ତେଣୁ ଛାତ୍ର ସଂସଦ ଜରିଆରେ କଲେଜର ହକ୍ ଓ ଉନ୍ନତି ପାଇଁ ଲଢିବା ଅପରିହାର୍ଯ୍ୟ ହୋଇପଡିଛି । ଫଳରେ କଲେଜରେ ଛାତ୍ର ସଂସଦ ନିର୍ବାଚନ ଜରୁରୀ ହୋଇପଡିଛି।

# ନଷ୍ଟ ହେଉଛି ଜବତ ଖଣିଜ

**ଯୋଡ଼ା, ୬।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଦଶନ୍ଧିର ବହୁ ଚର୍ଚ୍ଚିତ ଖଣି ଦୁର୍ନୀତି ରାଜ୍ୟ ସମେତ ଦେଶକୁ ଦୋହଲାଇ ଦେଇଥିଲା। ଏ ନେଇ ୨୦୦୬ରୁ ରାଜ୍ୟ ସରକାର ଖୋଳତାଡ ଆରମ୍ଭ କରିଥିଲେ। ୨୦୦୬ରୁ ୨୦୦୮ ମଧ୍ୟରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଖଣିଜ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା। ଯୋଡ଼ା ଖଣି ମଣ୍ଡଳର ବାଂଶପାଣି, ଜୁରୁଡି, ନୟାଗଡ଼, ଦେଓଝର, ବଡ଼ବିଲ, ବଲାଣି ରେଳ ସାଇଡିଂର ଦାବିଦାର ନ ଥିବାରୁ ଲକ୍ଷାଧିକ ମେଟ୍ରିକ ଟନ୍ ଲୁହାପଥରକୁ ପୋଲିସ ଓ ଖଣି ବିଭାଗ ଜବତ କରିଥିଲା। ଜଷ୍ଟିସ ସାହା କମିଶନ ଏବଂ ସେଣ୍ଟ୍ରାଲ ଏମପାୱାର କମିଟି (ସିସି)ର ଯାଞ୍ଚ ଓ ତଦନ୍ତ ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଜରିମାନା ଦେଇ ବନ୍ଦ ଥିବା ଅନେକ ଖଣି ଖୋଲି ଥିଲା। ବିଭାଗୀୟ ଯାଞ୍ଚରେ ବିପୁଳ ପରିମାଣର ଖଣିଜ ବିଭିନ୍ନ ରେଳ ସାଇଡିଂରୁ ଜବତ ହୋଇଥିଲା। ଜବତ ହୋଇଥିବା ଖଣିଜକୁ କିଛି ପରିମାଣର ଓଡ଼ିଶା ଖଣି ନିଗମ ଜରିଆରେ ଖଣି ବିଭାଗ ନିଲାମ କରି ବିକ୍ରି କରିଛି। ଅଦ୍ୟାବଧି ଲକ୍ଷାଧିକ ଟନ ପରିମାଣର ଖଣିଜ ବିଭିନ୍ନ ରେଳ ସାଇଡିଂ, ନିକଟସ୍ଥ ଘରୋଇ ଜମିରେ ଏବଂ କିଛି ଖଣି ଲିଜଧାରୀଙ୍କ କଷ୍ଟୋଡିରେ ପଡି ରହିଛି। ଯାହାର ମୂଲ୍ୟ ପ୍ରାୟ ବହୁ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଅନୁମାନିକ ଭାବେ ଜୁରୁଡି ରେଳ ସାଇଡିଂରେ ପ୍ରାୟ ୪୫ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଦାବିଦାର ନ ଥିବା ଜବତ ଲୁହା ପଥର ପଡ଼ି ରହିଛି। ବାଂଶପାଣି ରେଳସାଇଡିଂରେ ୬୦ହଜାର ମେଟ୍ରିକ ଟନରୁ ଅଧିକ ଦାବଦାର ନ ଥିବା ଖଣିଜ ପଡି ରହିଛି। ମୁଖ୍ୟତଃ ଲୁହାପଥର ସର୍ବାଧିକ ପରିମାଣର ହୋଇଥିବା ବେଳେ ଅବଶିଷ୍ଟ ମାଙ୍ଗାନିଜ ଖଣିଜ ରହିଛି। ଜବତ ଖଣିଜ ଚୋରି ହୋଇଯାଇଥିବାର ମଧ୍ୟ ନଜିର ରହିଛି। ଏ ନେଇ ଗତ ୧୪।୦୭।୨୦୧୩ରେ ଧରିତ୍ରୀର 'ଜବତ ଖଣିଜ ଚୋରି ହେଉଛି' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଖଣି ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ରାଜ୍ୟ ସ୍ତରୀୟ ଖଣି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଓ ଜିଲାସ୍ତରୀୟ ଟାସ୍କଫୋର୍ସ ତଦନ୍ତ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ବାଂଶପାଣି ରେଳସାଇଡିଂରେ ୩୦୦୮୦, ଜୁରୁଡିରେ ୬୭୮୧୧, ବଡ଼ବିଲରେ ୫୬୩୦୦ ମେଟ୍ରିକ ଟନ ଖଣିଜ ପଥର ପଡ଼ିରହିଥିଲା। ଏଥି ମଧ୍ୟରୁ କିଛି ଓଡ଼ିଶା ଖଣି ନିଗମ ଦ୍ୱାରା ଖଣି ବିଭାଗ ବିକ୍ରି କରିଥିଲା। ଜବତ ଖଣିଜରୁ କିଛି ଖଣିଜ ଚୋରି ସହ ନଷ୍ଟ ହୋଇଗଲାଣି। ମାଟି ମିଶ୍ରିତ ଲୁହାପଥରର ସୁବିନିଯୋଗ ଅଧୁନା ପିଲେଟ କାରଖାନା ଗୁଡିକ କରୁଥିବା ବେଳେ ବିନିଯୋଗ ଲାଗି ବିଭାଗ ଦୃଷ୍ଟି ଦେଉନାହିଁ। ଗତ ।୦୫।୦୯।୨୦୧୮ରେ ବାଂଶପାଣି ନିକଟସ୍ଥ ଓଭରବ୍ରିଜ ରାସ୍ତା ପାର୍ଶ୍ୱରେ ଶତାଧିକ ମେଟ୍ରିକ ଟନ ଗୁଣ୍ଡ ଲୁହାପଥରକୁ ଖାଲରେ ପକାଇ ସମାନ୍ତର କରାଯାଇଛି। ଅଦ୍ୟାବଧି କେତେ ପରିମାଣର ଲୁହାପଥର ଜବତ ହୋଇଥିଲା। ଓଡ଼ିଶା ଖଣି ନିଗମ ଜରିଆରେ କେତେ ବିକ୍ରି ହୋଇଛି ପ୍ରଶ୍ନର ଉତ୍ତରରେ ଯୋଡା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ସେ ଦେଇ ପାରି ନ ଥିଲେ। ତତ୍‌କାଳୀନ ଖଣି ଉପନିର୍ଦ୍ଦେଶକମାନଙ୍କ ନିକଟରେ ତାହାର ହିସାବ ରହିଥିବ। ହିସାବ ନାହିଁ ବୋଲି ସେ କହିଛନ୍ତି। ସରକାରୀ ଉଦାସୀନତାରୁ ଜବତ ହୋଇଥିବା ଖଣିଜ ନଷ୍ଟ ହେବାକୁ ବସିଲାଣି। ସରକାର ରାଜସ୍ୱ ହରାଉଛନ୍ତି। ଜବତ ହୋଇଥିବା ଖଣିଜର ପରିମାଣ କେତେ। ଖଣିନିଗମ ଦ୍ୱାରା ବିକ୍ରିହୋଇଥିବା ଖଣିଜର ପରିମାଣ କେତେ। ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ପଡିରହିଥିବା ଖଣିଜର ପରିମାଣ କେତେ ତାହାର ଯାଞ୍ଚ ରାଜ୍ୟ ସରକାର କରାଇଲେ ଖଣି ଦୁର୍ନୀତିର ଏକ ଦ୍ୱିତୀୟ ଅଧ୍ୟାୟ ଉନ୍ମୋଚିତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**ଯୋଡ଼ା ଖଣିମଣ୍ଡଳ**



ବାଂଶପାଣି ଓଭରବ୍ରିଜ ରାସ୍ତା ପାର୍ଶ୍ୱରେ ପଡିଥିବା ଗୁଣ୍ଡ ଲୁହାପଥର।

- ସରକାରୀ ଉଦାସୀନତା
- ବିଭାଗ ପାଖରେ ହିସାବ ନାହିଁ
- ବହୁ କୋଟି ଟଙ୍କା ରାଜସ୍ୱ ହାନି

## ପୋଲ ତଳକୁ ଖସିଲା ଡମ୍ପର

**ଯୋଡ଼ା/ଝୁମ୍ପୁରା, ୬।୯(ଡି.ଏନ.ଏ.)**

ବାମେବାରୀ ଥାନା ନୟାଗଡ଼ ନିକଟରେ ଥିବା ପୋଲ ତଳକୁ ଭାରସାମ୍ୟ ହରାଇ ଏକ ଡମ୍ପର ଖସିବାରୁ ଡ୍ରାଇଭର ଆହତ ହୋଇଛନ୍ତି। ଗତ ବୁଧବାର ରାତିର ଦୁବୁନା ଅଞ୍ଚଳର ଏକ ଡମ୍ପର (ନଂ.ଓଆର୦୯ଇ୫୬୫୩) ନୟାଗଡସ୍ଥିତ ବୈତରଣୀ ପୋଲ ଉପର ଦେଇ ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପ୍ରାୟ ୩୦ଫୁଟ ତଳ ଗର୍ଭକୁ ଖସି ପଡିଥିଲା। ଗାଡି ଡ୍ରାଇଭରଙ୍କୁ ଗୁରୁତର ଉଦ୍ଧାର କରାଯାଇ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ପୋଲ ତଳେ ପଡିଥିବା ଡମ୍ପରକୁ କ୍ରେନ୍ ଯୋଗେ ଉପରକୁ ଉଠାଉଥିଲା। ଫଳରେ ଓଜନ ଭାର ସମ୍ଭାଳି ନ ପାରି କ୍ରେନ୍‌ଟି ମଧ୍ୟ ରାସ୍ତା ଉପରେ ଓଲଟିପଡିଥିଲା।



## ସଂକ୍ଷେପରେ

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କିକୋଟ,୬।୯(ଡି.ଏନ୍.ଏ.):** ଢେଙ୍କିକୋଟ ଫାଣ୍ଡି ପଇଦା ପାଟଣା ପଞ୍ଚାୟତ ନୁସୁରିପଶି ଗ୍ରାମର ଦଶରଥ ପଲେଇଙ୍କର ଝିଅ ଅନୁପମା ଗତ ସୋମବାର ମାମୁଁ ଘର ଟିକିରା ଗ୍ରାମକୁ ଆସିଥିଲେ। ଗୁରୁବାର ମାମୁଁ ଘରଠାରୁ ୫୦୦ ମିଟର ଦୂର ଏକ ଝଙ୍କାଳିଆ ବଗିଚା ଭିତରୁ ଅନୁପମାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଲା। ବଗିଚା ନିକଟ ଜମିରେ କାମ କରୁଥିବା କେତେକ ମହିଳା ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ଭୟରେ ଘରକୁ ପଳାଇ ଆସିଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକଙ୍କୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏ ନେଇ ମୃତ ଅନୁପମାଙ୍କ ସମ୍ପର୍କୀୟମାନେ ଏହା ଲଏକ ସୁଚିନ୍ତିତ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଫାଣ୍ଡି ଅଧିକାରୀ କରିଛନ୍ତି।

### ସଲଭେନସି ସାର୍ଟିଫିକେଟ ଖାରଜ

**କେନ୍ଦୁଝର, ୬।୯(ସ୍ୱ.ପ୍ର.):** କମ ସମ୍ପତ୍ତି ଥାଇ ଅଧିକ ଥିବା ଦର୍ଶାଯାଇଥିବା ଏକ ସଲଭେନସି ସାର୍ଟିଫିକେଟକୁ ସଦର ଉପଜିଲାପାଳଙ୍କ କୋର୍ଟ ବୁଧବାର ଶୁଣାଣି କରି ଖାରଜ କରିଛନ୍ତି। ଏଭଳି ସଲଭେନସି ଦେଇଥିବା ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ଦେଖିବାକୁ ସମସ୍ତେ ଅପେକ୍ଷା କରିଛନ୍ତି। ବିକ୍ରମ କୁମାର ପ୍ରଧାନ ନାମକ ଜଣେ ବ୍ୟବସାୟୀ ଉକ୍ତ ସଲଭେନସି ସାର୍ଟିଫିକେଟକୁ ରିଭ୍ୟୁ କରିବାକୁ ଉପଜିଲାପାଳଙ୍କ କୋର୍ଟରେ ଆବେଦନ କରିଥିଲେ। ଉକ୍ତ ସଲଭେନସି ସାର୍ଟିଫିକେଟ ଆଲୋକ ସାହୁ ନାମକ ଜଣେ ବ୍ୟବସାୟୀଙ୍କ ନାମରେ ଥିଲା। କମ ସମ୍ପତ୍ତି ଥାଇ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ଦର୍ଶାଇ ଉକ୍ତ ସଲଭେନସି ହାସଲ କରି ଏକ ଠିକା କାମ ଆବେଦନ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ଉପଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି ଯେ, ସଲଭେନସିରେ ଦର୍ଶାଯାଇଥିବା ସମ୍ପତ୍ତି ପରିମାଣଠାରୁ କମ ଥିବାରୁ ଖାରଜ କରିଦିଆଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ମିଳିଲା କାସାଣ୍ଡ୍ରା ସମ୍ମାନ

**ଆନନ୍ଦପୁର, ୬।୯(ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁରଙ୍କୁ କେନ୍ଦୁଝର ଜିଲାସ୍ତରୀୟ ଅଗ୍ରଣୀ କାସାଣ୍ଡ୍ରା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁ ଦିବସ ଅବସରରେ କାସାଣ୍ଡ୍ରା ସମ୍ମାନ-୨୦୧୮ ପ୍ରଦାନ କରାଯାଇଛି। ଜିଲା କାସାଣ୍ଡ୍ରା ଅନୁଷ୍ଠାନର ସଭାପତି ଧୀରେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସ୍ଥାନୀୟ ନଗରଭବନଠାରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ପ୍ରଧାନ ଶିକ୍ଷକ ସୁରଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପଗୁଚ୍ଛ ଦେଇ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ବିଦ୍ୟାଧର ମିଶ୍ର, କ୍ରୀଡା ଶିକ୍ଷକ ଦେବୀଦାସ ପଣ୍ଡା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା ପ୍ରମୁଖ ଯୋଗ ଦେଇଥିଲେ।

### ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ



**ପାଟଣା, ୬।୯(ସ୍ୱ.ପ୍ର.):** ପାଟଣା ବ୍ଲକ ବିଦ୍ୟାଳୟ ସମୂହ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଗୁରୁବାର ଅପରାହ୍ନରେ ଏରେଣ୍ଡେଇ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ୧୪ରୁ ୧୭ ବର୍ଷର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଯାପନୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ବ୍ଲକ ଜନମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲା। ବ୍ଲକସ୍ତରରୁ ୫୦ କୃତୀ ଖେଳାଳି ଆଗାମୀ ୧୦ରେ ହେବାକୁ ଥିବା ଜିଲାସ୍ତରୀୟ ଖେଳରେ ଭାଗନେବେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମଣ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ। ଖେଳ ଶିକ୍ଷକ ତରୁଣ କୁମାର ବେଜ, ପ୍ରଫୁଲ ମହାନ୍ତ, ସୁଷମାରାଣୀ ଦାଶ ଓ ଶିକ୍ଷକ ଭବାନୀ ଶଙ୍କର ମହାନ୍ତ, ମନୁ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିନା ଲାଇସେନ୍ସରେ ଔଷଧ ବିକ୍ରି

**ଯୋଡ଼ା, ୬।୯(ଡି.ଏନ.ଏ.)**



କୁମାର ମଜୁମଦାର ବିନା ଔଷଧ ଦୋକାନରେ ଚଢ଼ାଉ କରାଯାଉଛି।

ଯୋଡ଼ା ବ୍ଲକ ଜୁରୁଡି ଦୁର୍ଗା ମଣ୍ଡପଠାରେ ବିନା ଲାଇସେନ୍ସରେ ଔଷଧ ବିକ୍ରି କରାଯାଉଥିଲା। ଫଳରେ ଔଷଧ ଦୋକାନରେ ଡ୍ରଗ୍ସ ଇନ୍ସପେକ୍ଟର ଚଢାଉ କରିଥିଲେ। ଏଥିରେ ୪୦ ହଜାର ଟଙ୍କାର ଔଷଧ ଜବତ ହୋଇଛି। ଅଶୋକ କୁମାର ମଜୁମଦାର ବିନା ଲାଇସେନ୍ସରେ ଏକ ଔଷଧ ଦୋକାନ କରିଥିଲେ। ଦୀର୍ଘ ଦିନରୁ କାରବାର ଚଳାଇ ଆସୁଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଉଥିଲା। ଖବର ପାଇବା ପରେ ଔଷଧ ଦୋକାନ ବନ୍ଦ ରହିଥିଲା ବୋଲି ଜିଲା ଡ୍ରଗ୍ସ ନିରୀକ୍ଷକ ପ୍ରବେଶ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଡ୍ରଗ୍ସ ନିରୀକ୍ଷକ ଲେଙ୍କାଙ୍କ ସହ କର୍ମଚାରୀ ଜିତେନ୍ଦ୍ର କୁମାର ସ୍ୱାଇଁ ସଦଳବଳେ ଚଢାଉ କରିଥିଲେ। ଔଷଧ ଦୋକାନୀଙ୍କ ନାମରେ ଏକ ମାମଲା (ନଂ. ୨ସିସି ୭୪/୨୦୧୮) ରୁଜୁ ହୋଇଛି।

## ଜାଲ୍ ନୋଟ ଜବତ, ଜଣେ ଗିରଫ

**ତେଲକୋଇ, ୬।୯(ଡି.ଏନ.ଏ.)**

ତେଲକୋଇ ଅଞ୍ଚଳରେ ୨ ଶହ ଟଙ୍କିଆ ଜାଲ୍ ନୋଟ କାରବାର ଅଭିଯୋଗରେ ପଡ଼ାଙ୍ଗ ପଞ୍ଚାୟତର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଅଲଣାପଡ଼ା ନରଣପୁର ବାସିନ୍ଦା ଦୀପ୍ତି ରଞ୍ଜନ ଦାଶ। ତାଙ୍କଠାରୁ ୧୧ଟି ୨ ଶହ ଟଙ୍କିଆ ଜାଲ ନୋଟ ପୋଲିସ ଜବତ କରିଛି। ନକଲି ନୋଟ କାରବାରରେ ଆଉ କିଏ ସମ୍ପୃକ୍ତ ଅଛି ସେ ନେଇ ପୋଲିସ ତଦନ୍ତ କରୁଛି। ପୋଲିସ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କୁ ପଚାରିବାରୁ ନକଲି ନୋଟ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

## ବ୍ୟାରେଜ ପରିସରରୁ ଜବରଦଖଲ ଉଚ୍ଛେଦ

**ଆନନ୍ଦପୁର, ୬।୯(ସ୍ୱ.ପ୍ର.)**



ଉଚ୍ଛେଦ ପ୍ରକ୍ରିୟାରେ ପୋଲିସ ଫୋର୍ସ ମୁତୟନ।

ଆନନ୍ଦପୁର ବୈତରଣୀ ବ୍ୟାରେଜ ପରିସରରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଗୁରୁବାର ଆରମ୍ଭ କରାଯାଇଛି। ନିର୍ମାଣାଧୀନ ବ୍ୟାରେଜର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ତାହା ପୂର୍ଣ୍ଣଙ୍ଗ କ୍ଷେତ୍ରରେ ଜବରଦଖଲ ମୁଖ୍ୟ ସମସ୍ୟା ହୋଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ନିୟମ ଅନୁଯାୟୀ ଜବରଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ତୁଲାଇବା ପାଇଁ ଆନନ୍ଦପୁର ଏସଡିପିଓ ମହେଶ୍ୱର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଚାରି ଜଣ ଇନ୍ସପେକ୍ଟର ଉପସ୍ଥିତ ଥିଲେ। ସ୍ଥାନୀୟ ରାଜସ୍ୱ ବିଭାଗର କର୍ମଚାରୀମାନେ ମଧ୍ୟ ସାମିଲ ଥିଲେ।

୨ ଜେସିବି ମେଶିନରେ ବ୍ୟାରେଜ ପରିସରରେ ବେଆଇନ ଜନବସତିକୁ ହଟାଯାଇଥିଲା। ବ୍ୟାରେଜ ପରିସରରେ କେତେକ ବ୍ୟକ୍ତି ପ୍ରଶାସନର ବାରଣ ସତ୍ତ୍ୱେ କ୍ଷତିପୂରଣ ବାବଦରେ ଅର୍ଥ ପାଇବା ଲାଳସାରେ ଜୋର ଜବରଦସ୍ତ ଜନବସତି ସ୍ଥାପନ କରିଥିଲେ। କେତେକ ରାଜନୈତିକ ସ୍ତରର କେତେ ଜଣ କୁଜି ନେତା ଜବରଦଖଲକାରୀଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଉଚ୍ଛେଦ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କୌଣସି ପ୍ରକାରର ଅପ୍ରିତିକର ପରିସ୍ଥିତି ଉପୁଜି ନ ଥିବା ଜଣାପଡିଛି।

## ଗୋଷ୍ଠୀ ସଂଘର୍ଷରେ ୫ ଗୁରୁତର

**ଆନନ୍ଦପୁର, ୬।୯(ସ୍ୱ.ପ୍ର.)**

ଘସିପୁରା ଥାନା ଶୈଳଙ୍ଗ ଛକଠାରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପକ୍ଷରୁ ୫ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। କେତେଜଣ ଏକ ସ୍ୱାଧୀନ ଦଳର ସମର୍ଥକ ଘସିପୁରା ୧ ନଂ ବସଷ୍ଟାଣ୍ଡରେ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରିଥିଲେ। ଘଟଣାର ଖବର ପାଇ ପୋଲିସ ପହଞ୍ଚିବା ପରେ ଗଣ୍ଡଗୋଳକାରୀ ବସଷ୍ଟାଣ୍ଡରୁ ଫେରାର ହୋଇଯାଇଥିଲେ।

ଘଟଣାର କିଛି ଘଣ୍ଟା ପରେ ଶୈଳଙ୍ଗଠାରେ ଥିବା ସ୍ୱାଧୀନ ଦଳର ସମର୍ଥକଙ୍କ କାର୍ଯ୍ୟାଳୟରେ ବୈଠକ ଚାଲୁଥିବା ବେଳେ କେତେ ଜଣ ଯୁବକ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍ୱାଧୀନ ଦଳର ସମର୍ଥକଙ୍କ ୫ ଜଣ ଗୁରୁତର ହୋଇଥିଲେ। ଗଣ୍ଡଗୋଳ ଘଟଣାରେ ଏକ ବୋଲେରୋର କାଚ ଭଙ୍ଗାରୁଜା ହୋଇଥିବା ଜଣାପଡିଛି। ଘସିପୁରା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଥିବା ଆନନ୍ଦପୁର ଏସଡିପିଓ ମହେଶ୍ୱର ସେଠୀ କହିଛନ୍ତି।

## ଭଦ୍ରକ ଜେଲର ଚିନ୍ମୟଙ୍କ ନାଁରେ ଏତଲା

**ବଡ଼ବିଲ, ୬।୯(ସ୍ୱ.ପ୍ର.)**

ଭଦ୍ରକ ଜେଲର ଚିନ୍ମୟ ପାତ୍ରଙ୍କ ବିରୋଧରେ କେନ୍ଦୁଝରଜିଲା ବଡବିଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଛି। ଚିନ୍ମୟଙ୍କ ବିରୋଧରେ ବୁଧବାର ମହିଳା କମିଶନଙ୍କ ନିକଟରେ ଫେରାଦ ହୋଇଥିବା ମହିଳା ଜଣଙ୍କ ଗୁରୁବାର ବଡବିଲ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ କରିଛନ୍ତି। ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରି ଜେଲର ଚିନ୍ମୟ ପ୍ରତାରଣା କରିଥିବା ନେଇ ଏକ ମାମଲା ରୁଜୁ ହେବା ପରେ ସାହସ କରି ଲିଖିତ ଅଭିଯୋଗ କରିଥିବା ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି।

ମୋବାଇଲ ରଙ୍ଗ୍ ନମ୍ବରରୁ ଚିନ୍ମୟ ବାରମ୍ବାର ମହିଳାଙ୍କୁ ଫୋନ କରୁଥିଲେ। ଗତ ଜୁନ ୧ରେ ଚିନ୍ମୟ ବଡବିଲ ପହଞ୍ଚି ମହିଳାଙ୍କୁ ଏକ (ଓଡି୦୧କ୍ୟୁ୦୦୦୧) ନମ୍ବର ବିଶିଷ୍ଟ ଧଳା ରଙ୍ଗର କାରରେ ଜୋର ଜବରଦସ୍ତ ବସାଇ ବଳାତ୍କାର କରି ହତ୍ୟା ଧମକ ଦେଇଥିଲେ। ମହିଳାଙ୍କୁ ପୋଲିସ ଡାକ୍ତରୀ ମାଇନା କରିଛି। ଗତ ରବିବାର କେନ୍ଦ୍ରାପଡ଼ା ଜିଲା ମର୍ଶାଘାଇର ଜଣେ ଯୁବତୀ ଭଦ୍ରକ ଥାନାରେ ଚିନ୍ମୟଙ୍କ ବିରୋଧରେ ଅସଦାଚରଣ, ପ୍ରତାରଣା ନେଇ ଅଭିଯୋଗ ଆଣିଥିଲେ। ବଡବିଲ ଥାନାରେ ଏକ ମାମଲା (ନଂ. ୧୩୫/୨୦୧୮) ରୁଜୁ ହୋଇଥିବା ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

## ୮ ଫୁଟର ଅଜଗର ଉଦ୍ଧାର

**ତେଲକୋଇ, ୬।୯(ଡି.ଏନ.ଏ.)**

ତେଲକୋଇ ମୁଖ୍ୟାଳୟଠାରେ ଥିବା ବନାଞ୍ଚଳ କାର୍ଯ୍ୟାଳୟରୁ ୮ ଫୁଟ ଲମ୍ବାର ଅଜଗର ସାପ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡାଯାଇଛି। ବନାଞ୍ଚଳ ପରିସରରେ ଏକ ଅଜଗର ସାପ ରହିଥିଲା। ସାପ ଧରାଳି ବସନ୍ତ ସାହୁ, ଫରେଷ୍ଟର ଜଦୁମଣୀ ରଣା ସମେତ ସମସ୍ତ କର୍ମଚାରୀ ସାମ ଧରିବାରେ ସକ୍ଷମ ହୋଇଥିଲେ। ଅଜଗରକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶେଷରେ ଉକ୍ତ ଅଜଗର ସାପକୁ ଜଙ୍ଗଲରେ ଛଡା ଯାଇଥିଲା।

## ଆହତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଆନନ୍ଦପୁର, ୬। ୯(ସ୍ୱ.ପ୍ର.)**



କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଛାବୁଲି।

ଆନନ୍ଦପୁର ପୌରପରିଷଦ ୫ ନଂ ୱାର୍ଡ଼ର ଛାବୁଲି ଧଳ (୫୪) ଗତ ମଙ୍ଗଳବାର ଏକ ବାଇକ୍‌ରେ ନିଜ ସ୍ତ୍ରୀଙ୍କ ସହ ବସି ବଡଦାଣ୍ଡସ୍ଥିତ ଘରକୁ ଫେରୁଥିବା ସମୟରେ ବଳଭଦ୍ରପୁର ଶାସନ ଛକ ନିକଟରେ ଦୁର୍ଘଟଣା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଭାନୁ ଓ ଛାବୁଲି ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ ମେଡିକାଲକୁ ନିଆଯାଇଥିଲା। ଛାବୁଲିଙ୍କ ପରିବାରର ଅର୍ଥିକ ସ୍ଥିତ ଅତ୍ୟନ୍ତ ଦୁର୍ବଳ ଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଛାବୁଲି ଧଳ, ବିଜୁ ବାବୁଙ୍କର ଜଣେ ଅନୁଗାମୀ ଭାବେ ତାଙ୍କର ପ୍ରତ୍ୟକ ପୋଷାକରେ ବିଜୁ ବାବୁଙ୍କର ପ୍ରତିଛବି ସହିତ ବିଜୁ ଜନତା ଦଳର ଚିହ୍ନ ଲଗାଇ ଆନନ୍ଦପୁର ତଥା ଆଖପାଖ ଅଞ୍ଚଳର ଜଣେ ଚର୍ଚ୍ଚିତ ଚେହେରା ଭାବେ ପରିଚିୟ ସୃଷ୍ଟି କରିଛନ୍ତି। ତାଙ୍କର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଦୁଃଖ ପ୍ରକାଶ କରିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଧାନ ଫସଲ ଉଜୁଡ଼ିବା ଆଶଙ୍କା

**ପାଟଣା, ୬।୯(ସ୍ୱ.ପ୍ର.)**



ପାଟଣା ସମବାୟ ସମିତିରେ ଚାଷୀଙ୍କ ଗହଳି।

**ଜିଲାରେ ସାର ଅଭାବ**

- ଆଗେଇ ପାରୁନି ଚାଷ କାମ
- ହଇରାଣ ହେଉଛନ୍ତି ଚାଷୀ

କେନ୍ଦୁଝର ଜିଲାରେ ଖରିଫ ଚାଷ ପାଇଁ ସାରାର ଘୋର ଅଭାବ ଦେଖାଯାଇଛି। ଧାନ ରୁଆ ପୋତା ପରେ ୟୁରିଆ ସାର ଚାଷୀଙ୍କୁ ମିଳୁନି। ଫଳରେ ଧାନ ଫସଲ ଉଜୁଡ଼ିଯିବା ଆଶଙ୍କା ଦେଖା ଦେଇଛି। ସରକାରୀ ପ୍ରାୟୋଜିତ ସମବାୟ ସମିତି, ଘରୋଇ ଦୋକାନରେ ସାର ଅଭାବ ରହିଛି। ସାର ନ ପାଇ ଚାଷୀ ହଇରାଣ ହେଉଛନ୍ତି। ଚାଷ କାମ ଆଗେଇ ପାରୁନି। ଯେଉଁଠି ସାର ମିଳୁଛି ଦୋକାନୀମାନେ ଚଢା ଦର ଦାବି କରୁଛନ୍ତି। ଏକ କମ୍ପାନୀ ସରକାରଙ୍କ ସମବାୟ ସମିତିଙ୍କୁ ସାର ଯୋଗାଇଦେବାର ଚୁକ୍ତି କରିଥିଲେ ହେଁ ଲାଭ ଖୋର ମନୋଭାବରୁ ଘରୋଇ ଡିଲରମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଆଗତୁରା ସାର ଯୋଗାଇ ଦେଉଥିବା ଅଭିଯୋଗ ହେଉଛି। ଦୋକାନୀମାନେ ଚଢା ଦରରେ ନାଗାର୍ଜୁନ କମ୍ପାନୀର ୟୁରିଆ ସାର ଆଣି ବିକିବାକୁ ପସନ୍ଦ କରୁନାହାନ୍ତି।

ଜିଲା ରେଳ ଲାଇନରେ ରେକ ପଏଣ୍ଟ ନ ଥିବାରୁ ରାଇରଙ୍ଗପୁର, ଯାଜପୁର ରୋଡ଼ ଓ ଧାନମଣ୍ଡଳ ରେକ ପଏଣ୍ଟ ଉପରେ ନିର୍ଭର କରୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଆଲୋଚନା ହେଉଛି। ଜିଲା ରେଳ ଲାଇନରେ ଏକ ରେକ ପଏଣ୍ଟ ନିର୍ମାଣ କରିବାକୁ ଦାବି ହେଉଛି। ପାଟଣା ବ୍ଲକ ପାଟଣା, ଏରେଣ୍ଡେଇ, ଡୁମୁରିଆ ଓ କେନ୍ଦେଇପସି ସମବାୟ ସମିତିରେ ସାରର ଘୋର ଅଭାବ ରହିଛି। ଚାଷୀମାନେ ସାର ପାଇଁ ପ୍ରତିଦିନ ସମିତିକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏ ନେଇ ଜିଲା କୃଷି ଉପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ୧୪ ହଜାର ମେଟ୍ରିକ ଟନ ୟୁରିଆ ସାର ଦରକାର ଥିବା ବେଳେ ଇଫକୋ କମ୍ପାନୀ ମାତ୍ର ୧୦ ହଜାର ମେଟ୍ରିକ ଟନ ସାର ଯୋଗାଇ ଥିବାରୁ ଏଭଳି ଅଭାବ ଦେଖାଦେଇଛି। ଆଉ ୨୦୦୦ ମେଟ୍ରିକ ଟନ ୟୁରିଆ ସାର ଜିଲାରେ ଆବଶ୍ୟକ ଅଛି। ଆଗାମୀ ଦଶ ତାରିଖ ମଧ୍ୟରେ ଆବଶକୀୟ ସାର ମିଳିଯିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦୁଇ ଚୋର ଗିରଫ

**ବାରିପଦା ଅଫିସ,୬।୯:** ବାରିପଦା ଟାଉନ ଥାନା ପୋଲିସ ଗୁରୁବାର ଦୁଇ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅଞ୍ଚଳର ଏ. ବଲିଆ ଏବଂ କୋଦଳ ଥାନା ଅଞ୍ଚଳର ପି. ଅବାସ। ସେମାନଙ୍କ ଠାରୁ ଗୋଟିଏ ଖେଳନା ବନ୍ଧୁକ, ବାଇକ୍, ଦୁଇଟି ଫୋନ, ସାଢେ ୪ ହଜାର ଟଙ୍କା, ଛୁରି ଏବଂ ବାଇକ୍ ଡିକି ଭାଙ୍ଗିବା ପାଇଁ ବ୍ୟବହୃତ ଡିକି ବ୍ରେକର ଜବତ ହୋଇଛି। ଏହି ଦୁଇ ଜଣ ବୁଧବାର ବାରିପଦା ଏସବିଆଇ ମୁଖ୍ୟ ଶାଖାରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲେ। ଟଙ୍କା ଉଠାଇ ବ୍ୟାଙ୍କରୁ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ସେମାନେ ପିଛା କରୁଥିବା ବେଳେ ପୋଲିସ ହାବୁଡରେ ପଡିଯାଇଥିଲେ। ସେମାନଙ୍କୁ ପଚରାଉଚୁରା ବେଳେ ବାଲେଶ୍ୱରରେ ଘରଭଡା କରି ରହି ବାଲେଶ୍ୱର, ବାରିପଦା, ସହଦେବଖୁଣ୍ଟା, ଜଳେଶ୍ୱର ଆଦି ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିବା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହଛନ୍ତି।

### ବ୍ଲକଗ୍ରାଣ୍ଟ ସ୍କୁଲରେ ତାଲା ବନ୍ଦ

**ରାଇରଙ୍ଗପୁର, ୬।୯ (ଡି.ଏନ.ଏ.):** ବିଭିନ୍ନ ଦାବି ଘେନି ରାଇରଙ୍ଗପୁର ସବ୍‌ଡିଭିଜନର ବ୍ଲକ ଗ୍ରାଣ୍ଟ ଶିକ୍ଷାନୁଷ୍ଠାନଗୁଡିକରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ରାଇରଙ୍ଗପୁର ଓ କରଞ୍ଜିଆ ସବ୍‌ଡିଭିଜନର ବ୍ଲକ ଗ୍ରାଣ୍ଟ ଶିକ୍ଷାନୁଷ୍ଠାନଗୁଡିକର ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ପାଠପଢା ଘୋର ବାଧାପ୍ରାପ୍ତ ହୋଇଛି। ବ୍ଲକ ଗ୍ରାଣ୍ଟ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ସମସ୍ତ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ରାଇରଙ୍ଗପୁର ଏବଂ କରଞ୍ଜିଆ ସବ୍‌ଡିଭିଜନ ଓସ୍ଥା ସଙ୍ଗଠନ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା କହିଛନ୍ତି।

### ଜମିବାଡି ସଂକ୍ରାନ୍ତୀୟ ଗଣ୍ଡଗୋଳ

**କପ୍ତିପଦା,୬।୯(ଡି.ଏନ.ଏ):** କପ୍ତିପଦା ଥାନା ଅଧିନ ନୁଦୁଡିହା ଗ୍ରାମର ଦୁଇ ପରିବାର ମଧରେ ଜମିବାଡି ସଂକ୍ରାନ୍ତୀୟ ଗଣ୍ଡଗୋଳ ଘଟିଛି । ଏ ସଂକ୍ରାନ୍ତରେ ମୀନତି ବେହେରାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ୧୦୨/୧୮) ରୁଜୁ କରିଛି । ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଦିପ୍ତି ରଞ୍ଜନ ବେହେରା, ନିରାକର ବେହେରା, ସସ୍ମିତା ବେହେରା ଓ ରଜନୀ ବେହେରା । ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ପୀଡିତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ଓ ବିଭିନ୍ନ ପ୍ରକାର ଧମକ ଦେବା ସହିତ ମାଡ ମାରିବାକୁ ଉଦ୍ୟମ କରିଥିବା ଜଣାଯାଇଛି ।

### ଗୁରୁଦିବସରେ ସମ୍ବର୍ଦ୍ଧନା

**ଆନନ୍ଦପୁର, ୬।୯(ସ୍ୱ.ପ୍ର.):** ଘସିପୁରା ବ୍ଲକ ଦେଓଗାଁ ପ୍ରାଥମିକ ଶିକ୍ଷକ ଭବନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମହାନ୍ତି, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ଶ୍ରୀଧର କୁମାର ମିଶ୍ର, ସମ୍ମାନିତ ଅତିଥି ସିଆରସିସି ଅନାମ ଚରଣ ମାଝୀ, ମନୋରମା ପତି ଓ ଅଜୟ କୁମାର ଦତ ପ୍ରମୁଖ ଯୋଗ ଦେଇଥିଲେ। ତୃପ୍ତି ପଣ୍ଡା ଅତିଥି ପରିଚୟ ଦେଇଥିଲେ। ପୁଷ୍ପଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖି ବିଦାୟୀ ଶିକ୍ଷକ ଦୁର୍ଯ୍ୟୋଧନ ପଣ୍ଡା, ରମେଶ ବଳଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ରାଉତ, ସ୍ୱାଧୀନ ପଣ୍ଡା, ନିହାର ରଞ୍ଜନ ରାଉତ, ଦିନେଶ ଚକ୍ର, ହୃଷିକେଶ ବଳ, ସୁରେନ୍ଦ୍ର ଜେନ. ରାହାସ ମହାନ୍ତି, ନିରୁପମା ବେହେରା, ପୁଷ୍ପା ପଟ୍ଟନାୟକ, ସଂଯୁକ୍ତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

### ଲଗାଣ ବର୍ଷାରେ ବ୍ୟାଙ୍କରେ ପଶିଲା ପାଣି

**ପାଟଣା, ୬।୯ (ସ୍ୱ.ପ୍ର.):** ପାଟଣା ଥାନା ସାହାରପଡ଼ା ବ୍ଲକମାଛଗଡ଼ ବଜାର ମଧରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କାର୍ଯ୍ୟାଳୟ ଭିତରକୁ ବୁଧବାର ଅପରାହ୍ନରେ ବର୍ଷା ପାଣି ପଶି ଆସିଥିଲା। ଫଳରେ କର୍ମଚାରୀ ଓ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ପମ୍ପ ଯୋଗେ ପାଣି ନିଷ୍କାସନ କରାଯାଇଥିଲା। ଲଘୁ ଚାପ ବର୍ଷା ଯୋଗୁଁ ପାଟଣା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

---

■ ବର୍ଷେ ହେଲା ମିଳୁନି ସାର୍ଟିଫିକେଟ

# ୧୨ ଘଣ୍ଟା ରାଇରଙ୍ଗପୁର ବନ୍ଦ

**ରାଇରଙ୍ଗପୁର, ୬।୯ (ଡି.ଏନ.ଏ.)**




ରାଇରଙ୍ଗପୁରସ୍ଥିତ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

ବର୍ଷେ ପୂର୍ବେ ଫାର୍ମାସିଷ୍ଟ ଶିକ୍ଷା ଅର୍ଜନ କରି ମଧ୍ୟ ରାଇରଙ୍ଗପୁର ସବ୍‌ଡିଭିଜନର ବହୁ ଆଦିବାସୀ ଛାତ୍ରୀଛାତ୍ର ଅଦ୍ୟାବଧୀ ସାର୍ଟିଫିକେଟ ପାଇ ପାରି ନାହାନ୍ତି। ସେମାନଙ୍କ ଦାବି ପୂରଣ ନେଇ ଗୁରୁବାର ମାସା ପକ୍ଷରୁ ରାଇରଙ୍ଗପୁର ବନ୍ଦ ପାଳିତ ହୋଇଛି। ମାସାର ଏହି ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନକୁ ରାଇରଙ୍ଗପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲା। ଏହି ଆନ୍ଦୋଳନ ଯୋଗୁ ରାଇରଙ୍ଗପୁର ଅଞ୍ଚଳର ସମସ୍ତ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ସମୂହ, ଶିକ୍ଷାନୁଷ୍ଠାନ ସମେତ ବ୍ୟବସାୟୀ ଅନୁଷ୍ଠାନ ବନ୍ଦ ହୋଇଥିଲା। ଏହା ପ୍ରଭାବରେ ଯାତ୍ରୀବାହୀ ବସ୍ ଏବଂ ବିଭିନ୍ନ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଉକ୍ତ ବନ୍ଦ ପାଳନରେ ମାସା ସଙ୍ଗଠନର ରାଜ୍ୟ ସମ୍ପାଦକ ଶୁକୁଲାଲ ମାରାଣ୍ଡି, ମହେଶ ମାରାଣ୍ଡି, ଅଇଁଠୁ ଟୁଡୁ ଏବଂ ରାମ ମୁର୍ମୁଙ୍କ ସମେତ ଶତାଧିକ ଆଦିବାସୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

■ବନ୍ଦ ରହିଲା ସରକାରୀ, ବେସରକାରୀ କାର୍ଯ୍ୟାଳୟ

■ଯାନବାହନ ଚଳାଚଳ ବାଧାପ୍ରାପ୍ତ, ଲୋକେ ହଇରାଣ

ରାଇରଙ୍ଗପୁର ଆଇଟିଡିଏସ୍ ସଂସ୍ଥା ମାଧ୍ୟମରେ ରାଇରଙ୍ଗପୁର ସବ୍‌ଡିଭିଜନର ମୋଟ ୨୯ ଜଣ ଛାତ୍ରୀଛାତ୍ର ଭୁବନେଶ୍ୱରସ୍ଥିତ ବେସରକାରୀ ଶିକ୍ଷାନୁଷ୍ଠାନରେ ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ଓ ଫାର୍ମାସିଷ୍ଟ ପଢିଥିଲେ। ମାତ୍ର ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ ଦିଗରେ ସମ୍ପୃକ୍ତ ରାଇରଙ୍ଗପୁର ଆଇଟିଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ଉତ୍ୟକ୍ତ ଛାତ୍ରୀଛାତ୍ର ୧୫ଦିନ ହେବ ସ୍ଥାନୀୟ ଆଇଡିଏ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରଖିଛନ୍ତି।

---

■ ପାଣି ଘେରରେ ନିର୍ମାଣାଧୀନ ଜିଲା ଜଜ୍ କୋର୍ଟ କୋଠା

## ମାଜିଷ୍ଟ୍ରେଟଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ଲାଗି ଆବେଦନ

**ଭଦ୍ରକ ଅଫିସ,୬।୯**

ଭଦ୍ରକ ସହର ଉପକଣ୍ଠ ନଳାଙ୍ଗ ଗ୍ରାମରେ ନିର୍ମାଣାଧୀନ ଜିଲା ଜଜ୍ କୋର୍ଟର କୋଠାଘର ନିକଟବର୍ତ୍ତୀ କପାଳୀ ନଦୀ ବନ୍ୟାଜଳ ଘେରରେ ରହିଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ପ୍ରକାଶ ପାଇବା ପରେ ଜିଲା ଜଜ୍ କୋର୍ଟ କୋଠାର ସ୍ଥିତି ଓ ଏହାର ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପୂର୍ବରୁ ଏହି ସ୍ଥାନରେ କୋଠା ନିର୍ମାଣକୁ ନେଇ ବିବାଦ ଦେଖାଦେଇଥିଲା। ସବୁଜ ବଳୟ ପରିସୀମା ମଧ୍ୟରେ ବେଆଇନ ଭାବେ ଉକ୍ତ କୋଠା ନିର୍ମାଣ କରାଯାଉଥିବା ଦର୍ଶାଇ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସକାଶେ ସ୍ଥାନୀୟ ସ୍ୱେଚ୍ଛାସେବୀ ମହିଳା କଳ୍ପନା ମଲିକ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଆବେଦନ କରିଥିଲେ। ତଦନୁଯାୟୀ ୨୦୧୭ରେ ଟ୍ରିବ୍ୟୁନାଲ ୧ ମାସ ମଧ୍ୟରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ପ୍ରଶାସନ କାମ ଚାଲୁ ରଖିବାରୁ ପରେ ଏନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଆଇନର ଧାରା ୩୦(୧) (ଖ)ରେ କୋର୍ଟ ଅବମାନନା ମାମଲା ଭଦ୍ରକ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଏର କରାଯାଇଥିଲା, ଯାହାକି ଏବେ ବିଚାରାଧୀନ ରହିଛି। ଏବେ ଲଗାଣ ବର୍ଷାରେ ନିର୍ମାଣାଧୀନ କୋଠା ବନ୍ୟାପାଣିରେ ଉବୁଟୁବୁ ହେବା ପରେ ଭବିଷ୍ୟତରେ ଏଠାରେ କିଭଳି କୋର୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ତାହା ଚିନ୍ତା ବଢ଼ାଇଛି। ଏହି ପରିପ୍ରେକ୍ଷୀରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯିବା ସକାଶେ ଅଭିଯୋଗକାରୀ କଳ୍ପନା ଗୁରୁବାର ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୩୧୦ରେ ଦରଖାସ୍ତ କରିଥିବା ଜଣାଯାଇଛି।

### ଅବସରପ୍ରାପ୍ତ ସୁବେଦାର ମେଜର ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକ

**ଆରଡ଼ି,୬।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ କୁଳେଇପଦା ଗାଁର ଭାରତୀୟ ସ୍ଥଳ ସେନା ବାହିନୀର ଅବସରପ୍ରାପ୍ତ ସୁବେଦାର ମେଜର ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ଭାରତୀୟ ସେନାରେ କାର୍ଯ୍ୟରତ ଥିବାବେଳେ ୧୯୭୧ରେ ସଂଗଠିତ ଭାରତ ପାକିସ୍ତାନ ଯୁଦ୍ଧର ସମ୍ମୁଖୀନ ହୋଇ ନିଷ୍ଠାର ସହ ଶତ୍ରୁପକ୍ଷଙ୍କୁ ଟକ୍କର ଦେଇଥିଲେ। ଏଥିଲାଗି ସେ ୧୯୭୮, ୧୯୮୨ ରେ ପୁରସ୍କୃତ ହୋଇଥିଲେ। ଅବସର ନେବା ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।

---

## ଛାତ୍ରୀଙ୍କୁ ଅସଦାଚରଣ, ୨ ଶିକ୍ଷକଙ୍କ ବିରୋଧରେ ମାମଲା

**କପ୍ତିପଦା,୬।୯(ଡି.ଏନ.ଏ)**

ଗୁରୁ ଦିବସ ଅବସରରେ ବୁଧୁବାର ଚାରିଆଡେ ଗୁରୁଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ହେଲେ ଏହି ସମୟରେ କପ୍ତିପଦା ବ୍ଲକ୍ ଶରତ ଥାନା ଅଧିନ ଏକ ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ଦେହରେ ଲାଗିଛି କଳଙ୍କର ଛିଟା । ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ବିରୋଧରେ ମାମଲା (ନଂ -୩୮/୧୮) ରୁଜୁ ହୋଇଛି । ଅଭିଯୁକ୍ତ ଶିକ୍ଷକଦ୍ୱୟ କେତେକ ଛାତ୍ରୀଙ୍କୁ ପାଠ ପଢା ଓ ଖାତା ଦେଖା ବାହାନାରେ ବାରମ୍ବାର ଅସଦାଚରଣ କରି ଆସୁଥିଲେ । ଛାତ୍ରୀମାନେ ଏ ସଂକ୍ରାନ୍ତରେ ସିଆରସିସି ଦାୟିତ୍ୱରେ ଥିବା ସନ୍ତୋଷ କୁମାର ବେହେରାଙ୍କୁ ଅବଗତ କରି କୌଣସି ସୁଫଳ ପାଇ ନ ଥିଲେ । ଏଥିରେ ଅତିଷ୍ଠ ହୋଇ ସ୍କୁଲର ୫ ଛାତ୍ରୀ ବିଦ୍ୟାଳୟକୁ ଯାଉ ନ ଥିଲେ । ଘରେ ବାରମ୍ବାର ବିଦ୍ୟାଳୟ ଯିବା ପାଇଁ ତାଗିଦ କରିବାରୁ ଘଟଣା ପଦାକୁ ଆସିଥିଲା । ଏହା ପରେ ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଗ୍ରାମରେ ଗତ ୨୯ ଅଗଷ୍ଟରେ ଏକ ବୈଠକ ବସିଥିଲା । ମାତ୍ର ବୈଠକରେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ଛାତ୍ରୀମାନେ ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରୀ ରହିଥିବା ଥାନାଧିକାରୀ ଘନଶ୍ୟାମ ମଲିକ୍ କହିଛନ୍ତି।

## ଶିଶୁ କବିତା ଉନ୍ମୋଚିତ

**ବାରିପଦା ଅଫିସ,୬।୯**

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ମହାବିଦ୍ୟାଳୟର ଶିକ୍ଷକ ତଥା ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ରଙ୍କ ଲିଖିତ ଶିଶୁ କବିତା ସଙ୍କଳନ 'ଶିଶୁ-ମୋ ଦେଶର' ଉନ୍ମୋଚିତ ହୋଇଯାଇଛି। ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ଆୟୋଜିତ ଏହି ଉନ୍ମୋଚନ ସଭାରେ ମଞ୍ଚ ସଭାପତି ଡ. ସରୋଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌କେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଡ. ଶଶିଧର ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। ଶିକ୍ଷକ ଅତୁଲ କୁମାର ପରିଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଉପେନ୍ଦ୍ରନାଥ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମୂଲ୍ୟ କୁମ୍ଭକାର ଧନ୍ୟବାଦ ଦେଇଥିଲେ। ୨୭ଟି କବିତା ଏହି ପୁସ୍ତକରେ ସ୍ଥାନିତ ହୋଇଛି।



ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

## ବୈତରଣୀରେ ଜଳସ୍ତର ବଢୁଛି

**କୋଲିମାଟି, ୬।୯**

ଆନନ୍ଦପୁର ଦେଇ ଯାଇଥିବା ବୈତରଣୀର ଜଳସ୍ତର ବଢ଼ିବାରେ ଲାଗିଛି। ନଦୀରେ ଲଘୁଚାପ ଜନିତ ବର୍ଷା ପାଣି ଆସିଥିବାରୁ ଡଙ୍ଗା ଚଳାଚଳା ବନ୍ଦ ରହିଛି। କୁମ୍ଭଡ଼ ନଦୀ ଘାଟରେ ମଧ ଡଙ୍ଗା ଚାଲିବା ବନ୍ଦ ରହିଛି। ଡଙ୍ଗା ଉପରେ ନିର୍ଭର କରି ଚଳିଥିବା ବୁଢୀକୁଦ ପଞ୍ଚାୟତର ଲୋକେ ଅସୁବିଧା ଭୋଗିଛନ୍ତି। ସ୍କୁଲକଲେଜ ଛାତ୍ରୀଛାତ୍ରଙ୍କ ପାଠପଢ ବନ୍ଦ ହୋଇଯାଇଛି। କୁମ୍ଭଡ଼-ବୁଢୀକୁଦ ମଝିରେ ନୂତନ ସେତୁ ପାଇଁ ଲୋକେ ଅନେକ ଥର ସରକାରଙ୍କ ପାଖରେ ଦରଖାସ୍ତ କରିଛନ୍ତି। ନୂତନ ସେତୁ ନିର୍ମାଣ ପାଇଁ ବୁଢୀକୁଦ ପଞ୍ଚାୟତବାସୀ ଦାବି କରିଛନ୍ତି।

---

## କେନ୍ଦୁଝର

### ନାରାୟଣ ନନ୍ଦ ସ୍ମୃତି କମିଟିର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୬।୯(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ହାଇସ୍କୁଲ ପରିସରରେ ନାରାୟଣ ନନ୍ଦ ସ୍ମୃତି କମିଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ବେଦପାଠ ସହିତ ଗୁରୁ ବନ୍ଦନା କରିଥିଲେ। କମିଟିର ସଭାପତି ହରିହର ନାଥ ଓ ସମ୍ପାଦକ ମନିନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଫକୀରପୁର ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ କୁଙ୍କୁମ ରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର କର, ପ୍ରାକ୍ତନ ଶିକ୍ଷକ ମୁରଲୀଧର ପଣ୍ଡା, ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନରୋତମ ଦାସ ଓ ପ୍ରକୃତି ମିତ୍ର ବୈଲୋଚନ ସୁତାରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ବରିଷ୍ଠ କବି ତଥା ପୂରାତନ ଛାତ୍ର ରାମଚନ୍ଦ୍ର ସୁର ଅତିଥି ପରିଚୟ ପ୍ରଦାନ କରିବା ସହିତ ହାଇସ୍କୁଲ ସମୟର ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟର ୧୩ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ନାରାୟଣ ନନ୍ଦ ସ୍ମୃତି କମିଟି ପୁରସ୍କାର, ଗୁରୁ କାର୍ତ୍ତିକେଶ୍ୱର ପଣ୍ଡା ସ୍ମୃତି ସମ୍ମାନ, ସାଇ ଯୁଧିଷ୍ଠିର ଆଧ୍ୟାତ୍ମିକ ପୁରସ୍କାର, ହରିହର ମହାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କମିଟି ପକ୍ଷରୁ ଗୁରୁ ନନ୍ଦଙ୍କ ଜୀବନୀ ସମ୍ପର୍କିତ ଏକ ସ୍ମରଣିକା ପ୍ରକାଶ କରାଯିବା ନିମନ୍ତେ ପ୍ରସ୍ତାବ ସ୍ଥିରିକୃତ ହୋଇଥିଲା। କାର୍ଯ୍ୟକ୍ରମକୁ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

### ପାଣି ଘେରରେ ପତଳା ଏନଏମ କେନ୍ଦ୍ର

**ଚମ୍ପୁଆ, ୬।୯(ଡି.ଏନ.ଏ.)**

ଲଗାଣ ବର୍ଷାରେ ଚମ୍ପୁଆ ବ୍ଲକ ପତଳା ଏନଏମ ସେଣ୍ଟର ପାଣି ଘେରରେ ରହିଛି। ସେଣ୍ଟର ଉପରେ ନିର୍ଭର କରୁଥିବା ଗ୍ରାମବାସୀ ହଇରାଣ ହେଉଛନ୍ତି। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କେନ୍ଦ୍ରରେ ଆଣ୍ଠୁଏ ପାଣି ଜମି ରହିଛି। ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରଜିଆ, ପତଳା, ଚତରି ସାହି ଆଦି ଗ୍ରାମର ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରି ଆସୁଛନ୍ତି। ପ୍ରାୟ ୫ ହଜାର ଲୋକ ନିର୍ଭର କରୁଥିବା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟେକ ବର୍ଷ ପାଣି ଜମି ରହୁଥିଲେ ହେଁ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଏ ନେଇ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଯୋଗାଯୋଗ କରିବାରୁ ବିଭାଗ ସହ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଯାଇଛି।

### ମହରମ ପାଇଁ ସମନ୍ୱୟ କମିଟି ବୈଠକ

**ଭଦ୍ରକ ଅଫିସ,୬।୯**


ଭଦ୍ରକରେ ମହରମ ପର୍ବ ପାଳନ ପାଇଁ ବୁଧବାର ସମନ୍ୱୟ କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଅଧକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ ପଣ୍ଡିତ ରାଜେଶ ଉତ୍ତର ରାଓ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଚଉଦମହଲା ମୁସ୍‌ଲିମ ଜମାତର ସଭାପତି ମହମ୍ମଦ ଅବଦୁଲ ବାରୀଙ୍କ ସମେତ ଚଉଦ ମହଲା କମିଟି ସଦସ୍ୟ, ସମନ୍ୱୟ କମିଟି ପକ୍ଷରୁ ପବନ ବାଗଡିଆ, ବିଦ୍ୟାଧର ସାହୁ, ଆଇନଜୀବୀ ଅତିଶ ବେହେରା, ସୁଧାକର ରାଉତ, କୈଳାସ ଚନ୍ଦ୍ର ସାହୁ, ନରେଶ କୁମାର ଗୁପ୍ତା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୦ କିମ୍ବା ୨୧ ତାରିଖରେ ମହରମ ପର୍ବ ପାଳନ କରାଯିବ। ଜିଲାରେ ଶାନ୍ତିଶୃଙ୍ଖଳାର ସହ ଏହି ପର୍ବ ପାଳନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଚଳିତବର୍ଷ ବିଭିନ୍ନ ସାହି ବସ୍ତିରୁ ୩୫ ତାଜିଆ ଶୋଭାଯାତ୍ରା ଏଥିରେ ସାମିଲ ହେବ। ପାରମ୍ପରିକ ରୀତିନୀତି ଅନୁସାରେ ଧିର ଶବ୍ଦରେ ତାଜିଆ ଶୋଭାଯାତ୍ରା ରାତ୍ର ୧୦ଟା ପୂର୍ବରୁ ଶେଷ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଡିଜେ ବାଜିବା ଉପରେ କଟକଣା ଜାରି କରାଯାଇଛି। ସେହିପରି ସହରରେ ରାସ୍ତାକୁ ପାର କରାଯାଇ ତୋରଣ କିମ୍ବା ହୋର୍ଡିଂ ଲଗାଯାଇପାରିବ ନାହିଁ। ସୋସିଆଲ ମିଡିଆ ଉପରେ କଟକଣା ଜାରି କରାଯାଇଛି। ଶେଷରେ ଡେପୁଟୀ କଲେକ୍ଟର ଜୁଡିସିଆଲ ପଦ୍ମନ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ଜଣେ ମୃତ, ୨ ଗୁରୁତର

**ତିହିଡ଼ି, ୬।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାରୋ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ପଞ୍ଚାୟତର ଦହପାଣିଆ ଗ୍ରାମର ସନ୍ତୋଷ ମଲିକ ଘରେ ଥିବା ବେଳେ ତାଙ୍କୁ ସାପ କାମୁଡ଼ିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସେହିପରି ଗୁରୁବାର ବାରୋ ଗ୍ରାମର କାର୍ତ୍ତିକ ସାହୁ ଓ ସାଗର ନାୟକ ନାମକ ୨ ଜଣ ଯୁବକ ସାପ କାମୁଡ଼ାରେ ଆହତ ହୋଇଛନ୍ତି । ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

---



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ଅଧିକାଂଶ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୨୩.୨ |
| ଚାନ୍ଦବାଲି | ୨୫.୮ | ୨୩.୬ |
| କଟକ | ୨୬.୪ | ୨୨.୫ |
| ପାରାଦ୍ୱୀପ | ୨୬.୫ | ୨୨.୫ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୨୭.୯ | ୨୫.୦ |
| ପୁରୀ | ୨୭.୫ | ୨୪.୩ |
| ଅନୁଗୋଳ | ୨୯.୧ | ୨୬.୧ |
| ବାରିପଦା | ୨୭.୦ | ୨୫.୦ |
| ଝାରସୁଗୁଡ଼ା | ୩୦.୨ | ୨୪.୮ |
| କେନ୍ଦୁଝର | ୨୫.୬ | ୨୨.୬ |
| ସମ୍ବଲପୁର | ୩୦.୪ | ୨୧.୫ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୧ | ୨୦.୨ |
| ତାଳଚେର | ୩୦.୧ | ୨୪.୬ |
| ଭବାନୀପାଟଣା | ୨୫.୫ | ୨୩.୦ |
| ବଲାଙ୍ଗୀର | ୨୬.୬ | ୨୩.୫ |
| କୋରାପୁଟ | ୨୨.୦ | ୧୮.୬ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୨୭.୦ | ୨୦.୫ |
| ମାଲକାନଗିରି | ୨୯.୦ | ୨୪.୮ |
| ସୋନପୁର | ୨୬.୪ | ୨୨.୨ |
| ଦାରିଙ୍ଗିବାଡ଼ି | ୨୧.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

---

■ ବାଲିପୋଖରୀ ହତ୍ୟାକାଣ୍ଡ

## ଛାଡୁନି ଗିରଫ ଭୟ

**ବନ୍ତ,୬।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ବାଲିପୋଖରୀ ବଜାରରେ ଘଟିଥିବା ହତ୍ୟାକାଣ୍ଡକୁ ୭ ଦିନ ବିତିଗଲାଣି। ୧୧ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିସାରିଲାଣି। ତଥାପି ସ୍ଥାନୀୟ ଲୋକଙ୍କ ମନରୁ ଭୟ ଦୂର ହୋଇନି। ପୋଲିସ ଗାଡି ଦେଖି ଲୋକେ ଭୟଭୀତ ହୋଇଯାଉଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ରାତିଦିନ ପଇଁତରା ମାରୁଥିବା ବେଳେ ଅଭିଯୁକ୍ତ ମାନେ ଘର ଛାଡି ଅନ୍ୟତ୍ର ଆତ୍ମଗୋପନ କରିଛନ୍ତି। ଗିରଫ ଭୟରେ ଗାଁ ଏବେ ପୁରୁଷଶୂନ୍ୟ। ଏପଟେ ହତ୍ୟା କରାଯାଇଥିବା ଯୁବକ ମୂରଲୀ ଯେନା ଶାସକ ଦଳର ଜଣେ ଆଗଧାଡିର କର୍ମୀ। ତାଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ଶାସକ ଦଳ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯୋରଦାର ଦାବି ହେଉଛି। ସ୍ଥାନୀୟ ବିଧାୟକ ତଥା ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତେଲନଟି ଗ୍ରାମକୁ ଯାଇ ମୃତ ମୁରଲୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଧାମନଗର ଏସଡିପିଓ ଆଗରପଡା ଥାନାଧିକାରୀଙ୍କ ପାଖରେ ଦାବି କରିଛନ୍ତି। ହତ୍ୟାକାଣ୍ଡ ଦିନ ଆଗରପଡା ଥାନାଧିକାରୀ ଅନୁପସ୍ଥିତ ଥିବା ବେଳେ ପର ଦିନ ଥାନାରେ ପହଞ୍ଚି ଧରପଗଡ ଆରମ୍ଭ କରିଥିଲେ। ଶୁକ୍ରବାର ରାତିରେ ୩ ଜଣ ଓ ଶନିବାର ରାତିରେ ଜଣଙ୍କୁ ମିଶାଇ ଏପର୍ଯ୍ୟନ୍ତ ମୋଟ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ସୂଚନା ଯୋଗ୍ୟ ଗୁରୁବାର ରାତିରେ ବାଲିପୋଖରୀ ବଜାରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉକ୍ତ ରାତିରେ ମୂରଲୀଙ୍କୁ ହତ୍ୟା କରି ବଜାରର କାଳୀମଣ୍ଡପ ପଛ ପଟେ ତାଙ୍କ ମୃତ ଦେହକୁ ଫିଙ୍ଗି ଦେଇଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ସେଠାରେ ପଡିଥିବା ଲୋକେ ଦେଖିଥିଲେ। ଏନେଇ ମୂରଲୀଙ୍କ ଭାଇ ସୀତାକାନ୍ତଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୦୪/୧୮) ରୁଜୁ ହୋଇଛି।



ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ

# ଦଫା ୩୭୭: ବିବାଦ, ବିତର୍କର ଅବସାନ

**ସମଲିଙ୍ଗୀ ସମ୍ପର୍କ ନେଇ ଆଇପିସି ଦଫା ୩୭୭ରେ ଥିବା ଅପରାଧ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ଗୁରୁବାର ପରିବର୍ତ୍ତନ ଆଣିଛନ୍ତି। ସ୍ୱଇଚ୍ଛାରେ ଦୁଇ ପ୍ରାପ୍ତବୟସ୍କ ଯଦି ସମଲିଙ୍ଗୀ ଯୌନ ସମ୍ପର୍କ ରକ୍ଷା କରନ୍ତି ତେବେ ତାହା ଅପରାଧଭୁକ୍ତ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। ଫଳରେ ସମଲିଙ୍ଗୀ ଜୀବନଯାପନ କରୁଥିବା ବ୍ୟକ୍ତି ସେମାନଙ୍କ ଜୀବନକୁ ନିଜ ଇଚ୍ଛା ଅନୁସାରେ ଉପଭୋଗ କରିବାର ସ୍ୱାଧୀନତା ମିଳିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରକ୍ଷଣଶୀଳ ମନୋଭାବ ରଖୁଥିବା କେତେକେ ଏହି ରାୟକୁ ପ୍ରକୃତି ବିରୋଧୀ ଚିନ୍ତାଧାରା କହି ନାପସନ୍ଦ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଦ୍ୟ ରାୟକୁ ନେଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ନିଆଯାଇଥିବା ମତକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ଉପସ୍ଥାପନା...**



---



“ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ରାୟ ଦେବା ସହ ଭାରତୀୟ ଦଣ୍ଡ ସଂହିତାର ୩୭୭ ଧାରାକୁ ଉଚ୍ଛେଦ କରିଛନ୍ତି। ତେବେ ସାଧାରଣ ମଣିଷର ପ୍ରକୃତି ବିରୋଧରେ କିଛି ବି କଲେ ତାହାକୁ ଅପରାଧ ବୋଲି ବିବେଚନା କରାଯାଏ। ଯଦି ସହମତି ଭିତିରେ ସମଲିଙ୍ଗୀ ସମ୍ପର୍କ ରହୁଛି ତେବେ ତାହା ଅପରାଧ ନୁହେଁ। ସୁପ୍ରିମକୋର୍ଟ ମଧ ଏହି ବିଚାର ଆଧାରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ରାୟକୁ ସମାଜର ସବୁ ସ୍ତରର ବ୍ୟକ୍ତି ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ ବୋଲି ମୋର ଆଶା।

**- ଏ.ଏସ୍. ନାଇଡୁ**
ଅବସରପ୍ରାପ୍ତ ବିଚାରପତି, ଓଡ଼ିଶା ହାଇକୋର୍ଟ

---



“ ବିଳମ୍ବ ହେଉ ପଛେ ସମଲିଙ୍ଗୀଙ୍କୁ ସେମାନଙ୍କ ଅଧିକାର ମିଳିଲା। ସେମାନଙ୍କ ସମ୍ପର୍କକୁ ବିରୋଧ କରୁଥିବା ଲୋକେ ଜାଣିବା ଦରକାର ଭାରତୀୟ କାମସୂତ୍ରରେ ମଧ ସମଲିଙ୍ଗୀ ସମ୍ପର୍କ ଉଲ୍ଲେଖ ରହିଛି। ସମଲିଙ୍ଗୀଙ୍କୁ ଦେଖି କେହି ସମଲିଙ୍ଗୀ ହୋଇଯିବେ ନାହିଁ କିମ୍ବା ଏମାନଙ୍କ ସମ୍ପର୍କ ଉପରେ କଟକଣା ଲଗାଇଲେ ସେମାନେ ଯେ ଅନ୍ୟ ଲିଙ୍ଗ ପ୍ରତି ଆକର୍ଷିତ ହେବେ ତାହା ସମ୍ଭବ ନୁହେଁ। କାହିଁକି ନା ଏହା ତାଙ୍କର ଜନ୍ମଗତ ପ୍ରକୃତି।

**- ମନସ୍ତତ୍ତ୍ୱବିତ୍ ପ୍ରଫେସର ସଙ୍ଗୀତା ରଥ**
ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

---



“ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ୩୭୭ ଧାରା ରଦ୍ଦ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବାଦାନୁବାଦର ଅବସାନ ଘଟିଛି। ୧୮୩୦ ମସିହାରେ ଗଢା ଯାଇଥିବା ଏହି ଆଇନ ସମଲିଙ୍ଗୀ ବ୍ୟକ୍ତିଙ୍କ ମୌଳିକ ଅଧିକାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ସହମତି ଭିତ୍ତିରେ ସମଲିଙ୍ଗୀ ସମ୍ପର୍କକୁ ସାମାଜିକ ବ୍ୟାଧି କି ଅପରାଧ କୁହାଯାଇପାରିବ ନାହିଁ। ଏହା ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

**- ଲମ୍ବୋଦର ନାୟକ**
ଆଇନଜୀବୀ, ବାଲେଶ୍ୱର

---



“ ସୁପ୍ରିମକୋର୍ଟଙ୍କର ରାୟ ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି ଲୁଚାଛପାରେ ଯାହା ଚାଲିଥିଲା ତାହାକୁ ଏବେ ମିଳିଛି ଆଇନଗତ ସ୍ୱୀକୃତି। କାହାରି ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁର୍ଣ୍ଣ ନ ହେଉ ଏବଂ ବାସ୍ତବତାକୁ ସମାଜ ଗ୍ରହଣ କରୁ ସୁପ୍ରିମକୋର୍ଟଙ୍କ ରାୟ ଏହାକୁ ସୂଚିତ କରୁଛି। ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ପାଶ୍ଚାତ୍ୟ ଦେଶର ସଭ୍ୟତାର ଅନୁକରଣ ବୋଲି ଯାହା କୁହାଯାଉଥିଲା ତାହାର ଅନ୍ତ ଘଟିଛି।

**- ସୁବ୍ରତ କର**
ପୂର୍ବତନ ଲୋକପାଳ, ବାଲେଶ୍ୱର

---



“ ନିଜ ଆବଶ୍ୟକତାକୁ ନେଇ ସମାଜରେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି। ସମଲିଙ୍ଗୀ ସମ୍ପର୍କ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟ ଏହା ପ୍ରତିପାଦିତ କରିଛି। ମୁଁ ଏହାକୁ ସ୍ୱାଗତ କରୁଛି। ସହମତି ଭିତ୍ତିରେ ଦୁଇ ସାବାଳକ ବା ସାବାଳିକାଙ୍କ ଭିତରେ ଯୌନ ସମ୍ପର୍କ ଅପରାଧ ନୁହେଁ। ଏ ସମ୍ପର୍କରେ ପୂର୍ବ ପ୍ରଚଳିତ ଆଇନରେ ପରିବର୍ତ୍ତନ ଆବଶ୍ୟକ ଥିଲା।

**- ଶୋଭାରାଣୀ ମହାନ୍ତ**
ଇଟାମୁଣ୍ଡିଆ , ବାରିପଦା

---



“ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆମ ସମାଜ ପୂର୍ବରୁ କେବେ ସ୍ୱୀକୃତି ଦେଇନାହିଁ। ଆଧୁନିକ ସମାଜ ବ୍ୟବସ୍ଥାରେ ଏ ସଂକ୍ରାନ୍ତରେ ପୁରୁଣା ଆଇନକୁ ଉଚ୍ଛେଦ କରାଯିବା ସପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟର ଅଧିକ ତର୍ଜମା ହେବା ଦରକାର। ପୂର୍ବରୁ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହେଲେ ୩୭୭ ଧାରାରେ ଆଜୀବନ କାରାଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା। ପରିବର୍ତ୍ତିତ ସ୍ଥିତିରେ ସମାଜ ଜୀବନ ଉପରେ ଏହାର ପ୍ରଭାବକୁ ଅନୁଧ୍ୟାନ କରାଯିବା ଜରୁରୀ ମନେ ହୁଏ।

**- ଚିତ୍ତରଞ୍ଜନ ମହାନ୍ତ**
ମହୁଲିଆ, ବାରିପଦା

---



“ ସମଲିଙ୍ଗୀ ଯୌନ ସମ୍ପର୍କକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସମଲିଙ୍ଗୀମାନେ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲେ। କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ଆମେ ଗୁରୁବାର ବେଶ୍ ଖୁସି ମନାଇଲୁ। ଏଥିରୁ କୋର୍ଟ ଆମ ପ୍ରତି ଗୁରୁତ୍ୱ ଦେଉଥିବା ପ୍ରମାଣିତ ହୋଇଛି।

**- ସୋନାଲି ଦାସ**
ଅର୍ଦ୍ଧ ନାରୀଶ୍ୱର କିନ୍ନର ମହାସଂଘ ସଭାପତି, ଭଦ୍ରକ

---



“ ସମଲିଙ୍ଗୀ ବ୍ୟକ୍ତିମାନେ ପରସ୍ପର ମିଳାମିଶା କରି ଚଳିବା ପାଇଁ ଦୀର୍ଘଦିନରୁ ଦାବି କରିଆସୁଥିଲେ। ପୂର୍ବରୁ ପ୍ରଚଳିତ ଥିବା ଆଇନ ଏଥିରେ ବାଧା ସୃଷ୍ଟି କରୁଥିଲା। ବ୍ରିଟିଶ ସମୟରୁ ପ୍ରଚଳିତ ଦଫା ୩୭୭କୁ ସର୍ବୋଚ୍ଚ ନ୍ୟାୟଳୟ ଅସାମ୍ବିଧାନିକ ବୋଲି ଘୋଷଣା କରି ସାମାଜିକ ବାସନ୍ଦର ଶିକାର ହେଉଥିବା ସମଲିଙ୍ଗୀ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି।

**- ଗଦାଧର ବଳ**
ଭଦ୍ରକ ଜିଲା ଓକିଲ ସଂଘ ସମ୍ପାଦକ, ଭଦ୍ରକ

---



“ ଶୃଙ୍ଖଳିତ ସମାଜ ପାଇଁ ଠିକ ହେଲା ନାହିଁ। ଭାରତୀୟ ସଂସ୍କୃତିରେ ସ୍ତ୍ରୀପୁରୁଷ ମଧରେ ସମ୍ପର୍କର ସ୍ଥାନରେ ବହୁ ଉଚ୍ଚରେ। ନାରୀ ନାରୀ ମଧରେ ଓ ପୁରୁଷ ପୁରୁଷ ମଧରେ ବିବାହ କଳ୍ପନାର ବାହାରେ। ସମାଜକୁ ଭାଙ୍ଗି ଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ଯାହା ଦ୍ୱାରା ଆଗାମୀ ଦିନରେ ସମାଜର ବହୁତ କ୍ଷତି ହେବ ଆଶଙ୍କା ରହୁଛି।

**- ନିମାଇଁ ଚରଣ ଦାସ**
ବରିଷ୍ଠ ଆଇନଜୀବୀ, କେନ୍ଦୁଝର

---



“ ସମସ୍ତଙ୍କ ବଞ୍ଚିବାର ଶୈଳୀରେ ସ୍ୱାଧୀନତା ଦିଆଯାଇପାରେ। କିନ୍ତୁ ସାମାଜିକ ପରମ୍ପରାରେ ମଧ ବିଭ୍ରାଟ ନ ଆସେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ସ୍ୱାଧୀନତା ପାଇଁ ପରମ୍ପରା ଓ ସମାଜକୁ କ୍ଷତି କରା ନ ଯାଉ।

**- ଡ. ବିମ୍ବାଧର ବେହେରା**
ଅବସରପ୍ରାପ୍ତ ପ୍ରାଧାପକ ତଥା ସାହିତ୍ୟିକ, କେନ୍ଦୁଝର

---



“ ଏହି ଆଇନ ଆମ ସଂସ୍କୃତି ଉପରେ ପରିବେଷ୍ଟିତ ଥିଲା। ସୁପ୍ରିମକୋର୍ଟ ବହୁ ତର୍ଜମା କରି ଏହା ଉପରେ ମତ ଦେଇଛନ୍ତି। ତାହାକୁ ଆମେ ନିଶ୍ଚିତ ସ୍ୱାଗତ କରିବା। ସମାଜକୁ ନେଇ ଆଇନ ତିଆରି ହୁଏ। ସାମାଜିକ ଚଳଣି ଏବଂ ସାମାଜିକ ଆବଶ୍ୟକତାକୁ ନେଇ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ସମଲିଙ୍ଗୀଙ୍କ ପ୍ରତି ସମାଜରେ ଯେଉଁ ପ୍ରକାର ମନୋଭାବ ଥିଲା, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ।

**- ଶିବ ପ୍ରସାଦ ତ୍ରିପାଠୀ**
ଆଇନଜୀବୀ, ଫୁଲବାଣୀ

---



“ ୩୭୭ ଧାରାର କୌଣସି ଆବଶ୍ୟକତା ନାହିଁ ଏହା ବହୁ ପୂର୍ବରୁ ଉଠିଯିବାର ଥିଲା। ୩୭୭ ଧାରା ବଳରେ ଅନାବଶ୍ୟକ ତଥା ମିଥ୍ୟା ମକଦ୍ଦମାମାନ ରୁଜୁ ହେଉଥିଲା। ଏହି ରାୟ ସରକାରଙ୍କର ସମାଜ ମଙ୍ଗଳ ବିଭାଗ ଏବଂ ଏନଜିଓ ଦ୍ୱାରା ଲୋକଲୋଚନକୁ ଅଣାଗଲେ ଲୋକେ ସଚେତନ ହୋଇପାରିବେ।

**- ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ**
ବରିଷ୍ଠ ଆଇନଜୀବୀ, ବ୍ରହ୍ମପୁର

---



“ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଭିନ୍ନ କ୍ଷେତ୍ରରେ ଏପରି କି, ପରିବାରରେ ମଧ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନଙ୍କ ପଛରେ ଯେଉଁ ଅପରାଧିକ ଟ୍ୟାଗ୍ ଲାଗିଥିଲା, ଏହି ରାୟ ପରେ ତାହା ଆଉ ରହିବ ନାହିଁ।

**- ବିଶ୍ୱଭୂଷଣ ପଟ୍ଟନାୟକ**
ଆସିଷ୍ଟାଣ୍ଟ ଡାଇରେକ୍ଟର, ସାଥୀ

---



“ ମାନ୍ୟବର ସର୍ବୋଚ୍ଚ ଅଦାଲତ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ବହୁ ପୂର୍ବରୁ ନେବାର ଆବଶ୍ୟକତା ଥିଲା। ବିବାହ, ଜାତି, ବର୍ଣ୍ଣ ଓ ଲିଙ୍ଗ ବାବଦରେ ସମାଜର କେତେକ ରୂଢ଼ିବାଦୀ ଲୋକ ଏହାକୁ ବିରୋଧ କରୁଥିଲେ। ବାସ୍ତବରେ ଦେଖିବାକୁ ଗଲେ ବିବାହ ଯେ କେବଳ ବଂଶ ବିସ୍ତାର କରିବା ତାହା ନୁହେଁ ବରଂ ପରସ୍ପର ସୁଖଦୁଃଖର ସାଥୀ ହେବା, ଦୁହେଁ ଦୁହିଁଙ୍କ ପାଇଁ ବଞ୍ଚିବା ବୁଝାଇଥାଏ। ମନର ପରିଭାଷା ବୁଝିପାରୁଥିବା ଲୋକ ମିଶି ରହିଲେ ସମାଜର କ୍ଷତି ହେବନି ବରଂ ମଙ୍ଗଳ ହେବ।

**- ଅଞ୍ଜଳୀ ତ୍ରିପାଠୀ**
ମନସ୍ତତ୍ତ୍ୱବିତ୍ ବିଭାଗ ମୁଖ୍ୟ,
ଅନୁଗୋଳ ମହିଳା ମହାବିଦ୍ୟାଳୟ

---



“ ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଜଣେ ସାବାଳକ ଯଦି ଇଚ୍ଛା ଅନୁଯାୟୀ ସମଲିଙ୍ଗୀ ସହ ବସବାସ କରେ ତାହା ଅପରାଧ ନୁହେଁ। ଉଭୟଙ୍କ ସହମତି ଫଳରେ ସେମାନେ ସ୍ୱାଧୀନ ଭାବେ ବଞ୍ଚିବା ସହ ମାନସିକ ଅଶାନ୍ତିରୁ ମୁକ୍ତ ହୋଇପାରିବେ। ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭ ଉଚ୍ଛେଦ ହେବା ପରେ ସମାଜରେ ଏମାନଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବରେ ନିଶ୍ଚିତ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଏ।

**- ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ**
ବରିଷ୍ଠ ଆଇନଜୀବୀ, ଅନୁଗୋଳ

---



“ ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ନିଶ୍ଚିତ ଭାବେ ଐତିହାସିକ। ଏହାକୁ ସମସ୍ତେ ମାନିବାକୁ ବାଧ। ଭାରତୀୟ ସମ୍ବିଧାନରେ ନାଗରିକଙ୍କୁ ପ୍ରଦତ୍ତ ସ୍ୱାଧୀନତା ଅଧିକାର ସହିତ ଏହାକୁ ସମତୁଲ କରିଛନ୍ତି ଶୀର୍ଷ ନ୍ୟାୟାଳୟ। କିନ୍ତୁ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହା କେତେଦୂର ଗ୍ରହଣଯୋଗ୍ୟ ତାହା ସମୟ କହିବ। ସର୍ବସାଧାରଣ ଲୋକେ ସେମାନଙ୍କ ମନ ପରିବର୍ତ୍ତନ କରି ଏହାକୁ କେମିତି ଆଦରିନେବେ ତାହା ଦେଖିବାକୁ ବାକି ରହିଲା।

**- ଭିକାରି ଚରଣ ରାଉତ**
ଅବସରପ୍ରାପ୍ତ ବିଚାରପତି, ଢେଙ୍କାନାଳ

---



“ ସମଲିଙ୍ଗୀ ସମ୍ପର୍କକୁ ବିଧିସମ୍ମତ କରାଯିବା ସମ୍ପୂର୍ଣ୍ଣ ମାନବଧର୍ମ ବିରୋଧୀ। ଭାରତୀୟ ଶିକ୍ଷା, ସଂସ୍କୃତି ଓ ପରମ୍ପରାର ଏହା ବିରୋଧୀ। ଭାରତୀୟ ଆଇନ ବ୍ୟବସ୍ଥାର ମୂଳ ଆଧାର ହେଉଛି ସଂସ୍କୃତି ଓ ଆଧାତ୍ମିକତା। ସମଲିଙ୍ଗୀ ସମ୍ପର୍କ ସମାଜରେ ଅପସଂସ୍କୃତି, ଅସାମାଜିକ ବାତାବରଣ ସୃଷ୍ଟି କରିବ। ବର୍ତ୍ତମାନ ଯେଉଁ ସାମାଜିକସ୍ଥିତିରେ ଆମେ ପହଞ୍ଚିଛେ, ଯଦି ଏହାକୁ ବିରୋଧ ନ କରିବା ଆମର ଭବିଷ୍ୟତ ପିଢ଼ି ଓ ବଂଶଧର ନିମ୍ନଗାମୀ ହେବେ।

**- ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ**
ଆଇନଜୀବୀ, ଢେଙ୍କାନାଳ

---



“ ସୁପ୍ରିମକୋର୍ଟଙ୍କର ଏହା ଐତିହାସିକ ରାୟ। ଏଲ୍‌ଜିବିଟି କମ୍ୟୁନିଟିକୁ ସମାଜରେ ସମ୍ମାନର ସହ ବଞ୍ଚିବାରେ ଏହା ସହାୟକ ହେବ। ସମଲିଙ୍ଗୀମାନେ ଏବେ ବିନା ବାଧାରେ ଆଗକୁ ବଢ଼ିପାରିବେ। ସବୁ ଦିଗରୁ ଏହାକୁ ସ୍ୱାଗତ କରାଯିବା ଆବଶ୍ୟକ।

**- କେଦାରନାଥ**
ପ୍ରୋଗ୍ରାମ୍ ମ୍ୟାନେଜର, ସାଥୀ

---



“ ସମଲିଙ୍ଗୀ ଯୌନ ସମ୍ପର୍କ ଅପ୍ରାକୃତିକ। ହିନ୍ଦୁ ସଂସ୍କୃତିରେ ଏହାକୁ ବିରୋଧ କରାଯାଇଛି। ଯଦି ସୁପ୍ରିମକୋର୍ଟ ଏହି ସମ୍ପର୍କକୁ ଅନୁମତି ପ୍ରଦାନ କରିଛନ୍ତି ତେବେ ନିଶ୍ଚିତ ଭାବରେ ଏହା ପଛରେ ମହତ୍ ଉଦ୍ଦେଶ୍ୟ ନିହିତ ଥିବ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବାକୁ ବାଧ। କିନ୍ତୁ ଆଗାମୀ ଦିନରେ ଏହା ସମାଜରେ ବିଭ୍ରାନ୍ତି ସୃଷ୍ଟି କରିପାରେ।

**- ନାରାୟଣପ୍ରସାଦ ପତି**
ସଭାପତି, ବ୍ୟାସନଗର ବାର ଆସୋସିଏଶନ

---



“ ସୁପ୍ରିମକୋର୍ଟଙ୍କ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଅନୁମତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେଣୁ ଆମ୍ଭେ ସୁପ୍ରିମକୋର୍ଟକୁ ଧନ୍ୟବାଦ ଦେଉଛୁ। ଆମ୍ଭକୁ ତୃତୀୟ ଲିଙ୍ଗର ମାନ୍ୟତା ଦେବା ପରେ ବି ଆଇପିସିର ଦଫା ୩୭୭ ଲାଗୁ କରି ଶିକୁଳିରେ ବାନ୍ଧି ଦିଆଯାଇଥିଲା ଭଳି ମନେ ହେଉଥିଲା । କିନ୍ତୁ ଏହି ରାୟ ଆମ୍ଭମାନଙ୍କୁ ସ୍ୱାଧୀନତା ଦେଇଛି । ଅନ୍ୟମାନଙ୍କ ଭଳି ଆମେ ପରସ୍ପରକୁ ବିବାହ ବନ୍ଧନରେ ବାନ୍ଧି ହୋଇ ସାମାଜିକ ଜୀବନ ବିତାଇବାକୁ ଆଇନଗତ ଭାବେ ଅନୁମତି ମିଳିଛି ।

**- ଲଭ୍‌ଲି କିନ୍ନର**
ସମ୍ପାଦକ, ଯାଜପୁର ଜିଲା କିନ୍ନର ସଂଘ

---



“ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି। ନିଜ ଇଚ୍ଛାରେ କେହି ସମଲିଙ୍ଗୀ ସମ୍ପର୍କ ରଖିଲେ ଅସୁବିଧା ନାହିଁ। ପରିବାରରେ ସ୍ୱାମୀସ୍ତ୍ରୀ ସମ୍ପର୍କ ମଧ ଭାଙ୍ଗି ଯାଉଛି। ତେଣୁ ସମଲିଙ୍ଗି ସମ୍ପର୍କରେ ମଧ ଫାଟ ସୃଷ୍ଟି ହୋଇପାରେ। ତେଣୁ ଆଇନତଃ ଠିକ ନିଷ୍ପତ୍ତି ହୋଇଛି।

**- ରାଜକିଶୋର ବେହେରା**
ସଭାପତି, ଜିଲା ଓକିଲ ସଂଘ, ଜଗତ୍‌ସିଂହପୁର

---



“ ସମଲିଙ୍ଗୀ ସମ୍ପର୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଦୁର୍ଭାଗ୍ୟଜନକ। ଏହା ଆମ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଆଣିବ। ଏହି ରାୟ ବିଶେଷକରି ସନାତନ ଧର୍ମାବଲମ୍ବୀଙ୍କୁ ଆଘାତ ପହଞ୍ଚାଇବ। ଛୋଟ ପିଲା କ'ଣ ଶିଖିବେ? ଆମେ ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଉଛୁ, ଯାହାକି ଯନ୍ତ୍ରଣାଦାୟକ। ଲୋକଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଏଯାଏ ଦୂର ହୋଇପାରୁନି। ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରିବା କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ।

**- ପ୍ରଦୀପ୍ତ ମିତ୍ର**
ସାମାଜିକ କର୍ମୀ, ଜଗତ୍‌ସିଂହପୁର

---



“ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ସମସ୍ତଙ୍କର ନିଜ ମତକୁ ନେଇ ବଞ୍ଚିବାର ଅଧିକାର ଅଛି। ଯଦି କେହି ସମଲିଙ୍ଗୀ ଭାବେ ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି, ଏଥିରେ ସମାଜ ଅଥବା ଗଣତନ୍ତ୍ରର କୌଣସି କ୍ଷତି ଘଟୁନାହିଁ। ସ୍ୱାଧୀନ ଭାରତରେ ସମସ୍ତଙ୍କର ନୈତିକ ଅଧିକାର ରହିଛି। ନିଜ ଇଚ୍ଛାନୁସାରେ ଜୀବନ ଅତିବାହିତ କରିପାରିବେ। ଏଣୁ ମୁଁ ଏହାକୁ ସ୍ୱାଗତ କରୁଛି।

**- ସୁମିତ୍ରା ଦଳାଇ**
ଛାତ୍ରୀନେତ୍ରୀ, ପୁରୀ

---



“ ଅନ୍ୟମାନଙ୍କ ଭଳି ସମଲିଙ୍ଗୀମାନଙ୍କୁ ବଞ୍ଚିବା ପାଇଁ ଏକ ଆଧାର ମିଳିଗଲା। ଆମେ ସବୁବେଳେ 'ଫ୍ରିଡମ୍ ଅଫ୍ ସ୍ପିଚ୍' ଉପରେ ଗୁରୁତ୍ୱ ଦେଉଥିଲେ। ଏବେ 'ଫ୍ରିଡମ୍ ଅଫ୍ ଲିଭିଙ୍ଗ୍' ପାଇଁ ଏହା ଏକ ବଡ଼ ପଦକ୍ଷେପ। ଯେଉଁମାନେ ସମାଜ ଓ ପରିବାରର ତିରସ୍କାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଏବେ ବଞ୍ଚିବାର ଅଧିକାର ମିଳିଗଲା। ଭଗବାନ ପ୍ରତ୍ୟେକ ମଣିଷକୁ ତିଆରି କରିଛନ୍ତି। ତେଣୁ ସମଲିଙ୍ଗୀମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ସମାଜ ଏବଂ ପରିବାରର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବ।

**- ସଗୁନ୍ ସବ୍ୟସାଚୀ ସତପଥୀ**
ଫ୍ୟାଶନ ଡିଜାଇନର୍ ତଥା ବିଗ୍‌ବସ୍ ଫେମ୍

---



“ ୩୭୭କୁ ଉଚ୍ଛେଦ କରାହେଲା ବୋଲି ଯାହା କୁହାଯାଉଛି, ତାହା ବାସ୍ତବରେ ହୋଇନାହିଁ କେବଳ ସେକ୍ସନ ୩୭୭ର ଏକ ଅଂଶକୁ ଉଚ୍ଛେଦ କରାଗଲା। ୨୦୧୪ରେ ନାଲ୍‌ସା ଜଜ୍‌ମେଣ୍ଟକୁ ୩୭୭ କିଛି ମାତ୍ରାରେ ବାଧା ସୃଷ୍ଟି କରୁଥିଲା। ହେଲେ ଏହି ରାୟ ପରେ ଜଣେ ନିଜକୁ ଖୋଲାଖୋଲି ଭାବେ ସମାଜ ଆଗରେ ପରିଚୟ ଦେଇପାରିବ।

**- ଚନ୍ଦନ କୁମାର ନାୟକ**
ପ୍ରୋଜେକ୍ଟ ମ୍ୟାନେଜର, ସାଥୀ

---



“ ସୁପ୍ରିମକୋର୍ଟଙ୍କ ଏହି ରାୟ ସ୍ୱାଗତଯୋଗ୍ୟ। ଆଇପିସି ଦଫା ୩୭୭ରେ ପରିବର୍ତ୍ତନ ଦ୍ୱାରା ସମଲିଙ୍ଗୀମାନେ ସ୍ୱାଧୀନ ଭାବେ ବଞ୍ଚିପାରିବେ। ଦୁଇ ଜଣ ସ୍ୱଇଚ୍ଛାରେ ସ୍ୱାଧୀନ ଭାବେ ଯୌନସମ୍ପର୍କ ରଖିଲେ ତାହା ଗ୍ରହଣୀୟ। ହେଲେ ଯେଉଁଠାରେ ଇଚ୍ଛା ବିରୋଧରେ ଏହା ହେଉଛି ତାହା ଅଗ୍ରହଣୀୟ ଓ ଆଇନତଃ ଦଣ୍ଡନୀୟ।

**- ଅମିୟ ପଟ୍ଟନାୟକ**
ଜିଲା ବାର୍ ଆସୋସିଏଶନ ସଭାପତି, ନୟାଗଡ଼

---



“ ଏହା ଏକ ସକାରାତ୍ମକ ବିଚାର। ଆମେ ଯେତେବେଳେ ବିଶ୍ୱାୟନରେ ଏକ ହୋଇଛେ ସେଭଳି ସ୍ଥଳେ ରକ୍ଷଣଶୀଳ ମନୋଭାବ ନେଇ ରହିବା ଭଲକଥା ନୁହେଁ। ଆମେ କିନ୍ନର ଓ ବିଭିନ୍ନ ବର୍ଗର ଲୋକଙ୍କୁ ସମାଜରେ ରହିବାକୁ ଦେବା। ଏହି ରାୟ ସ୍ୱାଗତଯୋଗ୍ୟ। ସମାଜର ପ୍ରତି ବ୍ୟକ୍ତି ଏହାକୁ ଭଲ ଦୃଷ୍ଟିରେ ଗ୍ରହଣ କରିବା ଆବଶ୍ୟକ।

**- ପ୍ରୀତିକାନ୍ତ ପଣ୍ଡା**
ଜିଲା ଶିଶୁ ସୁରକ୍ଷା ଅଧିକାରୀ, ନୟାଗଡ଼

---



“ ଯୁଗୋପଯୋଗୀ ଚିନ୍ତାଧାରା ମଣିଷ ଜୀବନଧାରାକୁ ସହଜ କରେ। ବ୍ରିଟିଶ ଶାସନ ସମୟରେ ଲାଗୁ ହୋଇଥିବା ବହୁ ଆଇନର ଇତିମଧରେ ସଂଶୋଧନ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଆଇପିସି ଦଫା ୩୭୭ରେ ସଂଶୋଧନ ଆଣିବା ଦ୍ୱାରା ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବା ସମଲିଙ୍ଗୀ ପୁରୁଷ, ମହିଳା ଓ ତୃତୀୟ ଲିଙ୍ଗୀ ଉପକୃତ ହେବେ। ଏହି ରାୟ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

**- ଦେବଦାସ ମହାନ୍ତି**
କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘ ସଭାପତି

---



“ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମ୍ପୂର୍ଣ୍ଣ ଭିନ୍ନ। ସାମ୍ପ୍ରତିକ ସମୟରେ ଭାରତୀୟ ସଂସ୍କୃତିକୁ ଭୁଲି ଯୁବବର୍ଗ ପାଶ୍ଚାତ୍ୟ ସଂସ୍କୃତି ଆପଣାଉଛନ୍ତି। ଯୌନ ସମ୍ପର୍କ ରକ୍ଷାକୁ ନେଇ ଭାରତୀୟ ସଂସ୍କୃତିରେ ବିଭିନ୍ନ କଟକଣା ଓ ଦୃଷ୍ଟିଭଙ୍ଗୀ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦଫା ୩୭୭ରେ ସଂଶୋଧନ ଆଣିବା ଯୁବବର୍ଗଙ୍କୁ ଆହୁରି ଉଚ୍ଛୃଙ୍ଖଳିତ କରିବ।

**- ଡା. ହୀରାମଣି ବେଉରା**
ତୁଳସୀ ମହିଳା ମହାବିଦ୍ୟାଳୟ ଅଧକ୍ଷା, କେନ୍ଦ୍ରାପଡ଼ା

---



“ ସମଲିଙ୍ଗୀ ଯୌନ ସମ୍ପର୍କ ପ୍ରସଙ୍ଗକୁ ନେଇଦୀର୍ଘ ଦିନ ଧରି ବିତର୍କ ଚାଲିଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଏହା ସମଲିଙ୍ଗୀ ସମ୍ପର୍କକୁ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ନୈତିକ ବିଜୟ ବୋଲି କୁହାଯିବ। ଏହା କୌଣସି ଏକ ଅପରାଧ ନୁହେଁ। ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ।

**- ବିଭୂତି ଭୂଷଣ ତ୍ରିପାଠୀ**
ସମ୍ପାଦକ, ପୁରୀ ବାର ଆସୋସିଏଶନ

---



“ ଭାରତ ଏକ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର। ଆମ ପୁରାଣ, ଶାସ୍ତ୍ରରେ ଆମ ସାଂସ୍କୃତିକ ବିଧି ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶାସ୍ତ୍ର ବିରୋଧୀ କାର୍ଯ୍ୟ ସମାଜ ଲାଗି କ୍ଷତିକାରକ। ସମଲିଙ୍ଗୀ ସମ୍ପର୍କରେ କୌଣସି ଶାସ୍ତ୍ରରେ ବର୍ଣ୍ଣନା ନାହିଁ। ଏହା ଦ୍ୱାରା ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେବ। ଏକ ସଭ୍ୟ ସମାଜ ଲାଗି ଏହା ଶୁଭଙ୍କର ନୁହେଁ।

**- ପ୍ରଫେସର ଜଗବନ୍ଧୁ ମିଶ୍ର**
ପୁରୀ

## ODISHA POWER TRANSMISSION CORPORATION LTD.

Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

**TENDER CALL NOTICE NO.04/18-19**

For and on behalf of OPTCL, sealed tenders are invited from reputed Manufacturers/Suppliers having valid IT PAN, GST Certificate towards **"Supply of 17 nos 220 KV CVT, 132 KV CVT, 132 KV CT and 33 KV Console boxes for different Grid Sub-Stations** under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 07.09.2018, 11AM to Dated 22.09.2018, 12:00Noon. **Last Date of Submission of Tender Paper :** Dated 22.09.2018 up to 2:00 PM. **Date of Opening of Tender Paper :** Dated 22.09.2018 at 3:00 PM. **Cost of Tender paper :** Rs.600/- + GST @12% = Rs.672/-. For details please visit our website www.optcl.co.in. **N.B-** All subsequent addendums/Corrigendum to the tender (if any) will be hosted in the OPTCL's website **http://www.optcl.co.in** only.

**DGM (Elect.), EHT (O&M) Divn. Bhanjanagar**

## ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR-751 003, ODISHA, INDIA

Visit us at : www.ouat.nic.in Tele Fax : 0674-2562360 Email : cpcouat2018@gmail.com, No. 1432 / CAET, Date : 5.9.2018

**TENDER NOTICE**

Sealed tenders are invited from reputed manufacturers/authorized dealers having valid GST/PAN and Service Centers in India, preferably in Odisha for supply, installation and commissioning of different equipment/ other items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT).

Interested firms have to download the tender documents from our official website **www.ouat.nic.in** and submit the same along with the required tender fee of Rs. 3000/- for each group.

The last date for receipt of tender bids by speed post (India post) is **27.09.2018 up to 5.00 PM.** For details of opening of bids, important information, terms and conditions, requirements, etc. please refer to the tender document available at **www.ouat.nic.in.**

Sd/-

**Chairman, Central Purchase Committee-cum–Dean,**
**C A E T, O.U.A.T, Bhubaneswar-751003**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
E.H.T. (O&M) Division, Jayanagar-764005. **CIN: U40102OR2004SGC007553**

**NOTICE INVITING TENDER**

Sealed Tenders are invited by the undersigned from registered order Suppliers / Manufacturers / their Authorized Dealers having valid Licence (Electrical and Labour), I.T PAN No and GST Registration Certificate for **Tender call No. : 15** Re-wiring of Control Room, Office, PLCC Cum Battery Charger Room, ACDB Room and Battery Room at 132 / 33KV Tentulikhunti and Supply of different materials for Grid S/s Sunabeda and Tentulikhunti under EHT(O&M) Division, Jayanagar. **Cost of tender papers :** Rs.2,240.00 (non-refundable) in shape of Cash for Tender call No. 15. **EMD :** @ 1% of quoted value. **Sale of tender documents :** from Dt.03.09.2018 to upto 10:30 AM of Dt.10.09.2018. **Last date of submission of tender :** on or before Dt.10.09.2018 upto 11:00AM. **Tenders will be opened :** on Dt.10.09.2018 at 12:30 PM. **Corrigendum, if any, will be published in the website only.**

Sd/- **DGM (Ele.)**

Please connect us: optcl.odisha optcl_odisha energyodisha

## STEEL AUTHORITY OF INDIA LIMITED

**Rourkela Steel Plant**
Rourkela - 769 011, Odisha, India

Tender Notice for "CAST GRID HEATING ELEMENTS FOR TA AND DECARB LINE ELECTRIC FURNACES".
Tender No. 003/364/1802000021/01/00/500005824 Dtd. 03.09.2018.
Last date & time of Tender Submission: 04.00 PM of Dtd. 26.09.2018.

Tender Notice for "AIR PRE-HEATER HEATING ELEMENTS FOR H.P BOILER# 3/ 4".
Tender No. 003/287/1802001209/01/00/500005747 Dtd. 02.08.2018.
Last date & time of Tender Submission: 04.00 PM of Dtd. 19.09.2018.

Tender Notice for "Annual maintenance of Sewage Pump Houses & Oxidation Ponds of Sec-16 & 22"
Tender No: RSP/CC(TE)/031/530/1882100048/500005834
Last date & time of tender submission : 4:00 PM on Dtd. 17.09.2018

Tender Notice for "DESIGN, ENGINEERING, MANUFACTURE, INSPECTION, TESTING, SUPPLY AND INSTALLATION OF BELT WEIGH SCALES IN OB&BP, ROURKELA STEEL PLANT"
Tender No. 042/315/1790000105/01/78 Dtd. 31.08.2018
Last date & time of tender Submission: 02.30 P.M. on Dtd. 28.09.2018

Tender Notice for "Door to door garbage collection in SteelTownship (2018-19)"
Tender No: RSP/CC(TE)/031/504/1882100055/01/00/500005832
Last date & time of tender submission : 4:00 PM on Dtd. 17.09.2018

Corrigendum to Tender Notice for "SUPPLY OF TYRE MOUNTED EXCAVATOR LOADER FOR BF#1"
Tender No. 042/675/1892000030/60 Dtd. 04.08.2018
Extended Last Date & Time of Tender Submission:02:30 PM on Dtd. 11.09.2018

Corrigendum to Tender Notice for "SUPPLY OF 3T DIESEL FORKLIFT FOR T&RM"
Tender No. 042/675/1892000050/59 Dtd. 03.08.2018
Extended Last Date & Time of Tender Submission:02:30 PM on Dtd. 10.09.2018

Corrigendum to Tender Notice for" Re-routing of Electrical cable to facilitate Rail/Road connectivity to New HSM with existing Plant –RPN ( Pkg. No.- II-E)".
Tender No. Proj/MM/011/Pkg.-II(E)R/61 Dtd. 08.08.2018
Extended Last Date & Time of Tender Submission:02:30 PM on Dtd. 10.09.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

**(A Government of Odisha undertaking)**
**OFFICE OF THE DY. GENERAL MANAGER (ELECT.), E.H.T. (C) DIVISION, BOLANGIR**
**At- 220/132/33 K.V. Grid Sub- Station, Sadeipali, P.O.- Sadeipali, Via.- Chandanbhati, Dist.- Bolangir- 767065, Tel.- 06652-250871**
**CIN- U40102OR2004SGC007553**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁଙ୍ଗୁରିପାଲିଠାରେ ଥିବା RTSS (ରେଳବାଇ) ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ୧୩୨ କେ.ଭି. RTSS ଡୁଙ୍ଗୁରିପାଲିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଲାଇନର ଏହି ଅଂଶ ବରପାଲି, ଅଏଁଲାପାଲି, ଟିଙ୍ଗିପାଲି, ବରଲାବାହାଲ, ମହଦା, ଭାଟିଗାଁ, ସୁଜିଆ, ମୁନୁପାଲି, ଖଏରପାଲି, ପଥରଖଣ୍ଡି, ସାନନୂଆଁପାଲି ଓ ଖୁଣ୍ଟପାଲି ଗ୍ରାମ ଦେଇ ଯାଇଅଛି।

ଏହି ଲାଇନଟି ଆସନ୍ତା ୦୭।୦୯।୨୦୧୮ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରଚଳିତ ବିଦ୍ୟୁତ୍ ନିୟାମକ ୧୯୫୬ ଧାରା ୭୯, ୮୦, ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ ଟାୱାରରେ ଚଢ଼ିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହାଛଡ, ଲୁହାପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ।

ଏହାଦ୍ୱାରା ଧନଜୀବନ ହାନିର ଯଥେଷ୍ଟ ଆଶଙ୍କା ଅଛି। ଉପର ଲିଖିତ ନିୟମମାନ ଉଲଘଂନ କରିବା ଆଇନଗତ ଅପରାଧ ଅଟେ।

**ସ୍ୱା./– ଉପ ମହାପ୍ରବନ୍ଧକ (ବିଦ୍ୟୁତ୍), ଅତ୍ୟୁଚ୍ଚ ବିଦ୍ୟୁତ ନିର୍ମାଣ ବିଭାଜନ, ବଲାଙ୍ଗୀର**

## The Odisha Small Industries Corporation Ltd.

( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK –753 010. Odisha
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

**TENDER CALL NOTICE**

Tender No. 4248/ OSIC Dt: 05.09.2018

Sealed Tenders are invited under 2 bid systems from the registered & reputed Agencies/ Firms/ Service Providers to provide personnel for security & conservancy services for the session 2018-19 at Odisha Small Industries Corporation as per the requirements. Interested Agencies/ Firms/ Service Providers are requested to download the tender documents from the Corporation website i.e. www.osicltd.in. The last date of submission sealed bid/ tender is 22.09.2018 by 5.00P.M by Registered Post/ Speed Post/ Hand delivery. The tenders will be opened on 24.09.2018 at 11.30A.M. The authority reserves the right to accept/ reject any or all the tenders without assigning any reason thereof. For details please visit OSIC website: www.osicltd.in

**MANAGING DIRECTOR**

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar – 751014**

**SHORT TENDER CALL NOTICE FOR ORGANISATION OF FOOD FESTIVAL**

**No. BP-I-12/2018-19 / OTDC Dt. 05.09.2018**

No.CAD-812: Odisha Tourism is organizing a Food Festival from **27.09.18** to **03.10.18** for 7 days at Exhibition Ground, Unit-III, Bhubaneswar. For erection of stalls & other logistic arrangement, offers are invited from Event Management Agency / Tent House operator in sealed cover. The details can be downloaded from our website **www.panthanivas.com**. The last date for receipt of tender is **15.09.2018** up to **12.00 Noon**.

The Authority reserves the right to reject any or all offers without assigning any reason thereof.

**Sd./- Executive Engineer**
**B. P. Division-I**

37002/11/0039/1819

See Career Appointment on every Wednesday & Saturday

## Government of Odisha
## Forest & Environment Department

No.10F (Con) 161/2017 16227/F&E, Bhubaneswar, dated the 26/07/2018

# ORDER

Sub: **Diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha.**

WHEREAS, M/s Tata Steel Ltd, 2B, Fortune Tower, Chandrasekharpur, Bhubaneswar-23 had applied for diversion of 9.037ha. of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha by them.

And whereas, the Ministry of Environment, Forests and Climate change (hereinafter referred to as MoEF&CC), Government of India, Eastern Regional Office had accorded 'in-principle' approval for diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.11.08.2014 **(ANNEXURE-1)**.

And whereas, the MoEF&CC, Government of India, Eastern Regional Office in consideration of the compliance of the conditions of the 'in-principle' approval, has accorded final approval for diversion of said 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s. Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.12.07.2018 (Annexure-2) under Section 2 of the Forest (Conservation) Act, 1980. Detailed land schedule of 9.037ha. of diverted forest land duly authenticated by Tahasildar, Danagadi is appended herewith as Annexure-3.

Now therefore, the Government of Odisha, do hereby allow diversion of above mentioned 9.037ha. forest land in Cuttack Forest Division of Danagadi Tahasil of Jajpur district in favour of M/s Tata Steel Ltd. as per approved land use pattern subject to fulfilment of the conditions of final forest clearance order as stipulated by the MoEF&CC, Government of India, Eastern Regional Office.

The Collector of Jajpur is hereby authorized to handover the forest land coming within his Jurisdiction, as has been finally diverted following due procedure of law. Before handing over the diverted forest land to the user agency, if shall be ensured that Net Present value for forest land for this project as well as for any other projects, belonging to same user agency, is deposited, in full, at applicable rates.

The Divisional Forest Officer of Cuttack Forest Division is also directed to monitor compliance to the conditions stipulated for such diversion in the respective forest/Wildlife clearance order and to report violations, if any, to the Nodal Officer, O/O Pr. CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

By order of Governor

**Sd/-**
**(Debidutta Biswal)**
**Special Secretary to Government.**

## Government of India
## Ministry of Environment, Forests & Climate Change

Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

जहाँ है हरियाली । वहाँ है खुशहाली ॥

No.5-ORC202/2014-BHU 11th August, 2014

To
The Principal Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

I am directed to refer to State Govt. letter No.10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E, dated 22.05.2014 on the above mentioned subject seeking prior approval of the Ministry of Environment, Forests & Climate Change under section 2 of Forest(Conservation)Act,1980.

After due consideration of the proposal of the State Government and on the basis of recommendation of State Advisory Group, the Ministry of Environment, Forests & Climate Change hereby conveys "in-principle" approval for diversion of 9.037ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions.

1. Legal status of forest land proposed for diversion shall remain unchanged.
2. The State Govt. shall charge the Net Present Value (NPV) of forest area proposed to be diverted under this proposal from the user agency at the rates as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2007-FC dated 05.02.2009 in this regard.
3. Additional amount of NPV of the diverted forest land, if any, becoming due after finalization of the same by Hon'ble Supreme Court of India, shall be charged by the State Govt. from the user agency. An undertaking from the user agency shall be obtained in this regard.
4. a) Compensatory Afforestation shall be raised over 9.037 ha of non-forest land identified by the State Govt. in Plot No.6(P), Khata No.876AAA, Kisam Pahad of village Chandital under Darpan Tehsil of Jajpur at the cost of the user agency by Sate Forest Department. The user agency shall transfer the cost of compensatory afforestation and its maintenance for 10 years (revised as on the date to incorporate the existing wage structure) to the Forest Department.
b) The non-forest land identified for raising compensatory afforestation shall be transferred and mutated in favour of the State Forest Department before issue of Stage-II approval.
5. The State Government shall deposit Net Present Value and all other funds with the Ad-hoc Body of Compensatory Afforestation Fund Management and Planning Authority (CAMPA), in SB Account No. SB01025222 of Corporation Bank, CGO Complex, Phase-I, Lodhi Road, New Delhi - 110 003 (RTGS/IFSC No.CORP0000371) or in SB Account No-344902010105428 of Union Bank of India, Sunder Nagar, New Delhi-110003 (RTGS/IFSC No-UBIN0534498) by RTGS/NEFT modes, as per the instruction communicated vide letter No.12/02/2010-CAMPA dated 13.05.2011 and 24.06.2011.
6. State Govt. shall upload the compensatory levies demanded and received from the user agency in the Ministry website before Stage-II approval.
7. The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from adjoining pillars etc. The distance between any two pillars shall be kept at about 50 mtr. and each pillar should be clearly visible from pillars on both sides.
8. The State Forest Department/UA shall submit the surveyed sketch 9.037 ha of non-forest land identified by the State Govt. in Plot No.6 (P), Khata No.876AAA, Kisam Pahad of village Chandital under Darpan Tehsil of Jajpur as proposed for CA, giving the forward and backward bearing of each demarcation pillar and distance between them. The State Forest Department/User Agency shall submit the DGPS reading of each demarcated pillar giving the latitude and the longitude.
9. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
10. Felling of trees on the forest land being diverted shall be felled in a phased manner under strict supervision of the State Forest Department.
11. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
12. The rocks/morum excavated from work site should be utilized by the Railways/State government for various construction purposes etc.
13. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
14. The designing of culverts/bridges, if any, over the natural streams/rivers/canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
15. No additional or new path will be constructed inside the forest area for any activity related to the project work.
16. No labour camp shall be allowed in the forest area.
17. The user agency shall provide fuelwood, preferably alternate fuel, to labourers working at the site to avoid damage/tree felling.
18. The user agency while executing works, shall not fell any tree or damage forest growth in the surrounding forest area in any manner.
19. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forest & Climate Change.
20. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
21. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
22. The user agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project.

After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment & Forests.

**Yours faithfully,**

**Sd/-**
**(S. Mohapatra)**
**Conservator of Forests (Central)**

## Government of India
## Ministry of Environment, Forests & Climate Change

Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

No.5-ORC202/2014-BHU 12th July, 2018

To
The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

(1) I am directed to refer to State Govt. letter no. 10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E dated 22.05.2014, wherein prior approval of the ministry of Environment , Forest & Climate Change for diversion of 9.037 ha of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district of Odisha, was sought in accordance with Section-2 of the Forest (Conservation) Act, 1980. After due consideration of the proposal by the ministry of Environment, Forest & Climate Change and on the basis of recommendation of State Advisory Group meeting held on 25.05.2014, the in-principle approval for diversion of the said forest land was accorded by Ministry vide this office letter of even number dated 11.08.2014, subject to fulfilment of certain conditions. The State Government has furnished compliance report in respect of the conditions stipulated in the in-principle approval and has requested to grant final approval of the proposal.

(2) In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No. 24809/9F(MG)-375/2012 dated 21.11.2017 and Ad-hoc CAMPA, New Delhi letter No. 1-26/2014-CAMPA dated 20.06.2018, Stage-II/Final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions:-

I. Legal Status of the diverted forest land shall remain unchanged.
II. Additional amount of NPV of the diverted forest land, if any, becoming due after finalisation of the same by the Hon'ble Supreme Court of India, shall be charged by State Govt. from the user agency.
III. Compensatory Afforestation shall be raised over 9.037 ha of non-forest land identified by the State Govt. in plot No-06(P), Khata No-876AAA, Kisam Pahad of village Chandital under Darpan Tehsil of Jajpur district against the area of forest land being diverted within a period of three years with effect from the date of issue of Stage-II clearance and maintained thereafter in accordance with the approved Plan in consultation with the State Forest Department at the cost of user agency. The C.A. plots have to be demarcated with GPS readings.
IV. The non-forest land which has been transferred and mutated in favour of the State Forest Department for the purpose of compensatory afforestation shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section (S) of the local Forest Act. The Nodal Officer must report compliance within a period of 6 months from the date of grant of final approval and send a copy of the original notification declaring the non-forest land under Section-4 or Section-29 of the Indian Forest Act, 1927, or under the relevant section of the local Forest Act as the case may be to this Ministry for information and record.
V. State Govt./Forest Deptt. Will focus on creation of water bodies by impounding nullahs and/or excavations at appropriate sites under the soil & moisture conservation works and shall ensure plantation of local tree & shrub and grass species and shall intimate the Eastern Regional Office, Bhubaneswar for record and monitoring.
VI. The user agency will abide by the applicable recommendations of the State Government.
VII. The boundary of the forest land being diverted shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from pillar to pillar.
VIII. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
IX. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
X. The rocks/morum excavated from work site should be utilized by the Railways/State Government for various other construction purposes etc.
XI. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
XII. The designing of culverts/bridges, if any, over the natural streams/ rivers/ canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
XIII. No additional or new path will be constructed inside the forest area for any activity related to the project work.
XIV. No labour camp shall be allowed in the forest area.
XV. The user agency shall provide alternate fuel preferably LPG to the labourers and the staff working at the site so as to avoid any damage and pressure on the adjacent forest areas.
XVI. The user agency while executing works, shall not fell any tree or damage forest growth in the surrounding forest area in any manner.
XVII. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forests & Climate change.
XVIII. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
XIX. The user agency shall submit annual self-monitoring report on compliance of stipulated conditions to the Nodal Officer (FCA) of the State and Eastern Regional Office of this Ministry.
XX. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
XXI. The user agency and the State Government shall ensure compliance to provisions of the all Acts, Rules, Regulations, Guidelines, Hon'ble Court order (s) and National Green Tribunal order (s) pertaining to this projects, if any, for the time being in force, as applicable to the project.
XXII. In case of non-compliance of any of the above conditions, the State Govt. shall report to this office as per procedure laid down in the clause 1.9 of guidelines issued under Forest (Conservation) Act, 1980.

(3) As has been mentioned at Para-2 of the Stage-II approval, this approval for diversion of forest land is subject to the fulfilment of stipulated conditions mentioned in this approval letter. Therefore, in the event of non-compliance of any of the conditions laid out in this approval letter, the Eastern Regional Office of MoEFCC may withdraw the said approval for diversion of the forest land and stop the non-forest activity being carried out in the forest land besides initiating the legal action as per provisions of Forest (Conservation) Act, 1980.

**Yours faithfully,**


**Sd/-**
**(S. Mohapatra)**
**Conservator of Forests (Central)**

ଧରିତ୍ରୀ
DHARITRI
ଶୁକ୍ରବାର, ୭ ସେପ୍ଟେମ୍ବର , ୨୦୧୮



**ଦୀର୍ଘ ୩୦ ବର୍ଷ କୋଚିଂ କ୍ୟାରିୟରରେ ମୁଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟ୍ ସୃଷ୍ଟି କରିଛି। ଏହା ମଧ୍ୟରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ଅନ୍ୟତମ। ଦୀର୍ଘଦିନ ପରେ ମୋର ପରିଶ୍ରମକୁ ସ୍ୱୀକୃତି ମିଳିଥିବାରୁ ବହୁତ ଖୁସି ଲାଗିଲା। ୨୦ ବର୍ଷ ଧରି ମୁଁ ଭାରତୀୟ ଦଳ ସହିତ ରହିଛି। ଓଡ଼ିଆ କୋଚ୍ ଭାବେ ଜଣେ ଓଡ଼ିଶା ଝିଅକୁ ଜିରୋରୁ ସିନିୟର ଏସିଆନ ମେଡାଲିଷ୍ଟ କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ୍ ପୁରସ୍କାର ଗ୍ରହଣର ସ୍ମୃତି ଅଭୁଲା ବୋଲି ଧରିତ୍ରୀ ସହ ଏକ ବିଶେଷ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ବିଶିଷ୍ଟ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାଏକ।**

**ସାକ୍ଷାତ: ତପନ ସ୍ୱାଇଁ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ ପୁରସ୍କାର ଗ୍ରହଣ ଅବସରରେ ସଞ୍ଜୟ ଗଡନାଏକ

# ଶ୍ରେଷ୍ଠ ଗୁରୁ

ଦୀର୍ଘ ୩୦ ବର୍ଷର ସାଧନା, ନିଷ୍ଠା ଓ ପ୍ରଶିକ୍ଷଣର ଫଳ ମିଳିଛି। ଜଣେ ଓଡ଼ିଆ କୋଚ୍ ଭାବେ ନିଜ ରାଜ୍ୟରୁ ମିଳିଛି ଶ୍ରେଷ୍ଠ ପୁରସ୍କାର। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମଙ୍କ ସହିତ ଜାତୀୟ ସ୍ତରରେ ଅନେକ ଆଥଲେଟ୍‌ଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ପ୍ରଶିକ୍ଷକଙ୍କୁ ଏବେ ମିଳିଛି ରାଜ୍ୟର ସର୍ବଶ୍ରେଷ୍ଠ କୋଚ୍ ପୁରସ୍କାର। ଗତ ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିବା ଏହି ଗୁରୁ ଜଣକ ହେଲେ ସଞ୍ଜୟ ଗଡ଼ନାଏକ।

ଅନୁଗୋଳ ଜିଲା ଆରାହଟ ଅନ୍ତର୍ଗତ କନକିନାଳିଠାରେ ୧୯୫୮ ଜୁଲାଇ ୧୫ରେ ଜନ୍ମଗ୍ରହଣ କରିଥିଲେ ସଞ୍ଜୟ। ତାଙ୍କ ମା'ଙ୍କ ନାମ ବାସନ୍ତି ଏବଂ ପିତାଙ୍କ ନାମ ନୀଳମଣି ଗଡ଼ନାଏକ। ପଟିଆଲାସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପୋର୍ଟ୍ସ (ଏନଏସଏନଆଇଏସ)ର ଆଥଲେଟିକ୍ କୋଚ୍ ପଦରୁ ନିକଟରେ ଅବ୍ୟାହତି ନେଇଛନ୍ତି ସଞ୍ଜୟ। ତେବେ ସେ ଭାରତୀୟ କୋଚ୍‌ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ସେ ଜର୍ମାନୀର ଲିପ୍‌ଜିକ୍ ବିଶ୍ୱବିଦ୍ୟାଳୟ ଏବଂ କ୍ୟୁବାର ହାଭାନା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କୋଚିଂ କୋର୍ସ କରିଛନ୍ତି। ଜମ୍ପିଂ ଇଭେଣ୍ଟରେ ସେ ଆଇଏଏଏଫ(ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶନ୍ସ)ର ଜଣେ ଲେଭଲ-୩ କୋଚ୍। ସେ ୨୦୦୩ ଆଫ୍ରୋ-ଏସିଆନ ଗେମ୍ସ, ୨୦୦୪ ଓ ୨୦୦୮ ଅଲିମ୍ପିକ୍ ଗେମ୍ସ, ୨୦୦୬ ଓ ୨୦୧୦ ଏସିଆନ ଗେମ୍ସ, ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୦୩, ୨୦୦୭, ୨୦୧୧, ୨୦୧୩, ୨୦୧୫ ଓ ୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୨୦୧୦ ସାଫ୍ ଗେମ୍ସ, ୨୦୧୬ ଜୁନିୟର ଏସିଆନ ଏବଂ ଜୁନିୟର ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅବସରରେ ଭାରତୀୟ ଦଳରେ ସାମିଲ ହୋଇଥିବା କୋଚ୍‌ଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ସଞ୍ଜୟଙ୍କ ପ୍ରଶିକ୍ଷଣରେ ପୂର୍ଣ୍ଣିମା ୨୦୧୭ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ପେଣ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଅନୁଷ୍ଠିତ ସିନିୟର ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହେପ୍‌ଟାଥଲନରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ଣ୍ଣିମାଙ୍କ ବ୍ୟତୀତ ୨୦୦୪ ଓ ୨୦୦୮ ଅଲିମ୍ପିକ୍ସରେ ଭାଗ ନେଇଥିବା ଜାତୀୟ ରେକର୍ଡଧାରୀ ହେପ୍‌ଟାଥଲେଟ ଜେ.ଜେ. ଶୋଭା, ଲିଜ୍ଜି ଜୋସେଫ, ଜାତୀୟ ରେକର୍ଡଧାରୀ ଡେକାଥଲେଟ୍ ଭରିନ୍ଦର ସିଂ, ଏସିଆନ ଇନ୍‌ଡୋରରେ ୨ ଥର ସ୍ୱର୍ଣ୍ଣ ପଦକ ବିଜେତା ବିନୋଦ ଏବଂ ଆହୁରି ଅନେକ ଆଥଲେଟ୍ ସଞ୍ଜୟଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରି ଆଗକୁ ବଢ଼ିଛନ୍ତି।

**ପ୍ରଶ୍ନ: କୋଚ୍ ଜୀବନର ଆରମ୍ଭ କିପରି ଥିଲା ?**

■ମୁଁ ଗଡ଼ସେନ୍ତିରି ହାଇସ୍କୁଲ ଏବଂ ଅନୁଗୋଳ କଲେଜରେ ଆଇଏସସି ପଢ଼ିବା ପରେ ୧୯୭୭ରେ ଏୟାର ଫୋର୍ସରେ ଯୋଗଦେବାରୁ ଗ୍ୱାଲିୟରରେ ବିକମ୍ କଲି। ପ୍ରଥମ ପୋଷ୍ଟିଂ ଥିଲା ତାମିଲନାଡୁର ସୁଲୁରରେ। ୧୫ ବର୍ଷ ଚାକିରି ପରେ ୧୯୯୨ ନଭେମ୍ବର ୩୦ରେ ମୁଁ ରିଟାୟର୍ଡ କଲି। ସେହି ୧୯୯୨ ଡିସେମ୍ବର ୫ରେ ମୁଁ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ(ସାଇ)ରେ ଆଥଲେଟିକ୍ କୋଚଭାବେ ଯୋଗଦେଲି। ପୂର୍ବରୁ ମୁଁ ବାଙ୍ଗାଲୋରରେ ୧ ବର୍ଷିଆ ଆଥଲେଟିକ୍ କୋଚିଂରେ ଡିପ୍ଲୋମା କରିଥିଲି। ତେଣୁ ମାଷ୍ଟର ଡିଗ୍ରୀ କରିବାକୁ ପଟିଆଲା ଗଲି। ପଞ୍ଜାବ ୟୁନିଭର୍ସିଟି ପଟିଆଲାରେ ଏମଏସସି ଇନ୍ ସ୍ପୋର୍ଟ୍ସ କୋଚିଂ କଲି। ପରେ ୨୦୦୦ରେ ପଟିଆଲା ଏକାଡେମୀ ଉଇଂରେ ଯୋଗଦେଲି। ସେଠାରେ ଡିପ୍ଲୋମା ଓ ମାଷ୍ଟର ଡିଗ୍ରୀ ପିଲାଙ୍କୁ ପଢ଼ାଯାଏ। ସେହି ୨୦୦୦ରେ ମୁଁ ଏନଏସଏନଆଇଏସରେ ଯୋଗଦେଲି। ମୁଁ ବିଦେଶରେ ମଧ୍ୟ କୋଚିଂ କୋର୍ସ କରିଛି। ଜର୍ମାନୀର ଲିପଜିକ ଏବଂ କ୍ୟୁବାର ହାଭାନା ୟୁନିଭର୍ସିଟିରେ ଆଡଭାନ୍ସ କୋର୍ସ ଇନ୍ ଆଥଲେଟିକ୍ସ କୋଚିଂ କରିଥିଲି। ପରେ ମୁଁ ଆଇଏଏଏଫର କୋଚ ହେବାପାଇଁ ଉଦ୍ଦିଷ୍ଟ ଲେଭଲ-୧, ୨, ୩ କୋଚିଂ କୋର୍ସ ରିଜିଓନାଲ ଡେଭଲପମେଣ୍ଟ ସେଣ୍ଟର ଜାକର୍ତ୍ତାରେ କଲି। ପ୍ରଥମଟି ଜେନେରାଲ, ଦ୍ୱିତୀୟଟି ଜମ୍ପିଂ ଏବଂ ତୃତୀୟଟି ଆଡଭାନ୍ସ। ଏହା ବ୍ୟତୀତ ମୁଁ ତାମିଲନାଡୁ କୋଏମ୍ବାଟୁରସ୍ଥିତ କର୍ପାଗାମ୍ ବିଶ୍ୱବିଦ୍ୟାଳୟରେ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସରେ ପିଏଚ୍‌ଡି ମଧ୍ୟ କରିଛି। ଚାକିରି ସମୟରେ ମୁଁ ଏୟାରଫୋର୍ସ ସର୍ଭିସେସ ପକ୍ଷରୁ ଜମ୍ପିଂ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛି।

**ପ୍ରଶ୍ନ: ପରିବାର ?**

■ପଟିଆଲାରେ ପରିବାର ରହିଛନ୍ତି। ଦୁଇପୁଅ ନେଭିରେ ଅଫିସର ଅଛନ୍ତି। ବଡ଼ପୁଅ ନେଭିରେ ଲୁଟନାଣ୍ଟ କମାଣ୍ଡର ଏବଂ ସାନପୁଅ ଅଫିସରଭାବେ କାର୍ଯ୍ୟରତ। ସେ ଫେନସିଂରେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛି। ଜୁନିୟର ସ୍ତରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏସିଆନ ଚାମ୍ପିୟନଶିପ୍ ସବୁ ଖେଳି ସାରିଛି। ଆଡଭାନ୍ସ ଟ୍ରେନିଂ ପାଇଁ ସେ ଏବେ ହଙ୍ଗେରୀ ଯିବ। ବଡ଼ ବହୁ ପାଇଲଟ ଅଛି।

**ପ୍ର: ସଫଳ ଶିଷ୍ୟ କିଏ ?**

■ମୋ କୋଚିଂ କ୍ୟାରିୟରରେ କର୍ନାଟକର ଜେଜେ ଶୋଭା ସବୁଠାରୁ ଅଧିକ ସଫଳତା ପାଇଛନ୍ତି। ସେ ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ୨ଟି ଏସିଆନ ଗେମ୍ସ ୨୦୦୨ ଓ ୨୦୦୬ରେ ବ୍ରୋଞ୍ଜ ମେଡାଲ, ୨୦୦୩ ଆଫ୍ରୋ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ, ୨୦୦୨ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ, ୪x୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୨୦୦୫ରେ ହେପ୍‌ଟାଥଲନରେ ୬୨୧୧ ପଏଣ୍ଟ ସହିତ ଏବେ ମଧ୍ୟ ଜାତୀୟ ରେକର୍ଡର ଅଧିକାରିଣୀ ଅଛନ୍ତି।

**ପ୍ର: ଓଡ଼ିଆ ଆଥଲେଟ୍‌ମାନେ ଉଚ୍ଚସ୍ତରରେ ବିଶେଷ ସଫଳତା ନ ପାଇବାର କାରଣ କ'ଣ।**

■ମୁଖ୍ୟ କାରଣ ହେଉଛି ଆମେ ଜୁନିୟର ସ୍ତରକୁ ଭୁଲି ଯାଉଛୁ। ଏବେ ସ୍କୁଲ ସ୍ତରରେ ସ୍ପୋର୍ଟ୍ସ ଶୂନ୍ୟ କହିଲେ ଚଳେ। ସରକାର ତୃଣମୂଳ ସ୍ତରକୁ ଫୋକସ କରିବା ଆବଶ୍ୟକ। ଚାଇନା ପରି ଦେଶ ସ୍କୁଲ ଉପରେ ଫୋକସ କରି ସଫଳତା ପାଉଛନ୍ତି। ସ୍କୁଲରେ ଫିଜିକାଲ ଏଜୁକେଶନ ବାଧ୍ୟତାମୂଳକ କରାଯିବା ଆବଶ୍ୟକ। ପ୍ରାକ୍ଟିକାଲ ମଧ୍ୟ ବାଧ୍ୟତାମୂଳକ ହେବା ଜରୁରୀ। ଭୁବନେଶ୍ୱରକୁ ଛାଡ଼ିଦେଲେ ଅନ୍ୟ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନାହିଁ। ସବୁ ଜିଲାରୁ ଖେଳାଳି ଆସି ଭୁବନେଶ୍ୱରରେ ଅଭ୍ୟାସ କରିବା ସମ୍ଭବ ନୁହେଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନିହାତି ଆବଶ୍ୟକ। ଏହା ବ୍ୟତୀତ ପିଲାଙ୍କୁ ଆବଶ୍ୟକ ଖେଳ ସରଞ୍ଜାମ ଏବଂ ଫୁଡ୍ ସପ୍ଲିମେଣ୍ଟ ଆଦି ଯୋଗାଇ ଦିଆଯିବା ଜରୁରୀ। ସ୍କୁଲ ନ୍ୟାଶନାଲ, ଜୁନିୟର ସ୍ତରରେ ମେଡାଲ ଆଣୁଥିବା ପିଲାଙ୍କୁ ଆର୍ଥିକ ପୁରସ୍କାରରେ ପ୍ରୋତ୍ସାହିତ କରାଯିବା ଆବଶ୍ୟକ, ଯାହାକି ହରିୟାଣା ସରକାର କରୁଛନ୍ତି। ଫଳରେ ହରିୟାଣା ଏବେ କ୍ରୀଡ଼ା କ୍ଷେତ୍ରରେ ଉପରକୁ ଉଠୁଛି। ଉଚ୍ଚସ୍ତରରେ ଓଡ଼ିଶା ସରକାର ପ୍ରୋତ୍ସାହନ ରାଶିରେ ଅନ୍ୟ ରାଜ୍ୟପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ମାତ୍ର ଜୁନିୟର ସ୍ତରପାଇଁ ମଧ୍ୟ ଏପରି କିଛି ହେଲେ ଅଧିକରୁ ଅଧିକ ଓଡ଼ିଆ ଖେଳାଳି ଉଚ୍ଚସ୍ତରରେ ନାଁ କମାଇପାରିବେ।

**ପ୍ର: ଭୁବନେଶ୍ୱରରେ ଏବେ ବିଶ୍ୱସ୍ତରର ଭିତ୍ତିଭୂମି। ଏଥିରୁ ଆମ ଆଥ୍‌ଲେଟ୍‌ଙ୍କୁ କ'ଣ ଫାଇଦା ମିଳିବ ?**

■ଏଥିରୁ ନିଶ୍ଚିତଭାବେ ରାଜ୍ୟ ଖେଳାଳି ଓ ସେମାନଙ୍କ ଅଭିଭାବକମାନେ ମୋଟିଭେଟ ହେବେ। ଜୁନିୟରରେ ଜାତୀୟ ସ୍ତରର ଆଥଲେଟ୍‌ଙ୍କୁ ଭୁବନେଶ୍ୱର ଆଣି କୋଚିଂ ଦେବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଫଳରେ ରାଜ୍ୟ ଆଥଲେଟ୍‌ଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସିବ।

**ପ୍ର: ୨୦୨୦ ଅଲିମ୍ପିକ୍ସରେ ଭାରତର ସମ୍ଭାବନାକୁ କିପରି ଦେଖୁଛନ୍ତି ?**

■ମୁଁ ଦୀର୍ଘ ୩୦ ବର୍ଷ ଧରି କୋଚିଂରେ ଏବଂ ୨୦୦୦ରୁ ଏପର୍ଯ୍ୟନ୍ତ ୨୦ ବର୍ଷ ଧରି କ୍ରମାଗତ ଭାରତୀୟ ଦଳ ସହ ରହିଛି। ୨୦୨୦ ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟରୁ ଆମେ ଅତିକମ୍‌ରେ ୨ଟି ପଦକ ଦେବୁ। ତେବେ ରାଜ୍ୟ ଓ ଭାରତ ସରକାର ବର୍ତ୍ତମାନ ଭଳି ଆଥଲେଟ୍‌ଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଉଚିତ।

**ପ୍ର: ପୂର୍ଣ୍ଣିମାଙ୍କୁ ନେଇ ଆପଣଙ୍କର କ'ଣ ସ୍ୱପ୍ନ ରହିଛି ?**


■ପୂର୍ଣ୍ଣିମାଙ୍କୁ ଅଲିମ୍ପିକ୍ସରେ ଖେଳାଇବା ମୋର ପ୍ରଥମ ଲକ୍ଷ୍ୟ। ଭାଗ୍ୟ ସାଥ୍ ନ ଦେବାରୁ ସେ ଏଥର ଏସିଆନ ଗେମ୍ସରେ ପଦକ ଜିତି ପାରିଲାନି। ମାଂସପେଶୀରେ ସମସ୍ୟା ଯୋଗୁ ପାଖାପାଖି ୨୦୦ ପଏଣ୍ଟ କମିଗଲା। ଗୁଆହାଟୀ ସିଲେକ୍ସନରେ ସେ ପାଖାପାଖି ୫୯୦୦ ପଏଣ୍ଟ ହାସଲ କରିଥିଲେ। ସେତେବେଳେ ୨୦୦ ମିଟର ଅବସରରେ ମାଂସପେଶୀ ହାଲ୍‌କା ଟାଣି ହୋଇ ଯାଇଥିଲା। ପରେ ତାହା ଠିକ୍ ହୋଇ ଯାଇଥିଲା। ଏବେ ୮୦୦ ମିଟର ରେସ୍ ପରେ ହର୍ଡଲ୍ସ ସମୟରେ ପୁଣି ସେହି ସମସ୍ୟା ବାହାରିବାରୁ ସ୍ପିଡ୍ ଇଭେଣ୍ଟ ଗୁଡ଼ିକ ଖରାପ ହୋଇଗଲା। ଏହାକୁ ବ୍ୟାଡ୍‌ଲକ୍ କୁହାଯାଇ ପାରିବ। ପୂର୍ଣ୍ଣିମା ମୋ ପାଖରେ ୭ ବର୍ଷ ହେଲା ଅଛନ୍ତି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ଏବେ ତାଙ୍କୁ ସ୍ୱତନ୍ତ୍ରଭାବେ କୋଚିଂ ଦେଇ ୨୦୨୦ ଅଲିମ୍ପିକ୍ସ ଓ ୨୦୨୨ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ କରାଯିବ।

## ଓଡ଼ିଶାରେ କୋଚିଂ ଦେବାକୁ ଇଚ୍ଛା

ମୁଁ ୨୦୧୮ ଜୁଲାଇ ୩୧ରେ ସାଇରୁ ଅବସର ନେଇଛି। ଏବେ ମୁଁ ପଟିଆଲାରେ ଭାରତୀୟ କ୍ୟାମ୍ପରେ ରହିଛି। ଭାରତୀୟ ଆଥଲେଟିକ୍ସ ଫେଡେରେଶନ ଜୁନିୟର ଟିମ୍‌ରେ ମୁଖ୍ୟ କୋଚ୍ ଦାୟିତ୍ୱ ମଧ୍ୟ ଦେଇଛନ୍ତି। ଭବିଷ୍ୟତରେ ଓଡ଼ିଶା ଯାଇ କିଛି କରିବି ବୋଲି ଆଶା ରଖିଛି। ଯୋଜନା ଅଛି ଓଡ଼ିଶା ଯିବାକୁ। କିଟ୍ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଫର ରହିଛି। ବିଶେଷ କରି ଭୁବନେଶ୍ୱରରେ ସୁଯୋଗ ମିଳିଲେ ମୁଁ ନିଶ୍ଚିତ ସ୍ୱାଗତ କରିବି। ଅଚ୍ୟୁତ ସାମନ୍ତ କିଟ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ଗୁଜରାଟରୁ ମଧ୍ୟ ଅଫର ମିଳିଛି। ଫିଟ୍ ଥିବା ପର୍ଯ୍ୟନ୍ତ କୋଚିଂ ଜାରି ରଖିବାରେ କିଛି ଅସୁବିଧା ନାହିଁ।

## ପଣ

ଆଶେସରେ କଙ୍ଗାରୁଠୁ ଜିତିଗଲେ
ଯେମିତି ଲାଗଇ ମଜା
ନମ୍ବର ୱାନ ଟିମ୍ ଇଣ୍ଡିଆଠୁ ଟେଷ୍ଟ
ୱିନ ସମକକ୍ଷ ଅଜା
ଟ୍ରେଭର ବେଲିସ ବାଜା
ବଜାଇ କହଇ ପଣ କରିଥିଲୁ
(କିଏ) ଓଲିଆରୁ ପଡ଼ି ଗଜା।




ହକିର ପ୍ରଚାର ପ୍ରସାର କରିବ
ନବୀନ କରିଛି ପଣ
ଭୁବନେଶ୍ୱରରେ ଦୁଇମାସ ପରେ
ହକି ବିଶ୍ୱକପ ରଣ
ଟ୍ରଫି ପ୍ରତିକୃତି ରାଣ
ଛଅଟି ଗାଡ଼ିରେ ଗାଁଠୁ ସହର
ବୁଲିବ ଆଗକୁ ଜାଣ।

ସିକ୍ସଟି ନାଇନ୍ ପଦକ ଜିତିଛି
ଜାକର୍ତ୍ତାରେ ମୋର ଦେଶ
ୱେଲ୍‌କମ୍ ଆମ ଆଥଲେଟ୍ ଘେନ
ପଣ, ଶ୍ରମ ଦେଲା ଯଶ
ଏବେ ବଣମଲ୍ଲୀ ବାସ
ଚହଟଇ ସାରା ଅଖ୍ୟାତ ପଲ୍ଲୀରୁ
ଦେଶ ଆଉ ମହାଦେଶ।

**-ସୁବାସ ଚନ୍ଦ୍ର ପ୍ରଧାନ**

## ସଙ୍କଟରେ ନଟରାଜଙ୍କ କ୍ୟାରିୟର

୧୯୬୧-୬୨ରେ ଆରମ୍ଭ ହୋଇଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଅନ୍ୟତମ ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଦୁଲିପ ଟ୍ରଫି। ପ୍ରତିଯୋଗିତାର ୫୦ ସଂସ୍କରଣ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଦଳ ଥରେହେଲେ ଟାଇଟଲ ବିଜୟୀ ହୋଇ ପାରି ନ ଥିଲା। ମାତ୍ର ୨୦୧୧-୧୨ ଓ ୨୦୧୨-୧୩ରେ ପୂର୍ବାଞ୍ଚଳ ଲଗାତର ଦୁଇଥର ଚାମ୍ପିୟନ ହେଲା। ନିଜର ବଳିଷ୍ଠ ନେତୃତ୍ୱରେ ପୂର୍ବାଞ୍ଚଳକୁ ଟାଇଟଲ ସ୍ୱାଦ ଚଖାଇଥିଲେ ଜଣେ ଓଡ଼ିଆ ଖେଳାଳି। ସେ ହେଲେ ଓଡ଼ିଶାର ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ନଟରାଜ ବେହେରା। ୫୦ବର୍ଷ ପରେ ନିଜ ନେତୃତ୍ୱ ବଳରେ ପୂର୍ବାଞ୍ଚଳକୁ ଦୁଲୀପ ଟ୍ରଫି ପ୍ରଦାନ କରିଥିବା ଏବଂ ହରିୟାଣା ବିପକ୍ଷରେ ୨୫୫ରନ୍‌ର ଇନିଂସ୍ ଖେଳି ପ୍ରଥମ ଶ୍ରେଣୀ କ୍ରିକେଟର ଗୋଟିଏ ଇନିଂସରେ ଓଡ଼ିଶାର ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇଥିବା ନଟରାଜ ଏବେ କ୍ରିକେଟଠୁ ଦୂରେଇ ଯାଉଥିବା ଦେଖିବାକୁ ମିଳୁଛି। କଟକରେ ଚାଲିଥିବା ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିରରେ ନଟରାଜ ନାହାନ୍ତି। ଏଣୁ ଆସନ୍ତା ସିଜନରେ ରାଜ୍ୟର ଏହି ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ ଜଣଙ୍କୁ ଦେଖିବାକୁ ମିଳିବା ସମ୍ଭାବନା କମ୍ । ଗତ କଳାହାଣ୍ଡି କପ୍ ନ ଖେଳିବା ଯୋଗୁଁ ତାଙ୍କୁ ଶିବିରରେ ରଖାଯାଇନାହିଁ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି । ତେଣୁ ନଟରାଜଙ୍କ କ୍ରିକେଟ କ୍ୟାରିୟର ଏବେ ସଙ୍କଟ ଦେଇ ଗତି କରୁଥିବା ସ୍ପଷ୍ଟ ଦେଖା ଯାଉଛି।

- ନିଜର ବଳିଷ୍ଠ ନେତୃତ୍ୱ
- ବଳରେ ପୂର୍ବାଞ୍ଚଳକୁ ୨ ଥର
- ଦୁଲୀପ ଟ୍ରଫି ଟାଇଟଲ ସ୍ୱାଦ
- ଚଖାଇଥିବା ଓଡ଼ିଶାର ପୂର୍ବତନ
- ରଣଜୀଟ୍ରଫି ଅଧିନାୟକ
- ନଟରାଜ ବେହେରାଙ୍କ
- କ୍ୟାରିୟର ଏବେ ସଙ୍କଟରେ।
- ଆଗାମୀ ସିଜନ ପାଇଁ
- କଟକରେ ଚାଲିଥିବା ସିନିୟର
- ଦଳର ପ୍ରସ୍ତୁତି ଓ ଚୟନ
- ଶିବିରରେ ନଟରାଜ ନାହାନ୍ତି।
- କଳାହାଣ୍ଡି କପ୍ ନ ଖେଳିବା
- ଯୋଗୁ ତାଙ୍କୁ ଶିବିରରେ
- ରଖାଯାଇ ନାହିଁ
- ବୋଲି ଓସିଏ
- ପକ୍ଷରୁ ପ୍ରକାଶ
- କରାଯାଇଛି।

ରାଉରକେଲାରେ ଜନ୍ମିତ ନଟରାଜଙ୍କ ସମ୍ପୂର୍ଣ୍ଣ ନାଁ ହେଉଛି ନଟରାଜ ଭୁବନ ବେହେରା । ଜୁନିୟର ବୟସ ବର୍ଗର ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାଇଡୁ ଟ୍ରଫିରେ ସେ ରାଜ୍ୟ ଦଳରୁ ଖେଳିଥିଲେ । ୨୩ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଭଲ ପ୍ରଦର୍ଶନ ଦୃଷ୍ଟିରୁ ତାଙ୍କୁ ୨୦୦୭ରେ ସିନିୟର ଦଳରେ ସୁଯୋଗ ମିଳିଥିଲା । ପଞ୍ଜାବ ବିପକ୍ଷ ଟି୨୦ ମ୍ୟାଚ୍‌ରେ ସେ ବ୍ୟାଟିଂ କ୍ରମ ୭ନଂରେ ଆସିଥିବା ବେଳେ ମାତ୍ର ୭ରନ୍ କରିଥିଲେ । ୨୦୦୮ରେ ଗୁଜରାଟ ବିପକ୍ଷରେ ସେ ପ୍ରଥମଶ୍ରେଣୀ କ୍ରିକେଟ ପଦାର୍ପଣ କରିଥିଲେ । ଭୁବନେଶ୍ୱରର ରେଲୱେ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓପନର ପରେଶ ପଟେଲଙ୍କ ସହିତ କ୍ରିଜକୁ ଓହ୍ଲାଇଥିଲେ ନଟରାଜ। ଉକ୍ତ ମ୍ୟାଚ୍‌ରେ ଓଡ଼ିଶା ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା । ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିବା ବେଳେ ନଟରାଜ କିନ୍ତୁ ପ୍ରଥମ ଇନିଂସରେ ୧୪ରନ୍ ଓ ଦ୍ୱିତୀୟ ଇନିଂସରେ ୨୨ରନ୍ କରିଥିଲେ । ୨୦୧୦ରେ ଲକ୍ଷ୍ନୌ ଠାରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ନଟରାଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ୨୦୦୯ରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରୁ ତାଙ୍କର ଲିଷ୍ଟ-ଏ କ୍ୟାରିୟର ଆରମ୍ଭ ହୋଇଥିଲା।

**ଉତ୍‌ଥାନ ପତନ :** ପୁରୁଣା ରେକର୍ଡକୁ ଦେଖିଲେ ରାଜ୍ୟ ଦଳରେ ନଟରାଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି । ହେଲେ ଉତ୍‌ଥାନ ପତନ ମଧ୍ୟରେ ଗତ କିଛିବର୍ଷ ହେବ ତାଙ୍କର କ୍ରିକେଟ କ୍ୟାରିୟର ଗତି କରୁଛି । ୨୦୧୫-୧୬ ସିଜନରେ ନଟରାଜ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୨୫୫ରନ୍ କରିଥିଲେ । ଯାହା ଉକ୍ତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଥିଲା । ଏହି ସିଜନରେ ସେ ୩୫.୫୭ ଆଭରେଜରେ ମୋଟ୍ ୪୯୮ରନ୍ କରିଥିଲେ । ମାତ୍ର ଏହାର ପରବର୍ତ୍ତୀ ସିଜନ ଅର୍ଥାତ୍ ୨୦୧୬-୧୭ରେ ତାଙ୍କୁ ଦଳରେ ଦେଖିବାକୁ ମିଳି ନ ଥିଲା । ପରେ ପୁଣି ଥରେ ୨୦୧୭-୧୮ ସିଜନରେ ପୁନର୍ବାର ସେ ରାଜ୍ୟ ଦଳକୁ ଫେରିବା ସହ ୬ଟି ମ୍ୟାଚ୍‌ରୁ ୧୭୬ରନ୍ କରିଥିଲେ । ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ତାଙ୍କର ସର୍ବାଧିକ ସ୍କୋର ୯୧ରନ୍ ରହିଥିଲା । ପରେ ପୁଣି ଥରେ ଆଗାମୀ ସିଜନରେ ସେ ସିନିୟର ଦଳରୁ ବାଦ ପଡ଼ିବା ନିଶ୍ଚିତ ହୋଇଛି ।

**ଆଇପିଏଲ ଖେଳିଥିଲେ:** ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ରେ ନଟରାଜ ବେହେରା ଖେଳିବାର ସୁଯୋଗ ପାଇଥିଲେ। ୨୦୦୯ ଆଇପିଏଲ ସିଜନରେ ସେ କଲିକତା ନାଇଟ ରାଇଡର୍ସ ପକ୍ଷରୁ ଖେଳିବା ନିମନ୍ତେ ଚୁକ୍ତି କରିଥିଲେ। ଏହି ସିଜନରେ ସେ ଦଳ ସହ ରହିଥିଲେ ମଧ୍ୟ କୌଣସି ମ୍ୟାଚ ଖେଳିବାକୁ ସୁଯୋଗ ପାଇ ନ ଥିଲେ।

**ଦୁଲୀପ ଟ୍ରଫିର ହକ୍‌ଦାର:** ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳକୁ ଦୁଲୀପ ଟ୍ରଫି ଚାମ୍ପିୟନ କରାଇବାରେ ନଟରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କେନ୍ଦ୍ରାଞ୍ଚଳକୁ ଇନିଂସ୍ ପରାଜୟ କରାଇଥିବା ପୂର୍ବାଞ୍ଚଳ ଦଳର ଅଧିନାୟକ ଥିଲେ ନଟରାଜ। ପରେ ୨୦୧୨-୧୩ ସିଜନ ଦୁଲୀପ ଟ୍ରଫି ଫାଇନାଲରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦୀ କେନ୍ଦ୍ରାଞ୍ଚଳ ବିପକ୍ଷ ଫାଇନାଲରେ ଇନିଂସ୍ ଅଗ୍ରଣୀ କରିବା ଯୋଗୁଁ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଥିଲା। ଏହି ସିଜନରେ ମଧ୍ୟ ପୂର୍ବାଞ୍ଚଳର ଅଧିନାୟକ ଭାର ନଟରାଜଙ୍କ କାନ୍ଧରେ ଥିଲା । ସୂଚନାଥାଉକି, ୨୦୧୨ରେ ବି ନଟରାଜ ରାଜ୍ୟ ଦଳର ଅଧିନାୟକ ହୋଇଥିଲେ ।

**ନଟରାଜଙ୍କ କ୍ୟାରିୟର**

ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବେଳେ ୯୩ଟି ଇନିଂସ୍‌ରୁ ମୋଟ୍ ୩୦୩୧ରନ୍ କରିଛନ୍ତି । ଏହା ମଧ୍ୟରେ ୮ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ରହିଛି। ଆଭରେଜ ରହିଛି ୩୪.୪୪। ୨୫୫ରନ୍ ହେଉଛି ନଟରାଜଙ୍କ ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ସ୍କୋର। ୩୭ଟି ଲିଷ୍ଟ-ଏ ମ୍ୟାଚ୍‌ରୁ ସେ ମୋଟ୍ ୯୬୭ରନ୍ କରିଥିବା ବେଳେ ସର୍ବାଧିକ ସ୍କୋର ରହିଛି ୮୧। ୭ଟି ଅର୍ଦ୍ଧଶତକ ରହିଛି। ୧୬ଟି ଟି-୨୦ ମ୍ୟାଚ୍ ଖେଳି ସେ ମୋଟ୍ ୨୬୧ରନ୍ କରିଛନ୍ତି । ସର୍ବାଧିକ ସ୍କୋର ୭୩ ରହିଛି।

**-ପ୍ରସ୍ତୁତି: କୁମାରଶ୍ରୀ**

### କଳାହାଣ୍ଡି କପ୍ ଖେଳିବା ଜରୁରୀ ଥିଲା

ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତିଙ୍କ କହିବା ଅନୁଯାୟୀ, ନଟରାଜଙ୍କୁ କଳାହାଣ୍ଡି କପ୍ ଖେଳିବା ଜରୁରୀ ଥିଲା । ରାଜ୍ୟର ଘରୋଇ ଟୁର୍ନାମେଣ୍ଟ ନ ଖେଳିଲେ ରାଜ୍ୟ ଦଳର ପ୍ରସ୍ତୁତି ଶିବିରରେ ସାମିଲ କରାଯିବା ବେନିୟମ କାର୍ଯ୍ୟ । ନଟରାଜଙ୍କ ଭଳି ସିନିୟର ଖେଳାଳିଙ୍କର ଦଳରେ ଆବଶ୍ୟକ ଥିଲେ ମଧ୍ୟ ସେ କଳାହାଣ୍ଡି କପ୍‌ରେ ଭାଗ ନ ନେବାରୁ ତାଙ୍କୁ ଶିବିରରେ ରଖାଯାଇ ପାରିନାହିଁ । ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତ୍ତି ମଧ୍ୟ ନିଆଯିବା ଅନୁଚିତ ଥିଲା ବୋଲି ବିଷ୍ଣୁଦେବ ପ୍ରତିକ୍ରିୟାରେ କହିଥିଲେ ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.99 (24) | 38,242.81 (224.50) | 11,536.90 (59.95) | 31,510.00 (110) | 37,800.00 (200) |



## ସଂକ୍ଷେପରେ

### ପିଏନ୍‌ବି ମହାଦୁର୍ନୀତି ମାମଲା
## ଭନସାଲୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ୍

**ନୂଆଦିଲ୍ଲୀ,୬-୯:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ କମ୍ପାନୀ ଫାୟାରଷ୍ଟାର ଇଣ୍ଟରନ୍ୟାଶନାଲରେ ସିଇଓ ଥିବା ମିହିର ଆର୍‌.ଭନସାଲୀଙ୍କ ବିରୋଧରେ ଇଣ୍ଟରପୋଲ୍ ରେଡ୍‌କର୍ନର ନୋଟିସ ଜାରି କରିଛି। ସେ ମହାଦୁର୍ନୀତିର ପର୍ଦ୍ଦାଫାଶ ପରେ ଫେରାର ହୋଇଯାଇଛନ୍ତି। ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଇଣ୍ଟରପୋଲ୍‌ର ସହାୟତା ନିଆଯାଇଥିଲା। ଭନସାଲୀ ଆମେରିକା, ବ୍ରିଟେନ, ହଂକଂ, ଚାଇନା କିମ୍ବା ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଲୁଚିଥାଇ ପାରନ୍ତି ବୋଲି ଇଡି ପକ୍ଷରୁ କୁହାଯାଇଛି। ଏଥିପୂର୍ବରୁ ନୀରବ ମୋଦିଙ୍କ ବିରୋଧରେ ମଧ ଇଣ୍ଟରପୋଲ୍ ରେଡକର୍ନର ନୋଟିସ ଜାରି କରିସାରିଛି।

## ହ୍ୟାକରଙ୍କ ଆକାଉଣ୍ଟରେ ଆମାଜନ ଗ୍ରାହକଙ୍କ ଅର୍ଥ

**ଲକ୍ଷ୍ନୌ,୬-୯:** ଉତ୍ତରପ୍ରଦେଶର ରାଜଧାନୀରେ ୧୫୦୦ ଆମାଜନ ଗ୍ରାହକଙ୍କ ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଚାଲିଯାଇଥିବାର ଜଣାପଡିଛି। ଏସମ୍ପର୍କରେ ଜଣାପଡିବା ପରେ କମ୍ପାନୀ ପକ୍ଷରୁ ବିଭୂତିଖଣ୍ଡ ଥାନାରେ ଏତଲା ଦିଆଯାଇଛି। ବିବରଣୀରୁ ଜଣାପଡିଛି ଯେ, ସାମଗ୍ରୀ ପସନ୍ଦ ନ ଆସିଲେ ଇ-କମ୍ପାନୀଗୁଡିକ ଏବାବଦ ଅର୍ଥକୁ ଗ୍ରାହକଙ୍କୁ ଅନଲାଇନରେ ଫେରସ୍ତ କରିଥାନ୍ତି। ଲକ୍ଷ୍ନୌରେ ଆମାଜନର ୧୫୦୦ ଗ୍ରାହକ ସାମଗ୍ରୀ ଫେରାଇବା ବାବଦରେ ରିଫଣ୍ଡ ପାଇବାକୁ ଅପେକ୍ଷା କରିଥିଲେ ହେଁ ଏହା ମିଳି ନ ଥିଲା। ସେମାନେ ଏସମ୍ପର୍କରେ ଆମାଜନକୁ ଜଣାଇବା ପରେ କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଥିଲା। ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡିବା ପରେ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଲକ୍ଷ୍ନୌ ପୋଲିସର ସାଇବର ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଭାରତ-ଆମେରିକା ବାଣିଜ୍ୟ
## ୬୦୦ ବିଲିୟନ ଡଲାର ଛୁଇଁବା ଲକ୍ଷ୍ୟ

**ନୂଆଦିଲ୍ଲୀ,୬-୯:** ଭାରତ ଓ ଆମେରିକା ମଧରେ ଏବେ ୧୨୫ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ହେଉଛି। ଏହାକୁ ବାର୍ଷିକ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବା ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଆମେରିକାର ସହାୟତା ଲୋଡାଯାଇଛି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବହୁ କାରଣରୁ ଭାରତ ଓ ଆମେରିକା ମଧରେ ଦ୍ୱିପାକ୍ଷିକ ବାଣିଜ୍ୟ କ୍ରମାଗତ ହ୍ରାସ ପାଇ ଏବେ ୧୨୫ ବିଲିୟନ ଡଲାରରେ ପହଞ୍ଚିଛି। ଏଥିରେ ଭାରତ ସନ୍ତୁଷ୍ଟ ନୁହେଁ। ନିର୍ଦ୍ଦିଷ୍ଟ ସମୟସୀମା ମଧରେ ବାଣିଜ୍ୟ ଲକ୍ଷ୍ୟକୁ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ହେବ। ଏଦିଗରେ ଏକ ବିସ୍ତାରିତ ରଣକୌଶଳ ତିଆରି କରିବା ଲକ୍ଷ୍ୟରେ ଆଗେଇ ଚାଲିଛୁ ବୋଲି ପ୍ରଭୁ କହିଛନ୍ତି। ୟୁଏସ-ଇଣ୍ଡିଆ ବିଜନେସ୍ କାଉନସିଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଭୁ କହିଛନ୍ତି ଯେ, ବାଣିଜ୍ୟ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗକୁ ଆଲୋଚନା ମାଧମରେ ସମାଧାନ କରିବାକୁ ଭାରତ ଚାହେଁ। ବିଶେଷକରି କୃଷି, ଔଷଧ, ଭିତ୍ତିଭୂମି, ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

## ଯାତ୍ରାରମ୍ଭ କଲା ପାଲେସ ଅନ୍ ହ୍ୱିଲ୍ସ

**ନୂଆଦିଲ୍ଲୀ,୬-୯:** ରେଲୱେର ସବୁଠାରୁ ବିଳାସପୂର୍ଣ୍ଣ ଟ୍ରେନ୍ କୁହାଯାଉଥିବା ପାଲେସ ଅନ୍ ହ୍ୱିଲ୍‌ସ ପୁନର୍ବାର ଯାତ୍ରାରମ୍ଭ କରିଛି। ଯାତ୍ରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଏହାର ବାହାର ତଥା ଭିତର ସାଜସଜ୍ଜାରେ ବେଶ୍ ପରିବର୍ତ୍ତନ କରାଯାଇଛି। ଚଳିତ ମାସରୁ ଏହା ପ୍ରତି ବୁଧବାର ଯାତ୍ରା କରିବ। ଚଳିତ ମାସ ୫ ତାରିଖରେ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେସନରୁ ଏହା ଯାତ୍ରାରମ୍ଭ କରିଛି। ଏହା ପ୍ରମୁଖ ଐତିହ୍ୟସ୍ଥଳୀ ରାଜସ୍ଥାନର ଜୟପୁର, ରନ୍ଥାମ୍ବୋର, ଚିତୋରଗଡ, ଉଦୟପୁର, ଜୈସାଲମେର୍, ଯୋଧପୁର ଏବଂ ଭରତପୁର ସମେତ ଉତ୍ତରପ୍ରଦେଶର ଆଗ୍ରାରେ ରହଣି ହେବ। ପାଲେସ ହ୍ୱିଲ୍ସ ବୁକିଂ ୱେବସାଇଟ ଅନୁଯାୟୀ ଗୋଟିଏ ରାତ୍ରୀ ରହଣି ପାଇଁ ଯାତ୍ରୀଙ୍କୁ ପ୍ରତି ଯାତ୍ରାରେ ୬୫୦ ଡଲାର ଅର୍ଥାତ ୪୫,୫୦୦ ଟଙ୍କା ବ୍ୟୟ କରିବାକୁ ହେବ। ସେହିପରି ସୁପର ଡିଲକ୍ସ ପାଇଁ ପ୍ରତି ରାତ୍ରୀ ରହଣି ଲାଗି ୧ ଲକ୍ଷ ୨୬ ହଜାର ଟଙ୍କା ଏବଂ ସମ୍ପୂର୍ଣ୍ଣ ଯାତ୍ରା ପାଇଁ ୮ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଟ୍ରକ୍, ବସ୍ ଏବଂ ଟାକ୍ସି ଆଦି ବାଣିଜ୍ୟଭିତ୍ତିରେ ଉଦିଷ୍ଟ ଯାନଗୁଡିକ ପାଇଁ କୌଣସି ସ୍ପିଡ୍ ଗଭର୍ନର କଟକଣା ରହିବ ନାହିଁ।
**– ନୀତୀନ ଗଡକାରୀ, କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ**



ଭାରତରେ ଖୁବ୍ ଶୀଘ୍ର ଏୟାର ଟାକ୍ସି ବ୍ୟବସ୍ଥା ବାସ୍ତବ ରୂପ ନେବାକୁ ଯାଉଛି।
**– ଜୟନ୍ତ ସିହ୍ନା, ବେସାମରିକ ବିମାନଚଳାଚଳ ରାଷ୍ଟ୍ରମନ୍ତ୍ରୀ**



# ଅଭିବୃଦ୍ଧି ସତ୍ତ୍ୱେ ନିଯୁକ୍ତି ପ୍ରଭାବିତ

### ଜିଏସ୍‌ଟି ମାଡ

**ପାନିପଥ, ୬-୯**




ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ ବିଭିନ୍ନ ଅସୁବିଧା ନଜରକୁ ଆସିଛି। ଏହାର ସମାଧାନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିକଟରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶ ଜିଡିପି ତଥ୍ୟ ଅନୁସାରେ ଦେଶର ତ୍ରୈମାସ ଅଭିବୃଦ୍ଧି ୮.୨% ରହିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ସତ, ମାତ୍ର ଜିଏସ୍‌ଟି ଭଳି ଆର୍ଥିକ ସଂସ୍କାରର ଚାପରେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକ ପ୍ରଭାବିତ ହେବା ସହ ଅନେକ ଲୋକ ନିଯୁକ୍ତି ହରାଇଥିବା ଜଣାଯାଇଛି। କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଚଳିତ ପ୍ରାୟ ୧୨ରୁ ଅଧିକ ଟିକସକୁ ଜିଏସ୍‌ଟି ମଧରେ ବିଲୀନ କରାଇ ସରକାର ୨୦୧୭ ଜୁଲାଇ ପହିଲାରୁ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ।

ଏହା ଦ୍ୱାରା ଅର୍ଥନୈତିକ ପ୍ରଗତି ଧାରା ତ୍ୱରାନ୍ୱିତ ହୋଇଛି। ଅପରପକ୍ଷରେ ଜିଏସ୍‌ଟି ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବ୍ୟବସାୟ ବାଧାପ୍ରାପ୍ତ ହେବାରୁ ସେମାନେ ବାଣିଜ୍ୟ ବନ୍ଦ କରି ଦେଉଥିବା ଘଟଣାମାନ ସାମ୍ନାକୁ ଆସିଛି। ଏହାଫଳରେ ଉକ୍ତ ୟୁନିଟ୍‌ଗୁଡିକରେ କାର୍ଯ୍ୟ କରୁଥିବା ଲୋକମାନେ ଅନେକ ସଂଖ୍ୟାରେ ନିଯୁକ୍ତି ହରାଇଥିବା ବଜାର ବିଶେଷଜ୍ଞମାନେ ଯୁକ୍ତି ବାଢିଛନ୍ତି। ନିଯୁକ୍ତି ଧାରା ପ୍ରଭାବିତ ହୋଇଥିବାରୁ ଏହାର ପ୍ରତିଫଳନ ଆଗାମୀ ସାଧାରଣ ନିର୍ବାଚନରେ ଦେଖାଯାଇ ପାରେ ବୋଲି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଅନ୍‌ଲାଇନରେ ଟିକସ ଫାଇଲିଂ, ଆକାଉଣ୍ଟାଣ୍ଟ ନିଯୁକ୍ତି, ସିଷ୍ଟମ ନାଭିଗେଶନ ଭଳି ଅନେକ ସମସ୍ୟା ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବିଶେଷ ଭାବେ ଅସୁବିଧା ସାମ୍ନା କରିଛନ୍ତି। ଜଣେ ବ୍ୟବସାୟୀଙ୍କର ଜିଏସ୍‌ଟି ପଞ୍ଜୀକରଣ ରହିଥିଲେ ମଧ ଭେଣ୍ଡର ଏବଂ ବାୟରମାନେ ଟିକସ ବ୍ୟବସ୍ଥାର ଅନୁପାଳନ ଲାଗି ସମର୍ଥ ହେଉ ନ ଥିବାରୁ ବିଭିନ୍ନ ଅସୁବିଧା ଉପୁଜୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି। ଟିକସ କ୍ଷେତ୍ରରେ ରହିଥିବା ଅସୁବିଧାର ସମାଧାନ ଲାଗି ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। କ୍ଷୁଦ୍ର ବାଣିଜ୍ୟଗୁଡିକର ଅସୁବିଧାକୁ ସରକାର ବିଚାର କରୁଛନ୍ତି। ମାତ୍ର ଜିଏସ୍‌ଟି ଯୋଗୁ କେତେ ନିଯୁକ୍ତି ହ୍ରାସ ହୋଇଛି ସେ ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳି ନାହିଁ। ଜିଏସ୍‌ଟି ଯୋଗୁ ବଡ ଫାର୍ମଗୁଡିକ ବିଶେଷ ଭାବେ କୌଣସି ଅସୁବିଧା ସାମ୍ନା କରି ନ ଥିବା ଜଣାଯାଇଛି। ମାତ୍ର କ୍ଷୁଦ୍ର ବାଣିଜ୍ୟଗୁଡିକ ଏବେ ମଧ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ଜୁଲାଇରେ ହୋଇଥିବା ଏକ ସର୍ଭେ ମୁତାବକ ଦେଶର ୬୩ ନିୟୁତ କ୍ଷୁଦ୍ର ବାଣିଜ୍ୟ ମଧ୍ୟରୁ ଏକ ପଞ୍ଚମାଂଶ ସଂସ୍ଥାଗୁଡିକର ଲାଭ ଜିଏସ୍‌ଟି ପରେ ୨୦% ହ୍ରାସ ଘଟିଛି। ଉକ୍ତ ସଂସ୍ଥାଗୁଡିକ ଜିଡିପିକୁ ୩୨% ଅବଦାନ ରଖୁଥିବା ବେଳେ ୧୧୧ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏଭଳି ସ୍ଥିତି ଯୋଗୁ ସଂସ୍ଥାଗୁଡିକ ଅନେକ ମାତ୍ରାରେ ନିଯୁକ୍ତି ହ୍ରାସ କରିଥିବା ଜଣାଯାଇଛି। ରେଡିମେଡ ପୋଷାକ, ଜେମ୍ସ, ଜୁଏଲେରୀ, ଚମଡା, ହସ୍ତଶିଳ୍ପ, ବେସିକ୍ ମେଶିନାରୀ ମାନୁଫାକଚରିଂ କ୍ଷେତ୍ରରେ ବିଶେଷ ଭାବେ ନିଯୁକ୍ତି ହ୍ରାସ ହୋଇଥିବା ଶିଳ୍ପ ସଂସ୍ଥାଗୁଡିକର ପ୍ରତିନିଧିମାନେ କହିଛନ୍ତି।

# ପୋର୍ଟିକୋ ନ୍ୟୁୟର୍କ ପକ୍ଷରୁ ନୂଆ କଲେକଶନ



**କଟକ, ୬-୯**

ପ୍ରମୁଖ ହୋମ୍ ଫ୍ୟାଶନ କମ୍ପାନୀ କ୍ରଏଟିଭ୍ ପୋର୍ଟିକୋ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ପାର୍ବଣ ସମୟକୁ ଧାନରେ ରଖି ନୂଆ ଅଟମ୍-ୱିଣ୍ଟର କଲେକଶନ ବଜାରକୁ ଆସିଛି। କମ୍ପାନୀର ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି , ରିଟେଲ ଜିଏମ୍ ସୁଭେଶ ସିଂ ଏବଂ ବିତରକ ଆରତୀ ମିଶ୍ର କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କଲେକ୍ସନଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଟେକ୍ସଟାଇଲ ଓ ରିଟେଲ କ୍ଷେତ୍ରରେ ସକ୍ରିୟ ଥିବା କ୍ରିଏଟିଭ୍ ଗ୍ରୁପର ଏକ ଅଂଶବିଶେଷ 'ପୋର୍ଟିକୋ'। ଏହା ଗ୍ରାହକଙ୍କ ଲାଗି ଆକର୍ଷଣୀୟ ହୋମ୍ କଲେକ୍ସନ ପ୍ରସ୍ତୁତ କରୁଥିବା ସୂଚନା ଦେଇଛି। ବିଶ୍ୱ ବଜାରର ଟ୍ରେଣ୍ଡକୁ ଧାନରେ ରଖି ଭାରତୀୟ ଗ୍ରାହକଙ୍କୁ ସୁହାଇଲା ଭଳି ଉତ୍ପାଦ ଆଣିବା ଦିଗରେ ପଦକ୍ଷେପ ଜାରି ରହିଥିବା ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ସର୍ବଦା ନବୀନତମ ଉତ୍ପାଦ ପ୍ରଦାନ ଦିଗରେ କମ୍ପାନୀ ସର୍ବଦା ଯତ୍ନବାନ ବୋଲି ଡିଜାଇନ ତଥା ପ୍ରଡକ୍ଟ ଉନ୍ନତୀକରଣ ମୁଖ୍ୟ ପୂଜା ପୁସାଲକର କହିଛନ୍ତି। ଯୁବାବର୍ଗଙ୍କ ଆବଶ୍ୟକତା ଆଧାରରେ ନୂଆ କଲେକ୍ସନ ବଜାରକୁ ଛଡାଯାଉଛି।

# ଗ୍ରାହକ ସେବା ଜେଏମ୍‌ଜିର ପ୍ରାଥମିକତା



**ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ କମ୍ପାନୀଙ୍କ ମଧରେ କଡା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଉନ୍ନତ ଉତ୍ପାଦ ତଥା ସେବା ଯୋଗାଣ ବାଦ୍ ଗ୍ରାହକଙ୍କୁ ନିଜ ସହ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଟଚ୍ ପଏଣ୍ଟରେ ସ୍ୱତନ୍ତ୍ର ସେବା ଯୋଗାଇ ଦେଉଛନ୍ତି। ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ହିରୋ ମୋଟୋକର୍ପର ସର୍ବ ବୃହତ ଡିଲରଶିପ ଭାବେ 'ଜେଏମ୍‌ଜି ହିରୋ'ର ଖ୍ୟାତି ରହିଛି। କଟକର ପ୍ରଫେସରପଡାରେ ଅବସ୍ଥିତ ଥିବା ଏହି ଶୋରୁମ 'ଜେଏମ୍‌ଜି ଅଟୋମୋବାଇଲ୍ସ' ନାମରେ ବେଶ ଜଣାଶୁଣା। ଉକ୍ତ ଡିଲରଶିପ ବର୍ତ୍ତମାନ ୨ ଟଚ୍ ପଏଣ୍ଟ ତଥା ସର୍ଭିସ ସେଣ୍ଟର ଦ୍ୱାରା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଗ୍ରାହକଙ୍କୁ ବାଇକ୍ ଓ ସ୍କୁଟର ବିକ୍ରି, ସର୍ଭିସ, ଅଟୋ ଶିଳ୍ପର ଡିଲରଶିପ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ.....**

**■ଦୁଇ ଚକିଆ ଯାନ ବାଣିଜ୍ୟ କ୍ଷେତ୍ରକୁ ଆସିବା ଲାଗି କାହିଁକି ବାଛିଲେ?**

❖ଦୁଇ ଚକିଆ ଯାନ ଲାଗି ଓଡିଶା ଏକ ଅଭିବୃଦ୍ଧିଶୀଳ ବଜାର। ଏଠାରେ ଯୁବାବର୍ଗ ବାଇକ୍ ପ୍ରତି ବିଶେଷ ଆଗ୍ରହ ଦେଖାଉଛନ୍ତି। ହିରୋ ମୋଟୋକର୍ପର ବିଭିନ୍ନ ମଡେଲଗୁଡିକ ପ୍ରତି ଗ୍ରାହକଙ୍କର ମୂଳରୁ ବିଶେଷ ଭାବେ ଭଲ ପାଇବା ରହିଛି। ଏଭଳି ବିଭିନ୍ନ ଧାରାକୁ ନଜରରେ ରଖି ଦୁଇ ଚକିଆ ଯାନ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲୁ।

**■ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପରଠାରୁ ଗତ ୧୯ ବର୍ଷ ମଧରେ ଯାତ୍ରା କେମିତି ରହିଛି?**

❖ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ଗତ ୧୯ ବର୍ଷର ଯାତ୍ରା ଏକ ବିଶେଷ ଘଟଣା ବହୁଳ। କଟକ ସହରରେ ଏହି ସମୟ ମଧରେ ପ୍ରାୟ ୨ ଲକ୍ଷ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛୁ।

**■ଆଗାମୀ ଦିନରେ କ'ଣ ସବୁ ଯୋଜନା ରହିଛି?**

❖ ବର୍ତ୍ତମାନ ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ଆସିଲାଣି। ସବୁ ସେଗମେଣ୍ଟରେ ଦୁଇ ଚକିଆ ଯାନ ସହ ଗ୍ରାହକଙ୍କ ଚାହିଦାକୁ ପ୍ରାଥମିକତା ପ୍ରଦାନ ଦେଉଛୁ। ଏ ନେଇ ଶୋ'ରୁମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

**■ଜେଏମ୍‌ଜି ହିରୋ ଶୋ'ରୁମର ସ୍ୱତନ୍ତ୍ରତା କ'ଣ?**

❖ଟ୍ୱିନ୍ ସିଟିରେ 'ଜେଏମ୍‌ଜି ହିରୋ' ହିରୋ ଦୁଇ ଚକିଆ ଯାନ ଲାଗି ଏକ ପ୍ରମୁଖ ଶୋ'ରୁମ। ଗ୍ରାହକଙ୍କ ଆବଶ୍ୟକତାକୁ ନେଇ ଆମେ ସର୍ବଦା ଯତ୍ନବାନ ରହିଛୁ। ସେଲସ୍, ସର୍ଭିସ, ସ୍ପେୟାର ତଥା ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନ ଦେଉଛୁ। ବେଷ୍ଟ ଇନ୍ କ୍ଲାସ ସୁବିଧା, ସର୍ବୋଚ୍ଚ ସର୍ଭିସ ଷ୍ଟାଣ୍ଡାର୍ଡକୁ ନଜରରେ ରଖାଯାଉଛି। ସମ୍ପୂର୍ଣ୍ଣ ଅଟୋମେଟେଡ ବ୍ୟବସ୍ଥା, ହିରୋ ମୋଟୋ କର୍ପର ଟେକ୍ନିସିଆନ ଯାନର କେୟାର ଲାଗି ନିୟୋଜିତ ହୋଇଛନ୍ତି। ଷ୍ଟେଟ୍ ଅଫ୍ ଆର୍ଟ ସର୍ଭିସ ଷ୍ଟେଶନ ଏଠାରେ ସ୍ଥାପନ କରାଯାଇଛି। ବର୍ତ୍ତମାନ ହିରୋର ସବୁ ଦୁଇ ଚକିଆ ଯାନ ଏବଂ ପ୍ରକୃତ ଆସେସୋରିଜ୍ ଉପରେ ୫ ବର୍ଷିଆ ୱାରେଣ୍ଟି ପ୍ରଦାନ କରାଯାଉଛି। ଗୁଡ୍ ଲାଇଫ୍ ପ୍ରୋଗ୍ରାମ, ଜଏ ରାଇଡ୍ ପ୍ରୋଗ୍ରାମ୍, କମ୍ପାନୀ ଅଫର ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ବାଦ୍ ଶୋରୁମରେ ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ଅଫର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

**■ଉତ୍ତମ ଗ୍ରାହକ ସେବାକୁ ନେଇ କ'ଣ କହିବେ?**

❖ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଆମେ ସର୍ବଦା ଅଗ୍ରାଧିକାର ଦେଉଛୁ। ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ମଧ ପ୍ରଦାନ କରାଯାଉଛି। ନେଟ୍‌ୱର୍କରେ ଉନ୍ନତୀକରଣ ନେଇ ବର୍ତ୍ତମାନ ଆମେ ଫୋକସ ରଖିଛୁ।

# ୨୩ ବ୍ୟାଙ୍କକୁ ଜରିମାନା ଭୟ

### ଆଧାର ପଞ୍ଜୀକରଣ

**ନୂଆଦିଲ୍ଲୀ,୬-୯**





ନଭେମ୍ବର ପହିଲାରୁ ପିଛିଲା ଭାବେ ପ୍ରତି ଶାଖାରେ ୮ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ ନ କଲେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ଡି ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦା ସହ ଦେଶର ୨୩ ବ୍ୟାଙ୍କ ବିରୋଧରେ ଆଧାର ପଞ୍ଜୀକରଣ ଏଜେନ୍ସି ୟୁଆଇଏଡିଆଇ ଜରିମାନା ଆଦାୟ କରିବ ବୋଲି ଚେତାବନୀ ଶୁଣାଇ ସାରିଛି। ଏହାକୁ ନେଇ ବ୍ୟାଙ୍କଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରିଜର୍ଭ ବ୍ୟାଙ୍କକୁ ବାଦ୍ ଦେଇ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) କିପରି ଜରିମାନା ଆଦାୟ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପ୍ରତି ଶାଖାରେ ୮, ଅକ୍ଟୋବର ପହିଲାରୁ ୧୨ ଏବଂ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ୧୬ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ କରିବାକୁ ୟୁଆଇଡିଏଆଇ ପକ୍ଷରୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟସୀମାକୁ ଏବେ ନଭେମ୍ବର ପହିଲାକୁ ଘୁଞ୍ଚାଇ ଦିଆଯାଇଛି। ସମୟ ବୃଦ୍ଧି ପୂର୍ବରୁ ଜୁଲାଇରେ ଲକ୍ଷ୍ୟପୂରଣ କରି ନ ଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ଉପରେ ୮୨ ଲକ୍ଷ ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୬୮ ଲକ୍ଷ ଟଙ୍କା,କାନାରା ବ୍ୟାଙ୍କ ୬୪.୨ ଲକ୍ଷ ଟଙ୍କା ଏବଂ ୟୁକୋ ବ୍ୟାଙ୍କ ଉପରେ ୫୭ଲକ୍ଷ ଟଙ୍କାର ଜରିମାନା ବକେୟା ପଡିଛି। ବ୍ୟାଙ୍କମାନଙ୍କ ପ୍ରଶ୍ନ ଉପରେ ଉତ୍ତର ଦେଇ ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆଧାର ଆଇନାନୁସାରେ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

# ୭୨ ଟପିଲାଣି ଟଙ୍କା...




**ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ୭ମ ଦିନ ହ୍ରାସ ପାଇଛି। ଗୁରୁବାର ଟଙ୍କା ଏକ ସମୟରେ ୭୨ ସ୍ତର ପାର୍ କରିଯାଇଥିଲା। ଆଗକୁ ଆହୁରି କମିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଅଶୋଧିତ ତୈଳ ଦରବୃଦ୍ଧି, ଡଲାର ଚାହିଦା ବଢ଼ିବା ସାଙ୍ଗକୁ ବିକାଶଶୀଳ ଦେଶର ମୁଦ୍ରା ହ୍ରାସ ପାଇବାର ପ୍ରଭାବ ଟଙ୍କା ଉପରେ ପଡିଛି। ଏଥିଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ବଢୁଥିବା ବେଳେ ଚଳନ୍ତି ଖାତା ନିଅଣ୍ଟ ପରିମାଣ ମଧ ବଢୁଛି। ଟଙ୍କାର ହ୍ରାସ ନେଇ ବିଶେଷଜ୍ଞମାନେ କ'ଣ କହୁଛନ୍ତି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।**

## ବିତ୍ତୀୟ ନିଅଣ୍ଟ ସୀମା ଭିତରେ ରହୁ



୨୦୧୩ ମସିହାରେ ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ପାଖାପାଖି ୨୩% ହ୍ରାସ ପାଇଥିଲା। ସେ ସମୟକୁ ଦେଖିଲେ ଚଳିତ ବର୍ଷ ଏହା ୧୧% ହ୍ରାସ ପାଇଛି। ଅନ୍ୟ ପକ୍ଷରେ ୨୦୧୩ରେ ଏକ ବ୍ୟାରେଲ ଅଶୋଧିତ ତୈଳ ଦର ମୂଲ୍ୟ ୧୦୭ ଡଲାର ଥିଲା। କିନ୍ତୁ ଏବେ ଏହା ୭୫ ଡଲାର ପାଖାପାଖି ରହିଛି। ଯାହାକି ତୁଳନାତ୍ମକ ଭାବେ ଯଥେଷ୍ଟ କମ। ବର୍ତ୍ତମାନ ଖୁଚୁରା ବଜାରରେ ତୈଳ ଦର ବୃଦ୍ଧି କୌଣସି ବାହ୍ୟ କାରଣ ପାଇଁ ନୁହେଁ ବରଂ ଆଭ୍ୟନ୍ତରୀଣ ଟିକସ ଦ୍ୱାରା ପ୍ରଭାବିତ।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ପାଖାପାଖି ୪୧୫ ବିଲିୟନ ଡଲାର ବିଦେଶୀ ମୂଲ୍ୟ ଗଚ୍ଛିତ ରହିଛି, ଯାହାକି ୨୦୧୪ ମାର୍ଚ୍ଚ ବେଳକୁ ମାତ୍ର ୩୦୩ ବିଲିୟନ ଡଲାର ଥିଲା। ଏହି ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ତୁଳନାତ୍ମକ ଭାବେ ଭଲ ରହିଛି। ବିତ୍ତୀୟ ନିଅଣ୍ଟକୁ ସୀମା ଭିତରେ ରଖିବା ହେଉଛି ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣାଧୀନ ରହିଲେ ଯାଇ ପରିସ୍ଥିତି ନିୟନ୍ତ୍ରଣରେ ରହିବ।

**ଡ. ଦିଲ୍ଲୀପ କୁମାର ପଣ୍ଡା, ଅର୍ଥନୀତି ବିଶାରଦ**

## ରପ୍ତାନି ଶିଳ୍ପକୁ ଭଲ ହେଲେବି ଦେଶ ପାଇଁ ମନ୍ଦ



ଯେଉଁମାନେ ଭାରତରେ ରପ୍ତାନି ଶିଳ୍ପରେ ଜଡ଼ିତ ସେମାନଙ୍କ ପାଇଁ ସାମୟିକ ଭାବେ ଭଲ। କାରଣ ସେମାନେ ଡଲାର ଆକାରରେ ଯେଉଁ ଆୟ କରିବେ ତାହାର ବିନିମୟ ମୂଲ୍ୟ ଭାରତରେ ଅଧିକ ପାଇବେ। ଫଳରେ ପୂର୍ବରୁ ଏକ ଡାଲର ବଦଳରେ ସେମାନେ ଯଦି ୬୫ ଟଙ୍କା ପାଉଥିଲେ ବୋଲି ଧରାଯିବ ଆଜି ସେମାନେ ୭୨ ଟଙ୍କା ପାଇବେ। ଏହା ଏକ ସାମାୟିକ ଲାଭ ବୋଲି କୁହାଯିବ। କିନ୍ତୁ ଦେଶର ଅର୍ଥନୀତି ପାଇଁ ଏହା ମହଙ୍ଗା। କାରଣ ସାମଗ୍ରିକ ଭାବେ ଖର୍ଚ୍ଚ ବଢିବ। ସାଧାରଣ ଅର୍ଥରେ ଖର୍ଚ୍ଚ ବଢିବା ଦ୍ୱାରା ଦର ବୃଦ୍ଧି ପାଇବ। ଦର ବୃଦ୍ଧି ପାଇଲେ ଖାଉଟିଙ୍କ ଉପରେ ବୋଝ ବଢିବ।

**ରମେଶ ମହାପାତ୍ର, ଅଧ୍ୟକ୍ଷ, ୟୁସିସିଆଇ**

ଅତି ସରଳ ଭାଷାରେ କହିଲେ ଭାରତରେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିଦେଶରୁ କଞ୍ଚାମାଲ ଆମଦାନୀ କରୁଛନ୍ତି ସେମାନେ ଏବେ ଅଧିକ ଖର୍ଚ୍ଚ ସହିବେ। ଏହି ବର୍ଦ୍ଧିତ ଖର୍ଚ୍ଚ ସକାଶେ ଏଠାରେ ଉତ୍ପାଦନ ଖର୍ଚ୍ଚ ବଢିବ। ଉତ୍ପାଦନ ଖର୍ଚ୍ଚ ବଢିଲେ ଦର ଦାମ ବୃଦ୍ଧି ପାଇବ। ଫଳରେ ଖାଉଟିମାନଙ୍କ କ୍ରୟ ଶକ୍ତି କମିବ। ଏହା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଲା ତୈଳ ଦର ଉପରେ ଦେଶର ସବୁ କ୍ଷେତ୍ରଗୁଡିକ ନିର୍ଭରଶୀଳ ହୋଇଥିବା ବେଳେ ପ୍ରାୟ ୮୦% ତୈଳ ଭାରତରେ ଆମଦାନୀ ଉପରେ ନିର୍ଭରେ କରେ। ଏଭଳି ସ୍ଥଳେ ତୈଳ ଦର ବୃଦ୍ଧି ଏବଂ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ଖାଉଟିଙ୍କ ପାଇଁ ଶୁଭ ସଙ୍କେତ ନୁହେଁ। କାରଣ ଏକ ନିର୍ଦ୍ଦିଷ୍ଟ ସମୟରେ ଆୟ ପ୍ରାୟତଃ ସମାନ ଥାଏ। ଆୟ ସମାନ ଥାଇ ଦରଦାମ ବୃଦ୍ଧି ପାଇଲେ ଗ୍ରାହକଙ୍କର ପ୍ରକୃତ ଆୟ ହ୍ରାସ ପାଉଛି ବୋଲି ଜାଣି ରଖିବା ଉଚିତ।

**–ରୂପ୍ କୁମାର ପ୍ରଧାନ, ସିଏଫ୍‌ପି**


**List of Sairat Sources to be settled on Long Term lease basis for five years (2018-19 to 2022-23) in respect of Tahasil Office, Konisi.**

| Sl. No. | Mouza | Name of the Source | Khata No. | Plot No. | Extent of Area in Ac. | Royality per Cum including Addl. Charge 5% | Solvency | EMD |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Padmapur | Stone | 577 | 803 | 2.720 | 137 | 200000 | 14774 |

**Sairat Lease Application (Form-M) in sealed cover (Time-10.00 AM to 5.00 PM), with Treasury Challan Rs. 1,000/-**

| Phase | Date of Receive in sealed Cover | Date of opening of Tender | |
|---|---|---|---|
| 1st Phase | 05.09.2018 to 20.09.2018 | 24.09.2018 | 11.00 AM |
| 2nd Phase | 25.09.2018 to 10.10.2018 | 11.10.2018 | 11.00 AM |
| 3rd Phase | 20.10.2018 to 05.11.2018 | 06.11.2018 | 11.00 AM |

**Sd./- Tahasildar, Konisi**

**ODISHA STATE AGRICULTURAL MARKETING BOARD**
Plot No.1800(P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org

**NOTICE INVITING TENDER**

**Bid Reference No. : OSAMB/2017-18/MKT-I/2634** **Date: 06.09.2018**

Online Bids through e-Tender portal **(https://tendersodisha.gov.in)** are invited from eligible bidders (OEM) for supply & delivery of Android Smart Mobile Phones as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 07.09.2018 | |
| 2 | Last Date and time for submission of pre bid queries | 11.09.2018 upto 05:00 PM | |
| 3 | Date & time of Pre-bid meeting | Date:- 12.09.2018 (at 10:00 AM to 02:00 PM) Venue : Conference Hall, Odisha State Agricultural Marketing Board, Plot No:-1800 (P), Near Ramamani Petrol Pump, Baramunda , Khandagiri, Bhubaneswar-751030 | |
| 4 | Publication of Corrigendum if any, | 15.09.2018 | |
| 5 | Date & time of Online bid submission. | Start Date | End Date & Time |
| | | 16.09.2018 | 30.09.2018 upto 05.00 P.M. |
| 6 | Date of online Technical bid opening | 01.10.2018 | |
| 7 | Date of demonstration of Mobile phones. | 09.10.2018 | |
| 8 | Date of opening of Price Bid | To be intimated to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and Terms & Conditions are available in the websites: **www.osamboard.org** and **https://tendersodisha.gov.in.** The Authority reserves the right to accept / reject any part thereof or all the bids without assigning any reason thereof.

**Sd./- General Manager**
**OSAMB, Bhubaneswar**

ଭାରତରେ ଅଶ୍ୱ ଚାଳନାକୁ ଲୋକପ୍ରିୟ କରିବାକୁ ହେଲେ ସରକାରୀ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ।

–ଫୈଆଦ ମିର୍ଜା, ଏସିଆନ ଗେମ୍ସ ପଦକ ବିଜେତା



ଏସିଆ କପ୍‌ରେ ଭାରତୀୟ ଦଳର ଗେମ୍ ପ୍ଲାନରେ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ବିଶେଷ ଭୂମିକା ରହିବ।

–ବ୍ରେଟ୍ ଲି', ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିଡ୍‌ଷ୍ଟର



## ସଂକ୍ଷେପରେ

### ହକି ଖେଳାଳି ସୁରେନ୍ଦର କୁମାରଙ୍କୁ ପଦୋନ୍ନତି

ନୂଆଦିଲ୍ଲୀ,୬ା୯(ପି.ଟି.): ଏସିଆନ୍ ଗେମ୍ସ ହକି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ସୁରେନ୍ଦର କୁମାରଙ୍କୁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ରାମ ବିଳାସ ପାସୱାନ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ)ରେ କାର୍ଯ୍ୟରତ ସୁରେନ୍ଦରଙ୍କୁ ମ୍ୟାନେଜର ପଦୋନ୍ନତି ଦେବା ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ନେଇ ଘୋଷଣା କରିଛନ୍ତି। ସୁରେନ୍ଦର ଏବେ ଆସିଷ୍ଟାଣ୍ଟ ଗ୍ରେଡ-୨ ପଦରେ କାର୍ଯ୍ୟରତ। ତାଙ୍କୁ ଏକା ଥରକେ ଦୁଇ ପାହ୍ୟା ଉପରକୁ ପଦୋନ୍ନତି ମିଳିଛି। ଏହି ହକି ଖେଳାଳିଙ୍କ ବ୍ୟତୀତ ଅବସରପ୍ରାପ୍ତ ଆଥ୍‌ଲେଟ୍ ସାଇନି ଆବ୍ରାହମ ଓ ଭାରୋତ୍ତୋଳନକାରୀ କର୍ନମ ମାଲେଶ୍ୱରି ସ୍ପୋର୍ଟ୍ସ କୋଟାରେ ଏଫ୍‌ସିଆଇରେ କାର୍ଯ୍ୟ କରୁଛନ୍ତି।

### ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ବ୍ରାଡବର୍ନ

କରାଚୀ,୬ା୯(ପି.ଟି.)- ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତି ନେଇ ଚାଲିଥିବା ପ୍ରକ୍ରିୟାର ଅନ୍ତ ଘଟିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ବ୍ରାଡବର୍ନଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ମାସରେ ୟୁଏଇଠାରେ ହେବାକୁ ଥିବା ଏସିଆ କପ୍‌ଠାରୁ ସେ କାର୍ଯ୍ୟଭାର ସମ୍ଭାଳିବେ। ଏ ନେଇ ଗୁରୁବାର ପିସିବି ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଅଷ୍ଟ୍ରେଲିଆନ ଫିଲ୍ଡିଂ କୋଚ୍ ଷ୍ଟିଭ ରିକ୍ସନଙ୍କ ସ୍ଥାନ ନେବେ।

# ହଂକଂ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୬ା୯**

ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ହଂକଂ ବିପକ୍ଷରେ ଖେଳି ଭାରତୀୟ ଦଳ ତା'ର ଅଭିଯାନ ଆରମ୍ଭ କରିବ। ଗୁରୁବାର ହଂକଂ ଦଳ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ୟୁଏଇକୁ ୨ ଉଇକେଟ୍‌ରେ ପରାସ୍ତକରି ଚାମ୍ପିୟନ ହେବା ସହ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓ ପାକିସ୍ତାନ ସହ ହଂକଂ ଗ୍ରୁପ୍–ଏ'ରେ ୩ୟ ଦଳ ଭାବେ ସ୍ଥାନ ପାଇଛି। ପୂର୍ବରୁ ଏସିଆ କପ୍ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଚାଲିଥିବାରୁ ଗ୍ରୁପ୍–ଏ'ର କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇପାରି ନ ଥିଲା। ସେପ୍ଟେମ୍ବର ୧୮ରେ ହଂକଂ ବିପକ୍ଷରେ ଖେଳି ଭାରତ ତା'ର ଅଭିଯାନ ଆରମ୍ଭ କରିବ। ସେହିଭଳି ଏହାର ଠିକ୍ ପରଦିନ ଅର୍ଥାତ ସେପ୍ଟେମ୍ବର ୧୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ୬ ଦଳୀୟ ପ୍ରତିଯୋଗିତାର ଗ୍ରୁପ୍–ବି'ରେ ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ରହିଛନ୍ତି। ଏସିଆ କପ୍ ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଏହାପରେ ସେପ୍ଟେମ୍ବର ୨୧ରୁ ସୁପର୍–୪ ପର୍ଯ୍ୟାୟ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ୨୮ରେ ଦୁବାଇରେ ଅନୁଷ୍ଠିତ ହେବ।

ଏସିଆ କପ୍‌ର ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପାଇବା ପାଇଁ ନେପାଳ, ଓମାନ, ସିଙ୍ଗାପୁର, ମାଲେସିଆ ଓ ୟୁଏଇ ମଧ୍ୟରେ ଗତ ଅଗଷ୍ଟ ୨୯ରୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ମାଲେସିଆରେ ଆରମ୍ଭ ହୋଇଥିଲା। ହଂକଂ ଓ ୟୁଏଇ ମଧ୍ୟରେ ଏହାର ଫାଇନାଲ ମ୍ୟାଚ୍ ଗୁରୁବାର କୁଆଲାଲମ୍ପୁର କିନରାରା ଏକାଡେମୀରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୨୪ ଓଭର ବିଶିଷ୍ଟ କରାଯାଇଥିଲା। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟ୍‌କୁ ପିଛା କରି ହଂକଂ ୨୩.୩ ଓଭରରେ ଲକ୍ଷ୍ୟ ହାସଲ କରିନେବା ସହ ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିନେଇଛି।

### ହଂକଂ ନେତୃତ୍ୱ ନେବେ ଅଂଶୁମାନ

ହଂକଂ କ୍ରିକେଟ ଦଳ ଆଗାମୀ ଏସିଆ କପ୍‌କୁ ଯୋଗ୍ୟତା ହାସଲ କରିଥିବାବେଳେ ଗ୍ରୁପ୍–ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ସହ

**ଏସିଆ କପ୍**

ସ୍ଥାନ ପାଇଛି। ଗୁରୁବାର ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲରେ ହଂକଂ ୨ ଉଇକେଟ୍‌ରେ ୟୁଏଇକୁ ପରାସ୍ତକରି ଏହି ସଫଳତା ପାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଓଡ଼ିଆ ପୁଅ ଅଂଶୁମାନ ରଥଙ୍କ ନେତୃତ୍ୱରେ ଖେଳି ହଂକଂ ଦଳ ଏସିଆ କପ୍‌ର ମୁଖ୍ୟ ପର୍ଯ୍ୟାୟକୁ ଟିକେଟ୍ ହାସଲ କରିଛି। ସେପ୍ଟେମ୍ବର ୧୬ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ସହ ହଂକଂ ଏସିଆ କପ୍‌ରେ ତା'ର ଅଭିଯାନ ଆରମ୍ଭ କରିବ। ଏହାର ଦୁଇଦିନ ପରେ ୧୮ରେ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତକୁ ଭେଟିବ। ତେଣୁ ଏହି ଦୁଇ ମ୍ୟାଚ୍ ଲାଗି ଅଂଶୁମାନଙ୍କ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ୨୦ ବର୍ଷୀୟ ଅଂଶୁମାନ ୨୦୧୪ରେ ପାପୁଆ ନ୍ୟୁ ଗିନି ବିପକ୍ଷରେ ଖେଳି ତାଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ଅଂଶୁମାନ ହଂକଂ ଜାତୀୟ ଦଳ ପକ୍ଷରୁ ୧୬ଟି ଦିନିକିଆ ଓ ୨୦ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ପରିଚିତ ଅଂଶୁମାନ ସାମୟିକ ସ୍ପିନ ବୋଲିଂ ମଧ୍ୟ ପକାନ୍ତି। ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ବାବର ହାଏତ୍‌ଙ୍କ ସ୍ଥାନରେ ଅଂଶୁମାନଙ୍କୁ ହଂକଂ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲା।


**INVITATION FOR BIDS (IFB)**
**NATIONAL COMPETITIVE**
**BIDDING THROUGH e-Tendering**

IDENTIFICATION NO: RWS&S DIVN., PURI-35 OF 2018-19
Ph: (06752) 251276, Fax: (06752) 251276, E-mail: eerwss_puri@nic.in
NATIONAL COMPETITIVE BIDDING THROUGH E-PROCUREMENT
Bid Identification No. RWSSPURI 35/ 2018-19

**1st CORRIGENDUM TO**
**INVITATION FOR BIDS (IFB)**
**IDENTIFICATION NO: RWS&S DIVN. PURI-35 OF 2018-19**

**No.734-O:-** In the IDENTIFICATION NO. RWS&S DIVN. PURI-35 OF 2018-19, Sl. No. (1) the Column No. 3 to 4 are hereby changed as follows. All other items in the tender remain un-altered.

| Sl No. | Name of the Work | Appx. Value of work (Rs. in lakhs) | EMD to be deposited (In Rs.) |
|---|---|---|---|
| 1 | 2 | 3 | 4 |
| 1 | Piped water supply to village SIANDI under KRUSHNAPRASAD Block | 70.52 | 70600/- |

Sd./-
Executive Engineer,
RWS&S Division, Puri
25017/11/0062/1819



GOVERNMENT OF ODISHA
ST & SC DEVELOPMENT DEPARTMENT

**No.__17156__/SSD, Bhubaneswar Dated_05-09-2018___**
**STSCD-WOEP-CASE 3-0009-2015**

**SECOND SHOW CAUSE NOTICE**

**No.44-V:-** Whereas a disciplinary proceeding has been initiated against Sri Manas Ranjan Pattnaik, Ex-W.E.O., Banarpal Block, Angul under Rule-15 of OCS (CC&A) Rules, 1962 vide Proceeding No.7917 dt.07.03.2002.

And whereas the Disciplinary Authority considered it necessary to appoint the A.D.M. Angul as the Inquiring Officer and the B.D.O., Banarpal as the Marshalling Officer under Sub-Rule-4 & 5 of Rule-15 of OCS(CC&A) Rules,1962 vide ST & SC Development Department, Office Order No.37394/SSD Dt.22.08.2003.

And whereas the Inquiring Officer submitted his enquiry report Dated.09.10.2015.

And whereas the enquiry report was sent to the Delinquent Officer through the 1st Show Cause Notice No.23013/SSD, dated.23.11.2015 which was returned without being served upon the addressee. Hence, the D.O. was intimated through a notice published in two local dailies viz, "The Samaj" and "The Dharitri" (dtd. 12.05.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer within 15 days.

And whereas Delinquent Officer did not submit his representation even after expiry of the stipulated period.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has proposed to award the following punishments on the Delinquent Officer.

1. Rs.18,700/- be recovered from the Delinquent Officer with interest from the date of receipt.
2. Two annual periodical increments be stopped with cumulative effect.
3. Period of suspension be treated as such.

Therefore, in pursuance of Rule-15 (10) (i) (b) of OCS (CC&A) Rules of 1962, the punishment as proposed by the Disciplinary Authority is furnished herewith to the Delinquent Officer calling upon him to submit any representation as he may wish to make against the proposed punishment within 15 days, failing which the matter will be decided on its own merit as per the existing rules.

Sd/-
Director (ST)-cum-Special Secretary to Govt.
26001/11/0008/1819



**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ନଂ.୧୧୫୩୧/ତା୧୮ା୦୮ା୨୦୧୮
ବିଜ୍ଞାପନ

**ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ାସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଟେଣ୍ଡରର ତଥ୍ୟାବଳୀ ତା୦୭ା୦୯ା୨୦୧୮ରୁ ତା୦୩ା୧୦ା୨୦୧୮ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟାଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୫୦/– (ଏକ ଶତ ପଚାଶ ଟଙ୍କା) ଜମା କରି କିମ୍ବା www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ପାଇପାରିବେ। ଡାଉନଲୋଡ ଟେଣ୍ଡର ଫର୍ମ ସହ ଟ.୧୫୦/– (ଏକଶତ ପଚାଶ) ଟଙ୍କାର I.P.O. ଯାହାକି G.P.O. ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେସିକ ଫିସ୍ ପାଇଁ ଟ.୧୦୦୦/– (ଏକ ହଜାର) ଟଙ୍କା ଯାହାକି ଫେରସ୍ତଯୋଗ୍ୟ ନୁହେଁ, ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ Bank Draft, Accounts Officer, OSRTC, ଭୁବନେଶ୍ୱରଙ୍କ ନାମରେ ଗ୍ରହଣଯୋଗ୍ୟ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ତା୦୩ା୧୦ା୨୦୧୮ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website ରେ ଉପଲବ୍ଧ।

**ଅଧକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ**
**ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**



**GOVERNMENT OF ODISHA**
**"e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**KHORDHA (R&B) CIRCLE, KHORDHA**

**WORKS DEPARTMENT**
**TENDER CALL NOTICE**

E-mail: rbcirclekhurda@gmail.com
**Bid Identification No. SE-Khordha (R&B) Circle-05/2018-19**
**Memo No - Dt.28.08.2018.**

No. 452-B: The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

| | | |
|---|---|---|
| 1. | Nature of Work | Road Works |
| 2. | No. of Work | 03 Nos. |
| 3. | Tender Cost | Rs.10000.00 (On-Line) |
| 4. | Class of Contractor | 'B' Class |
| 5. | Available document in the Website | From Dt. 07.09.2018 10.00 AM to Dt. 22.09.2018 5.00 PM |
| 6. | Date of opening of Bid | Dt. 24.09.2018 at 11.30 AM |
| 7. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website. | |

34127/11/0005/1819
**Superintending Engineer,**
**Khordha (R&B) Circle, Khordha**



**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ**

**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. 49-F:-** ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୭–୧୮ ଆର୍ଥିକ ବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଓସାଟ୍ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ଏହି ବ୍ଲକ୍‌ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବା ହେବେ।

| କ୍ର. ନଂ. | ବ୍ଲକ୍‌ର ନାମ | ବ୍ଲକ୍‌ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୂଚୀ | | | |
|---|---|---|---|---|---|
| | | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
| ୧ | ତାଳଚେର | ୧୮ା୦୯ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୨ | କଣିହାଁ | ୨୦ା୦୯ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୩ | ଛେଣ୍ଡିପଦା | ୨୫ା୦୯ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୪ | ଅନୁଗୋଳ | ୨୭ା୦୯ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ |
| ୫ | ଆଠମଲ୍ଲିକ | ୨୯ା୦୯ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା |
| ୬ | କିଶୋରନଗର | ୦୫ା୧୦ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା |
| ୭ | ପାଲଲହଡ଼ା | ୧୦ା୧୦ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୮ | ବଣ୍ଡଁରପାଳ | ୧୨ା୧୦ା୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ |

ସ୍ୱା./– ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଅନୁଗୋଳ
24012/11/0013/1819



**GOVERNMENT OF ODISHA, e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 04/2018-19**
**Email Id-sedklpwd@gmail.com**

Letter No / Dt.
No. 450-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

| | | |
|---|---|---|
| 1. | Name of the work | Road, Bridge and Building works |
| 2. | No. of works | 13 (Thirteen) Nos. |
| 3. | Estimated Cost | Rs.1,18,98,681/- to Rs.3,95,04,688.00/- |
| 4. | Cost of tender paper | Rs 10,000.00 |
| 5. | Class of contractor | 'A', 'B' and 'Special' Class' |
| 6. | Period of Completion of work | 05 (Five) to11 (Eleven) Calendar months |
| 7. | Date and time of availability of bid Document in the website | From Dt.06.09.2018 to 16.00 hours of Dt.20.09.2018 |
| 8. | Date of opening of bid | Dt.22.09.2018 at 15.30 hours |

The bidders have to participate in ONLINE biding only. further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

34132/11/0007/1819
**Superintending Engineer**
**Dhenkanal(R&B) Circle,Dhenkanal**



No.DSPL-148

# ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ– ୨୦୧୯

ତା. ୦୧.୦୧.୨୦୧୯ରିଖକୁ ଯୋଗ୍ୟତାସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

| | | |
|---|---|---|
| ଚିଠା ଭୋଟର ତାଲିକା ପ୍ରକାଶନ | – | ୦୧.୦୯.୨୦୧୮ |
| ଦାବା ଓ ଆପତ୍ତି ଦାଖଲ | – | ୦୧.୦୯.୨୦୧୮ ଠାରୁ ୩୧.୧୦.୨୦୧୮ |
| ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ | – | ୦୪.୦୧.୨୦୧୯ |

- ଆସନ୍ତା ତା. ୩୧.୧୦.୨୦୧୮ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡିକରେ ସରକାରୀ କାର୍ଯ୍ୟ ଦିବସରେ ଚିଠା ଭୋଟର ତାଲିକାକୁ ଭୋଟରମାନେ ତନଖି କରିପାରିବେ।
- ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନିର୍ଭୁଲ ଭାବରେ ପଞ୍ଜୀକୃତ ହୋଇଛି କି ? ଯଦି ଆପଣ ୦୧.୦୧.୨୦୧୯ କୁ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ଆପଣଙ୍କ ନାମ ନାହିଁ ତେବେ ଫର୍ମ–୬ରେ ପାସପୋର୍ଟ ସାଇଜ୍ ଫଟୋ, ଜନ୍ମ ତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ–୮ରେ ଦରଖାସ୍ତ ସଂପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବି.ଏଲ୍.ଓ.)/ ବ୍ଲକ / ମ୍ୟୁନିସିପାଲଟି / ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
- ଭୋଟର ତାଲିକାକୁ ସଂପୂର୍ଣ୍ଣ ଶୁଦ୍ଧ ଏବଂ ବିଶ୍ୱସନୀୟ କରିବା ନିମନ୍ତେ ଏହି ପ୍ରୟାସରେ ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in/ www.ceoorissa.nic.in ରେ on–line ଦରଖାସ୍ତ ଦେଇପାରିବେ।

ଜାଣି ରଖନ୍ତୁ :–
- ଗୋଟିଏ ଭୋଟର ପରିଚୟ ପତ୍ର ସାରା ଭାରତରେ ବୈଧ।
- ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବା ନିମନ୍ତେ website : www.ceoorissa.nic.in / www.nvsp.in ଦେଖନ୍ତୁ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674–1950 / 1950କୁ ଫୋନ୍ କରନ୍ତୁ।

**ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.**
**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**
12001/13/0018/1819



**OFFICE OF THE SUPERINTENDENT,**
**SLNMCH, KORAPUT, DIST.- KORAPUT**

Letter No. 1056 Dt. 04.09.2018

**QUOTATION CALL NOTICE**

**No. 405-E:-** Sealed quotation is invited from Travel Agencies / Tour Operators or Private individuals from state for providing one non-Ac Diesel Driven vehicle (Swift Dzire). The detail information of which are made available in Koraput Dist. website i.e. http//www.koraput.nic.in.

The date and time of receipt of sealed quotation is from 05.09.2018 to 18.09.2018 at 2.00PM on working days.

*Sd./- Superintendent*
*SLNMCH, Koraput*
10121/11/0018/1819



**THE ODISHA STATE POLICE HOUSING & WELFARE CORPORATION LTD.**
**JANAPATH, BHOINAGAR, BHUBANESWAR - 22 (Electrical Division)**
Ph: 0674-2541545, 2542921, Fax: 0674-2541543
Email: jmelectricalophwc@gmail.com, Website: www.ophwc.nic.in

**TENDER CALL NOTICE**
**BID REFERENCE NO. 26/JM/ ELECT/ OPHWC/2018-19**
CAD-805

**INVITATION FOR BIDS (IFB)**

| | | | |
|---|---|---|---|
| 1. | The Joint Manager, Electrical Division (OSPH&WC), Odisha Bhubaneswar invites bids in single cover system for work as detailed below: | | |
| 2. | Name of work | : | Execution of Comprehensive Annual maintenance contract for close circuit camera system installed at State Guest House, Bhubaneswar |
| 3. | No. of Work | : | 01 No. |
| 4. | EMD & Bid Cost | : | (As per column-3 & 4 of the IFB) |
| 5. | Eligibility Criteria | : | Authorised dealers or their authorised service providers |
| 6. | Availability of Bid Documents in the website www.ophwc.nic.in | : | Dt.07.09.2018 to Dt.17.09.2018 upto 5.00PM |
| 7. | Last date /time of Receipt of Bids | : | Dt.22.09.2018 upto 12:30 PM |
| 8. | Date of Opening Bid | : | Dt.22.09.2018 at 03:30PM |
| 9. | Further details can be seen from the website: www.ophwc.nic.in. Any addendum / corrigendum / cancellation of tender can also be seen in the said website. | | |

*Sd./- Joint Manager (Elect)*
*OSPH&WC, Bhubaneswar*
12025/11/0074/1819



**Directorate of**
**Sch. Castes & Sch. Tribes Research & Training Institute (SCSTRTI), CRPF Square, Bhubaneswar-751003**
**(Telephone & Fax No.0674-2561635/ E-mail Id: scstrti@yahoo.co.in.)**
**No.2490/M/11/18 Dated:05.09.2018**

**SHORT TENDER NOTICE**

**No.46-V:-** Sealed tenders are hereby invited from interested Agencies/Firms for 'Enriching Virtual Reality Experiences' in SCSTRTI, Bhubaneswar. The bid must be addressed to the Director & Spl. Secy. to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is dt.20.09.2018 by 3.00 PM. The interested Agencies/Firms can log on to the Govt. website (www.odisha.gov.in) and SCSTRTI website (www.scstrti.in) for detail.

**Sd./-**
**Director &Spl. Secy.**
**To Govt. SCSTRTI,**
**Bhubaneswar**
26026/11/0020/1819



“ ଅଶ୍ୱଚାଳନା ପ୍ରତିଯୋଗିତାରେ ଗୋଟିଏ ଘୋଡ଼ା ଓ ମଣିଷର ଦୁଇ ଶରୀର ଓ ଗୋଟିଏ ଆତ୍ମାର ସମିଶ୍ରଣ ଭଳି ।

–ମେଜର ଆଶିଷ ମଲିକ, ଭାରତୀୟ ଅଶ୍ୱଚାଳନା ଦଳର ଅଧିନାୟକ



“ ସାଫ୍ କପ୍‌ରେ ମାଳଦ୍ୱୀପକୁ ଭେଟିବା ପୂର୍ବରୁ ଆମର ତ୍ରୁଟିକୁ ସଜାଡ଼ି ନେବା ଅତ୍ୟନ୍ତ ଜରୁରୀ ।

–ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍, ଫୁଟ୍‌ବଲ ମୁଖ୍ୟ କୋଚ୍

## ସଂକ୍ଷେପରେ

### ଶିବସୁନ୍ଦର ମଣିପୁର ଦଳର କୋଚ୍

କଟକ ଅଫିସ, ୬।୯: ପ୍ରଥମ ଥର ନିମନ୍ତେ ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ମଣିପୁର ଦଳର କୋଚ୍ ଭାର ସମ୍ଭାଳିଛନ୍ତି ଶିବସୁନ୍ଦର ଦାସ। ରାଜ୍ୟର ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ସିନିୟର ଦଳର ପୂର୍ବତନ କୋଚ୍ ଶିବସୁନ୍ଦର ଆସନ୍ତା ୯ତାରିଖରେ ମଣିପୁର ଦଳର ପ୍ରସ୍ତୁତି ଶିବିରରେ ଯୋଗଦେବେ। ମଣିପୁରରେ ବର୍ଷା ଲାଗି ରହିଥିବାରୁ ଆସାମଠାରେ ଦଳର ପ୍ରସ୍ତୁତି ଶିବିର ହେବ। ୨୦୧୮-୧୯ କ୍ରିକେଟ ସିଜିନରେ ମଣିପୁର ପ୍ରଥମଥର ପାଇଁ ମୁକାବିଲାକୁ ଓହ୍ଲାଉଥିବାରୁ ଏହି ଦଳର କୋଚ୍ ଭାର ଗ୍ରହଣ କରିବା ଚ୍ୟାଲେଞ୍ଜିଂ ବୋଲି ଶିବସୁନ୍ଦର କହିଛନ୍ତି। ଅନ୍ୟପକ୍ଷରେ ଦଳର ସାମର୍ଥ୍ୟକୁ ପରଖା ଯାଇ ଖେଳାଳିମାନଙ୍କୁ ଆଗାମୀ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ କରାଯିବ। ଉଭୟ ମୋ ପାଇଁ ଓ ମଣିପୁର ଦଳ ପାଇଁ ଆଗାମୀ କ୍ରିକେଟ ସିଜିନ ଏକ ନୂତନ ଚ୍ୟାଲେଞ୍ଜ ଭାବେ ସମ୍ମୁଖୀନ ହେବ ବୋଲି ଶିବସୁନ୍ଦର କହିଥିଲେ। ସୂଚନାଥାଉକି, ଗତ ୨୦୧୭-୧୮ ସିଜିନରେ ଶିବସୁନ୍ଦର ଓଡ଼ିଶା ସିନିୟର ଦଳର କୋଚ୍ ରହିଥିଲେ ।

### ଫାଓ ଲିଗ୍: ଚାଉଳିଆଗଞ୍ଜ କ୍ଲବ ବିଜୟୀ

କଟକ ଅଫିସ, ୬।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଗୋଟିଏ ମ୍ୟାଚ୍‌ରେ ଚାଉଳିଆଗଞ୍ଜ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ଚାଉଳିଆଗଞ୍ଜ କ୍ଲବ ୨-୦ଗୋଲରେ ଟାଉନ୍‌କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଚାଉଳିଆଗଞ୍ଜ କ୍ଲବ ପକ୍ଷରୁ ଏହି ୨ଟି ଯାକ ଗୋଲ ହୋଇଥିଲା। ୩ୟ ମିନିଟରେ ରମେଶ ମୁର୍ମୁ, ୨୯ତମ ମିନିଟରେ ମହେଶ ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନହେବା ଯୋଗୁଁ ଚାଉଳିଆଗଞ୍ଜ କ୍ଲବ ମ୍ୟାଚ୍‌କୁ ଜିତିଥିଲା। ଏସ୍‌ବିଆଇ ଓ ଲାଲ୍‌ବାଗ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି ।

### ବିରାଟ, ରୁଟ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ: ଲାରା

ନ୍ୟୁୟର୍କ, ୬।୯- କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ବ୍ରାଏନ ଲାରା ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡର ଜୋ ରୁଟ୍‌ଙ୍କୁ ବର୍ତ୍ତମାନ ସମୟର ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ଚୟନ କରିଛନ୍ତି। ଆଇସିସି ବିଶ୍ୱକପ୍ ଟ୍ରଫି ଟୁର୍ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବର୍ତ୍ତମାନ ନ୍ୟୁୟର୍କ ଗସ୍ତରେ ଥିବା ଲାରା ଦୁଇ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ କାଗିସୋ ରାବାଡାଙ୍କୁ ଶ୍ରେଷ୍ଠ ବୋଲରଭାବେ ଅଭିହିତ କରିଛନ୍ତି। କିନ୍ତୁ ମୁଥିୟା ମୁରଲୀଧରନ ଓ ସେନ ୱର୍ନଙ୍କୁ ସାମ୍ନା କରିବା ସବୁଠାରୁ କଷ୍ଟସାଧ୍ୟ ଥିଲା ବୋଲି ଏହି ମହାନ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁରଲୀଧରନ ମୋତେ ସବୁବେଳେ ଦ୍ୱନ୍ଦ୍ୱରେ ପକାଉଥିଲେ। କିନ୍ତୁ ସମୟ ଗଡ଼ିବା ସହ ମୁରଲୀଙ୍କ ବିପକ୍ଷରେ ଖେଳିବା ମୋତେ ବହୁତ ସହଜ ହୋଇଥିଲା। ସେହିଭଳି ୱର୍ନଙ୍କୁ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଲେଗ୍-ସ୍ପିନର ଭାବେ ସେ ବର୍ଣ୍ଣନା କରିଛନ୍ତି। ଅପରପକ୍ଷରେ ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସରେ ଟି୨୦ କ୍ରିକେଟକୁ ସାମିଲ କରିବାକୁ ଲାରା ନିଜର ସମର୍ଥନ ଜଣାଇଛନ୍ତି। 'ଟି୨୦ କ୍ରିକେଟ ମାତ୍ର ୩ ଘଣ୍ଟାର ଖେଳ। ତେବେ କାହିଁକି ଏହାକୁ ଅଲିମ୍ପିକ୍ସରେ ସାମିଲ କରାଯାଉନାହିଁ' ବୋଲି ଲାରା ପ୍ରଶ୍ନ କରିଛନ୍ତି।

### ଏମ୍‌ବାପ୍ପେ ୩ଟି ମ୍ୟାଚରୁ ବାସନ୍ଦ

ପ୍ୟାରିସ, ୬।୯- ଫ୍ରାନ୍ସ ଯୁବ ଫୁଟ୍‌ବଲ ତାରକା କେଲିଆନ ଏମ୍‌ବାପ୍ପେ ଲିଗ୍ ୧' ପ୍ରତିଯୋଗିତାର ଆଗାମୀ ୩ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି)ର ଷ୍ଟାର ଷ୍ଟ୍ରାଇକର ୧୯ ବର୍ଷୀୟ ଏମ୍‌ବାପ୍ପେ ଗତ ସପ୍ତାହରେ ନିମେସ ବିପକ୍ଷ ଏକ ମ୍ୟାଚ୍‌ରେ ରେଡ୍ କାର୍ଡ ପାଇଥିଲେ। ଏହି କାରଣରୁ ପ୍ରତିଯୋଗିତାର ପରବର୍ତ୍ତୀ ୩ଟି ମ୍ୟାଚ୍‌ରୁ ସେ ବାସନ୍ଦ ହୋଇଛନ୍ତି ବୋଲି ଫ୍ରାନ୍ସ ଲିଗ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍‌ରେ ଏମ୍‌ବାପ୍ପେଙ୍କ ଗୋଲ ବଳରେ ତାଙ୍କ ଦଳ ପିଏସ୍‌ଜି ୪-୨ରେ ନିମେସ୍‌କୁ ପରାସ୍ତ କରିଥିଲା। ତେବେ ମ୍ୟାଚ୍ ଅବସରରେ ଏମ୍‌ବାପ୍ପେ ପ୍ରତିପକ୍ଷ ଖେଳାଳି ତେଜି ସଭନିଅରଙ୍କୁ ଫାଉଲ୍ ମାରି ପଡ଼ିଆ ଛାଡ଼ିଥିଲେ। ବାସନ୍ଦାଦେଶ ଫଳରେ ଏମ୍‌ବାପ୍ପେ ସେଣ୍ଟ-ଏଟିଏନେ (ସେପ୍ଟେମ୍ବର ୧୪), ରେନେସ (ସେପ୍ଟେମ୍ବର ୨୩) ଓ ଏହାର ୩ ଦିନପରେ ରେଇମ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

# ସାନ୍ତ୍ୱନାମୂଳକ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୬।୯(ପି.ଟି.)

ସିରିଜ ହାତଛଡ଼ା କରିସାରିଥିବା ଭାରତ ଶୁକ୍ରବାର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡକୁ ଭେଟିବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଅବସର ଘୋଷଣା କରିସାରିଥିବାରୁ ତାଙ୍କ ପାଇଁ ଏହା ଫେୟାରୱେଲ ଟେଷ୍ଟ ବା ବିଦାୟୀ ମ୍ୟାଚ ସାବ୍ୟସ୍ତ ହୋଇଛି। ଅନ୍ୟ ପଟେ ୩–୧ରେ

## କୁକ୍‌ଙ୍କ ବିଦାୟୀ ଟେଷ୍ଟ

ପଛରେ ରହି ସିରିଜ ହାରିସାରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ୧–୪ ବ୍ୟବଧାନରେ ହାରିବା ଅପେକ୍ଷା ୨–୩ ବ୍ୟବଧାନରେ ସିରିଜ ହାରିବା ନିଶ୍ଚିତ ଭାବେ ଆଖିକୁ ଭଲ ଦେଖାଯିବ।

ଭାରତୀୟ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଭାରତକୁ ଗତ ୧୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଆଖ୍ୟା ଦେଇଛନ୍ତି ଓ ଦଳର ମନୋବଳ ଉଚ୍ଚ ରଖିବାକୁ ପ୍ରୟାସ କରିଛନ୍ତି। ଯଦିଓ ତାଙ୍କର ଏହି ମତ ତଥ୍ୟ ଭିତ୍ତିକ ନୁହଁ। ୨୦୦୨ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ଇଂଲଣ୍ଡ ଗସ୍ତରେ ଆସି ସିରିଜ ଅମୀମାଂସିତ ରଖିଥିଲା। ସେହିପରି ଗାଙ୍ଗୁଲିଙ୍କ ଏହି ଭାରତୀୟ ଦଳ ୨୦୦୩–୦୪ରେ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ସିରିଜ ଡ୍ର ରଖିଥିଲା ଓ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଗୋଟିଏ ଟେଷ୍ଟ ଜିତିଥିଲା। ପୁଣି ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ପାକିସ୍ତାନ ଗସ୍ତ କରି ଏକ ସିରିଜ ଜିତିଥିଲା।

ପୁଣି ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ୨୦୦୬ରେ ୱେଷ୍ଟଇଣ୍ଡିଜ୍‌ରେ ଓ ୨୦୦୭ରେ ଇଂଲଣ୍ଡରେ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଟେଷ୍ଟ ମଧ୍ୟ ଜିତିଥିଲା। ସେହିପରି ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ଭାରତ ପର୍ଥର ବାଉନ୍ସି ଉଇକେଟରେ ଅନୁଷ୍ଠିତ ଟେଷ୍ଟରେ ବାଜି ମାରିଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ଟେଷ୍ଟ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତ କରି ପ୍ରଥମଥର ପାଇଁ ଟେଷ୍ଟ ସିରିଜ ଡ୍ର ରଖିଥିଲା।


ପ୍ରଥମେ ଦକ୍ଷିଣ ଆଫ୍ରିକା ଓ ପରେ ଇଂଲଣ୍ଡ ଗସ୍ତରେ ପଛକୁ ପଛ ଦୁଇଟି ସିରିଜ ହାତଛଡ଼ା କରିସାରିବା ପରେ ବିଶ୍ୱ ୧ ନମ୍ବର ଟେଷ୍ଟ ଦଳ ଭାରତର ପ୍ରଦର୍ଶନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ସିରିଜର ପରାଜୟ ସତ୍ତ୍ୱେ ଅବଶ୍ୟ ଭାରତ ତା'ର ୧ ନମ୍ବର ସ୍ଥାନ ବଜାୟ ରଖିଛି।

ଅନ୍ତିମ ଟେଷ୍ଟରେ ଭାରତର ଅନ୍ତିମ ଏକାଦଶ କିଭଳି ହେବ ତାହା ଫୋକସ୍‌ରେ ରହିଛି। ଶ୍ରେଷ୍ଠ ଦଳ ନେଇ ଭାରତ ପଡିଆକୁ ଓହ୍ଲାଇବ। ତେବେ ଏହି ଦଳରେ କେତୋଟି ପରିବର୍ତ୍ତନ ହେବ ଓ ପରୀକ୍ଷା ନିରୀକ୍ଷା ହେବା ଆଶା କରାଯାଉଛି। ୧୮ ବର୍ଷୀୟ ଓପନର ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ନୂଆ ପିଢ଼ିର ଓପନରଙ୍କ ଉପରେ ଚୟନକର୍ତ୍ତାଙ୍କ ଏବେ ନଜର ରହିଛି। ଦୁର୍ବଳ ଫର୍ମ କାରଣରୁ ମୁରଲୀ ବିଜୟ ଦଳରୁ ବାଦ ପଡିସାରିଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ରହିଥିବାରୁ ଚୟନକର୍ତ୍ତାମାନେ ଯୁବ ତଥା ଦକ୍ଷ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି। ପୃଥ୍ୱୀ ସଫଳ ହେଲେ ଭଲ। ପୁଣି ଯଦି ବିଫଳ ହୁଅନ୍ତି ତେବେ ମଧ୍ୟ ତାଙ୍କ ପାଇଁ ଆଗକୁ ସୁଯୋଗ ରହିବ। ତେବେ ଏବେକାର ଓପନିଂ ଯୋଡି ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପର୍ଯ୍ୟନ୍ତ ଭାରତ ବଜାୟ ରଖିବା ଉଚିତ୍ ବୋଲି କେତେକେ ମତ ଦେଇଛନ୍ତି। ତେଣୁ ଏହି ଯୋଡିକୁ ଶେଷ ସୁଯୋଗ ଉପରେ କେତେକେ ପ୍ରାଧାନ୍ୟ ଦେଇଛନ୍ତି। ଆଗାମୀ ଘରୋଇ ସେସନ ପର୍ଯ୍ୟନ୍ତ ପୃଥ୍ୱୀଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ମଧ୍ୟ କୁହାଯାଇଛି। ଲୋୟର ମିଡିଲ ଅର୍ଡରରେ ଭାରତ ପରିବର୍ତ୍ତନ କରିବା ଆଶା କରାଯାଉଛି। ହାର୍ଦ୍ଦିକ ପାଣ୍ଡ୍ୟ ବ୍ୟାଟିଂରେ ବିଫଳ ହେବା କାରଣରୁ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯିବା ମନେହୁଏ। ହନୁମା ମଧ୍ୟ କାମଚଳା ସ୍ପିନ୍ ବୋଲିଂ କରିପାରନ୍ତି।

ପୁଣି ନେଟ୍ସରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବୁଧବାର ବୋଲିଂ କରିନାହାନ୍ତି। ଫଳରେ ଏହି ଗସ୍ତରେ ରବୀନ୍ଦ୍ର ଜାଡେଜା ପ୍ରଥମଥର ପାଇଁ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ପୁଣି ଆସନ୍ତା ସପ୍ତାହରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାରୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ବୁମରା ଓ ଶାର୍ଦ୍ଦୁଳ ଠାକୁର ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ଉମେଶ ଯାଦବ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଆଶା କରାଯାଉଛି।

ଅପରପକ୍ଷରେ କୁକ୍ ଅବସର ନେଉଥିବାରୁ ଏହି ଟେଷ୍ଟ ଇଂଲଣ୍ଡ ପାଇଁ ବେଶ୍ ଭାବପ୍ରବଣତା ସୃଷ୍ଟି କରିଛି। ବିଜୟ ହାସଲ କରି କୁକ୍‌ଙ୍କୁ ବିଦାୟୀ ଉପହାର ଦେବାକୁ ଇଂଲଣ୍ଡ ଦଳ ଚେଷ୍ଟା କରିବ। ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କ୍ରମାଗତ ବିଫଳତା ସତ୍ତ୍ୱେ ଜେନିଙ୍ଗସ୍‌ଙ୍କୁ ଦଳରେ ବଜାୟ ରଖାଯାଇଛି। ଦୁଇ ତାରକା ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦିଆଯାଇପାରେ। କ୍ରିସ ୱୋକ୍ସ ଫିଟ୍ ହୋଇସାରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମନେହୁଏ। ଅନ୍ୟ ଗ୍ରାଉଣ୍ଡ ଭଳି ଓଭାଲର ଉଇକେଟରେ ମଧ୍ୟ ଘାସ ରହିଛି ଓ ଏହା ଭଲ ଟେଷ୍ଟ ଉଇକେଟ ବୋଲି ପ୍ରମାଣିତ ହେବା ଆଶା କରାଯାଉଛି।



ଅଭ୍ୟାସ ଅବସରରେ ରିଷଭ ପନ୍ତ (ବାମ) ଓ ବିରାଟ କୋହଲି।

| ଭାରତୀୟ ଦଳ | ଇଂଲଣ୍ଡ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା। | ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗସ୍, ଜନି ବେୟାରଷ୍ଟୋ, ଜୋସ ବଟଲର, ଅଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ। |


**ସ୍ଥାନ: ଓଭାଲ, ଲଣ୍ଡନ, ସମୟ: ଅପରାହ୍ଣ ୩.୩୦**

# ବିଶ୍ୱରେକର୍ଡ ସହ ସୌରଭଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱନ (ଦକ୍ଷିଣ କୋରିଆ), ୬।୯ (ପି.ଟି.)

## ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଯୁବ ଭାରତୀୟ ଶୁଟର ସୌରଭ ଚୌଧାରୀ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୌରଭ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୧୬ ବର୍ଷୀୟ ମିରଟ ଶୁଟର ସୌରଭ ଗତ ମାସରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ସଫଳତା ପାଇଥିଲେ। ଗୁରୁବାର ଅନୁଷ୍ଠିତ ଜୁନିୟର ୧୦ ମିଟର ଏୟାର ପିସ୍ତଲର ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୧ ସ୍କୋର କରିବା ସହ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ସେ ୨୪୫.୫ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିବା ସହ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭାଙ୍ଗି ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ୨୧୮ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। କୋରିଆର ହୋଜିନ ଲିମ୍ (୨୪୩.୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏଥିପୂର୍ବରୁ ସୌରଭ ଜୁନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମେ ବିଶ୍ୱରେକର୍ଡ କରିଥିଲେ। ଅପରପକ୍ଷରେ ଟିମ୍ ଇଭେଣ୍ଟରେ ସୌରଭ, ଅର୍ଜୁନ ଓ ଅନମୋଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୩୦ ସ୍କୋର ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲା। ୨୦୨୦ ଅଲିମ୍ପିକ୍ସ ପାଇଁ ଏହି ଚାମ୍ପିୟନଶିପ୍ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାବେଳେ ଦୁଇ ଭାରତୀୟ ଶୁଟର ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା କେବଳ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସଫଳ ହୋଇଛନ୍ତି।



# ପୋଲିସ ହକିରେ ନିଶାନ ଅମ୍ପାୟର

ଭୁବନେଶ୍ୱର, ୬।୯(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଜଳନ୍ଧରରେ ୬୭ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜାବ ପୋଲିସ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ନିକଟରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକି( ଏ ଓ ବି ଡିଭିଜନ), ଏବା ଭୋପାଳରେ ଅନୁଷ୍ଠିତ ଜାତୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ହକି ଇଣ୍ଡିଆ ନିଶାନଙ୍କ ଉପରେ ଆସ୍ଥା ରଖି ଆଉ ଏକ ଟୁର୍ନାମେଣ୍ଟ ପାଇଁ ଅମ୍ପାୟରଭାବେ ନିଯୁକ୍ତି ଦେଇଛି।



ନିଶାନ ଜ୍ୟୋତି ମହାନ୍ତି

ଏହା ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅମ୍ପାୟର ଓ ଜଜ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ନିଶାନଙ୍କୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶାର ସମ୍ଭାବ୍ୟ ଖେଳାଳି ତାଲିକା

କଟକ ଅଫିସ,୬।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-ବି'ରେ ଥିବାବେଳେ ୨୦ ତାରିଖରୁ ଅଭିଯାନ ଆରମ୍ଭ କରିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ ଦିଲ୍ଲୀରେ ଖେଳିବ। ଏ ନେଇ ରାଜ୍ୟର ୨୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଗୁରୁବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଘୋଷଣା କରିଛି। ତେବେ କେତେକ

## ବିଜୟ ହଜାରେ ଟ୍ରଫି

ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇ ନୂଆ ମୁହଁକୁ ସମ୍ଭାବ୍ୟ ତାଲିକାରେ ସାମିଲ କରାଯାଇଛି।

ଆସନ୍ତା ସିଜିନ ନିମନ୍ତେ ରାଜ୍ୟ ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିର ଜୋରଦାର ଭାବେ କଟକରେ ଜାରି ରହିଛି। ଶିବିରରୁ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ଯେଉଁ ୨୦ ଜଣିଆ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି ସେଥିରୁ ରାଜ୍ୟର ଅଭିଜ୍ଞ ତଥା ସିନିୟର ଖେଳାଳିମାନଙ୍କୁ ବାଦ ଦିଆଯାଇଛି। ବସନ୍ତ ମହାନ୍ତି, ଅରବିନ୍ଦ ସିଂ, ଜୟନ୍ତ ବେହେରା, ଆଲୋକ ମଙ୍ଗରାଜ, ଧୀରଜ ସିଂ, ଆଲୋକ ସାହୁଙ୍କ ଭଳି ପ୍ରମୁଖ ଖେଳାଳିଙ୍କୁ ତାଲିକାଭୁକ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ନୂତନ ଖେଳାଳି ଭାବେ ପପୁ ରାୟ, ରଘୁନାଥ ମଲ୍ଲ, କ୍ରିଷ୍ଣା ପଲାଇ ଓ ଆଶୁତୋଷ ଦାସ ରହିଛନ୍ତି। ରାଜେଶ ମହାନ୍ତିଙ୍କୁ ଏହି ତାଲିକାରେ ରଖାଯାଇଥିବା ବେଳେ ସେ ୧୯ ବର୍ଷରୁ କମ୍ ଏସିଆ କପ୍ ଖେଳିବା ନିମନ୍ତେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ତାଙ୍କ ବଦଳରେ ଆଶୁତୋଷଙ୍କୁ ସ୍ଥାନ ମିଳିଥିଲା। ସିନିୟର ଖେଳାଳିମାନଙ୍କୁ ରଣ୍‌ଜୀ ସିଜିନ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ବେଳେ ଯୁବ ପ୍ରତିଭାମାନଙ୍କୁ ଏହି ଏକଦିବସୀୟ ଟୁର୍ନାମେଣ୍ଟ ନିମନ୍ତେ ସମ୍ଭାବ୍ୟ ତାଲିକାରେ ରଖାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି ।

**ସମ୍ଭାବ୍ୟ ଖେଳାଳି ତାଲିକା**

ଅନୁରାଗ ଷଡ଼ଙ୍ଗୀ, ରାଜେଶ ଧୂପର, ରଞ୍ଜିତ ସିଂ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା, ପ୍ରୀତ କନୱର ସିଂ ଚୌହ୍ୱାନ, ଦେବବ୍ରତ ପ୍ରଧାନ, ଅଭିଶେକ ରାଉତ, ସୁଜିତ ଲେଙ୍କା, ପପୁ ରାୟ, ଶାନ୍ତନୁ ମିଶ୍ର, ରଘୁନାଥ ମଲ୍ଲ, ଶୁଭମ ନାୟକ, କ୍ରୀଷ୍ଣା ପଲାଇ, ଆଶୁତୋଷ ଦାସ, ପି. ରୋଶନ କୁମାର ରାଓ, ପ୍ରୟାସ କୁମାର ସିଂ ।

**ଓଡ଼ିଶାର ମ୍ୟାଚ୍**

ସେପ୍ଟେମ୍ବର ୨୦– ବିପକ୍ଷ ଆନ୍ଧ୍ରପ୍ରଦେଶ
ସେପ୍ଟେମ୍ବର ୨୧– ବିପକ୍ଷ କେରଳ
ସେପ୍ଟେମ୍ବର ୨୩– ବିପକ୍ଷ ଉତ୍ତରପ୍ରଦେଶ
ସେପ୍ଟେମ୍ବର ୨୬– ବିପକ୍ଷ ଦିଲ୍ଲୀ
ସେପ୍ଟେମ୍ବର ୨୮– ବିପକ୍ଷ ମଧ୍ୟପ୍ରଦେଶ
ଅକ୍ଟୋବର ୨– ବିପକ୍ଷ ଛତିଶଗଡ଼
ଅକ୍ଟୋବର ୪– ବିପକ୍ଷ ସୌରାଷ୍ଟ୍ର
ଅକ୍ଟୋବର ୬– ବିପକ୍ଷ ହାଇଦ୍ରାବାଦ

# ସେମିରେ ଜୋକୋଭିଚ୍, ନିଶିକୋରି

ନ୍ୟୁୟର୍କ, ୬।୯

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଓ ଜାପାନର କେଇ ନିଶିକୋରି ଏଠାରେ ଚାଲିଥିବା ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ନାଓମି ଓସାକା ୨୨ ବର୍ଷ ପରେ ଜାପାନର ପ୍ରଥମ ମହିଳା ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଅନ୍ତିମ-୪ରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

ବୁଧବାର ରାତିରେ ଖେଳାଯାଇଥିବା

## ୟୁଏସ୍ ଓପନ୍

ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୩୧ ବର୍ଷୀୟ ଜୋକୋଭିଚ୍ ୬–୩, ୬–୪, ୬–୪ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ଜିତିବାକୁ ୬ଷ୍ଠ ସିଡ୍ ଜୋକୋଭିଚ୍‌ଙ୍କୁ ୨ ଘଣ୍ଟା ୪୯ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ପ୍ରି-କ୍ୱାର୍ଟରର ଏକ ମୁକାବିଲାରେ ବିଶ୍ୱର ୫୫ ନମ୍ବର ମାନ୍ୟତା ମିଲ୍‌ମ୍ୟାନ ତାରକା ଖେଳାଳି ରୋଜର ଫେଡେରରଙ୍କୁ ହରାଇ ଏହି ସମ୍ମାନଜନକ ପ୍ରତିଯୋଗିତାରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। କିନ୍ତୁ ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ସେ ସମ୍ପୂର୍ଣ୍ଣଭାବେ ଆତ୍ମସମର୍ପଣ କରିଥିଲେ। ଏହି ବିଜୟ ସହ ଜୋକୋଭିଚ୍ ୟୁଏସ୍ ଓପନ୍‌ରେ ଖେଳିଥିବା ସମସ୍ତ ୧୧ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଜିତିଛନ୍ତି। ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଜାପାନର ନିଶିକୋରିଙ୍କ ସହ ହେବ। ଯଦି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରନ୍ତି ତେବେ ସେ ରେକର୍ଡ ୫ମଥର ଲାଗି ୟୁଏସ୍ ଓପନ୍ ଫାଇନାଲ ଖେଳିବାରେ ପିଟ୍ ସାମ୍ପ୍ରସ ଓ ଇଭାନ ଲେଣ୍ଡଲ୍‌ଙ୍କ ସହ ସମକକ୍ଷ ହେବେ। ସେହିପରି ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ନିଶିକୋରୀ ୨–୬, ୬–୪, ୭–୬ (୭/୫), ୪–୬, ୬–୪ ସେଟ୍‌ରେ ୭ମ ସିଡ୍ କ୍ରୋଏସିଆର ମାରିନ ସିଲିକ୍‌ଙ୍କୁ ହରାଇଛନ୍ତି। ପାଞ୍ଚସେଟ୍ ବିଶିଷ୍ଟ ଏହି ସଂଘର୍ଷ ମ୍ୟାଚ୍‌ଟି ୪ ଘଣ୍ଟା ୮ ମିନିଟ୍ ଧରି ଖେଳାଯାଇଥିଲା।



କେଇ ନିଶିକୋରି

## ୨୨ ବର୍ଷ ପରେ ଓସାକା ପ୍ରଥମ ଜାପାନ ମହିଳା ଖେଳାଳି




ନାଓମି ଓସାକା

ଜାପାନର ନାଓମି ଓସାକା ଏଠାରେ ଚାଲିଥିବା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୨୦ ବର୍ଷୀୟା ଓସାକା ୬–୧, ୬–୧ ସିଧାସଳଖ ସେଟ୍‌ରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ହରାଇ କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ପ୍ରଥମ ଜାପାନ ମହିଳା ଟେନିସ ଖେଳାଳିଭାବେ ଓସାକା କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୧୯୯୬ରେ କିମିକୋ ଡେଟ୍ ୱିମ୍ବେଲଡନର ଅନ୍ତିମ-୪ରେ ପହଞ୍ଚିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଜାପାନର କେଇ ନିଶିକୋରୀ ସେମିଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ଫଳରେ କୌଣସି ସମାନ ଗ୍ରାଣ୍ଡସ୍ଲାମର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଦୁଇ ଜାପାନ ପ୍ରତିଯୋଗୀ ଖେଳିବାରେ ଏହା ପ୍ରଥମ ଘଟଣା ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୭/୨୦୧୮ Balasore, Friday, September 7/ 2018

# ବିପଦସଙ୍କେତ ଟପିଲା ବୈତରଣୀ

ଭଣ୍ଡାରିପୋଖରୀ,୬।୯(ଡି.ଏନ.ଏ.)

ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ରାତି ୨ଟାରୁ ଜଳସ୍ତର ବୃଦ୍ଧି ପାଇବା ଆରମ୍ଭ କରି ଗୁରୁବାର ସନ୍ଧ୍ୟା ୭ ଟା ସୁଦ୍ଧା ବନ୍ୟାଜଳ ବିପଦସଙ୍କେତ ଉପରେ ତଥା ୧୭.୯୪ ମିଟରରେ ପ୍ରବାହିତ ହୋଇଥିଲା। ଏହି ବନ୍ୟାଜଳ ଗୁରୁବାର ସକାଳ ୮ଟାରେ ୧୭.୭୦ ମିଟର, ୯ ଟାରେ ୧୭.୭୪, ପୂର୍ବାହ୍ନ ୧୦ଟାରେ ୧୭.୭୫, ୧୧ଟାରେ ୧୭.୭୬, ୧୨ଟା ରେ ୧୭.୮୧, ଅପରାହ୍ନ ଗୋଟାଏରେ ୧୭.୮୫ ମିଟରରେ ପ୍ରବାହିତ ହୋଇଥିଲା। ପରେ ସନ୍ଧ୍ୟା ୭ଟା ସୁଦ୍ଧା ବନ୍ୟାଜଳ ୧୭.୯୪ ମିଟର ଛୁଇଁଥିଲା। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦାଠାରେ ବୈତରଣୀ ନଦୀର ବିପଦସଙ୍କେତ ୧୭.୮୩ ମିଟର ରହିଛି। ତେବେ ଏହି ବନ୍ୟାଜଳ ବୃଦ୍ଧି ପାଇ ୧୮ ମିଟର ଭିତରେ ରହିବ ବୋଲି ଆଖୁଆପଦା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶଙ୍କର୍ଷଣ ବେହେରା ସୂଚନା ପ୍ରଦାନ କରିଛନ୍ତି।

ବୈତରଣୀ ନଦୀର ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଆଖୁଆପଦାରେ ୧୨୪.୮ମିମି, ଆନନ୍ଦପୁରରେ ୨୨.୬ମିମି, ସ୍ୱାମପାଟଣାରେ ୪୮.୦ମିମି, କେନ୍ଦୁଝରରେ ୪୪.୮ ମିମି, ଠାକୁରମୁଣ୍ଡାରେ ୩୯.୬ମିମି ଓ ଚମ୍ପୁଆରେ ୩.୬ ମିମି ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଜାରି ରହିଥିବା ବେଳେ ବ୍ଲକର ବହୁ ଅଞ୍ଚଳରେ ଜମି ଜଳମଗ୍ନ ହୋଇଯାଇଛି। ଏହା ସାଙ୍ଗକୁ ବୈତରଣୀ ନଦୀ ଜଳସ୍ତର ବୃଦ୍ଧି ପାଇ ବିପଦସଙ୍କେତ ଅତିକ୍ରମ କରିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବୈତରଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଅପରାହ୍ନରେ କଣ୍ଟିଘାଇ ଏସ୍କେପରେ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ଗାଡ଼ିଆ ପୋଖରୀ, ଚାଷଜମି ବୁଡ଼ି ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତାର ବାହାଣିଆଠାରେ ୨ ଫୁଟ୍‌ର ପାଣି ଚାଲିଛି। ଫଳରେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଯାନବାହନ ଚଳାଚଳ ବନ୍ଦ ରହିଛି। ସେହିପରି ମାଳଦାସ୍ଥିତ ସର୍ତ୍ତାନାଳ ପୋଲ ଉପରେ ୪ଫୁଟ୍‌ର ବନ୍ୟାପାଣି ଚାଲୁଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଷୋଳମପୁର ପଞ୍ଚାୟତର ତିଖିଲିଆ ଗ୍ରାମ ରାସ୍ତା ବୁଡ଼ି ଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ମାଳଦା, ଷୋଳମପୁର, ରହଣିଆ, କୁରିଗାଁ, ନପଙ୍ଗ, ରଣଜିତ, ବନ୍ଦାଳ, ବାଲିପୋଖରୀ, ଝୁଟଣା ପ୍ରଭୃତି ପଞ୍ଚାୟତରେ ବିଜୁ ଯୁବ ବାହିନୀ, ପଞ୍ଚାୟତ ପିଇଓମାନଙ୍କୁ ନିୟୋଜିତ କରାଯାଇ ସମ୍ପୃକ୍ତ ପଞ୍ଚାୟତ ଓ ବନ୍ୟା ସ୍ଥିତି ଉପରେ ନଜର ରଖାଯାଇଥିବା ବିଡିଓ ବନମାଳୀ ତରାଇ ସୂଚନା ଦେଇଛନ୍ତି।


ବୈତରଣୀ ନଦୀ ଆଖୁଆପଦା ଆନିକଟରେ ବନ୍ୟାଜଳ ପ୍ରବାହିତ ହେଉଛି।

## ଖଣିରୁ ବ୍ଲାଷ୍ଟିଂ ସରଞ୍ଜାମ ଜବତ
# ୨ଜଣଙ୍କ ନାମରେ ମାମଲା



ଖଇରା, ୬।୯(ଡି.ଏନ.ଏ.)
ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ ବଗେଇପୁର ନିକଟସ୍ଥ ୫୧ନମ୍ବର ଖଣିରେ ରାଜସ୍ୱ ବିଭାଗ ଓ ଖଇରା ପୋଲିସ ପକ୍ଷରୁ ବୁଧବାର ରାତିରେ ଚଢ଼ାଉ କରାଯାଇଥିଲା। ବେଆଇନ ବ୍ଲାଷ୍ଟିଂ ପାଇଁ ରଖାଯାଇଥିବା ଗନ୍ ପାଉଡର, ଫ୍ୟୁଜ୍ ଓୟାର, ଡିଜେଲ, ବ୍ୟାଟେରି ଆଦି ପଦାର୍ଥ ଖଣି ଭିତରୁ ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ଥିବା ଜଗନ୍ନାଥ ପରିଡ଼ା ଏବଂ ତାଙ୍କ ଶ୍ୱଶୁର ଅମୂଲ୍ୟ କୁମାର ଦାସଙ୍କ ନାମରେ ଏକ ମାମଲା (ନଂ.୨୧୮/୧୮) ରୁଜୁ କରାଯାଇଛି। ଚଢ଼ାଉରେ ରାଜସ୍ୱ ନିରୀକ୍ଷକ ବସନ୍ତ ପାତ୍ର, ରବିନାରାୟଣ ସିଂ, କାଳିଚରଣ ମାଝି, ଖଇରା ଥାନା ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି ସାମିଲ ଅଛନ୍ତି।

## ଦିଲ୍ଲୀରେ କଳା ଦିବସ ପାଳିଲା ଓଡ଼ିଶା କୁଡୁମୀ ସେନା


ପାଟଣା, ୬।୯(ସ୍ୱ.ପ୍ର.):
ଓଡ଼ିଶା କଡୁମୀ ସେନା ପକ୍ଷରୁ ନୂଆଦିଲ୍ଲୀ ଯନ୍ତରମନ୍ତରଠାରେ ଗୁରୁବାର କୁଡମୀ ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ ଦାବିରେ କଳା ଦିବସ ପାଳନ କରାଯାଇଛି। କୁଡୁମୀ ସେନା ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ ବରିଷ୍ଠ ନେତା ଦିବ୍ୟସିଂହ ମହାନ୍ତ, ଦୁର୍ଗା ଚରଣ ମହାନ୍ତ ଓ ଲମ୍ବୋଦର ମହାନ୍ତଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଛନ୍ତି। ଓଡ଼ିଶାର ୨୫ ଲକ୍ଷ ଲୋକଙ୍କ ନ୍ୟାଯ୍ୟ ଦାବି ପ୍ରତି ସରକାର ସହାନୁଭୂତି ସହ ବିଚାର କରିବାକୁ ଜୈମୁନୀ ଦାବି କରିଛନ୍ତି।




■ପ୍ରଶ୍ନପତ୍ର ଯୋଗାଇବାରେ ବିଳମ୍ବ
# ଆଇଟିଆଇରେ ଛାତ୍ର ଅଶାନ୍ତି

ବାଲେଶ୍ୱର ଅଫିସ, ୬।୯
ପ୍ରଶ୍ନପତ୍ର ଯୋଗାଇବାରେ ବିଳମ୍ବ ହେବାରୁ ବାଲେଶ୍ୱର ଆଇଟିଆଇରେ ଗୁରୁବାର ଛାତ୍ର ଅଶାନ୍ତ ଦେଖାଦେଇଛି। ଛାତ୍ରମାନେ ପରୀକ୍ଷା ବର୍ଜନ କରି ଗେଟ୍ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ପିଲାମାନେ ପରୀକ୍ଷା ଦେଇଥିଲେ। ବୁଧବାର ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଥିଲା। ହେଲେ ଘଣ୍ଟାଏ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୩ଟାରେ ଛାତ୍ରମାନଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଫଳରେ ବିଳମ୍ବରେ ପରୀକ୍ଷା ହେବା ନେଇ ଛାତ୍ର ମହଲରେ ଅସନ୍ତୋଷ ଦେଖା ଦେଇଥିଲା। ଗୁରୁବାର ମଧ୍ୟ ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ପରୀକ୍ଷାର ପ୍ରଶ୍ନପତ୍ର ବିଳମ୍ବରେ ଦିଆଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଛାତ୍ରମାନେ ପରୀକ୍ଷା ବର୍ଜନ କରି ଗେଟ୍ ସମ୍ମୁଖରେ ପ୍ରତିବାଦ କରିଥିଲେ। ଆଇଟିଆଇ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେବା ପରେ ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଅଧ୍ୟକ୍ଷଙ୍କ କହିବାନୁଯାୟୀ ପ୍ରଶ୍ନପତ୍ର ଅନଲାଇନ୍‌ରେ ଆସୁଛି। ତାକୁ ଡାଉନଲୋଡ୍ କରି ଜେରକ୍ସ କରିବା ପାଇଁ ସମୟ ଲାଗୁଛି। ବିଳମ୍ବରେ ପ୍ରଶ୍ନପତ୍ର ଦିଆଗଲେ ମଧ୍ୟ ଛାତ୍ରମାନଙ୍କୁ ପରୀକ୍ଷା ପାଇଁ ଅଧିକ ସମୟ ଦିଆଯାଉଛି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ